# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧/୨୦୨୩ (୧୬ ପୃଷ୍ଠା) | Bhubaneswar, Tuesday, August 1/2023 | Page 16 | ₹ 7.00 | SAMBALPUR

୪୯ଶ ଭାଗ ୨୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 247 | ମୂଲ୍ୟ ₹୭/-




**ବୁମ୍ରା ଅଧିନାୟକ ମନୋନୀତ**

ଆୟର୍ଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ସିରିଜ ପାଇଁ ଯଶପ୍ରୀତ ବୁମ୍ରାଙ୍କୁ ଭାରତୀୟ ଦଳର ଅଧିନାୟକ କରାଯାଇଛି।

୧୩

୧୨

**ସୋନୁଙ୍କୁ ବିଶାଳ ପପ୍ ଆର୍ଟ ଉପହାର**

ଅଭିନେତା ସୋନୁ ସୁଦ୍‌ଙ୍କ ଶନିବାର ଜନ୍ମଦିନ ଅବସରରେ ପ୍ରଶଂସକମାନେ ତାଙ୍କ ପାଇଁ ୧ ଲକ୍ଷ ୧୭ ହଜାର ବର୍ଗ ଫୁଟର ଏକ ପପ୍ ଆର୍ଟ ଉପହାର ସ୍ୱରୂପ ଦେଇଛନ୍ତି।





ସୋମବାର ଅପରାହ୍ନରୁ ହୋଇଥିବା ବର୍ଷାରେ କଟକ ଫ୍ରେଣ୍ଡସ କଲୋନୀ ରାସ୍ତାରେ ପାଣିର ସୁଅ ଛୁଟୁଛି। ଲୋକେ ପାଣିରେ ପଶି ଯାତାୟାତ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ସିବିଆଇ କରିପାରିବନି ତଦନ୍ତ

**ନୂଆଦିଲ୍ଲୀ/ଭୁବନେଶ୍ୱର,୩୧।୭ (କୁଲଦୀପ ସିଂ/ ଅନିଲ ଦାସ)**

ବହୁଚର୍ଚ୍ଚିତ ଚିଟ୍‌ଫଣ୍ଡ ଦୁର୍ନୀତି ମାମଲାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିରୋଧରେ ସିବିଆଇ ତଦନ୍ତ କରିପାରିବ ନାହିଁ। ଆବେଦନକାରୀ ପିନାକ ପାଣି ମହାନ୍ତି ଚିଟ୍‌ଫଣ୍ଡ ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ସହଯୋଗୀଙ୍କୁ ପକ୍ଷଭୁକ୍ତ କରିବା ସହ ତାଙ୍କ ବିରୋଧରେ ସିବିଆଇ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେବାପାଇଁ ସର୍ବୋଚ୍ଚ ଅଦାଲତରେ ଆବେଦନ କରିଥିଲେ। ସୋମବାର ଏହାର ଶୁଣାଣି କରି ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ବିଚାରପତି ଜେ.ବି. ପରଡିୱାଲା ଏବଂ ମନୋଜ ମିଶ୍ରଙ୍କୁ ନେଇ ଗଠିତ ୩ ଜଣିଆ ପୀଠ ନବୀନଙ୍କ ବିରୋଧରେ ଆଗତ ଆବେଦନକୁ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି। ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଏହା ଉପରେ ଆମେ କୌଣସି ତର୍ଜମା କରିବାକୁ ଚାହୁଁ ନାହୁଁ କିମ୍ବା ଆବେଦନକାରୀଙ୍କୁ ଏଥିପାଇଁ ସୁଯୋଗ ଦେବୁ ନାହିଁ ବୋଲି କହି ପିଟିଶନକୁ ଖାରଜ କରି ଦେଇଛନ୍ତି।

ସୂଚନାଯୋଗ୍ୟ, ଆବେଦନକାରୀ ମହାନ୍ତି ମୁଖ୍ୟମନ୍ତ୍ରୀ ଓ ତାଙ୍କ ଘନିଷ୍ଠ ସହଯୋଗୀ ସରୋଜ ସାହୁଙ୍କ ବିରୋଧରେ ଚିଟ୍‌ଫଣ୍ଡ ମାମଲାର ସିବିଆଇ ତଦନ୍ତ କରିବାକୁ ଆବେଦନ କରିଥିଲେ। ଏହାଛଡ଼ା ରାଜ୍ୟର



ବିଭିନ୍ନ ଖଣି ଦୁର୍ନୀତିରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବିଜେଡି ବିଧାୟକମାନଙ୍କ ସମ୍ପୃକ୍ତି ରହିଥିବାରୁ ସିବିଆଇ ତଦନ୍ତ ପାଇଁ ଆବେଦନ କରିଥିଲେ। ବକ୍ସାଇଟ ଖଣି ଅଞ୍ଚଳ, ଯାହା କି ମହାପ୍ରଭୁ ଜଗନ୍ନାଥଙ୍କ ଜମିକୁ ବେଦାନ୍ତ ବିଶ୍ୱବିଦ୍ୟାଳୟ ପାଇଁ ପ୍ରଦାନ କରାଯିବା ବିଷୟକୁ ମଧ୍ୟ ତଦନ୍ତ ପରିସର କରିବାକୁ ଆବେଦନକାରୀ ପିଟିଶନରେ ଦର୍ଶାଇଥିଲେ। ଆବେଦନକାରୀ ଜଣେ ସାମାଜିକ କର୍ମୀ। ସେ ୨୦୧୫ ମାର୍ଚ୍ଚ ୨୮ ତାରିଖରେ ସିବିଆଇ ଏସ୍‌ପିଙ୍କ ନିକଟରେ ଏକ ଅଡିଓ ସିଡୀ ସହ ଅଭିଯୋଗ ଦାଖଲ କରିଥିଲେ। ସେଥିରେ ୪୭ଜଣ ବିଜେଡି ବିଧାୟକ, ଏମ୍‌ପି, ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟତମ ସହଯୋଗୀ ସରୋଜ ସାହୁ ସି-ଶୋର ଚିଟ୍‌ଫଣ୍ଡ କମ୍ପାନୀଠାରୁ ୫୫୦ କୋଟି ଟଙ୍କା ନେଇଥିବା ଅଭିଯୋଗରେ ଦର୍ଶାଇଥିଲେ।

ଉଲ୍ଲେଖଯୋଗ୍ୟ ଯେ, ଚିଟ୍‌ଫଣ୍ଡ ଦୁର୍ନୀତିକୁ ନେଇ ରାଜ୍ୟରେ ହଇଚଇ ସୃଷ୍ଟି ହେବା ପରେ ରାଜ୍ୟ ସରକାର ୨୦୧୩ ଜୁଲାଇ ୯ ତାରିଖରେ ହାଇକୋର୍ଟର ପୂର୍ବତନ ବିଚାରପତି ଆର.କେ. ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ତଦନ୍ତ କମିଶନ ଗଠନ କରିଥିଲେ। ଜଷ୍ଟିସ ପାତ୍ରଙ୍କ ମୃତ୍ୟୁପରେ ୨୦୧୫ ଫେବୃୟାରୀରେ ସରକାର ମଦନମୋହନ ଦାସଙ୍କୁ ତଦନ୍ତ କମିଶନର ଭାର ପ୍ରଦାନ କରିଥିଲେ। ତେବେ କମିଶନଙ୍କ କାର୍ଯ୍ୟକାଳ ୨୦୨୦ ଫେବୃୟାରୀ ୪ ତାରିଖରୁ ଶେଷ ହୋଇଯାଇଛି। କୋଭିଡ-୧୯ ମହାମାରୀ ଦେଖା ଦେବାରୁ ରାଜ୍ୟ ସରକାର କମିଶନଙ୍କ କାର୍ଯ୍ୟକାଳ ଆଉ ବୃଦ୍ଧି କରି ନାହାନ୍ତି। କମିଶନ ନିଜ କାର୍ଯ୍ୟକାଳରେ ୧୦ ହଜାର ଟଙ୍କାରୁ କମ୍ ଜମାକାରୀଙ୍କ ପ୍ରାୟ ୮.୮୬ ଲକ୍ଷ ଆବେଦନକାରୀଙ୍କ ସତ୍ୟପାଠ ଗ୍ରହଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪୪୦ ଚଟ୍‌ଫଣ୍ଡ କମ୍ପାନୀର ୪ ଲକ୍ଷ ୯୭ ହଜାର ୮୪୪ ଆବେଦନକାରୀଙ୍କୁ କ୍ଷତିପୂରଣ ରାଶି ଫେରାଇବାକୁ କମିଶନ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କମିଶନଙ୍କ କାର୍ଯ୍ୟକାଳ ଶେଷ ହୋଇଯାଇଥିବାରୁ ୨୦୨୧ ଜୁନ ୪ ତାରିଖରେ ରାଜ୍ୟ ସରକାର କ୍ଷୁଦ୍ର ଜମାକାରୀଙ୍କ ଅର୍ଥ ଫେରାଇବା ପାଇଁ ଏକ ୱେବ୍‌ସାଇଟ ଜରିଆରେ ସତ୍ୟପାଠ ଦାଖଲ କରିବାକୁ ଜମାକାରୀଙ୍କୁ ପରାମର୍ଶ ଦେଇଥିଲେ। ଇତି ମଧ୍ୟରେ ରାଜ୍ୟ ସରକାର ସି-ଶୋର, ରୋଜଭ୍ୟାଲି ଭଳି ଅନେକ ଚିଟଫଣ୍ଡ କମ୍ପାନୀ ସମ୍ପତ୍ତି ବାଜ୍ୟାପ୍ତ କରିଛନ୍ତି।

## ଚଳନ୍ତା ଟ୍ରେନ୍‌ରେ ୪ ଜଣଙ୍କୁ ହତ୍ୟା କଲେ ରେଲୱେ କନଷ୍ଟେବଲ

**ମୁମ୍ବାଇ,୩୧।୭**

ମହାରାଷ୍ଟ୍ରର ପାଲ୍‌ଘର ନିକଟରେ ଚଳନ୍ତା ଟ୍ରେନ୍‌ରେ ଜଣେ ରେଲୱେ ସୁରକ୍ଷା ବଳ (ଆର୍‌ପିଏଫ୍) କନ୍‌ଷ୍ଟେବଲ ସୋମବାର ଗୁଳି ଚଳାଇବାରୁ ଜଣେ ଏଏସ୍‌ଆଇଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଛି। ଖସି ପଳାଇଯିବାକୁ ଉଦ୍ୟମ କରୁଥିବା ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜୟପୁର-ମୁମ୍ବାଇ ସେଣ୍ଟ୍ରାଲ ସୁପରଫାଷ୍ଟ ଏକ୍ସପ୍ରେସ୍‌ରେ ଏହି ଗୁଳିକାଣ୍ଡ ଘଟିଛି। ଆର୍‌ପିଏଫ୍ କନ୍‌ଷ୍ଟେବଲ ନିଜ ସରକାରୀ ସ୍ୱୟଂକ୍ରିୟ ରାଇଫଲ୍‌ରୁ ୧୨ ରାଉଣ୍ଡ ଗୁଳି ଚଳାଇଥିଲେ। ଏଥିରେ ତାଙ୍କର ଅନ୍ୟତମ ସହକର୍ମୀ ତଥା ଭାରପ୍ରାପ୍ତ ଏଏସ୍‌ଆଇ ଟିକାରାମ ମୀନା ଏବଂ ୩ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ଟ୍ରେନ୍‌ଟି ଜୟପୁରରୁ ମୁମ୍ବାଇ ଯାଉଥିଲା। ଟିକାରାମଙ୍କ ଘର ରାଜସ୍ଥାନର ସାୱାଇ ମାଧୋପୁର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ମହିଳା ଚୋରିରେ ପୋଲିସ

## ଓସିଏସ୍ ୨୦୨୧: ସୁଦେବ ଟପ୍ପର

### ଶ୍ରେଷ୍ଠ ୧୦ରେ ୫ ପୁଅ, ୫ ଝିଅ

**କଟକ,୩୧।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ୨୦୨୧ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ମୋଟ ୪୩୨ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଏଥିରେ ୧୬୪ ମହିଳା ରହିଛନ୍ତି। ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ୫ ପୁଅ ଏବଂ ୫ ଝିଅ ରହିଛନ୍ତି। ସୁଦେବ କୁମାର ପୃଷ୍ଟି ଟପ୍ପର ହୋଇଛନ୍ତି। ଦ୍ୱିତୀୟ ସ୍ଥାନରେ ଶୁଚିସ୍ମିତା ପାଣିଗ୍ରାହୀ ଓ ତୃତୀୟ ସ୍ଥାନରେ ପ୍ରଣବ ରଞ୍ଜନ ସାହୁ ରହିଛନ୍ତି। ସେହିପରି ଚତୁର୍ଥ ସ୍ଥାନରେ ବୈଶାଖୀ ଲେଙ୍କା, ପଞ୍ଚମରେ ଶ୍ୱେତଲିନା ମାହାନା, ଷଷ୍ଠରେ ଅଗ୍ନିଜା ଶିବଦତ୍ତା, ସପ୍ତମରେ ସନ୍ତୋଷ କୁମାର ପାତ୍ର, ଅଷ୍ଟମରେ ମୀମାଂସା ସାହୁ, ନବମରେ ବିନ୍ଦୁ ବଳୟ ରାଉତରାୟ ଏବଂ ଦଶମ ସ୍ଥାନରେ ସୌମ୍ୟରଂଜନ ମହାପାତ୍ର ରହିଛନ୍ତି। ପ୍ରକାଶିତ ପରୀକ୍ଷାଫଳରେ ଅଣସଂରକ୍ଷିତ ବର୍ଗରେ ୨୨୯ (୯୧-ମହିଳା), ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗରେ ୩୯ (୧୨ ମହିଳା), ଅନୁସୂଚିତ



ସୁଦେବ କୁମାର ପୃଷ୍ଟି



ଶୁଚିସ୍ମିତା ପାଣିଗ୍ରାହୀ

ଜନଜାତି ବର୍ଗରେ ୯୩ (୩୪ ମହିଳା), ଅନୁସୂଚିତ ଜାତି ବର୍ଗରେ ୭୧ (୨୭-ମହିଳା), ଶାରୀରିକ ଅକ୍ଷମ ବର୍ଗରେ ୧୦, ପୂର୍ବତନ ସାମରିକ ସେବା କର୍ମଚାରୀ ବର୍ଗରେ ୨୮ ଏବଂ କ୍ରୀଡ଼ାବିତ ବର୍ଗରେ ଜଣେ ପ୍ରାର୍ଥୀ ରହିଛନ୍ତି।

ଗତ ୨୫ ତାରିଖରେ ୨୦୨୧ ଓସିଏସ୍ ପରୀକ୍ଷାର ଫଳ ପ୍ରକାଶ ଉପରେ ହାଇକୋର୍ଟ ଅନ୍ତରୀଣ ଅଙ୍କୁଶ ଲଗାଇଥିଲେ। ଚୟନ ପ୍ରକ୍ରିୟା ଜାରି ରହିଲେ ବି କୋର୍ଟଙ୍କ ବିନାନୁମତିରେ ଫଳ ପ୍ରକାଶ ନ କରିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ ହାଇକୋର୍ଟ। ☞ପୃଷ୍ଠା-୪




## ଭୁଶୁଡ଼ିଲା କଲଭର୍ଟ, ୪ ଶିଶୁଙ୍କ ସହ ୫ ମୃତ



**ରାୟଗଡ଼ା,୩୧।୭ (ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ଉପରସାଜା ଗ୍ରାମରେ ସୋମବାର ସକାଳ ପ୍ରାୟ ୯ଟାରେ ଏକ ଅଭାବନୀୟ ଘଟଣା ଘଟିଛି। ଲଗାଣ ବର୍ଷାରେ ନିର୍ମାଣାଧୀନ କଲଭର୍ଟ ଭୁଶୁଡ଼ି ପଡ଼ିବାରୁ ନାଳରେ ଗାଧୋଉଥିବା ୪ ଶିଶୁଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ଦୁଇଜଣ ବାପ-ପୁଅ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଭାଇ ବୋଲି ଜଣାପଡ଼ିଛି। ମୃତକମାନେ ହେଲେ ଲଛେନ୍ଦ୍ର ମିଣିଆକା (୫୦) ଓ ତାଙ୍କ

■ **୨ ପୁଅଙ୍କ ମୃତ୍ୟୁ ପରେ ମା'ର ଆତ୍ମହତ୍ୟା ଉଦ୍ୟମ**

■ **ନିମ୍ନମାନର କାମ ଯୋଗୁ ଅଘଟଣ ଅଭିଯୋଗ**

ପୁଅ ପ୍ରିନ୍ସ ମିଣିଆକା(୪), ଦୁଇ ଭାଇ ଚରଣ ମିଣିଆକା(୮) ଓ ସୁମନ ମିଣିଆକା(୫) ଏବଂ ଅନ୍ୟ ଜଣେ ମନୋଜ କୁଲେସିକା(୫)। ସୁମନ ଓ ମନୋଜଙ୍କ ବାପାଙ୍କ ପୂର୍ବରୁ ମୃତ୍ୟୁ ହୋଇଥିବାବେଳେ ଏବେ ☞ପୃଷ୍ଠା-୪

### ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

**ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ସହାୟତା ଘୋଷଣା**

**ଭୁବନେଶ୍ୱର,୩୧।୭(ଅନିଲ ଦାସ)**

ରାୟଗଡ଼ା ଜିଲା କଲ୍ୟାଣସିଂହପୁରରେ ଏକ ନିର୍ମାଣାଧୀନ ପୋଲ ଭୁଶୁଡ଼ିବା ଫଳରେ ସୋମବାର ସକାଳେ ୪ ଜଣ ଶିଶୁଙ୍କ ସମେତ ୫ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ଏଥିସହିତ ମୁଖ୍ୟମନ୍ତ୍ରୀ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜଣାଇଛନ୍ତି। ଏହି ଦୁର୍ଘଟଣା ପାଇଁ ଦାୟୀ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

**ଆତଙ୍କବାଦୀ ଲୁଚାଇଥିବା ରାସାୟନିକ ସାମଗ୍ରୀ, ଲାବ୍ ଉପକରଣ ଜବତ**

ମହାରାଷ୍ଟ୍ର ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍ (ଏଟିଏସ୍) ସୋମବାର ରାସାୟନିକ ସାମଗ୍ରୀ ସହ କେତେକ ଲାବୋରେଟୋରି ଉପକରଣ ଜବତ କରିଛି। ଚଳିତ ମାସ ୧୮ରେ ୨ ଜଣ ସନ୍ଦିଗ୍ଧ ଆତଙ୍କବାଦୀଙ୍କୁ ପୁଣେ ପୋଲିସ କୋଥରୁଦ୍ ଅଞ୍ଚଳରୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ମହମ୍ମଦ ଇମ୍ରାନ ମହମ୍ମଦ ୟୁନୁସ୍ ଖାନ୍(୨୩) ବୋମା ତିଆରି ପାଇଁ ଏହି ସାମଗ୍ରୀ ଲୁଚାଇ ରଖିଥିବା ଏଟିଏସ୍‌ର ଜଣେ ଅଧିକାରୀ କହିଛନ୍ତି।



## ସଂକ୍ଷେପରେ

### ପାକିସ୍ତାନ ବିସ୍ଫୋରଣ ମୃତ୍ୟୁସଂଖ୍ୟା ୫୪କୁ ବୃଦ୍ଧି

**ପେଶାୱର,୩୧।୭:** ପାକିସ୍ତାନର ଖାଇବର ପଖତୁନ୍‌ଖ୍ୱା ପ୍ରଦେଶରେ ଏକ ରାଜନୈତିକ ଦଳର ସମ୍ମିଳନୀ ବେଳେ ହୋଇଥିବା ଆତ୍ମଘାତୀ ଆକ୍ରମଣରେ ମୃତ୍ୟୁସଂଖ୍ୟା ସୋମବାର ୫୪କୁ ବୃଦ୍ଧି ପାଇଛି। ଆକ୍ରମଣ ପଛରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ତନାଘନା ଜାରି ରହିଛି। ଆକ୍ରମଣ ପଛରେ ଆତଙ୍କବାଦୀ ସଂଗଠନ ଆଇଏସ୍ ସମ୍ପୃକ୍ତ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ପୂର୍ବରୁ ଆଇଏସ୍‌ର ସ୍ଥାନୀୟ ଶାଖା ଜେୟୁଆଇ-ଏଫ୍ ଦଳର ନେତାଙ୍କ ଉପରେ ଆକ୍ରମଣ କରିଥିଲା। ରବିବାର ଅପରାହ୍ନରେ ଏହି ଦଳ ପକ୍ଷରୁ ବଜାଉର ଜିଲାର ଖାର୍‌ଠାରେ ସମ୍ମିଳନୀ ଚାଲିଥିବାବେଳେ ସେଥିରେ ୪୦୦ରୁ ଉର୍ଦ୍ଧ୍ୱ ଦଳୀୟ କର୍ମୀ ଓ ସମର୍ଥକ ଯୋଗ ଦେଇଥିଲେ। ଏହି ସମୟରେ ମଞ୍ଚ ନିକଟରେ ଜଣେ ନିଜକୁ ବିସ୍ଫୋରଣରେ ଉଡ଼ାଇ ଦେଇଥିଲେ।

**ଚାକିରି ପାଇଁ ଜମି ଦୁର୍ନୀତି ମାମଲା**

### ଲାଲୁଙ୍କ ସମ୍ପତ୍ତି ବାଜ୍ୟାପ୍ତ କଲା ଇଡି

**ମୁମ୍ବାଇ,୩୧।୭:** ଚାକିରି ପାଇଁ ଜମି ଦୁର୍ନୀତି ମାମଲା ସହ ସମ୍ପୃକ୍ତ ମନିଲଣ୍ଡରିଂ ଦିଗ ଉପରେ ତଦନ୍ତ ଚଳାଇଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପୂର୍ବତନ ରେଳମନ୍ତ୍ରୀ ତଥା ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ, ତାଙ୍କ ପରିବାର ସଦସ୍ୟ ଓ ଅନ୍ୟ କେତେଜଣଙ୍କ କେତେକ ସମ୍ପତ୍ତି ବାଜ୍ୟାପ୍ତ କରିଛି। ସମ୍ପତ୍ତି ବାଜ୍ୟାପ୍ତ ଲାଗି ଇଡି ମନିଲଣ୍ଡରିଂ ପ୍ରତିକାର ଆଇନ (ପିଏମ୍‌ଏଲ୍‌ଏ)ରେ ଅସ୍ଥାୟୀ ନିର୍ଦ୍ଦେଶନାମା ଜାରି କରିଛି। ୨୦୦୪ରୁ ୨୦୦୯ ଲାଲୁ ରେଳମନ୍ତ୍ରୀ ଥିବାବେଳେ ନିଯୁକ୍ତି ନିୟମ ଓ ପ୍ରକ୍ରିୟାର ଉଲ୍ଲଂଘନ କରାଯାଇ ବିଭିନ୍ନ ଜୋନ୍‌ରେ ଗ୍ରୁପ୍ ଡି କର୍ମଚାରୀମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ଏହି ନିଯୁକ୍ତି ପାଇଁ କୌଣସି ବିଜ୍ଞାପନ କିମ୍ବା ସର୍ବସାଧାରଣ ବିଜ୍ଞପ୍ତି ଜାରି କରାଯାଇ ନ ଥିଲା। ପ୍ରାର୍ଥୀମାନେ ରେଲ୍‌ୱେରେ ନିଯୁକ୍ତି ପାଇବା ପାଇଁ ଲାଲୁଙ୍କ ପରିବାର ସଦସ୍ୟଙ୍କ ନାଁରେ ଜମି ହସ୍ତାନ୍ତର କରିଥିବା ଅଭିଯୋଗ ହୋଇଥିଲା। ନିକଟରେ ସିବିଆଇ ଲାଲୁଙ୍କ ସମେତ ତାଙ୍କ ସ୍ତ୍ରୀ ରାବ୍ରୀ ଦେବୀ, ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଓ ଅନ୍ୟ ୧୪ ଜଣଙ୍କ ନାଁରେ ଦିଲ୍ଲୀର ଏକ ଅଦାଲତରେ ଚାର୍ଜଶିଟ୍ ଦାଖଲ କରିଥିଲା।

### ଛାତ୍ରୀଙ୍କ ବୋତଲରେ ପରିସ୍ରାକୁ ନେଇ ଉତ୍ତେଜନା

**ଜୟପୁର,୩୧।୭:** ରାଜସ୍ଥାନର ଭିଲୱାରା ଜିଲା ଅନ୍ତର୍ଗତ ଏକ ସ୍କୁଲରେ କେତେଜଣ ଛାତ୍ର ଅନ୍ୟ ସମ୍ପ୍ରଦାୟର ଜଣେ ଛାତ୍ରୀଙ୍କ ପାଣି ବୋତଲରେ ପରିସ୍ରା ପୂରାଇବା ଘଟଣାକୁ ନେଇ ସୋମବାର ଉକ୍ତ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ଉତ୍ୟକ୍ତ ଗ୍ରାମବାସୀ ଜଣେ ଛାତ୍ରଙ୍କ ଘରେ ପ୍ରବେଶ ଉଦ୍ୟମ କଲାବେଳେ ପୋଲିସ ଟିମ୍ ଅଟକାଇବାରୁ ସେମାନେ ଟେକାମାଡ଼ କରିଥିଲେ। ବିକ୍ଷୋଭକାରୀଙ୍କୁ ତଡ଼ିବା ପାଇଁ ପୋଲିସ ଲାଠିଚାଳନା କରିଥିଲା। ସରକାରୀ ଉଚ୍ଚମାଧ୍ୟମିକ ସ୍କୁଲ୍‌ର ଛାତ୍ର ଜଣକ ଗତ ଶୁକ୍ରବାର ଶ୍ରେଣୀଗୃହରେ ବ୍ୟାଗ୍ ଓ ବୋତଲ ରଖି ଘରକୁ ମଧ୍ୟାହ୍ନ ଭୋଜନ କରିବାକୁ ଯାଇଥିଲେ। ସେ ସ୍କୁଲ୍‌କୁ ଫେରି ବୋତଲରୁ ପିଇବାବେଳେ ଗନ୍ଧ ବାରିଥିଲେ। ପାଣିବୋତଲରେ କେତେଜଣ ଛାତ୍ର ପରିସ୍ରା ମିଶାଇଥିବା ସେ ଜାଣିବାକୁ ପାଇଥିଲେ। ସ୍କୁଲ୍ ପ୍ରିନ୍ସିପାଲଙ୍କୁ ଜଣାଇଲେ ମଧ୍ୟ ସେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଗ୍ରାମବାସୀ ଉତ୍ତେଜିତ ହୋଇଥିଲେ।

# ହରିୟାଣାରେ ଧର୍ମୀୟ ଶୋଭାଯାତ୍ରା ବେଳେ ହିଂସା

**ନୂଆଦିଲ୍ଲୀ,୩୧।୭**

- ଗୁଳିମାଡ଼ରେ ୨ ହୋମ୍‌ଗାର୍ଡ ମୃତ, ଅନେକେ ଆହତ
- ଇଣ୍ଟରନେଟ୍ ସେବା ବନ୍ଦ
- ୧୪୪ ଧାରା ଜାରି
- ମନ୍ଦିରରେ ଅଟକି ରହିଛନ୍ତି ୨,୫୦୦ ଲୋକ

ହରିୟାଣାର ନୁହ ଜିଲା ନନ୍ଦ ଗାଁ ନିକଟରେ ବିଶ୍ୱ ହିନ୍ଦୁ ପରିଷଦ କର୍ମୀମାନେ ଏକ ଶୋଭାଯାତ୍ରା ବାହାର କରିଥିବାବେଳେ ଗୋଷ୍ଠୀସଂଘର୍ଷରୁ ହିଂସାକାଣ୍ଡ ଘଟିଛି। ଉତ୍ୟକ୍ତ ଲୋକଙ୍କ ଗୁଳିରେ ୨ଜଣ ହୋମଗାର୍ଡଙ୍କ ମୃତ୍ୟୁ ଘଟିଥିବାବେଳେ ହିଂସା ରୋକିବା ପାଇଁ ନିୟୋଜିତ ଥିବା ଅନେକ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ହୋଦାଲ ଡିଏସ୍‌ପି ସାଜ୍ଜନ ସିଂଙ୍କ ମୁଣ୍ଡରେ ଗୁଳି ବାଜିଥିବାବେଳେ ଜଣେ ଇନ୍ସପେକ୍ଟରଙ୍କ ପେଟରେ ଗୁଳି ବାଜିଛି। ଉତ୍ୟକ୍ତ ଲୋକେ ୪ଟି ଗାଡ଼ି ଓ ଗୋଟିଏ ଦୋକାନ ଜାଳିଦେଇଛନ୍ତି। ବିକ୍ଷୋଭକାରୀମାନେ ଦୀର୍ଘସମୟ ଧରି ରାସ୍ତା ଅବରୋଧ କରିଥିଲେ। ଶାନ୍ତି ରକ୍ଷା ପାଇଁ କଂଗ୍ରେସ ନେତା ଭୂପିନ୍ଦର ସିଂ ହୁଡ଼ା ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ହରିୟାଣା ଗୃହମନ୍ତ୍ରୀ ଅନିଲ ଭିଜ୍ ମଧ୍ୟ ଲୋକଙ୍କୁ ଶାନ୍ତି ବଜାୟ ରଖିବାକୁ ଅପିଲ୍ କରିଛନ୍ତି।

ମୁସଲମାନ ବହୁଳ ନୁହ ଅଞ୍ଚଳରେ ଶୋଭାଯାତ୍ରା ଯାଉଥିବାବେଳେ ଗୋଟିଏ ଗୋଷ୍ଠୀ ପକ୍ଷରୁ ପ୍ରବଳ ଟେକାମାଡ଼ ହୋଇଥିଲା। ଗୋରକ୍ଷକ ତଥା ଭିୱାନି ମୃତ୍ୟୁ ମାମଲାର ଅଭିଯୁକ୍ତ ମୋନୁ ମାନେସାର ମେୱାତ୍ ଅଞ୍ଚଳକୁ ଆସିଥିବାର ଖବର ପ୍ରକାଶ ପାଇବା ପରେ ହିଂସାକାଣ୍ଡ ଆରମ୍ଭ ହୋଇଯାଇଥିଲା। ଭୟରେ ଗୁରୁଗ୍ରାମ ନିକଟରେ ଥିବା ଏକ ମନ୍ଦିରରେ ପ୍ରାୟ ୨,୫୦୦ ପୁରୁଷ, ମହିଳା ଓ ପିଲା ଆଶ୍ରୟ ନେଇଛନ୍ତି। ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ଫାଙ୍କା ଗୁଳିଚାଳନା କରିଛି। ଉତ୍ତେଜନା ଲାଗି ରହିଥିବାରୁ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ ରଖାଯିବା ସହ ୧୪୪ ଧାରା ଜାରି ହୋଇଛି।

ଖବର ଅନୁଯାୟୀ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ବ୍ରଜମଣ୍ଡଳ ଜଳାଭିଷେକ ଯାତ୍ରା କରାଯାଉଥିବାବେଳେ ଗୁରୁଗ୍ରାମ-ଅଲୱାର ଜାତୀୟ ରାଜପଥରେ ଗୋଟିଏ ଗୋଷ୍ଠୀ ଏହାକୁ ଅଟକାଇବା ସହ ଶୋଭାଯାତ୍ରା ଉପରକୁ ଟେକାମାଡ଼ କରିଥିଲା। ଉତ୍ତେଜନା ବଢ଼ିବା ସହ ସରକାରୀ ଓ ଘରୋଇ ଗାଡ଼ିଗୁଡ଼ିକୁ ଟାର୍ଗେଟ କରାଯିବା ସହ କେତେକରେ ନିଆଁ ଲଗାଇଦିଆଯାଇଥିଲା। ଧର୍ମୀୟ ଶୋଭାଯାତ୍ରାରେ ଭାଗନେଇଥିବା ୨,୫୦୦ ଲୋକ ନୁଲ୍‌ହାର ମହାଦେବ ମନ୍ଦିରରେ ଆଶ୍ରୟ ନେଇଛନ୍ତି। ବଜାରଙ୍ଗ ଦଳର ଜଣେ କର୍ମୀଙ୍କ ବିବାଦୀୟ ଭିଡିଓ ସୋସିଆଲ ମିଡିଆରେ ପୋଷ୍ଟ ହେବା ପରେ ସଂଘର୍ଷ ଦେଖାଦେଇଥିଲା। ବହୁ ଅପରାଧରେ ସମ୍ପୃକ୍ତ ମୋନୁ ମାନେସାର ଓ ତାଙ୍କ ସହଯୋଗୀ ଯାତ୍ରା ବେଳେ ମେୱାତ୍‌ରେ ରହିବେ ବୋଲି ଭିଡିଓରେ ଉଲ୍ଲେଖ ଥିଲା। ଯାତ୍ରାରେ ସେମାନଙ୍କୁ ଦେଖିଥିବା କେତେଜଣ ଦାବି କରୁଥିବାବେଳେ ଏହାକୁ ନେଇ ସଂଘର୍ଷର ସୂତ୍ରପାତ ହୋଇଥିଲା।



ଉତ୍ୟକ୍ତ ଲୋକେ ଏକ କାର୍‌କୁ ପୋଡୁଛନ୍ତି।

# ହିଂସା ଥିଲା ଅଭୂତପୂର୍ବ ଭୟଙ୍କର

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

## ମଣିପୁର ଭିଡିଓକୁ ନେଇ ସୁପ୍ରିମକୋର୍ଟଙ୍କ କଡ଼ା ମନ୍ତବ୍ୟ



ମଣିପୁରରେ ମେ ୪ରେ ଦୁଇ ଆଦିବାସୀ ମହିଳାଙ୍କୁ ଯେଭଳି ଉଲଗ୍ନ ପରେଡ୍ କରାଯାଇ ନିର୍ଯାତନା ଦିଆଯାଇଥିଲା ଓ ତାହାର ଦୃଶ୍ୟ ଭିଡ଼ିଓରୁ ଦେଖିବାକୁ ମିଳିଥିଲା, ତାହା ଥିଲା ଅଭୂତପୂର୍ବ ଭୟଙ୍କର। ସୋମବାର ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ନେତୃତ୍ୱରେ ଗଠିତ ପୀଠ ମଣିପୁର ହିଂସା ଉପରେ ମନ୍ତବ୍ୟ ଦେଇ ଏଭଳି କଠୋର ଶବ୍ଦ ବ୍ୟବହାର କରିଛନ୍ତି। ଏଥିସହିତ ସେ ମଣିପୁର ପୋଲିସକୁ ଭର୍ତ୍ସନା କରିଛନ୍ତି। ଏହି ଘଟଣାର ଏତଲା ରୁଜୁ କରିବାରେ ମଧ୍ୟ ପୋଲିସ ବହୁ ବିଳମ୍ବ କରିଛି। ମହିଳାଙ୍କୁ ଯେଭଳି ଭାବେ ପୋଲିସ ଉତ୍ୟକ୍ତ ଲୋକଙ୍କୁ ଟେକି ଦେଉଥିବାର ଦୃଶ୍ୟ ସମ୍ପୃକ୍ତ ଭିଡିଓରୁ ଦେଖିବାକୁ ମିଳୁଛି, ସେହି ଦୃଷ୍ଟିରୁ ଦେଖିଲେ ମଣିପୁର ପୋଲିସ ଉକ୍ତ ଘଟଣାର ତଦନ୍ତ କରୁ ବୋଲି କୋର୍ଟ କେବେ ଚାହିଁବେ ନାହିଁ। ପୀଠର ଅନ୍ୟ ସଦସ୍ୟ ଜଷ୍ଟିସ୍ ଜେ. ବି. ପର୍ଡିୱାଲା ଓ ଜଷ୍ଟିସ୍ ମନୋଜ ମିଶ୍ରା ମଣିପୁର ହିଂସା ସଂକ୍ରାନ୍ତ ଏକାଧିକ ଆବେଦନ ଉପରେ ଶୁଣାଣି କରିବା ଅବସରରେ ଏହା କହିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନ ବିଚାରପତି କେନ୍ଦ୍ର ଓ ମଣିପୁର ସରକାରଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ୨୪ ଘଣ୍ଟା ଭିତରେ ଉତ୍ତର ରଖିବାକୁ କହିଛନ୍ତି। ଏପରିକି 'ସବୁ ଝିଅଙ୍କୁ ସୁରକ୍ଷା ଦିଅ କିମ୍ବା କାହାରିକୁ ଦିଅ ନାହିଁ' ଭଳି କଥା କହି ସର୍ବୋଚ୍ଚ ଅଦାଲତ ମଣିପୁର ଭିଡିଓ ଘଟଣାକୁ ଗମ୍ଭୀରତାର ସହିତ ନେଇଛନ୍ତି।

ଶୁଣାଣିର ପ୍ରାରମ୍ଭିକ ସମୟରେ ସଲିସିଟର ଜେନେରାଲ କେନ୍ଦ୍ର ପକ୍ଷରୁ କହିଥିଲେ ଯେ, ମଣିପୁର ହିଂସା ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଯଦି ନିଜ ଆଡୁ ତଦନ୍ତ ପରିଚାଳନା କରନ୍ତି, ସେଥିରେ କୌଣସି ଆପତ୍ତି ରହିବ ନାହିଁ। ଅନ୍ୟପକ୍ଷରେ ମେ ୪ ଭିଡିଓରେ ଉଲଗ୍ନ ପରେଡ୍‌ରେ ଯାଉଥିବା ଦୁଇ ମହିଳାଙ୍କ ପକ୍ଷରୁ ସିନିୟର ଆଡ୍‌ଭୋକେଟ କପିଲ ଶିବଲ କହିଥିଲେ ଯେ, ଏହି ଘଟଣାରେ ସେମାନେ ଏକ ପିଟିଶନ ଦାଖଲ କରିସାରିଛନ୍ତି। ତେବେ ଆଡଭୋକେଟ ବାନ୍‌ସୁରି ସ୍ୱରାଜ ପଶ୍ଚିମବଙ୍ଗ ଓ ଛତିଶଗଡ଼ରେ ମହିଳାଙ୍କ ବିରୋଧରେ ହେଉଥିବା ହିଂସା ବିଷୟରେ କହିବାରୁ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ପୀଠ କହିଥିଲେ ଯେ କୌଣସି ଭାବେ ମଣିପୁର ହିଂସାକୁ ଅନ୍ୟ କେଉଁଠାରେ ଘଟିଥିବା ଘଟଣାର ଦୃଷ୍ଟାନ୍ତ ଦିଆଯାଇ ଯଥାର୍ଥତା ପ୍ରତିପାଦନ କରାଯାଇପାରିବ ନାହିଁ। ନିଃସନ୍ଦେହରେ କୁହାଯାଇପାରେ ଯେ, ଦେଶର ବିଭିନ୍ନ ପ୍ରାନ୍ତରେ ମହିଳାଙ୍କ ବିରୋଧରେ ଅତ୍ୟାଚାର ଘଟୁଛି। କିନ୍ତୁ ଏଠାରେ ଆମେ ଅଭୂତପୂର୍ବ ଭୟଙ୍କର ହିଂସା ବିଷୟରେ କଥା ହେଉଛେ, ଯେଉଁଠାରେ ସାମ୍ପ୍ରଦାୟିକ ଓ ଜାତିଆଣ ବିବାଦକୁ ନେଇ ମହିଳାଙ୍କ ବିରୋଧରେ ହିଂସା ଦେଖାଦେଉଛି। ତେଣୁ ଦେଶର ବିଭିନ୍ନ ଭାଗରେ ମହିଳାଙ୍କ ବିରୋଧରେ ଘଟୁଥିବା ଅପରାଧ କଥା କହି ମୁଖ୍ୟ ହିଂସାକୁ ତା' ସହ ଯୋଡ଼ି ଦିଆଯାଇପାରିବ ନାହିଁ। ବର୍ତ୍ତମାନ ପ୍ରଶ୍ନ ଉଠୁଛି ଆମେ ମଣିପୁରକୁ ନେଇ କିଭଳି ବ୍ୟବହାର ଦେଖାଉଛେ ବୋଲି କୋର୍ଟ କହିଛନ୍ତି। ଆମ ହାତରୁ ସମୟ ଖସି ଯାଉଛି। ଏଭଳି ସ୍ଥଳେ ମଣିପୁରକୁ ସ୍ୱାଭାବିକ ଅବସ୍ଥାକୁ ଫେରାଇ ଆଣିବା ଲାଗି କାର୍ଯ୍ୟ ହେବା ଉଚିତ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଶୀର୍ଷ ଅଦାଲତ ଆହୁରି କହିଛନ୍ତି, ଦୁଇ ଆଦିବାସୀ ମହିଳାଙ୍କ ଉଲଗ୍ନ ପରେଡ୍‌ର ଭିଡିଓ ଘଟଣାକୁ ଭିନ୍ନ ଭାବେ ଦର୍ଶାଯାଇ ନ ପାରେ ବୋଲି ସ୍ୱରାଷ୍ଟ୍ର ସଚିବ ତାଙ୍କ ସତ୍ୟପାଠରେ ଦର୍ଶାଇଥିଲେ। ତେବେ ଏ ନେଇ କେତେ ସତ୍ୟପାଠ ଦାଖଲ କରାଯାଇଛି ବୋଲି ସୁପ୍ରିମକୋର୍ଟ ପଚାରିଛନ୍ତି। ଏହି ପରିପ୍ରେକ୍ଷୀରେ ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ପୀଠ ଜାତିଆଣ ହିଂସାକୁ ନେଇ ଏହି ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ମହିଳାଙ୍କ ବିରୋଧରେ ହୋଇଥିବା ଯୌନ ଅତ୍ୟାଚାର ସଂକ୍ରାନ୍ତରେ କେତେ ଏତଲା ପଞ୍ଜୀକୃତ ହୋଇଛି, ତାହାର ସବିଶେଷ ତଥ୍ୟ ଦେବାକୁ ମଣିପୁର ସରକାରଙ୍କୁ କହିଛନ୍ତି। ଏହିଭଳି ଘଟଣାରେ ଏତଲା ପଞ୍ଜୀକରଣକୁ ସୁନିଶ୍ଚିତ କରିବା ଲାଗି ଏକ ବ୍ୟବସ୍ଥା କରାଯାଇ ତତ୍‌କ୍ଷଣାତ୍ ପଦକ୍ଷେପ ନିଆଯିବା କଥା। କିନ୍ତୁ ମହିଳାଙ୍କ ବିରୋଧରେ ନିର୍ଯାତନା ସଂକ୍ରାନ୍ତ ଭିଡିଓ ଆସିବା ଓ ସୁପ୍ରିମକୋର୍ଟ ଏଥିରେ ହସ୍ତକ୍ଷେପ କରିବା ପରେ ଘଟଣାକୁ ଗୁରୁତ୍ୱ ଦିଆଯାଇ ତଦନ୍ତ କରାଯାଉଛି। ମେ ୪ରେ ଘଟଣା ଘଟିଥିବା ବେଳେ ମେ ୧୮ରେ କାହିଁକି ଏତଲା ରୁଜୁ କରାଗଲା ବୋଲି ପୀଠ ପ୍ରଶ୍ନ କରିଛନ୍ତି। ମେ ୪ରୁ ମେ ୧୮ ଯାଏ ପୋଲିସ କ'ଣ କରୁଥିଲା। ଦୁଇ ମହିଳାଙ୍କୁ ଯେଭଳି ଭାବେ ଅତ୍ୟାଚାର କରାଯାଇଛି, ସବିଆଇ ଏବଂ ଏସ୍‌ଆଇଟି ତଦନ୍ତ ଯଥେଷ୍ଟ ନୁହେଁ । ତେଣୁ ନ୍ୟାୟର ପ୍ରକ୍ରିୟା ପୀଡ଼ିତଙ୍କ ପାଖକୁ କିଭଳି ଯାଇ ପହଞ୍ଚିବ ତାହା ସୁନିଶ୍ଚିତ କରାଯିବା ଦରକାର। ଏହି ଘଟଣାକୁ ସିବିଆଇକୁ ହସ୍ତାନ୍ତର କରିବା ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ନିଷ୍ପତ୍ତି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଏହା କହିଛନ୍ତି।

ତେବେ ସିନିୟର ଆଡ୍‌ଭୋକେଟ କପିଲ ଶିବଲ ମଣିପୁର ମାମଲାକୁ ଆସାମକୁ ହସ୍ତାନ୍ତର କରାଯିବା ବିଷୟକୁ ବିରୋଧ କରିଛନ୍ତି। ଆର୍ଟର୍ନି ଜେନେରାଲ ଆର୍. ଭେଙ୍କଟରମଣି କହିଛନ୍ତି, ଏହି ଘଟଣାର ତଦନ୍ତ ସିବିଆଇ କରୁଛି ଏବଂ ଯେତେବେଳେ ଏହାର ବିଚାର କଥା ଉଠିବ ସେତେବେଳେ ଶୀର୍ଷ ଅଦାଲତ ନିଷ୍ପତ୍ତି ନେବେ।

ସୁପ୍ରିମକୋର୍ଟ ଏହି ଘଟଣାର ପରବର୍ତ୍ତୀ ଶୁଣାଣି ମଙ୍ଗଳବାର ଅପରାହ୍ନ ୨ଟାରେ ହେବ ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଦୁଇ ମହିଳାଙ୍କ ପ୍ରତି କରାଯାଇଥିବା ଅତ୍ୟାଚାର ଭିଡିଓ ଭାଇରାଲ ହେବା ପରେ ଜୁଲାଇ ୨୦ରେ ସୁପ୍ରିମକୋର୍ଟ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। ହିଂସା ଘଟାଇବା ଲାଗି ମହିଳାଙ୍କୁ ବ୍ୟବହାର କରାଯିବା ସାମ୍ବିଧାନିକ ଗଣତନ୍ତ୍ରରେ ଆଦୌ ଗ୍ରହଣୀୟ ନୁହେଁ। ଜୁଲାଇ ୨୭ରେ କେନ୍ଦ୍ର ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ ଯେ, ଉକ୍ତ ଘଟଣାର ତଦନ୍ତଭାର ସିବିଆଇକୁ ଦିଆଯାଇଛି ଏବଂ ମହିଳାଙ୍କ ବିରୋଧରେ ଅପରାଧକୁ କୌଣସି ଭାବେ ବରଦାସ୍ତ କରାଯିବ ନାହିଁ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଏହାର ସଚିବ ଅଜୟ କୁମାର ଭାଲା ଉକ୍ତ ଘଟଣାର ବିଚାର ମଣିପୁର ବାହାରେ କରିବା ଲାଗି ସୁପ୍ରିମକୋର୍ଟଙ୍କୁ ଜଣାଇଥିଲେ। ସୂଚନାଯୋଗ୍ୟ ଯେ, ଏହି ଘଟଣାରେ ଅଦ୍ୟାବଧି ୭ ଜଣଙ୍କୁ ଗିରଫ କରାଯାଇଛି।

**ଜ୍ଞାନବାପି ବିବାଦ**

### ମୁସଲମାନ ପକ୍ଷଙ୍କୁ ଭୁଲ୍ ସୁଧାରିବାକୁ ହେବ: ୟୁପି ମୁଖ୍ୟମନ୍ତ୍ରୀ



**ବାରାଣସୀ,୩୧।୭**

ବାରାଣସୀର ଜ୍ଞାନବାପି ମସ୍‌ଜିଦକୁ ନେଇ ହିନ୍ଦୁ ଓ ମୁସଲମାନ ପକ୍ଷଙ୍କ ମଧ୍ୟରେ ବିବାଦ ଲାଗି ରହିଥିବାବେଳେ ସମସ୍ୟାର ସମାଧାନ ପାଇଁ ସରକାର ସମସ୍ତ ଉଦ୍ୟମ କରୁଥିବା ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ସୋମବାର କହିଛନ୍ତି। ଜ୍ଞାନବାପି ପରିସରରେ ଦେବଦେବୀଙ୍କ ମୂର୍ତ୍ତି ରହିଛି। ହିନ୍ଦୁମାନେ ଏହାକୁ ସେଠାରେ ରହିବାକୁ ଦେବେ ନାହିଁ। ଯଦି ଆମେ ତାହାକୁ ମସ୍‌ଜିଦ କହିବା ତେବେ ବିବାଦ ହେବ। ସରକାର ବିବାଦର ସମାଧାନ ଚାହାନ୍ତି। ମୁସଲମାନ ପକ୍ଷ ଏକ ଐତିହାସିକ ଭୁଲ୍ କରିଛନ୍ତି। ଏହାକୁ ସେମାନଙ୍କୁ ସୁଧାରିବାକୁ ହେବ ବୋଲି ଆଦିତ୍ୟନାଥ କହିଛନ୍ତି। ଯଦି ଜ୍ଞାନବାପୀ ଏକ ମସ୍‌ଜିଦ ତେବେ ସେଠାରେ ତ୍ରିଶୂଳ କ'ଣ କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଭାରତର ପ୍ରତ୍ନତତ୍ତ୍ୱ ବିଭାଗ (ଏଏସ୍‌ଆଇ) ଜ୍ଞାନବାପିର ସର୍ଭେ କରିବା ଲାଗି ବାରାଣସୀ କୋର୍ଟ ରାୟ ଦେଇଥିବାବେଳେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଏହାକୁ ସ୍ଥଗିତ ରଖାଯାଇଛି। ଆଲ୍ଲାହାବାଦ ହାଇକୋର୍ଟ ଜ୍ଞାନବାପି ମାମଲାର ରାୟ ଅଗଷ୍ଟ ୩ ପର୍ଯ୍ୟନ୍ତ ସଂରକ୍ଷିତ ରଖିଛନ୍ତି।

## ପ୍ରଧାନମନ୍ତ୍ରୀଙ୍କ ବିବୃତି ଦାବିରେ ବିରୋଧୀ ଅଟଳ

**ନୂଆଦିଲ୍ଲୀ,୩୧।୭**

ମଣିପୁର ହିଂସା ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ସୋମବାର ବିରୋଧୀ ସଦସ୍ୟମାନେ ହଙ୍ଗାମା ଜାରି ରଖିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁରର ଆଇନ ଶୃଙ୍ଖଳା ସ୍ଥିତି ଉପରେ ବିବୃତି ରଖନ୍ତୁ ବୋଲି ପୁଣି ଦାବି କରିଥିଲେ। ହିଂସାପ୍ରବଣ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଉପରେ ରାଜ୍ୟ ସଭାରେ ସଂକ୍ଷିପ୍ତ ଆଲୋଚନା ଆରମ୍ଭ ହୋଇଥିବାବେଳେ ବିରୋଧୀମାନେ ଏହାର ପ୍ରତିବାଦ କରିଥିଲେ। ଗୃହର ରୁଲ୍ ୨୬୭ ଅନୁଯାୟୀ ମଣିପୁର ପ୍ରସଙ୍ଗରେ ସବିଶେଷ ଆଲୋଚନା ହେଉ ଏବଂ ପ୍ରଧାନମନ୍ତ୍ରୀ ଗୃହରେ ଉପସ୍ଥିତ ରହନ୍ତୁ ବୋଲି ସେମାନେ ଦାବି କରିଥିଲେ। ହଙ୍ଗାମା ଜାରି ରହିବାରୁ ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନକର ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ଲୋକ ସଭାରେ ମଧ୍ୟ ଅନୁରୂପ ଦାବିକୁ ନେଇ ଅଚଳାବସ୍ଥା ଜାରି ରହିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଅପରାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହୋଇ ସିନେମାରେ ନକଲକୁ ବନ୍ଦ କରିବା ପାଇଁ ଅଣାଯାଇଥିବା ସିନେମାଟୋଗ୍ରାଫ ସଂଶୋଧନ ବିଲ୍, ୨୦୨୩ ଗୃହୀତ ହୋଇଥିଲା। ପୂର୍ବରୁ ଉକ୍ତ ବିଲ୍ ରାଜ୍ୟ ସଭାର ଅନୁମୋଦନ ଲାଭ କରିସାରିଛି। ଚଳଚ୍ଚିତ୍ରର କାହାଣୀ ଚୋରି ହୋଇଥିବା ଜଣାପଡ଼ିଲେ ୩ ବର୍ଷ ଜେଲଦଣ୍ଡ ସାଙ୍ଗକୁ ଫିଲ୍ମର ଉତ୍ପାଦନ ଖର୍ଚ୍ଚର ୫ ପ୍ରତିଶତ ଜରିମାନା ଦେବାକୁ ପଡ଼ିବ ବୋଲି ବିଲ୍‌ରେ ବ୍ୟବସ୍ଥା ରହିଛି।

**ପାର୍ଲାମେଣ୍ଟ ଦିନକ ପାଇଁ ମୁଲତବୀ**

## ଶିବକୁମାରଙ୍କ ବିରୋଧରେ ସିବିଆଇ ପିଟିଶନ ଖାରଜ

**ନୂଆଦିଲ୍ଲୀ,୩୧।୭(ପି.ଟି.):** କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାରଙ୍କ ବିରୋଧରେ ଦୁର୍ନୀତି ମାମଲାର ସିବିଆଇ ତଦନ୍ତ ଉପରେ ହାଇକୋର୍ଟ ସ୍ଥଗିତାଦେଶ ଲଗାଇଥିବାବେଳେ ତଦନ୍ତକାରୀ ସଂସ୍ଥା ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲା। ସର୍ବୋଚ୍ଚ ଅଦାଲତ ହାଇକୋର୍ଟଙ୍କ ରାୟରେ ହସ୍ତକ୍ଷେପ କରିବାକୁ ସୋମବାର ମନା କରିଛନ୍ତି। ଜଷ୍ଟିସ ବି.ଆର୍. ଗଭାଇ, ସି.ଟି ରବିକୁମାର ଏବଂ ସଞ୍ଜୟ କୁମାରଙ୍କ ଖଣ୍ଡପୀଠ ସିବିଆଇ ପିଟିଶନକୁ ଖାରଜ କରିଦେଇଛନ୍ତି।

ମାମଲା ଏବେ କର୍ଣ୍ଣାଟକ ହାଇକୋର୍ଟର ଜଣକିଆ ଖଣ୍ଡପୀଠରେ ବିଚାରାଧୀନ ରହିଛି। ଦୁର୍ନୀତି ମାମଲାରେ ସିବିଆଇ ଶିବକୁମାରଙ୍କ ବିରୋଧରେ ଏତଲା ଦାଏର କରିଥିବାବେଳେ ଏହାକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

## ପୋଲିସ ପ୍ରତ୍ୟାହାର ଦାବିରେ ମହିଳାଙ୍କ ବିକ୍ଷୋଭ

**ମଣିପୁରର ସବୁ ଆଦିବାସୀ ଜିଲାରେ ଆନ୍ଦୋଳନ ଚେତାବନୀ**

**ଇମ୍ଫାଲ,୩୧।୭**

ମ୍ୟାନ୍‌ମାର ସୀମାକୁ ଲାଗିଥିବା ମଣିପୁରର ମୋରେହ ସହରରୁ ପୋଲିସ ଫୋର୍ସ ପ୍ରତ୍ୟାହାର ଦାବିରେ ୧,୦୦୦ରୁ ଉର୍ଦ୍ଧ୍ୱ ମହିଳା ସୋମବାର ଚୁରାଚାନ୍ଦପୁରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ତୁରନ୍ତ ରାଜ୍ୟ ପୋଲିସଙ୍କୁ ପ୍ରତ୍ୟାହାର କରି ନିଆ ନ ଗଲେ ମଣିପୁରର ସମସ୍ତ ଆଦିବାସୀ ଜିଲାରେ ଆନ୍ଦୋଳନ କରାଯିବ ବୋଲି ଇଣ୍ଡିଜେନିଅସ୍ ଟ୍ରାଇବାଲ ଲିଡର୍ସ ଫୋରମ୍ (ଆଇଟିଏଲ୍‌ଏଫ୍) ସୋମବାର ଚେତାବନୀ ଦେଇଛି। ନିଷ୍ପକ୍ଷତା ବଜାୟ ରଖିବାକୁ ହେଲେ ମୋରେହରୁ ସୁରକ୍ଷା ବଳ ହଟିବା ଆବଶ୍ୟକ। ତାହା ନ ହେଲେ ଆମେ ଜନଆନ୍ଦୋଳନ କରିବାକୁ ବାଧ୍ୟ ହେବୁ ବୋଲି ଆଇଏଲ୍‌ଟିଏଫ୍ କହିଛି।



ମୋରେହ ସହରରୁ ରାଜ୍ୟ ପୋଲିସ ପ୍ରତ୍ୟାହାର ଦାବିରେ ମଣିପୁର ମହିଳାମାନେ ସୋମବାର ଚୁରାଚାନ୍ଦପୁରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ୟୁକ୍ରେନ୍ ସୀମାରେ ରୁଷିଆର ମିଶାଇଲ ମାଡ଼: ୪ ନିହତ

**କିଭ୍,୩୧।୭**

ରୁଷିଆର ଏକ କ୍ଷେପଣାସ୍ତ୍ର ସୋମବାର କେନ୍ଦ୍ରୀୟ ୟୁକ୍ରେନ୍‌ର କ୍ରଭି ରିହ ସହରର ଏକ ଆପାର୍ଟମେଣ୍ଟରେ ମାଡ଼ ହୋଇଛି। ଏଥିରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହତ ହୋଇଥିବା ୟୁକ୍ରେନ୍ ଗୃହମନ୍ତ୍ରୀ କହିଛନ୍ତି। ରୁଷିଆ ଛାଡ଼ିଥିବା ଦୁଇଟି ମିଶାଇଲ ମଧ୍ୟରୁ ଗୋଟିଏ ଆପାର୍ଟମେଣ୍ଟ ବିଲ୍ଡିଂର ଚତୁର୍ଥ ଓ ନବମ ମହଲା ମଧ୍ୟରେ ଥିବା କିଛି ଅଂଶକୁ ଧ୍ୱଂସ କରିଦେଇଛି। ସେଠାରୁ ପ୍ରବଳ ଧୂଆଁ ଉଠୁଥବା ଭିଡିଓରୁ ଦେଖିବାକୁ ମିଳିଛି। ବିଲ୍ଡିଂ ବାହାରେ ଥିବା କେତେକ କାର୍ ମଧ୍ୟ ଜଳିଯାଇଛି। ମୃତକଙ୍କ ମଧ୍ୟରେ ଜଣେ ୧୦ ବର୍ଷୀୟା ବାଳିକା ରହିଛନ୍ତି। ସକାଳେ ଅନ୍ୟ ଏକ କ୍ଷେପଣାସ୍ତ୍ର ମାଡ଼ରେ ୪ ମହଲା ୟୁନିଭର୍ସିଟି ବିଲ୍ଡିଂର କିଛି ଅଂଶ ଭାଙ୍ଗିଯାଇଥିଲା। ଡୋନେସ୍କ ପ୍ରଦେଶର ଅନେକ ଅଞ୍ଚଳକୁ ରୁଷିଆ ଅକ୍ତିଆର କରିଥିବାବେଳେ ସେଠାରେ ୟୁକ୍ରେନ୍‌ର କମାଣ ଆକ୍ରମଣରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ୬ ଆହତ ହୋଇଛନ୍ତି। ସେହିପରି ୟୁକ୍ରେନ୍ ସେନାର ସେଲ୍ ମାଡ଼ରେ ଏକ ବସ୍ କ୍ଷତିଗ୍ରସ୍ତ ହୋଇଛି।



କ୍ଷେପଣାସ୍ତ୍ର ମାଡ଼ରେ ଆପାର୍ଟମେଣ୍ଟର କିଛି ଅଂଶ ଭାଙ୍ଗିଯାଇଛି।




# ପୂର୍ବତନ ବିଧାୟକଙ୍କ ସମେତ ୧୩ ଜଣଙ୍କୁ ଆଜୀବନ ଜେଲ

## ଟାଟା କମ୍ପାନୀ ଜମି ଅଧିଗ୍ରହଣ ବେଳେ ରିଜର୍ଭ ଇନ୍ସପେକ୍ଟରଙ୍କୁ ହତ୍ୟା ମାମଲା

**ବ୍ରହ୍ମପୁର,୩୧।୭(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ଏଡିଜେ-୩ କୋର୍ଟ ସୋମବାର ଟାଟା କମ୍ପାନୀ ଜମି ଅଧିଗ୍ରହଣ ବେଳେ ରିଜର୍ଭ ଇନ୍ସପେକ୍ଟରଙ୍କ ହତ୍ୟା ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ କରିଛନ୍ତି। ଏହି ମାମଲାରେ ବରିଷ୍ଠ କମ୍ୟୁନିଷ୍ଟ ନେତା ତଥା ଛତ୍ରପୁରର ପୂର୍ବତନ ବିଧାୟକ ଏନ୍. ନାରାୟଣ ରେଡ୍ଡୀଙ୍କ ସମେତ ୧୩ ଜଣଙ୍କୁ ବିଚାରପତି ରାଜ କୁମାର ଦାସ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୨୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ଦେଢ଼ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ବିଚାରପତି ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପୂର୍ବତନ ବିଧାୟକ ରେଡ୍ଡୀ, ସିନ୍ଧିଗାଁର ପି.କାମରାଜୁ ରେଡ୍ଡୀ(୭୫), ବଡ଼ ଅର୍ଜିପଲ୍ଲୀର କାଳିଆ ସେଠୀ(୪୫), ଚମାଖଣ୍ଡିର ଏନ୍.ଦିଲୀପ କୁମାର ରେଡ୍ଡୀ(୫୦), ବଡ଼ପୁଟିର ଗୁରୁଦେବ ବେହେରା (୫୦), ସିନ୍ଧିଗାଁର ପି.ନାଗେଶ୍ୱର ରେଡ୍ଡୀ (୬୫), ପି.ଡମ୍ବରୁଧର ରେଡ୍ଡୀ(୬୬), ଏଲ୍.ଚନ୍ଦ୍ରମଣି ରେଡ୍ଡୀ (୬୦), ପି.ଲକ୍ଷ୍ମୀପୁରର ଡି.କାମରାଜୁ ବର୍ମା (୬୯), ସିନ୍ଧିଗାଁର ପି.ପୋଟୁଡୁ(୬୮), ଟୁନା ବେହେରା (୫୨), ସୁଣ୍ଡିଗାଁର ଘନ ରେଡ୍ଡୀ (୬୦) ଓ ବାଣଭୁଲାପଲ୍ଲୀ ଗ୍ରାମର ସୁଦାମ ରାଉଳ (୫୯)। ଦୋଷୀ ସାବ୍ୟସ୍ତ ହୋଇଥିବା ପୂର୍ବତନ ବିଧାୟକ ରେଡ୍ଡୀ ରାୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଟାଟା ଜମି ଅଧିଗ୍ରହଣ ସମୟରେ ବିରୋଧ ଏକ ଜନଆନ୍ଦୋଳନ ଥିଲା। ବୋମାମାଡ଼ ସମୟରେ ସେ ସିନ୍ଧିଗାଁରେ ତତ୍କାଳୀନ ଜିଲାପାଳ, ଏସ୍‌ପି ଓ ଗ୍ରାମବାସୀଙ୍କ ସହ ଶାନ୍ତି ବୈଠକରେ ଉପସ୍ଥିତ ଥିଲେ। ତାଙ୍କର ଉକ୍ତ ଘଟଣାରେ କୌଣସି ସମ୍ପୃକ୍ତି ନାହିଁ ବୋଲି କହିଛନ୍ତି। ଦଣ୍ଡାଦେଶ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବୁ। ଆବଶ୍ୟକ ହେଲେ ଆମେ ସୁପ୍ରିମକୋର୍ଟ ଯିବୁ ବୋଲି ରେଡ୍ଡୀ କହିଛନ୍ତି।

ସୂଚନା ଅନୁଯାୟୀ, ୧୯୯୮ରେ ଟାଟା କମ୍ପାନୀର ଜମି ଅଧିଗ୍ରହଣକୁ ସ୍ଥାନୀୟ ବାସିନ୍ଦା ବିରୋଧ କରିଥିଲେ। ସେହିବର୍ଷ ଜୁନ୍ ୧୮ରେ ଏହାକୁ ନେଇ ପୋଲିସ ଓ ସ୍ଥାନୀୟ ଜନତା ମୁହାଁମୁହିଁ ହୋଇଥିଲେ। ବୋମାମାଡ଼ରେ ତତ୍କାଳୀନ ରିଜର୍ଭ ଇନ୍ସପେକ୍ଟର୍ (ଆର୍‌ଆଇ) ବିନୋବା ମେହେରଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଛତ୍ରପୁର ଥାନା ପୋଲିସ ରୁଜୁ କରିଥିବା ମାମଲାରେ ପୂର୍ବତନ


ଦଣ୍ଡାଦେଶ ପାଇଥିବା ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀଙ୍କ ସମେତ ଅନ୍ୟ ଅଭିଯୁକ୍ତ।

### ନ୍ୟାୟ ପାଇଁ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେବୁ: ନାରାୟଣ ରେଡ୍ଡୀ

ବିଧାୟକ ନାରାୟଣ ରେଡ୍ଡୀଙ୍କ ସମେତ ୨୨ଜଣଙ୍କ ନାମରେ ମାମଲା (୧୧୫/୯୮) ରୁଜୁ ହୋଇଥିଲା। ତଦନ୍ତକାରୀ ଅଧିକାରୀ ଭାବେ ତତ୍କାଳୀନ ଥାନା ଅଧିକାରୀ ନଳିନୀ ରଞ୍ଜନ ମହାନ୍ତି କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ଅନ୍ୟପକ୍ଷେ ସେହିଦିନ ତତ୍କାଳୀନ ଜିଲାପାଳ ସନ୍ତୋଷ କୁମାର ଶତପଥୀ, ଏସ୍‌ପି ୱାଇ.ବି.ଖୁରାନିଆ ଶାନ୍ତି ପ୍ରତିଷ୍ଠା ପାଇଁ ସିନ୍ଧିଗାଁ ଯାଇଥିଲେ। ସେଠାରେ ଉଭୟଙ୍କ ପିଏସ୍‌ଓ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ସିନ୍ଧିଗାଁ ଫାଣ୍ଡି ପୋଲିସ୍ ଆଉ ଏକ ମାମଲା (୧୧୬/୯୮) ରୁଜୁ କରିଥିଲା। ଏହି ମାମଲାର ତଦନ୍ତ ଅଧିକାରୀ ଭାବେ ତତ୍କାଳୀନ ଫାଣ୍ଡି ଅଧିକାରୀ ପି.କିଷାନ୍ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲେ। ତେବେ ଗୋଟିଏ କାରଣକୁ ନେଇ ୨ଟି ଅପରାଧ ଘଟିଥିବାରୁ ୨୦୦୧ରେ ସିଆରପିସି ୨୨୦ ଅନୁସାରେ, କୋର୍ଟ ଉଭୟ ମାମଲାକୁ ଗୋଟିଏ କେସ୍ ଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଦୁଇ ମାମଲାରେ ମୋଟ ୬୫ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ବିଚାରପତି ଚୂଡ଼ାନ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ନିରଞ୍ଜନ ପାଢ଼ୀ ମକଦ୍ଦମା ପରିଚାଳନା କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ଥାଇ ବିଚାର ସମୟରେ ମୃତ୍ୟୁ ଘଟିଥିବା ୮ଜଣ ବ୍ୟକ୍ତି ହେଲେ ଏନ୍.ସୀମାଞ୍ଚଳ ରେଡ୍ଡୀ, ବି.ବାଲାଜୀ ରେଡ୍ଡୀ, କୃଷ୍ଣଚନ୍ଦ୍ର ପାତ୍ର, ପି.ଚାନ୍ଦ୍ରେୟା ରେଡ୍ଡୀ, ପି.ଗୁରୁମୂର୍ତ୍ତି ରେଡ୍ଡୀ, ପି.ଚାନ୍ଦ୍ରେୟା ରେଡ୍ଡୀ (ନାୟୁଡୁ), ପି.ମାଧବ ରେଡ୍ଡୀ। ସେହିପରି ଅନ୍ୟତମ ଅଭିଯୁକ୍ତ ଏସ.ଜାଗେୟାଙ୍କୁ ବାଦ ଦିଆଯାଇଥିବା ବେଳେ ତାଙ୍କର ପରବର୍ତ୍ତୀ ବିଚାର ହେବ ବୋଲି କୋର୍ଟ ସୂତ୍ରରୁ ଜଣାପଡ଼ିଛି।

# ଓଏସ୍‌ଏସ୍‌ସି ଅଧକ୍ଷଙ୍କ ଇସ୍ତଫା ଦାବି କଲେ ୩ ଜିଲାର ଛାତ୍ରୀଛାତ୍ର



ବାଲେଶ୍ୱର ଜିଲାପାଳଙ୍କ ଅଫିସ ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ।

### ପ୍ରଶ୍ନପତ୍ର ଲିକ୍ ମାମଲା

**ବାଲେଶ୍ୱର,୩୧।୭(ମାନସ ବିଶ୍ୱାଳ)**

ଓଡ଼ିଶା ଷ୍ଟାଫ ସିଲେକଶନ କମିଶନ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ଜେଇଇ ସିଭିଲ୍ ମେନ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ନେଇ ସାରା ରାଜ୍ୟରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ଆଶାୟୀ ଛାତ୍ରୀଛାତ୍ରମାନେ ଆନ୍ଦୋଳନମୁହାଁ ହୋଇଛନ୍ତି। ସୋମବାର ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବାଲେଶ୍ୱର, ଭଦ୍ରକ ଓ ମୟୂରଭଞ୍ଜ ଜିଲାର ଶତାଧିକ ଆଶାୟୀ ଛାତ୍ରୀଛାତ୍ର ଏକାଠି ହୋଇ ହୋହଲ୍ଲା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ମାମଲାରେ ଜଡ଼ିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। କେବଳ ଜେଇଇ ସିଭିଲ୍ ମେନ ପରୀକ୍ଷା ନୁହେଁ, ବରଂ ଓଡ଼ିଶାରେ ହେଉଥିବା ପ୍ରତ୍ୟେକ କମ୍ପିଟିଟିଭ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହେଉଥିବା ପୋଲିସ ତଦନ୍ତରୁ ଜଣାପଡ଼ିଥିବାରୁ ସମସ୍ତ ପରୀକ୍ଷାକୁ ରଦ୍ଦ ସହ ପୁଣି କରାଇବା ଏବଂ ଓଏସ୍‌ଏସ୍‌ସି ଅଧକ୍ଷଙ୍କ ଇସ୍ତଫା ଦାବି କରି ଛାତ୍ରୀଛାତ୍ରମାନେ ଅଡ଼ି ବସିଥିଲେ। ଆନ୍ଦୋଳନକାରୀ ଛାତ୍ରୀଛାତ୍ରମାନେ ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

ଉକ୍ତ ୩ ଜିଲାର ଛାତ୍ରୀଛାତ୍ରମାନେ ବାଲେଶ୍ୱର ଷ୍ଟେଶନଛକଠାରେ ଏକାଠି ହେବା ପରେ ସହରର ଓଟି ରୋଡକୁ ଜାମ୍ କରିଦେଇଥିଲେ। ଫଳରେ ଫକୀରମୋହନ ଗୋଲେଇଠାରୁ ଆଇଟିଆଇ ଛକ ରାସ୍ତାରେ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପୋଲିସ ସେଠାରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ନେଇଆସିଥିଲା। ଛାତ୍ରୀଛାତ୍ରମାନେ ସେଠାରେ ରାସ୍ତା ଉପରେ ବସି ରହିବା ସହ ରାଜ୍ୟରେ ଚାଲିଥିବା ନିଯୁକ୍ତି ଦୁର୍ନୀତି ଓ ପ୍ରଶ୍ନପତ୍ର ଲିକ୍ ବନ୍ଦ ପାଇଁ ରାଜ୍ୟ ସରକାର ଦୃଢ଼ ପଦକ୍ଷେପ ନେବାକୁ ଦାବି କରିଥିଲେ। ସମ୍ପ୍ରତି ସରକାରୀ ବିଭାଗରେ ନିଯୁକ୍ତି ପାଇଁ ରାଜ୍ୟରେ ହେଉଥିବା ପ୍ରତ୍ୟେକ ପରୀକ୍ଷାରେ କଟ୍-ଅଫ ମାର୍କ ସର୍ବୋଚ୍ଚ ୯୫ ପ୍ରତିଶତ ହେବା ପ୍ରଶ୍ନପତ୍ର ଲିକ୍ ହିଁ ଏକମାତ୍ର କାରଣ ବୋଲି ସେମାନେ ଆରୋପ ଉଠାଇଥିଲେ। ବହୁ ମେଧାବୀ ଛାତ୍ରୀଛାତ୍ର ଦୈନିକ ୧୬ ଘଣ୍ଟା ପର୍ଯ୍ୟନ୍ତ ପାଠପଢ଼ି ନିଜକୁ ପରୀକ୍ଷା ପାଇଁ ପ୍ରସ୍ତୁତ କରୁଥିବା ବେଳେ ଅସାଧୁ ବ୍ୟକ୍ତିମାନେ ପ୍ରଶ୍ନପତ୍ର ଲିକ୍ କରାଇ ସେମାନଙ୍କ ଭବିଷ୍ୟତ ଅନ୍ଧକାରକୁ ଠେଲି ଦେଉଛନ୍ତି ବୋଲି ଆନ୍ଦୋଳନକାରୀମାନେ କହିଥିଲେ। ଯେଉଁ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ହୋଇଛି ସେହି ପରୀକ୍ଷାଗୁଡ଼ିକ ପୁନର୍ବାର କରାଯିବା ସହିତ ଏଭଳି କେଳେଙ୍କାରୀରେ ଓଏସ୍‌ଏସ୍‌ସି ସଦସ୍ୟଙ୍କ ସମ୍ପୃକ୍ତିକୁ ନେଇ ଯାଞ୍ଚ ପାଇଁ ଛାତ୍ରୀଛାତ୍ରମାନେ ଦାବି ଉଠାଇଥିଲେ। ଆଗାମୀ ଦିନରେ ଓଏସ୍‌ଏସ୍‌ସିର ସମସ୍ତ ପରୀକ୍ଷାକୁ ନିରପେକ୍ଷ ଏଜେନ୍ସି କିମ୍ବା ଅନଲାଇନ୍ ମାଧ୍ୟମରେ କରାଇବା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ।

# ବର୍ଷା-ଅନୁଭବ ବିବାହ ବିଚ୍ଛେଦ ମାମଲା | ପରିବାର ଅଦାଲତରେ ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ଶେଷ

**କଟକ,୩୧।୭ (କାର୍ତ୍ତିକ ସାହୁ)**

### ସପ୍ତାହକ ମଧ୍ୟରେ ଯୁକ୍ତି ଉପସ୍ଥାପନ କରିବେ ଉଭୟ ପକ୍ଷ

କେନ୍ଦ୍ରାପଡ଼ା ଏମ୍‌ପି ତଥା ଅଭିନେତା ଅନୁଭବ ମହାନ୍ତି ଓ ତାଙ୍କ ସ୍ତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କ ବିବାହ ବିଚ୍ଛେଦ ମାମଲାର ଶୁଣାଣି କଟକ ପରିବାର ଅଦାଲତରେ ସୋମବାର ହୋଇଛି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ବର୍ଷାଙ୍କ ପୂର୍ଣ୍ଣାଙ୍ଗ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଅନୁଭବଙ୍କ ଓକିଲ ପ୍ରାୟ ୨ ଘଣ୍ଟା ଧରି ବର୍ଷାଙ୍କୁ ଜେରା କରି ୧୮୦ରୁ ୧୮୫ଟି ପ୍ରଶ୍ନ ପଚାରିଥିବା ଜଣାପଡ଼ିଛି। ଆଗାମୀ ଏକ ସପ୍ତାହ ମଧ୍ୟରେ ଉଭୟ ପକ୍ଷ ପରିବାର ଅଦାଲତରେ ନିଜର ଯୁକ୍ତି ଉପସ୍ଥାପନ କରିବେ। ଏଥିସହ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଅକ୍ଟୋବର ୧୩ ସୁଦ୍ଧା ମାମଲାର ରାୟ ପ୍ରକାଶ ପାଇବ।

ମାମଲାର ବିବରଣୀ ଅନୁସାରେ, କଟକ ପରିବାର ଅଦାଲତରେ ଅନୁଭବ-ବର୍ଷାଙ୍କ ଛାଡ଼ପତ୍ର ମାମଲାର ଶୁଣାଣି ବିଳମ୍ବ ହେଉଥିବା ଦର୍ଶାଇ ମାମଲାକୁ ଖୋର୍ଦ୍ଧା ପରିବାର ଅଦାଲତକୁ ସ୍ଥାନାନ୍ତର କରିବା ପାଇଁ ଅନୁଭବଙ୍କ ପକ୍ଷରୁ ହାଇକୋର୍ଟରେ ଆବେଦନ କରାଯାଇଥିଲା। କଟକ ପରିବାର ଅଦାଲତ ବର୍ଷାଙ୍କ ପ୍ରତି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରୁଥିବା ଓ ଜାଣିଶୁଣି ବର୍ଷାଙ୍କ ସାକ୍ଷ୍ୟଗ୍ରହଣରେ ମହଲତ ଦେଉଥିବା ଅନୁଭବ ଦର୍ଶାଇଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧରଙ୍କ ଖଣ୍ଡପୀଠ ଗତ ଜୁଲାଇ ୧୩ ତାରିଖରେ ମାମଲାର ଶୁଣାଣି କରି ଜୁଲାଇ ୩୧ ସୁଦ୍ଧା ବର୍ଷାଙ୍କ ସାକ୍ଷ୍ୟଗ୍ରହଣ ଶେଷ କରିବା ସହ ଆଗାମୀ ୩ ମାସ ମଧ୍ୟରେ ମାମଲାର ରାୟ ପ୍ରକାଶ କରିବାକୁ କଟକ ପରିବାର ଅଦାଲତକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଖୋର୍ଦ୍ଧା ପରିବାର ଅଦାଲତକୁ ମାମଲା ସ୍ଥାନାନ୍ତର ପାଇଁ ଅନୁଭବଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଥିଲେ।

ଉଲ୍ଲେଖଯୋଗ୍ୟ, ଅନୁଭବ ତାଙ୍କ ସ୍ତ୍ରୀ ବର୍ଷାଙ୍କୁ ଛାଡ଼ପତ୍ର ଦେବା ନିମନ୍ତେ ଦିଲ୍ଲୀର ପଟିଆଲା କୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ପୁଣି ବର୍ଷାଙ୍କ ଆବେଦନ ଅନୁସାରେ ପଟିଆଲା କୋର୍ଟରୁ କଟକର ପରିବାର ଅଦାଲତକୁ ମାମଲା ସ୍ଥାନାନ୍ତର ହୋଇଥିଲା। କଟକ ପରିବାର ଅଦାଲତରେ ଏହି ମାମଲାରେ ଅନୁଭବଙ୍କ ସାକ୍ଷ୍ୟ ଗ୍ରହଣ ପୂର୍ବରୁ ଶେଷ ହୋଇଥିବା ବେଳେ ବର୍ଷାଙ୍କୁ ସାକ୍ଷ୍ୟ ଗ୍ରହଣ ସମ୍ପୂର୍ଣ୍ଣ ହୋଇଛି।




## ଉଗଡ଼ମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କୁଆକୁ ବାଟ ନାହିଁ, ଅନ୍ଧାର କୁ ଛାଟ ନାହିଁ**

କୁଆ ପାଇଁ ଯେମିତି କୌଣସି ବାଟ ବନ୍ଦ କରାଯାଇପାରି ନ ଥାଏ ସେମିତି ଅନ୍ଧାରରେ କାହାକୁ ଧରିବା କି ମାରିବା ସହଜ ହୋଇପାରି ନ ଥାଏ। ପରୋକ୍ଷରେ ବେଶାସନିଆକୁ ଶାସନ କରି ହେଉନଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କଅଁଣ? ଘର ଭିତରେ ଚାରିଟା କଣ, ନଇଁ ପଡିକରି ଗଣ।**

ଥଟ୍ଟାଳିଆ ଓ ବେଖାତିରିଆ ଉତ୍ତର। ଜଣକୁ କଥା କ'ଣ, ବିଷୟ କ'ଣ ବୋଲି ଜାଣିବାକୁ ପଚାରିଲେ ବେଳେବେଳେ ଅନ୍ୟ ଜଣକ ଉପଯୁକ୍ତ ଉତ୍ତର ନଦେଇ ବୁଲେଇ ବଙ୍କେଇ କଥା କହିଥାଏ। ପଚାରିଥିବା ବ୍ୟକ୍ତିର କିଛି ଜାଣିବାର ଆବଶ୍ୟକତା ନ ଥିବା ବିଚାର କରି ଯାଉସାଉ କଥା କହି ମୋଡ଼ ବଦଳେଇ ଦିଆଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରିଭ୍ୟୁ, ରିଟ୍ ପିଟିଶନ ଖାରଜ: କାଏମ ରହିଲା ପୂର୍ବ ନିର୍ଦ୍ଦେଶ

## ହାଇକୋର୍ଟରେ ଏଏସ୍‌ଓ ପରୀକ୍ଷା ଅନିୟମିତତା ମାମଲା

**କଟକ,୩୧।୭ (କାର୍ତ୍ତିକ ସାହୁ)**

ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ଦ୍ୱାରା ପରିଚାଳିତ ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପରୀକ୍ଷା ଅନିୟମିତତା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ହାଇକୋର୍ଟ ବିଚାରପତି ଆଦିତ୍ୟ କୁମାର ମହାପାତ୍ର ପୂର୍ବ ରାୟକୁ କାଏମ ରଖିଛନ୍ତି। ଏଥିସହ ପୂର୍ବ ରାୟର ପୁନର୍ବିଚାର ପାଇଁ ଦାଏର ହୋଇଥିବା ରିଭ୍ୟୁ ପିଟିଶନ ଓ ରିଟ୍ ପିଟିଶନ୍‌କୁ ଖାରଜ କରିଛନ୍ତି। ଫଳରେ ହାଇକୋର୍ଟଙ୍କ ଆଦେଶ ମୁତାବକ ଓପିଏସ୍‌ସି ସାନି ମେଧା ତାଲିକା ପ୍ରକାଶ କରିବା ସ୍ପଷ୍ଟ ହୋଇଛି।

ପ୍ରକାଶ ଯେ, ଓପିଏସ୍‌ସି ପକ୍ଷରୁ ପ୍ରକାଶିତ ଏଏସ୍‌ଓ ପରୀକ୍ଷାର ମେରିଟ୍ ଲିଷ୍ଟକୁ ନେଇ ହାଇକୋର୍ଟରେ ରିଟ୍ ଓ ରିଭ୍ୟୁ ଭାବେ ଦୁଇଟି ପିଟିଶନ ଦାଖଲ କରାଯାଇଥିଲା। ଦୁଇଟିଯାକ ପିଟିଶନର ଏକାଠି ଶୁଣାଣି କରିବାକୁ ହାଇକୋର୍ଟ ଜୁନ୍ ୨୬ ତାରିଖ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ। ଜୁଲାଇ ୧୩ରେ ଶୁଣାଣି ଶେଷ କରାଯାଇ ରାୟ ସଂରକ୍ଷିତ ରହିଥିଲା। ଏଏସ୍‌ଓ ନିଯୁକ୍ତି ପରୀକ୍ଷାରେ ପ୍ରକାଶିତ ମେଧା ତାଲିକାକୁ ହାଇକୋର୍ଟ ଖାରଜ କରି ସାନି ମେଧା ତାଲିକା ପ୍ରକାଶ ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଷୟଭିତ୍ତିକ ସର୍ବନିମ୍ନ ମାର୍କ ନିୟମ ଲାଗୁ କରାଯିବା ନିଯୁକ୍ତି ନିୟମ ଅନୁସାରେ ଗ୍ରହଣୀୟ ନୁହେଁ। ଓଡ଼ିଶା ସେକ୍ରେଟାରିଏଟ୍‌ର ଏଏସ୍‌ଓ ନିଯୁକ୍ତି ପ୍ରଣାଳୀ ଓ ସର୍ଭିସ ସର୍ତ୍ତାବଳୀ, ୨୦୧୬କୁ ଉଲ୍ଲଂଘନ କରାଯାଇ ବିଷୟ ଭିତ୍ତିକ ସର୍ବନିମ୍ନ ମାର୍କ ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ପ୍ରକାଶିତ ମେଧା ତାଲିକା ରଦ୍ଦ କରାଯାଉଛି ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେବା ସହ ୨୦୧୬ର ନିୟମ ପାଳନ କରି ସାନି ମେରିଟ୍ ଲିଷ୍ଟ ୨ ମାସ ଭିତରେ ପ୍ରକାଶ କରିବାକୁ କହିଥିଲେ। ଏଥିସହ ହାଇକୋର୍ଟଙ୍କ ବିନା ଅନୁମତିରେ ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ଚୂଡ଼ାନ୍ତ ମେଧା ତାଲିକା ପ୍ରକାଶ ପାଇ ପାରିବ ନାହିଁ ବୋଲି ଅଦାଲତ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ। ତେବେ କମ୍ପ୍ୟୁଟର ଦକ୍ଷତା ପରୀକ୍ଷା ଜାରି ରହିବ ବୋଲି ହାଇକୋର୍ଟ କହିଥିଲେ। ଏନେଇ କେତେଜଣ ପରୀକ୍ଷାରେ ଏକ ରିଟ୍ ପିଟିଶନ୍ ଦାଖଲ କରି ଦର୍ଶାଇଥିଲେ ଯେ, ଏଏସ୍‌ଓ ପରୀକ୍ଷା ଅନିୟମିତତା ଯୋଗୁ ଆମେ ପ୍ରଭାବିତ ହୋଇଛୁ। ହାଇକୋର୍ଟ ଉକ୍ତ ମାମଲାରେ ଆମ୍ଭମାନଙ୍କ ଆବେଦନର ଶୁଣାଣି ନ କରି ରାୟ ପ୍ରକାଶ କରିଥିବାରୁ ଆମକୁ ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଅନୁମତି ଦିଆଯାଉ ବୋଲି ରିଟ୍ ପିଟିଶନ୍ ଜରିଆରେ ପ୍ରାର୍ଥନା କରିଥିଲେ। ଅପରପକ୍ଷରେ ପୂର୍ବ ମେରିଟ୍ ଲିଷ୍ଟରେ ସ୍ଥାନ ପାଇଥିବା ରୁକ୍ସାନାଆରା ବେଗମ୍‌ଙ୍କ ସମେତ ମୋଟ ୫ ଜଣ ପରୀକ୍ଷାର୍ଥୀଙ୍କ ପକ୍ଷରୁ ଦାଏର ରିଭ୍ୟୁ ପିଟିଶନକୁ ନେଇ ଜୁନ୍ ୨୨ ତାରିଖରେ ଏକ ମାମଲା ରୁଜୁ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ୭୯୭ଟି ଏଏସ୍‌ଓ ପଦବୀ ପାଇଁ ୨୦୨୨ ଅଗଷ୍ଟ ୨୭ରେ ଲିଖିତ ପରୀକ୍ଷା ହୋଇଥିଲା। ମୋଟ ୧ଲକ୍ଷ ୪୮ହଜାର ୮୮୮ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ଭିତରୁ ୧୧୦୪ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ୨୦୨୨ ନଭେମ୍ବର ୭ରେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହି ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କୁ ସାର୍ଟିଫିକେଟ/ନଥିପତ୍ର ଯାଞ୍ଚ ଓ କମ୍ପ୍ୟୁଟର (ପ୍ରାକ୍ଟିକାଲ) ସ୍କିଲ ଟେଷ୍ଟ ପାଇଁ ଡକାଯାଇଥିଲା। ଆରମ୍ଭରୁ ବିବାଦରେ ରହିଥିବା ଏଏସ୍‌ଓ ପରୀକ୍ଷାକୁ ନେଇ କେତେଜଣ ପ୍ରାର୍ଥୀ ଧାରଣା ଦେଇଥିଲେ। ଏ ନେଇ ପୂର୍ବରୁ ହାଇକୋର୍ଟରେ ଏକାଧିକ ମାମଲା ଦାଏର ହୋଇଥିଲା।

## ଲଘୁଚାପ: ୨ ଦିନ ପ୍ରବଳ ଛେଚିବ

**ଭୁବନେଶ୍ୱର,୩୧।୭ (ଅନିଲ ଦାସ):** କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୧୨ ଘଣ୍ଟାରେ ଆହୁରି ଅଧିକ ଘନୀଭୂତ ହେବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଅଗଷ୍ଟ ୪ ତାରିଖ ଯାଏ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଲଘୁଚାପ ପ୍ରଭାବରେ ମହାନଦୀ ଉପରମୁଣ୍ଡ ଛତିଶଗଡ଼ରେ ଅତି ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରାଯାଇଛି। ଏଥିଯୋଗୁ ମହାନଦୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢାବଳଙ୍ଗ ନଦୀରେ ବନ୍ୟା ଆଶଙ୍କା ସୃଷ୍ଟି ହୋଇଛି।

# ବଜ୍ରପାତ ନେଲା ୯ ଜୀବନ

**ନୀଳଗିରି,(ପ୍ରଶାନ୍ତ ବିଶ୍ୱାଳ)/ ସିମୁଳିଆ,(ସନ୍ତୋଷ ନାୟକ)/ ଭଦ୍ରକ(ସନାତନ ରାଉତ)/ତିହିଡ଼ି(ସଞ୍ଜିତ୍ ବଳ)/ ହାଟଡ଼ିହୀ (ଶୁଭକାନ୍ତ ନାୟକ)/ ବାଲୁଗାଁ,(ସଂଗ୍ରାମ ପାଇକରାୟ)/ନାଉଗାଁ,(ସୁଧା ବେହୁରା)/ ପିପିଲି,୩୧।୭(ପ୍ରଭାତ ମହାପାତ୍ର)**

ରାଜ୍ୟର ବିଭିନ୍ନ ଜିଲାରେ ଲଗାଣ ବର୍ଷା ସହ ବଜ୍ରପାତ ଘଟି ୩ ମହିଳାଙ୍କ ସମେତ ୯ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରୁ ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝର ଜିଲାର ୨ ମହିଳାଙ୍କ ସମେତ ୪ଜଣ ଥିବାବେଳେ ଖୋର୍ଦ୍ଧା ଜିଲାର ୨ ବାପପୁଅ, ଜଗତ୍‌ସିଂହପୁର ଜିଲାର ୨ ବାପପୁଅ ଓ ପୁରୀ ଜିଲାର ଜଣେ ମହିଳା ଥିବା ସୂଚନା ମିଳିଛି।

ବାଲେଶ୍ୱର ନୀଳଗିରି ବ୍ଲକ ଧୋବଶିଳା ପଞ୍ଚାୟତ ମହାଲିକସାହି ଗ୍ରାମର କୈଳାସ ମଲିକଙ୍କ ସ୍ତ୍ରୀ ଯମୁନା ମଲିକ(୫୫) ନିକଟ ଚାଷଜମିକୁ ଯାଇଥିବା ବେଳେ ବଜ୍ରପାତ ହେବାରୁ ଅଚେତ୍ ହୋଇ ଟଳିପଡିଥିଲେ। ପାଖରେ କାମ କରୁଥିବା ଅନ୍ୟମାନେ ତାଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ସିମୁଳିଆ ବ୍ଲକ ମଇତାପୁର ପଞ୍ଚାୟତ ମହାନ୍ତିପୋଖରୀ ଅଞ୍ଚଳର ଦିଲୀପ ସିଂ(୨୮)ଚାଷ କାମ ସାରି ଘରକୁ ଫେରୁଥିବା ବେଳେ ବଜ୍ରପାତ ହୋଇଥିଲା। ତାଙ୍କୁ ସିମୁଳିଆ ଡାକ୍ତରଖାନାକୁ ଅଣାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଭଦ୍ରକ ଜିଲାର ତିହିଡ଼ି ଥାନା ଅଧୀନ କାଁପଡ଼ା ପଞ୍ଚାୟତ ତଳକାଁପଡ଼ା ଗ୍ରାମର ଗ୍ରାମର ଜେମାମଣି ମଲିକ(୬୦) ବିଲରେ କାମ କରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲା। ତାଙ୍କୁ ତିହିଡ଼ି ଡାକ୍ତରଖାନାକୁ ନିଆଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସେହିପରି ବାସୁଦେବପୁର ବ୍ଲକ କିସ୍ମତକୃଷ୍ଣପୁରର ମିଟୁ ମଲିକ(୩୦), ଭଦ୍ରକ ବ୍ଲକ ରାନ୍ଧିଆ ରାଉଳସାହିର ସସ୍ମିତା ରାଉଳ ଏବଂ ସାବରଙ୍ଗ ଥାନା ଅଧୀନ ତୋରଣପଦାର ମଞ୍ଜୁଲତା ନାୟକ (୨୮) ବଜ୍ରପାର ଶିକାର ହୋଇ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ହାଟଡ଼ିହୀ ଗ୍ରାମର ପଦ୍ମନାଭ ପହି (୬୬) ବିଲରେ କାମ କରୁଥିବା ବେଳେ ବଜ୍ରପାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ପ୍ରଥମେ ହାଟଡ଼ିହୀ ଓ ପରେ ଆନନ୍ଦପୁର ଉପଖଣ୍ଡ ମେଡିକାଲ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନନ୍ଦିପଦା ପୋଲିସ ଉପଖଣ୍ଡ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରିବା ସହ ମାମଲା (ନଂ. ୧୬/୨୩)ରୁଜୁ କରିଛି।

ଖୋର୍ଦ୍ଧା ଜିଲା ବାଲୁଗାଁ ତଟବର୍ତ୍ତୀ ଚିଲିକାରେ ରବିବାର ରାତିରେ ଚିଲିକାକୁ ମାଛ ଧରିବାକୁ ଯାଇଥିବା ବେଳେ ବଜ୍ରପାତ ହେବାରୁ ବାପ ପୁଅଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ବାଲୁଗାଁ ଚିଲିକାକୂଳ ସନ୍ନ୍ୟାସୀନଗର ବଙ୍ଗୀୟ ବସ୍ତିରେ ରହୁଥିବା ବିଧାନ ବିଶ୍ୱାସ(୬୦) ଏବଂ ପୁଅ ଉତ୍ତମ ବିଶ୍ୱାସ(୩୫)। ଅନ୍ୟପକ୍ଷେ ଠିକ୍ ଏହି ସମୟରେ ଉତ୍ତମଙ୍କ ସ୍ତ୍ରୀ ବାଲୁଗାଁ ଡାକ୍ତରଖାନାରେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ଶିଶୁ କନ୍ୟାଟି ଆଖି ଖୋଲିବା ପୂର୍ବରୁ ବାପାଙ୍କୁ ହରାଇବା ଘଟଣା, ଯାହାକି ସ୍ଥାନୀୟ ଅଞ୍ଚଳବାସୀ ଏବଂ ମତ୍ସ୍ୟଜୀବୀ ମହଲରେ ଶୋକର ଛାୟା ଖେଳାଇଦେଇଛି। ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ ଶିଖର ପଞ୍ଚାୟତ ଅନ୍ତର୍ଗତ ଅଙ୍ଗେଶ୍ୱରପଡା (ମଠକୂଳ) ଗ୍ରାମର ରାଜକିଶୋର କାଣ୍ଡି(୫୫) ଓ ତାଙ୍କ ପୁଅ ଆଶୁତୋଷ(୧୫)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ରାଜକିଶୋର ରବିବାର ମଜୁରି ପାଇଁ କାକଟପୁର ଅଞ୍ଚଳକୁ ଯାଇଥିଲେ। ବାପାଙ୍କୁ ଆଣିବା ପାଇଁ ପୁଅ ଯାଇ ବାଇକ୍‌ରେ ଉଭୟ ଫେରୁଥିବାବେଳେ କାକଟପୁର ବ୍ଲକ ସୁନନ୍ଦା ନିକଟରେ ବଜ୍ରପାତ ହେବାରୁ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ନାଉଗାଁ ଥାନାରେ ମାମଲା (ନଂ.୪/୨୩)ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ସଂଘମିତ୍ରା ନାୟକ କହିଛନ୍ତି।

ପୁରୀ ଜିଲା ପିପିଲି ବ୍ଲକ ଦାଣ୍ଡମକୁନ୍ଦପୁର ବାହାବଜାର ଗ୍ରାମର ବୁଧି ବେହେରା(୫୪) ସୋମବାର ଘରେ ଏକାକୀ ଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ପରିବାର ଲୋକ ପିପିଲି ମେଡିକାଲ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ବୁଧିଙ୍କ ପୁଅ ପିପିଲି ଥାନାରେ ଅଭିଯୋଗ କରିଛନ୍ତି।

## ଭୁଶୁଡ଼ିଲା କଲଭର୍ଟ...

ପ୍ରଥମ ପୃଷ୍ଠାରୁ...

ଦୁଇ ପୁଅଙ୍କ ମୃତ୍ୟୁ ପରେ ମା' ଦିପାଇ ମିଣିଆକା ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣା ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ଅପରପକ୍ଷରେ ଏକାଧିକ ଠିକାଦାରଙ୍କ ଦ୍ୱାରା ତଥା ନିମ୍ନମାନର କାର୍ଯ୍ୟ ଯୋଗୁ ଏଭଳି ଘଟଣା ଘଟିଲା ବୋଲି ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଘଟଣାରେ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଲେଖାଏଁ ସହାୟତା ରାଶି ଘୋଷଣା କରିଛନ୍ତି।

ସୋମବାର ସକାଳେ ୮ଜଣ ଗାଁ ନିକଟସ୍ଥ ନାଳରେ ଗାଧୋଇବା ସମୟରେ ଲଗାଣ ବର୍ଷା ଯୋଗୁ ନାଳରେ ନିର୍ମାଣାଧୀନ କଲଭର୍ଟର ଛାତ ଖସିପଡ଼ିଥିଲା। ଫଳରେ ବ୍ରିଜ୍ ତଳେ ଚାପି ହୋଇ ୫ଜଣଙ୍କ ମୃତ୍ୟୁ ହୋଇଥିବାବେଳେ ନାଳର ଅପରପାର୍ଶ୍ୱରେ ଗାଧୋଉଥିବା ୩ ଜଣ ବର୍ତ୍ତି ଯାଇଥିଲେ। ଅନ୍ୟପକ୍ଷେ ନିମ୍ନମାନର କାମ ଯୋଗୁ ଏଭଳି ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପରେ କଲ୍ୟାଣସିଂହପୁର ବିଡିଓ ସୁନୀଲ ଖରା, ଅଗ୍ନିଶମ ବିଭାଗ କର୍ମଚାରୀ, ଏସ୍‌ପି ବିବେକାନନ୍ଦ ଶର୍ମା, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବିଏସକେୱାଇ ଉପଦେଷ୍ଟା ସୁଧୀର ଦାସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହ ଉତ୍ତ୍ୟକ୍ତ ଜନତାଙ୍କୁ ବୁଝାଶୁଝା କରିଥିଲେ। ଘଟଣାସ୍ଥଳରେ ଡାକ୍ତରୀ ଟିମ୍ ପହଞ୍ଚି ୫ଜଣ ମୃତକଙ୍କ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡ଼ିଛି।

କଲଭର୍ଟଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମାଣ ଚାଲିଛି। ଆରଡି ରାସ୍ତା କଲଭର୍ଟ ସହିତ ୫.୧୫ କିମି ଦୂରତାର ହୋଇଥିବା ବେଳେ ୨୦୨୧ ଫେବୃୟାରୀ ୧୯ରେ ଏହା ଆରମ୍ଭ ହୋଇଥିଲା। ୨୭୪.୧୮ ଲକ୍ଷଟଙ୍କା ବ୍ୟୟ ଅଟକଳରେ ଚାଲିଥିବା ଏହି ରାସ୍ତାକାମ ୨୦୨୨ ନଭେମ୍ବର ୧୮ତାରିଖରେ ଶେଷ ପାଇଁ ଧାର୍ଯ୍ୟ ହୋଇଥିଲା। ହେଲେ ଏଯାବତ କାର୍ଯ୍ୟ ଶେଷ ହୋଇନାହିଁ। କଲଭର୍ଟ ନିର୍ମାଣ କାମ ଅତି ନିମ୍ନମାନର ହୋଇଥିବାରୁ ଏଭଳି ଅଘଟଣ ଘଟିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ ବରଂ ନିମ୍ନମାନର କାମ କରାଯାଉଛି। ଅନ୍ୟପକ୍ଷେ ସିକରପାଇ ଗ୍ରାମର ଠିକାଦାର ବୁଗଡ଼ା ଜ୍ୟୋତିଙ୍କ ନାମରେ ରାସ୍ତାକାମ ଆସିଥିବାବେଳେ ତାଙ୍କ ଦିଅର ଈଶ୍ୱର ଚେଟ୍ଟି ରାୟଗଡ଼ାର ଅନ୍ୟ ଜଣେ ଠିକାଦାରଙ୍କୁ ସବ୍ କଣ୍ଟ୍ରାକ୍ଟ ଦେଇଛନ୍ତି। ସେହିପରି ଉକ୍ତ ଠିକାଦାର ଜଣକ କାମ ନ କରି ଅନ୍ୟ ଜଣେ ଠିକାଦାରଙ୍କୁ ସବ କଣ୍ଟ୍ରାକ୍ଟ ଦେଇଛନ୍ତି। ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଏବଂ କନିଷ୍ଠ ଯନ୍ତ୍ରୀ କେଉଁ ଆଧାରରେ ଏହିଭଳି କାର୍ଯ୍ୟକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ପ୍ରଶ୍ନ ଉଠୁଛି। ଅପରପକ୍ଷେ ଏହି ଘଟଣା ପରଠାରୁ ଠିକାଦାର ମୋବାଇଲ ବନ୍ଦ କରି ଫେରାର ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ବିଧାୟକ ମକରନ୍ଦ ମୁଦୁଲି ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକାରୀ ଓ ଯନ୍ତ୍ରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ବିଧାୟକ କହିଛନ୍ତି ଯେ, ରାୟଗଡ଼ା ଜିଲା ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ରାଜ୍ୟ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଥିଲେ ମଧ୍ୟ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଲୋକଙ୍କ ଉପରେ ଦାଉ ସାଧୁଛି। କାମ କେବଳ କାଗଜ କଲମରେ ସୀମିତ ରହିଯାଉଛି। ତେବେ ଏନେଇ ଘଟଣାସ୍ଥଳରେ ଉପସ୍ଥିତ ମନ୍ତ୍ରୀ ଜଗନ୍ନାଥ ସାରକାଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯାଇ ଉଭୟ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ତେବେ ଖୋଦ କ୍ୟାବିନେଟ ମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀରେ ଯଦି ଏହିଭଳି ଦୁର୍ନୀତି ଚାଲିଛି ତାହା ହେଲେ ଜିଲାର ଅନ୍ୟ ଅଞ୍ଚଳରେ କିଭଳି ବିକାଶ ହୋଇଥିବ ତାହା ସହଜେ ଅନୁମେୟ। ରାୟଗଡ଼ା ବ୍ଲକ ହାଟଶେଷଖାଲ ପଞ୍ଚାୟତର ଖିଲମିସଗୁଡ଼ା ଠାରେ ମଧ ନାଗାବଳୀ ନଦୀ ଉପରେ ଦୀର୍ଘ ବର୍ଷ ଧରି ପୋଲ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଠିକାଦାରମାନେ କାର୍ଯ୍ୟ ଶେଷ କରୁନାହାନ୍ତି। ତେଣୁ ଗ୍ରାମ୍ୟ ଉନ୍ନୟନ ବିଭାଗରେ ହେଉଥିବା ଦୁର୍ନୀତି ବିରୋଧରେ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।

## ଚଳନ୍ତା ଟ୍ରେନ୍‌ରେ...

ହୋଇଥିବାବେଳେ ଚେତନ ଉତ୍ତରପ୍ରଦେଶ ହାଥ୍ରାସ ବାସିନ୍ଦା। ସେମାନଙ୍କ ସହ ଥିବା ଅନ୍ୟ ୨ ଜଣ ଆର୍‌ପିଏଫ୍ ଯବାନଙ୍କ ବୟାନ ପୋଲିସ ରେକର୍ଡ କରିଛି। ଆର୍‌ପିଏଫ୍ (ୱେଷ୍ଟର୍ନ ରେଲୱେ)ର ଆଇଜି ପ୍ରବୀଣ ସିହ୍ନା କହିଛନ୍ତି, ଚେତନଙ୍କ ସହ ଟିକାରାମଙ୍କର କୌଣସି ବଚସା ହୋଇ ନ ଥିଲା। ତେବେ ଚେତନ ଜଣେ ବଦରାଗୀ। ସେ ହଠାତ୍ ଉତ୍ତେଜିତ ହୋଇ ବରିଷ୍ଠ ଅଫିସରଙ୍କୁ ଗୁଳି ଚଳାଇବା ପରେ ପାଖରେ ଯାହାକୁ ଦେଖିଥିଲେ ଗୁଳି କରିଥିଲେ ବୋଲି ଆଇଜି କହିଛନ୍ତି। ମୃତ ଯାତ୍ରୀଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ଚେତନଙ୍କୁ ଅଟକ ରଖାଯିବା ସହ ତାଙ୍କ ରାଇଫଲକୁ ଜବତ କରାଯାଇଛି। ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉଥିବା ୱେଷ୍ଟର୍ନ ରେଲ୍‌ୱେ ପକ୍ଷରୁ କୁହାଯାଇଛି।

## ଓସିଏସ୍ ୨୦୨୧...

ଜଣେ ଦିବ୍ୟାଙ୍ଗ ପ୍ରାର୍ଥୀ ସତୀଶ କୁମାର ପାଣିଗ୍ରାହୀଙ୍କ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ଏହି ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟ ଅଙ୍କୁଶ ହଟାଇବା ପରେ ସୋମବାର ଫଳ ପ୍ରକାଶ ପାଇଛି। ଓସିଏସ୍ ପରୀକ୍ଷା ୩ ପର୍ଯ୍ୟାୟ (ପ୍ରିଲିମିନାରି ପରୀକ୍ଷା, ମୁଖ୍ୟ ପରୀକ୍ଷା ଏବଂ ସାକ୍ଷାତ୍କାର)ରେ ଅନୁଷ୍ଠିତ ହୁଏ। ଓପିଏସସି ପରୀକ୍ଷା ପାଇଁ ୫୮,୨୪୧ (୨୦,୯୩୦ ଜଣ ମହିଳା) ପ୍ରାର୍ଥୀ ଆବେଦନ କରିଥିଲେ। ୧୬।୧୦।୨୦୨୨ରେ ୨୯,୨୯୫ (୧୦,୨୮୪ ଜଣ ମହିଳା) ପ୍ରାର୍ଥୀଙ୍କୁ ନେଇ ପ୍ରିଲିମିନାରି ପରୀକ୍ଷା ହୋଇଥିଲା। ୨୧।୦୨।୨୦୨୩ରୁ ୧୮।୦୩।୨୦୨୩ରେ ଅନୁଷ୍ଠିତ ହୋଇଥିବା ମୁଖ୍ୟ ପରୀକ୍ଷାରେ ୪,୪୩୦ (୧୫୩୯ ଜଣ ମହିଳା) ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରୁ ୮୬୧ (୩୧୩ ମହିଳା) ପ୍ରାର୍ଥୀଙ୍କୁ ସାକ୍ଷାତ୍କାର ପାଇଁ କଟକ ସ୍ଥିତ ଓପିଏସ୍‌ସି କାର୍ଯ୍ୟାଳୟକୁ ୧୫।୦୭।୨୦୨୩ରୁ ୨୫।୦୭।୨୦୨୩ ମଧ୍ୟରେ ଡକାଯାଇଥିଲା। ତେବେ ଏହି ବର୍ଷର ଓସିଏସ୍ ପରୀକ୍ଷାଫଳ ପ୍ରିଲିମିନାରି ପରୀକ୍ଷା ତାରିଖଠାରୁ ସାଢ଼େ ୯ ମାସରେ ପ୍ରକାଶ ପାଇଛି, ଯାହାକି ସର୍ବକାଳୀନ ରେକର୍ଡ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି।

## ଟାଙ୍ଗରପଡ଼ାର ପୁଅ ଓଏଏସ୍ ଟପ୍ପର | 'ବୃତ୍ତିରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବି'

**ପାଟଣା,୩୧।୭(ବୀର କିଶୋର ଦାଶ)**

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍)ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତ ଟାଙ୍ଗରପଡ଼ା ଗ୍ରାମର ସୁଦେବ କୁମାର ପୃଷ୍ଟି ରାଜ୍ୟରେ ଟପ୍ପର ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହି ସଫଳତା ପରେ ପାଟଣା ଓ ଟାଙ୍ଗରପଡ଼ା ଅଞ୍ଚଳରେ ଖୁସିର ଲହରି ପ୍ରକାଶ ପାଇଛି। ବିଭିନ୍ନ ଆଡୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ପ୍ରଶାସନିକ ପଦପଦବୀରେ ଯୋଗଦେଲେ ବୃତ୍ତିରେ ସ୍ୱଚ୍ଛତାକୁ ଗୁରୁତ୍ୱ ଦେବା ସହ ଗରିବଙ୍କ ସେବା କ୍ଷେତ୍ରରେ ନିଜକୁ ନିୟୋଜିତ କରିବେ ବୋଲି ସେ କହିଛନ୍ତି।

ଟାଙ୍ଗରପଡ଼ାର ଏକ ନିମ୍ନମଧ୍ୟବିତ୍ତ ଅଭାବୀ ପରିବାରରେ ୧୯୮୫ ଜୁନ ୪ରେ ସୁଦେବଙ୍କ ଜନ୍ମ। ସେ ଭିକାରୀ ଚରଣ ପୃଷ୍ଟି ଓ ସାବିତ୍ରୀ ପୃଷ୍ଟିଙ୍କ ସାନପୁଅ ହୋଇଥିବା ବେଳେ ପିଲାଟି ବେଳରୁ ମେଧାବୀ ଥିଲେ। ଟାଙ୍ଗରପଡ଼ା ଉଚ୍ଚ ବିଦ୍ୟାଳୟରୁ ୨୦୦୧ରେ ମାଟ୍ରିକ ପରୀକ୍ଷାରେ ଶତକଡ଼ା ୯୦ ପ୍ରତିଶତ ନମ୍ବର ରଖି ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। କେନ୍ଦୁଝର ଧରଣୀଧର ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନରେ ଅଧ୍ୟୟନ କରି ଶତକଡ଼ା ୬୭ ପ୍ରତିଶତ ନମ୍ବର ରଖି ପାସ୍ ହୋଇଥିଲେ। ପରେ ଭାରତୀୟ ବାୟୁସେନାରେ ଯୋଗ ଦେଇଥିଲେ। ଚାକିରି ସମୟରେ ସେ ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱବିଦ୍ୟାଳୟରୁ ଯୁକ୍ତ ୩ କଳାରେ ଉତ୍ତୀର୍ଣ୍ଣ ହୋଇଥିଲେ। ବର୍ତ୍ତମାନ ସୁଦେବ ଗୁଆହାଟୀ ତେଜପର ଏୟାରଫୋର୍ସରେ(ଜାହାଜ) ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଛନ୍ତି। ଆଉ ୨ ବର୍ଷ ତାଙ୍କର ଚାକିରି ଥିଲେ ବି ସେ ସ୍ୱେଚ୍ଛାକୃତ ଅବସର ଗ୍ରହଣ କରି ଓଡ଼ିଶା ପ୍ରଶାସନିକ ସେବାରେ ଯୋଗଦେବେ ବୋଲି କହିଛନ୍ତି। ତେବେ ଟପ୍ପର ହେବା ପଛରେ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ସହ ମା', ବାପା, ସ୍ତ୍ରୀ ଓ ସାଙ୍ଗସାଥୀଙ୍କ ପ୍ରେରଣା ରହିଛି ବୋଲି କହିଛନ୍ତି।

## 'ସୁଯୋଗ ମିଳିଲେ କନ୍ଧମାଳରେ ଶିକ୍ଷାର ଉନ୍ନତି କରିବି'

**ଫୁଲବାଣୀ/ଟିକାବାଲି, ୩୧।୭ (ରାକେଶ କୁମାର ରାଉତ/ଗଗନ ବିହାରୀ ପଟ୍ଟନାୟକ)**

### ଶୁଚିସ୍ମିତାଙ୍କୁ ୨ ନଂ ର୍‍ୟାଙ୍କ

କନ୍ଧମାଳ ଜିଲା ଟିକାବାଲି ବ୍ଲକର ଶୁଚିସ୍ମିତା ପାଣିଗ୍ରାହୀ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୨ନଂ ର୍‍ୟାଙ୍କରେ ରହିଛନ୍ତି। ଟିକାବାଲିସ୍ଥିତ ଆଖଣ୍ଡଳମଣି ସାହିର ପ୍ରଫୁଲ୍ଲ ଚନ୍ଦ୍ର ପାଣିଗ୍ରାହୀଙ୍କ ଝିଅ ଶୁଚିସ୍ମିତା ଓଡିଶା ଶିକ୍ଷା ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ୟୁନିଟ ୨ଭୁବନେଶ୍ୱରରେ କାର୍ଯ୍ୟ କରୁଥିଲେ । ଟିକାବାଲି ସରସ୍ୱତୀ ଶିଶୁ ମନ୍ଦିରରୁ ଶିକ୍ଷା ଆରମ୍ଭ କରି ଜଣେ ମେଧାବୀ ଛାତ୍ରୀ ଭାବେ ନିଜ ପରିଚୟ ସୃଷ୍ଟି କରିଥିଲେ । ୨୦୦୭ରେ ଫୁଲବାଣୀ ତୁଡ଼ିପାଜୁ ନବୋଦୟ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେବା ପରେ ଭୁବନେଶ୍ୱରରେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ବିଏସ୍‌ସି ପଢ଼ିଥିଲେ। ଏହାପରେ ପିଜି କରିଥିଲେ । ମା' ସୁପ୍ରଭା ପାତ୍ର ଜଣେ ଶିକ୍ଷୟିତ୍ରୀ । ପଢ଼ିବାରେ ସେ ଅନେକ ପ୍ରେରଣା ଏବଂ ଉତ୍ସାହ ଦେଇଥିବା ଶୁଚିସ୍ମିତା କହିଛନ୍ତି। ସୁଯୋଗ ମିଳିଲେ କନ୍ଧମାଳ ଜିଲାରେ ବିଶେଷ କରି ଶିକ୍ଷାର ଉନ୍ନତି ଦିଗରେ ଦୃଷ୍ଟି ଦେବି ବୋଲି କହିଛନ୍ତି।

## ୨୦୮ ତମ ସ୍ଥାନରେ ବିପୁଳ

**ଭୁବନ, ୩୧।୭ (ବିପିନ ବିହାରୀ ସେଠୀ)**



ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାରେ ୨୦୮ତମ ର୍‍ୟାଙ୍କରେ ଅଛନ୍ତି ଢେଙ୍କାନାଳ ଜିଲା ଭୁବନ ବ୍ଲକ ବାରୁଆ (ଖ) ଗ୍ରାମର ବିପୁଳ ସୁନ୍ଦର ସାହୁ। ବାରୁଆ ପଞ୍ଚାୟତର ସରପଞ୍ଚ ଥିବା ବୀଣାପାଣି ସାହୁ ଓ ପୋଲିସ ସବ୍‌ଇନ୍ସପେକ୍ଟର ଚାକିରିରୁ ସ୍ୱେଚ୍ଛାକୃତ ଅବସର ନେଇଥିବା ବିନୟ କୁମାର ସାହୁଙ୍କ ପୁତ୍ର ହେଉଛନ୍ତି ବିପୁଳ। ସେ ରାଉରକେଲା ସରସ୍ୱତୀ ଶିଶୁ ମନ୍ଦିରରୁ ମାଟ୍ରିକ ପାସ୍ କରିବା ପରେ ଭୁବନେଶ୍ୱର କିଟ୍ ବିଜ୍ଞାନ କଲେଜରେ ଯୁକ୍ତ ୨ ଓ ଭୁବନେଶ୍ୱର ସିନର୍ଜୀ କଲେଜରେ ଇଞ୍ଜିନିୟରିଂ କରିଥିଲେ। ସେ ନିଜର ସଫଳତା ପାଇଁ ମା' ବାପାଙ୍କୁ ଶ୍ରେୟ ଦେଇଛନ୍ତି। ଜଣେ ଦକ୍ଷ ପ୍ରଶାସକ ଭାବେ ପ୍ରତିଷ୍ଠିତ ହେବା ସହିତ ଅସହାୟ ଗରିବ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିବେ ବୋଲି ବିପୁଳ କହିଛନ୍ତି।

## ୧୧୮ତମ ସ୍ଥାନରେ ଦେବାଶିଷ

**ଭୁବନେଶ୍ୱର,୩୧।୭(ଅନିଲ ଦାସ)**



ଦେବାଶିଷ ଆଚାର୍ଯ୍ୟ ସୋମବାର ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି)ଦ୍ୱାରା ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସେ ୧୧୮ ତମ ର୍‍ୟାଙ୍କ ପାଇଛନ୍ତି। ଦେବାଶିଷ ୨୦୧୨ରେ ମାଟ୍ରିକ୍‌ରେ ଟପ୍-୧୦୦ରେ ସଫଳତା ପାଇଥିଲେ। ବିଜେବି କଲେଜରୁ ଯୁକ୍ତ ୨ ବିଜ୍ଞାନରେ କୃତକାର୍ଯ୍ୟ ହେବା ପରେ ସେ ଏନ୍‌ଆଇଟି ରାଉରକେଲାରେ କେମିକାଲ ଇଂଜିନିୟରିଂ ଡିଗ୍ରୀ ହସଲ କରିଛନ୍ତି। ଏହାପୂର୍ବରୁ ସେ ଆଇଏମ୍‌ଏମ୍‌ଟି ଭୁବନେଶ୍ୱରରେ କାର୍ଯ୍ୟ କରିଥିଲେ। ସେ ଧରିତ୍ରୀରେ କାର୍ଯ୍ୟରତ ବରିଷ୍ଠ ପ୍ରୁଫରିଡର ଭବାନୀ ଶଙ୍କର ଆଚାର୍ଯ୍ୟଙ୍କ ବଡପୁଅ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ମଙ୍ଗଳ ଓ ବୁଧଙ୍କ ସଂଯୋଗ ସ୍ୱାସ୍ଥ୍ୟହାନି ସାଙ୍ଗକୁ ଅର୍ଥ ସମ୍ପର୍କିତ ବିବାଦର ସୂତ୍ରପାତ କରାଇପାରେ। ପାପଗ୍ରହ ମଧ୍ୟସ୍ଥ ଚନ୍ଦ୍ର ମନରେ ଅସ୍ଥିରତା ସୃଷ୍ଟିକଲେ ମଧ କାମ ଅଟକିରହିବ ନାହିଁ। କର୍ମକ୍ଷେତ୍ରରେ କୂଟନୀତି ବଳରେ କାର୍ଯ୍ୟ ସାଧନକରି ପ୍ରଶଂସିତ ହେବେ। ପାରିବାରିକ ସ୍ଥିତି ଭଲ ରହିବ। କୌଣସି ବ୍ୟକ୍ତି ମିଥ୍ୟାଭିଯୋଗ ଆଣିପାରନ୍ତି।

**ବୃଷ** ଆଜି ରାଶିଚକ୍ରର ଚତୁର୍ଥ କେନ୍ଦ୍ରର ଶୁଭତ୍ୱ ଏକାଧାରରେ ଅର୍ଥ, ସମ୍ମାନ, ଯାନବାହନାଦି ପ୍ରାପ୍ତ କରାଇପାରେ। କିନ୍ତୁ ମୃଗଶିରା ନକ୍ଷତ୍ର ପ୍ରତି ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ ନିନ୍ଦା ଶୁଣିପାରନ୍ତି। ନିଜ ଲୋକଙ୍କଠାରୁ ମଧ ଆସ୍ଥା ହରାଇପାରନ୍ତି। କର୍ମଜଞ୍ଜାଳ ହେତୁ ଘରକାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିବ।

**ମିଥୁନ** ଭାଗ୍ୟସ୍ଥାନ ପ୍ରତି ଏକାଧିକ ଗ୍ରହଙ୍କ ଦୃଷ୍ଟି ସୌଭାଗ୍ୟଦାୟକ ହେଲେ ମଧ ଶନିଦୃଷ୍ଟିରୁ ପ୍ରତିବନ୍ଧକ ସୃଷ୍ଟି ହୋଇପାରେ। ସାମାଜିକ ସ୍ତରରେ ତଥା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ବ୍ୟବସାୟରେ ଆଖିଦୃଶିଆ ସଫଳତା ହାସଲ କରିପାରିବେ ନାହିଁ। ଘରର ଅଭାବ ଅସୁବିଧା ନେଇ ଦୁଃଖିତ ରହିପାରନ୍ତି।

**କର୍କଟ** ଶନିକ୍ଷେତ୍ରସ୍ଥ ଚନ୍ଦ୍ରଜନିତ ପାରିବାରିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ କେହି ନିଜଲୋକ ଜଣେ ହଇରାଣରେ ପକାଇବାକୁ ଚେଷ୍ଟା କରିବେ। ଘର କଥାନେଇ ସ୍ତ୍ରୀ/ସ୍ୱାମୀଙ୍କ ସହ ଆଲୋଚନା କରିବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ** ବ୍ୟୟସ୍ଥାନରେ ରବି ହେତୁ ପ୍ରତ୍ୟେକ କ୍ଷେତ୍ରରେ ନକାରାତ୍ମକ ଚିନ୍ତାଧାରା ମନକୁ ବିବ୍ରତ କରିପାରିବେ ନାହିଁ। ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବାପାଇଁ ବାଧ୍ୟ ହେବେ। ପାରିବାରିକ କ୍ଷେତ୍ରରେ ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ।

**କନ୍ୟା** କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ମଙ୍ଗଳଙ୍କ ଦୁର୍ବଳତାଜନିତ ବନ୍ଧୁମାନଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଭଲ ସମ୍ପର୍କ ନ ଥିବା ପଡ଼ୋଶୀ ପଛରେ ନାନାଦି କଥା କହିବେ। ସ୍ୱାସ୍ଥ୍ୟରେ ସାମାନ୍ୟ ବ୍ୟତିକ୍ରମ ଦେଖାଦେଇପାରେ।

**ତୁଳା** କେତୁ ପ୍ରଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆଜି ଦିନ ଭିତରେ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। ରାଜନୈତିକ କ୍ଷେତ୍ରରେ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ।

**ବିଛା** ଶନିଙ୍କ ଶୁଭତ୍ୱରୁ ସାଙ୍ଗଠନିକ କାର୍ଯ୍ୟରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ଇଚ୍ଛା ନ ଥିଲେ ମଧ ବହୁ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ସାମାଜିକ ସ୍ତରରେ ଲୋକ ସମ୍ପର୍କ ବୃଦ୍ଧି ପାଇବ। ବେକାର କଥାରେ ମନଦେଇ ଟେନ୍‌ସନକୁ ନିମନ୍ତ୍ରଣ କରିବେ।

**ଧନୁ** ବନ୍ଧୁମାନଙ୍କ ସାହାଯ୍ୟରେ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ବ୍ୟବସାୟିକ ସ୍ତରରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ଚନ୍ଦ୍ର ଧନ ସ୍ଥାନସ୍ଥ ହେତୁ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ନିକଟ ସମ୍ପର୍କୀୟମାନଙ୍କ ସହ ଶେଷ ସମୟରେ ଅର୍ଥ ସମ୍ପର୍କିତ ଟଣାଓଟରା ଲାଗିପାରେ।

**ମକର** କୌଣସି ଅଭାବ ନ ଥାଇ ମଧ ମନଟା ଭଲ ଲାଗିବ ନାହିଁ। ନିଜର ସ୍ୱାର୍ଥ ସାଧନ ପରିପ୍ରେକ୍ଷୀରେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ରବି ସପ୍ତମସ୍ଥ ଯୋଗୁ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ, କିନ୍ତୁ କଳା, ସାହିତ୍ୟ କ୍ଷେତ୍ରରେ ବେଶ୍ ଆଦୃତ ହେବେ।

**କୁମ୍ଭ** ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମ ଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଏକାଧିକ ଗ୍ରହ ସପ୍ତମସ୍ଥ ହେତୁ ଆକସ୍ମିକ ଭାବରେ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରକ୍ଷା କରିବାରେ ସମର୍ଥ ହେବେ। ନିଜ ଲୋକମାନଙ୍କଠାରୁ ସ୍ନେହ, ଶ୍ରଦ୍ଧା ହରାଇବେ।

**ମୀନ** ବୁଧ ଷଷ୍ଠରେ ଥିବାରୁ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ବନ୍ଧୁଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ସବୁ ଠିକ୍ ଠିକ୍ ହୋଇଯିବ। ଚେଷ୍ଟା କରୁଥିବା କାମରେ ଆଂଶିକ ସଫଳତା ପାଇବେ।

ଆଜି ଶ୍ରାବଣ(ମଳ) ପୂର୍ଣ୍ଣମୀ ମଙ୍ଗଳବାର, ପୂର୍ଣ୍ଣିମାବିହିତ ଚନ୍ଦ୍ରୋପବାସ, ଅଗଷ୍ଟ ୧ ତାରିଖ, ଲୋକମାନ୍ୟ ତିଳକଙ୍କ ତିରୋଧାନ ଦିବସ, ବିଶ୍ୱ ସ୍ତନ୍ୟପାନ ସପ୍ତାହ ଆରମ୍ଭ । ରାଶି ନକ୍ଷତ୍ର-ଉତ୍ତରାଷାଢ଼ା/ ଧନୁ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୮।୩୯ ଗତେ ଘ.୧୦।୪୫ ମଧ୍ୟେ, ଘ.୦୧।୧୦ ଗତେ, ଘ. ୦୧।୨୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୩।୦୬ ଗତେ, ଘ.୦୪।୪୩ ମଧ୍ୟେ ରାହୁକାଳ।

# 'ସ୍ତ୍ରୀଙ୍କ ସହଯୋଗ ବିନା ଏହା ସମ୍ଭବ ନ ଥିଲା'


ସୁଦେବ କୁମାର ପୃଷ୍ଟି

**ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଟାଙ୍ଗରପଡ଼ାର ସୁଦେବ କୁମାର ପୃଷ୍ଟି ରାଜ୍ୟରେ ଟପ୍ପର ହୋଇଛନ୍ତି। ବର୍ତ୍ତମାନ ସେ ଭାରତୀୟ ବାୟୁ ସେନାରେ ଜାହାଜ ଟେକ୍ନିସିଆନ ଭାବେ କାର୍ଯ୍ୟରତ। ଚାକିରି ଜୀବନ ସହ ଓଡ଼ିଶା ପ୍ରଶାସନିକ ସେବା ପାଇଁ ପାଠ ପଢ଼ି ସଫଳତା ପାଇପାରିଛନ୍ତି। ତାଙ୍କର ଏହି ସଫଳତା ସମ୍ପର୍କରେ ସେ ଯାହା କୁହନ୍ତି...**

**ସାକ୍ଷାତକାର- ବୀରକିଶୋର ଦାଶ, ପାଟଣା**

**ପ୍ରଶ୍ନ–ଆପଣ ରାଜ୍ୟରେ ପ୍ରକାଶିତ ଓଏଏସ ପରୀକ୍ଷାରେ ଟପ୍ପର ହୋଇଛନ୍ତି, କ'ଣ କହିବେ?**

ଉତ୍ତର–ମୁଁ କେବେ ଟପ୍ପର ହେବି ବୋଲି ସ୍ୱପ୍ନରେ ବି ଭାବି ନ ଥିଲି। ଏହା ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଙ୍କ କୃପା ବୋଲି ମୁଁ ଭାବୁଛି।

**ପ୍ରଶ୍ନ–ଏୟାରଫୋର୍ସରେ ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଚାକିରି କରି କିଭଳି ପ୍ରସ୍ତୁତି କରୁଥିଲେ?**

ଉତ୍ତର–ଏୟାରଫୋର୍ସର ଗୁଆହାଟୀ ତେଜପୁର ଏୟାରଫୋର୍ସରେ ମୁଁ ବର୍ତ୍ତମାନ ଜାହାଜ ଟେକ୍ନିସିଆନ ଭାବେ କାର୍ଯ୍ୟ କରୁଛି। ଏ ପଦବୀରେ ଥାଇ ସମୟ ବାହାର କରି ପାଠ ପଢ଼ିବା ମୋ ପାଇଁ ଅନେକ ଚ୍ୟାଲେଞ୍ଜ ଥିଲା।

**ପ୍ରଶ୍ନ–ସଫଳତାର ଶ୍ରେୟ କାହାକୁ ଦେବେ?**

ଉତ୍ତର–ମା', ବାପା, ସ୍ତ୍ରୀ ଓ ସାଙ୍ଗଙ୍କ ପ୍ରେରଣା ମୋତେ ଆଜି ଏଠାରେ ପହଞ୍ଚାଇଛି। ମୋ ସ୍ତ୍ରୀ ମୋତେ ସହଯୋଗ ନ କରିଥିଲେ ମୁଁ ପାଠ ପଢ଼ିପାରି ନ ଥାନ୍ତି। ତାଙ୍କ ସହଯୋଗ ବିନା ଏ ସଫଳତା ସମ୍ଭବ ନ ଥିଲା।

**ପ୍ରଶ୍ନ–ଆପଣ ଏଥିପାଇଁ କୌଣସି କୋଚିଂ ନେଉଥିଲେ କି?**

ଉତ୍ତର–ନା ଏଥିପାଇଁ ମୁଁ ବିଧିବଦ୍ଧ ଭାବେ କୌଣସି କୋଚିଂ ନେଇନାହିଁ। ତେବେ ଭୁବନେଶ୍ୱରର ଏକ କୋଚିଂ ସେଣ୍ଟରର ଅଶୋକ ପଣ୍ଡା ଓ ଦୀପକ ସ୍ୱାଇଁ ସାର୍‌ଙ୍କ ଗାଇଡ୍‌ରେ ପାଠ ପଢୁଥିଲି।

**ପ୍ରଶ୍ନ–ବର୍ତ୍ତମାନର ଛାତ୍ର ଓ ଯୁବପିଢ଼ିଙ୍କୁ କ'ଣ କହିବେ?**

ଉତ୍ତର–ସବୁ ସଫଳତା ପଛରେ କଠିନ ପରିଶ୍ରମ ଦରକାର। ବର୍ତ୍ତମାନ ଯୁବପିଢ଼ି ମୋବାଇଲମନସ୍କ ନ ହୋଇ ପଠନମନସ୍କ ହେବା ଦରକାର। ଏଥିପ୍ରତି ମା' ବାପା ଗୁରୁତ୍ୱ ଦେବା ଆବଶ୍ୟକ।

**ପ୍ରଶ୍ନ– ଚାକିରିରେ ଯୋଗଦେଲେ କେଉଁ ଦିଗ ପ୍ରତି ପ୍ରାଥମିକତା ଦେବେ?**

ଉତ୍ତର– ଏୟାରଫୋର୍ସରେ ମୋର ଆଉ ୨ ବର୍ଷ ଚାକିରି। ଏହା ଏକ ଶୃଙ୍ଖଳିତ କାର୍ଯ୍ୟ। ଏଣୁ ମୁଁ ଭିଆରଏସ୍ ନେଇ ଓଡ଼ିଶା ପ୍ରଶାସନିକ ସେବା ଚାକିରିରେ ଯୋଗଦେବି। ପିଲାବେଳୁ ମୁଁ ଓ ଆମ ପରିବାର ଅଭାବରେ ଗତି କରିଛୁ। ଏଣୁ ଦୂରଦୂରାନ୍ତରୁ ଆସୁଥିବା ଗରିବ ଲୋକଙ୍କ କାର୍ଯ୍ୟ କିଭଳି ଗୋଟିଏ ଦିନରେ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବି। ଏଥିସହ ବୃତ୍ତିରେ ସ୍ୱଚ୍ଛତା ଅବଲମ୍ବନ କରିବି।

**ପ୍ରଶ୍ନ–ବହୁ ଅଫିସରଙ୍କ ଘରେ ଭିଜିଲାନ୍ସ, ଇଡି ଚଢ଼ାଉ ହେଉଛି। ସେ ବିଷୟରେ କ'ଣ କହିବେ?**

ଉତ୍ତାର–ମଣିଷ ମଣିଷ ଭିତରେ ପାର୍ଥକ୍ୟ ରହିବ। ବହୁ ଭଲ ଅଫିସର ମଧ କାର୍ଯ୍ୟ କରୁଛନ୍ତି। କେତେକ ଭଲ ଲୋକଙ୍କ ପାଇଁ ସୃଷ୍ଟି ବଞ୍ଚିଛି। ମୁଁ ଦୁର୍ନୀତିକୁ ପ୍ରଶ୍ରୟ ଦେବି ନାହିଁ।

# ଓସିଏସ୍ ପରୀକ୍ଷା: ୧୪ ନମ୍ବରରେ ମଧୁସ୍ମିତା


ମଧୁସ୍ମିତା ସାମଲ

- ୨୦୧୮ରେ ବଡ଼ ଭଉଣୀ ପାଇଥିଲେ ଓଏଏସ୍
- ଆଗାମୀ ଲକ୍ଷ୍ୟ ଆଇଏଏସ କହିଲେ ମଧୁସ୍ମିତା

**ଦେବଗଡ଼,୩୧।୭(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ପୌରାଞ୍ଚଳ ପୁରୁଣାଗଡ଼ର ମଧୁସ୍ମିତା ସାମଲ ଓଡିଶା ପ୍ରଶାସନିକ ସେବା (ଓସିଏସ୍) ପାଇଛନ୍ତି। ୧୪ ନମ୍ବର ର୍‍ୟାଙ୍କ ରଖି ସେ ଜିଲା ପାଇଁ ସଫଳତା ଆଣିଛନ୍ତି। ପୋଲିସ ଏଏସ୍ଆଇ ଭବାନୀ ଶଙ୍କର ସାମଲ ଏବଂ ମୋହିନୀପୁର ସରକାରୀ ଉ.ପ୍ରା. ବିଦ୍ୟାଳୟର ଶିକ୍ଷୟିତ୍ରୀ ଶକୁନ୍ତଳା ପ୍ରଧାନଙ୍କ ସାନଝିଅ ମଧୁସ୍ମିତା କଠିନ ପରିଶ୍ରମ, ଶିକ୍ଷକ ତଥା ମାତା ପିତା, ଗୁରୁଜନଙ୍କ ଆଶୀର୍ବାଦ ଯୋଗୁ ଏହି ସଫଳତା ପାଇଥିବା କହିଛନ୍ତି। ଦେବଗଡ ସରସ୍ୱତୀ ବିଦ୍ୟାମନ୍ଦିରରେ ପ୍ରଥମରୁ ଅଷ୍ଟମ ଯାଏ ଶିକ୍ଷା ଲାଭ କରିଥିଲେ ମଧୁସ୍ମିତା। ଏହାପରେ ଦେବଗଡ଼ ଜବାହର ନବୋଦୟ ବିଦ୍ୟାଳୟରେ ୯ମ ଓ ୧୦ମ ପଢ଼ିଥିଲେ। ବରଗଡ଼ ବିକାଶରେ ଯୁକ୍ତ ୨, ଭିଏସ୍ଏସ୍ୟୁଟି ବୁର୍ଲାରେ ସିଭିଲ ଇଞ୍ଜିନିୟରିଂରେ ମାଷ୍ଟର ଡିଗ୍ରୀ ହାସଲ କରିଥିଲେ। ପ୍ରଥମ ପ୍ରୟାସରେ ହିଁ ସେ ଓଏଏସ୍ ପାଇଛନ୍ତି। ଆଗକୁ ଆଇଏଏସ ହେବା ପାଇଁ ତାଙ୍କର ଲକ୍ଷ୍ୟ ରହିଛି ବୋଲି ମଧୁସ୍ମିତା କହିଛନ୍ତି। ସୂଚନାଯୋଗ୍ୟ, ୨୦୧୮ ମସିହାରେ ମଧୁସ୍ମିତାଙ୍କ ବଡ ଭଉଣୀ ଲୋପାମୁଦ୍ରା ସାମଲ ୩୨ ନମ୍ବର ର୍‍ୟାଙ୍କ ରଖି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ।

# ୫୫ ର୍‍ୟାଙ୍କରେ ସୌରଭ ରଞ୍ଜନ


ସୌରଭ ରଞ୍ଜନ ପ୍ରଧାନ

**ରିଆମାଳ, ୩୧।୭ (ନିରଞ୍ଜନ ବେହେରା)**

ଓସିଏସ୍ ପରୀକ୍ଷାରେ ଦେବଗଡ ଜିଲା ରିଆମାଳ ବ୍ଲକ ଆଡସ ଗ୍ରାମର ସୌରଭ ରଞ୍ଜନ ପ୍ରଧାନ ୫୫ ନମ୍ବର ର୍‍ୟାଙ୍କ ରଖି କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କର ଏହି ସଫଳତାରେ ରିଆମାଳ ବ୍ଲକ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ତାଙ୍କର ପିତା ସ୍ୱର୍ଗତ ନରୋତ୍ତମ ପ୍ରଧାନ ଆଡସ ହାଇସ୍କୁଲରେ ଶିକ୍ଷକତା କରୁଥିଲେ। ଏକ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିଲା। ମାତା ପଙ୍କଜିନୀ ପ୍ରଧାନଙ୍କ ପ୍ରେରଣାରେ ସୌରଭ ନିଜର ପାଠପଢ଼ା ଧ୍ୟାନ ଦେଇ ଆଜି ସଫଳତା ହାସଲ କରିଛନ୍ତି। ମାତା, ଶିକ୍ଷକ ତଥା ଗୁରୁଜନଙ୍କ ଆଶୀର୍ବାଦ ଯୋଗୁଁ ସେ ଏହି ସଫଳତା ପାଇଥିବା କହିଛନ୍ତି। ସ୍ଥାନୀୟ ଆଡସ ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ସୌରଭ ପଞ୍ଚମ ଶ୍ରେଣୀ ପାସ୍ କଲା ପରେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିବାନନ୍ଦ ସେଣ୍ଟେନାରୀ ବାଳକ ବିଦ୍ୟାଳୟ, ଖଣ୍ଡଗିରି ଭୁବନେଶ୍ୱର ଏବଂ ଯୁକ୍ତ ୨ ବିଜ୍ଞାନ ରୟାଲ କଲେଜ ଭୁବନେଶ୍ୱରରେ ଶିକ୍ଷାଲାଭ କରିଥିଲେ। ପରେ ଓୟୁଏଟି ନୂଆପଡାଠାରେ ବିଏସ୍‌ସି ଏଗ୍ରିକଲ୍ଚର, ବନାରସ ହିନ୍ଦୁ ୟୁନିଭରସିଟିରେ ଏମ୍ଏସ୍‌ସି ଏଗ୍ରିକଲ୍ଚର କରିଥିଲେ। ସୌରଭ ଦ୍ୱିତୀୟ ପ୍ରୟାସରେ ଏହି ସଫଳତା ପାଇଛନ୍ତି।









# ୭୭ତମ ସ୍ୱାଧୀନତା ଦିବସ ପାଳନର ରୂପରେଖ ପ୍ରସ୍ତୁତି ନେଇ ବୈଠକ

**ସବୁ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ସଚିବଙ୍କ ନିର୍ଦ୍ଦେଶ**

- ମୁଖ୍ୟ ଅତିଥି ଭାବେ ଯୋଗଦେବେ ମୁଖ୍ୟମନ୍ତ୍ରୀ
- କେନ୍ଦ୍ର, ରାଜ୍ୟ ସରକାରଙ୍କ ସବୁ ସରକାରୀ କୋଠା ଆଲୋକୀକରଣ ହେବ
- ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ

**ଭୁବନେଶ୍ୱର, ୩୧।୭(ସୁନିତ୍ ମିଶ୍ର)**

ଚଳିତ ବର୍ଷ ୭୭ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ସୋମବାର ଅପରାହ୍ଣରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ–୨୦୨୩ ପାଳନର ରୂପରେଖ ସମ୍ପର୍କରେ ଏକ ପ୍ରସ୍ତୁତି ବୈଠକ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ଦିବସ ସମସ୍ତଙ୍କ ଭାବାବେଗ ଏବଂ ଗର୍ବର ପ୍ରତୀକ ହୋଇଥିବାରୁ ଉତ୍ସବ ଆୟୋଜନ ସମୟରେ ସମସ୍ତ ବିଷୟକୁ ଟିକିନିଖି ଭାବେ ଗୁରୁତ୍ୱ ଦେବାକୁ ପ୍ରମୁଖ ଶାସନ ସଚିବ ବୈଠକରେ ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ବର୍ଷ ୟୁନିଟ୍–୩ ପ୍ରଦର୍ଶନୀ ପଡ଼ିଆଠାରେ ସକାଳ ୯ ଘଟିକା ସମୟରେ ମୁଖ୍ୟମନ୍ତ୍ରୀ ଆନୁଷ୍ଠାନିକ ଭାବେ ପତାକା ଉତ୍ତୋଳନ କରିବେ। ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପରେଡ୍ ଓ ପତାକା ଉତ୍ତୋଳନ ସ୍ଥାନରେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ, ପ୍ରଭାତରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ରାମଧୁନ ପରିବେଷଣ, ସ୍ୱାଧୀନତା ଦିବସ ଉତ୍ସବର ଟିଭି ଓ ସାମାଜିକ ଗଣମାଧ୍ୟମ ଯୋଗେ ସିଧାପ୍ରସାରଣ, ଗଣମାଧ୍ୟମକୁ ସୂଚନା ପ୍ରଦାନ, ଉତ୍ସବସ୍ଥଳର ସାଜସଜ୍ଜା, ନିମନ୍ତ୍ରିତ ଅତିଥିଙ୍କ ଉପବେଶନ ବ୍ୟବସ୍ଥା ନେଇ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି। ରାଜଭବନରୁ ଉତ୍ସବସ୍ଥଳ ପର୍ଯ୍ୟନ୍ତ ରାସ୍ତାକୁ ସୁସଜ୍ଜିତ କରାଯିବ। ଏହାସହ ଉତ୍ସବସ୍ଥଳକୁ ଆକର୍ଷଣୀୟ ସାଜସଜ୍ଜା କରିବା ପାଇଁ ପ୍ରମୁଖ ଶାସନ ସଚିବ ପରାମର୍ଶ ଦେଇଛନ୍ତି। ଚଳିତ ସ୍ୱାଧୀନତା ଦିବସ ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ କୋଠା, ସରକାରୀ ଉଦ୍ୟୋଗ ଓ ପ୍ରମୁଖ କୋଠାର ଆଲୋକୀକରଣ କରାଯିବ। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଉତ୍ସବସ୍ଥଳର ସାନିଟାଇଜେଶନ୍ ଓ ପିଇବା ପାଣି ବ୍ୟବସ୍ଥା କରାଯିବ। ସେହିପରି ସୁରକ୍ଷା ବ୍ୟବସ୍ଥା ତଥା ଟ୍ରାଫିକ୍ ନିୟନ୍ତ୍ରଣକୁ କମିଶନରେଟ୍ ପୋଲିସ ପକ୍ଷରୁ ପରିଚାଳନା କରାଯିବ। ବୈଠକରେ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ସମ୍ବଲପୁରରେ ୨୬୦ ଛୁଇଁଲା ଟମାଟୋ

**ମଧ୍ୟସ୍ଥ ମାଲାମାଲ, ଆର୍ଥିକ ବୋଝରେ ଖାଉଟି**


ଟମାଟୋ ବିକ୍ରି କରୁଛନ୍ତି ଜଣେ ଖୁଚୁରା ବ୍ୟବସାୟୀ।

**ସମ୍ବଲପୁର, ୩୧।୭ (ଶୁଭାଶିଷ ପାଢ଼ୀ)**

ଗତ ଜୁନ୍ ମାସରୁ ରାଜ୍ୟରେ ଟମାଟୋ ଦର ଅନିୟନ୍ତ୍ରିତ ହୋଇରହିଛି। ଜିଲା ସ୍ତରରେ ଏହାର ଦର ଭିନ୍ନ ରହୁଛି। ପାଣିପାଗରେ ଅନିୟମିତତା, ଅଧିକ ଖରା ଯୋଗୁ ଉତ୍ପାଦନ ହ୍ରାସ, ବର୍ଷା, ବନ୍ୟା, ରାସ୍ତା ସମସ୍ୟା ସହ ଗାଡ଼ି ଭଡ଼ା ବୃଦ୍ଧି ଯୋଗୁ ଟମାଟୋ ଦର ଉଚ୍ଚା ରହୁଥିବା କୁହାଯାଉଛି। ହେଲେ ବାସ୍ତବରେ ଦର ନିୟନ୍ତ୍ରଣ କରିବା ନେଇ ପ୍ରଶାସନିକ ସ୍ତରରେ ଉଦ୍ୟମ କରାଯାଇ ନାହିଁ। ପ୍ରତିଦିନ ଟମାଟୋର ଉଚିତ ଦର ଖାଉଟି ଜାଣିପାରୁନାହାନ୍ତି। ତେଣୁ ଏହି ବ୍ୟବସାୟ ସହ ଜଡ଼ିତ ମଧ୍ୟସ୍ଥମାନେ ଲାଭବାନ ହେଉଥିବାବେଳେ ଖାଉଟି ଆର୍ଥିକ ବୋଝରେ ବେହାଲ ହେଉଛି।

ଜୁନ୍‌ରେ ଜିଲାରେ ଟମାଟୋ କିଲୋ ପ୍ରତି ୪୦ରୁ ୬୦ ଟଙ୍କା ପର୍ଯ୍ୟନ୍ତ ରହିଥିବା ବେଳେ ଜୁଲାଇରେ ଏହା ବୃଦ୍ଧି ପାଇ ସୋମବାର ୨୬୦ ଟଙ୍କାରେ ପହଞ୍ଚିଛି। ମାନେଶ୍ୱର ସାପ୍ତାହିକ ବଜାରରେ ଏହି ଦରକୁ ନେଇ ଖାଉଟି ଆଶ୍ଚର୍ଯ୍ୟଚକିତ ହୋଇଯାଇଥିଲେ। କେବଳ ମାନେଶ୍ୱର ନୁହେଁ, ସମ୍ବଲପୁର ସହରର ବିଭିନ୍ନ ଖୁଚୁରା ବ୍ୟବସାୟୀ ଏହି ଦରରେ ବିକ୍ରି କରୁଥିଲେ। ଦର ବୃଦ୍ଧି ଯୋଗୁ ବଜାରରେ ଟମୋଟାର ଚାହିଦା ହ୍ରାସ ପାଇଛି। କେତେଜଣ ହାତଗଣତି ଅଣଓଡ଼ିଆ ବେପାରୀ ଏହା ବିକ୍ରି କରୁଥିବା ଦେଖାଯାଇଥିଲା।

ରାଜ୍ୟକୁ ଟମାଟୋ ବିଶେଷକରି ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ଓ ମହାରାଷ୍ଟ୍ରର ଚାଷୀଙ୍କଠାରୁ ଆସିଥାଏ। ଦରଦାମ ନିୟନ୍ତ୍ରଣ କରିବା ପାଇଁ ଜିଲା ସ୍ତରରେ ଯୋଗାଣ ବିଭାଗ ଅଧିକାରୀ ନିୟୋଜିତ ଅଛନ୍ତି। ପ୍ରତିଦିନ କେତେ ଦରରେ ଟମାଟୋ ଜିଲାକୁ ଆସୁଛି, କେଉଁ ଡିଲରମାନଙ୍କ ଜରିଆରେ ଖୁଚୁରା ବେପାରୀଙ୍କୁ ଦିଆଗଲା ଏସବୁ ରିପୋର୍ଟ ମଧ ତିଆରି କରାଯାଉଛି। ହେଲେ ଖୁଚୁରା ବେପାରୀ ବଜାରରେ ଖାଉଟିମାନଙ୍କୁ ବିକ୍ରିକରିବା ସମୟରେ ଅଧିକ ଲାଭ ରଖୁଛନ୍ତି। ବିଶେଷକରି ଜୁଲାଇ–ଅଗଷ୍ଟ ଓ ଅକ୍ଟୋବର–ନଭେମ୍ବରରେ ଟମାଟୋ ଉତ୍ପାଦନ କମ୍ ହୋଇଥାଏ। ଏହି ସମୟରେ ମୌସୁମୀଜନିତ ବର୍ଷା ଯୋଗୁ ଯାତାୟାତ ବାଧାପ୍ରାପ୍ତ ହେବା ମଧ ଦରବୃଦ୍ଧିର କାରଣ ହୋଇଥାଏ। ମହାରାଷ୍ଟ୍ର ନାସିକରୁ ନୂଆ ଫସଲ ଆସିଲେ ଦର କମିବ ବୋଲି ଆଶା କରାଯାଉଛି। ଦରବୃଦ୍ଧି ପାଇଁ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଦୋଷ ଦେଉଛନ୍ତି। ଦର ନିୟନ୍ତ୍ରଣ ଓ ଖାଦ୍ୟ ସାମଗ୍ରୀ ବିପଣନ ଉପରେ କେନ୍ଦ୍ର ଲଗାମ ଲଗାଇପାରୁ ନ ଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ସମ୍ବଲପୁର ଜିଲା ପାଇଁ ପ୍ରତିଦିନ ପ୍ରାୟ ୧୮୦ରୁ ୨୦୦ କୁଇଣ୍ଟାଲ ଟମାଟୋ ଆବଶ୍ୟକ ପଡ଼ିଥାଏ। ହେଲେ ସୋମବାର ରାଜ୍ୟ ବାହାରୁ ହୋଲ୍‌ସେଲରଙ୍କ ପାଖକୁ ମାତ୍ର ୫୦ କୁଇଣ୍ଟାଲ ଟମାଟୋ ଆସିଥିଲା। ଆଜିର ହୋଲ୍‌ସେଲ ଦର କିଲୋ ପ୍ରତି ୧୬୦ ଟଙ୍କା ରହିଥିବା ବେଳେ ଖୁଚୁରା ବେପାରୀ ୮୦ରୁ ୧୦୦ ଟଙ୍କା ଲାଭ ରଖି ବିକ୍ରି କରୁଥିଲେ। ନିୟମ ଦୃଷ୍ଟିରୁ କିଣା ଦରଠାରୁ ଖୁଚୁରା ବେପାରୀ କେଜି ପ୍ରତି ୧୦ ଟଙ୍କା ଲାଭ ରଖିପାରିବେ। ହେଲେ ଏଠାରେ ବ୍ୟତିକ୍ରମ ଦେଖାଦେଇଛି। ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ ବୀରେନ୍ଦ୍ର ସୁରେନ କହିଛନ୍ତି, ଟମାଟୋ ଦର ପ୍ରତିଦିନ କମ୍‌ବେଶି ହୋଇଥାଏ। ଆଜି କିଣା ଦର ୧୬୦ ଟଙ୍କା ରହିଥିଲା। ବଜାରରେ ଅଧିକ ଦରରେ ବିକ୍ରି ହୋଇଥିବା ଅଭିଯୋଗ ହୋଇଛି। ୨ ଜଣ ହୋଲସେଲର ବିଭିନ୍ନ ରାଜ୍ୟରେ ଥିବା ଦର ଅନୁସାରେ ଟମାଟୋ କିଣି ବିକ୍ରି କରନ୍ତି। ସବୁ ଯାଞ୍ଚ କରାଯାଇଥାଏ। ଆଜିର ଖାଉଟିଙ୍କ ଅଭିଯୋଗ ଉପରେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।




ଧର୍ମର ବାହ୍ୟ ଆଚାର ବିଚାରର ଯଦି ତୁମେ କ୍ରୀତଦାସ ପାଲଟି ଯାଅ–ତେବେ ଧର୍ମ ତୁମ ପାଇଁ ହୋଇଉଠେ ଏକ ପ୍ରତିବନ୍ଧକ ଓ ଶୃଙ୍ଖଳ। କିନ୍ତୁ ତୁମେ ଯଦି ଧର୍ମର ଗୂଢ଼ ତତ୍ତ୍ୱଗୁଡିକୁ ଆବିଷ୍କାର ଓ ଅନୁଶୀଳନ କରିପାର– ତେବେ ଏହିଠାରୁ ତୁମେ ଈଶ୍ୱରଙ୍କ ରାଜ୍ୟକୁ କୁଦାମାରି ଯାଇପାର। –ଶ୍ରୀମା



# ମହିଳା ଚୋରିରେ ପୋଲିସ

ଭାରତ ବିଶ୍ୱର ସବୁଠୁ ଜନବହୁଳ ଦେଶ ହୋଇଗଲାଣି। ଏହାର ମୋଟ ଜନସଂଖ୍ୟାର ପାଖାପାଖି ଅଧା ହେଉଛନ୍ତି ମହିଳା। ସେଥିପାଇଁ ଭାରତରେ ମହିଳା ସଶକ୍ତୀକରଣ ଉପରେ ଡିଣ୍ଡିମ ପିଟାଯାଉଛି ଓ ବେଟି ବଚାଓ, ବେଟି ପଢ଼ାଓ ଧ୍ୱନି ଦିଆଯାଉଛି। ଅନ୍ୟପକ୍ଷରେ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ସେମାନଙ୍କ ଯୋଗଦାନ ଦେଶକୁ ବିକଶିତ କରିବାରେ ପ୍ରମୁଖ ଭୂମିକା ନେବ ବୋଲି କୁହାଯାଉଛି। କିନ୍ତୁ ସେମାନଙ୍କୁ ଏଯାବତ ଏସବୁ ଦିଗରେ ସମାନ ସୁବିଧା ଓ ଅଧିକାର ପ୍ରାପ୍ତ ହୋଇପାରିନାହିଁ। ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ଆଇନଠାରୁ ଆରମ୍ଭକରି ବିଭିନ୍ନ ଯୋଜନା ଗଢ଼ାଯାଉଛି , ହେଲେ ଏଗୁଡ଼ିକର କାର୍ଯ୍ୟକାରିତା ଉପରେ ଏବେ ପ୍ରଶ୍ନ ଉଠାଇଛି ସେମାନଙ୍କ ନିଖୋଜ ସଂଖ୍ୟା। ଜୁଲାଇ ୨୬ରେ ରାଜ୍ୟ ସଭାରେ ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ(ଏନ୍‌ସିଆର୍‌ବି) ଦ୍ୱାରା ସଂଗୃହୀତ ତଥ୍ୟକୁ ଆଧାରକରି ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ଅଜୟ କୁମାର ମିଶ୍ର ଜଣାଇଛନ୍ତି ଯେ, ଦେଶରେ ୨୦୧୯ରୁ ୨୦୨୧ ମଧ୍ୟରେ ୧୩.୧୩ ଲକ୍ଷରୁ ଊର୍ଦ୍ଧ୍ୱ ଝିଅ ଓ ମହିଳା ନିଖୋଜ ହୋଇଥିଲେ। ଏମାନଙ୍କ ମଧ୍ୟରେ ୧୮ ବର୍ଷ ବୟସରୁ ଅଧିକ ୧୦ ଲକ୍ଷ ୬୧ ହଜାର ୬୪୮ ଥିବାବେଳେ ଏହି ବୟସରୁ କମ୍ ୨, ୫୧, ୪୩୦ ଝିଅ ଅଛନ୍ତି। ନିଖୋଜ ସଂଖ୍ୟାରେ ମଧ୍ୟପ୍ରଦେଶ ସବୁଠୁ ଆଗରେ ଥିବାବେଳେ ତା'ପଛକୁ ଅଛି ପଶ୍ଚିମବଙ୍ଗ। ଓଡ଼ିଶାରେ ଏହି ୩ ବର୍ଷରେ ୭୦,୨୨୨ ମହିଳା ଓ ୧୬,୬୪୯ ଝିଅ ନିଖୋଜ ହୋଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ସଂଖ୍ୟା ଭୟ ସୃଷ୍ଟି କରୁଥିବାବେଳେ ଏହା ମଧ୍ୟ ସୂଚାଉଛି ଯେ ଏହା ସମ୍ପୂର୍ଣ୍ଣ ତଥ୍ୟ ହୋଇ ନ ଥାଇପାରେ। କାରଣ ଅନେକ ସ୍ଥାନରେ ଅନାଥ ଝିଅଙ୍କୁ ପରିବାରବର୍ଗ ବିକିଦେଇ ପୋଲିସକୁ କୌଣସି ଏତଲା ଦିଅନ୍ତି ନାହିଁ। ଏଥିସହିତ ଓଡ଼ିଶା ସମେତ ଅନ୍ୟ ସବୁ ରାଜ୍ୟରେ ନିଖୋଜ ହୋଇଥିବା ଝିଅ ସମ୍ପର୍କରେ ଏତଲା ଦେବାକୁ ଯାଇଥିବା ବ୍ୟକ୍ତିକୁ ଥାନା ଅଧିକାରୀମାନେ ବିଭିନ୍ନ ଆଳରେ ଏତଲା ନେବାକୁ ମନା କରନ୍ତି। ନାବାଳିକା କିମ୍ବା ଯୁବତୀ ହୋଇଥିଲେ ତାହାର ପ୍ରେମିକ ବା ବାନ୍ଧବୀ ସହିତ ପଳାଇଯାଇଥାଇପାରେ ବୋଲି କହି ଅପେକ୍ଷା କରିବାକୁ ପୋଲିସ ତରଫରୁ ବାଧ୍ୟ କରାଯାଇଥାଏ। ସେଥିପାଇଁ ଅନେକ ପରିବାର ବିଧିବଦ୍ଧ ଏତଲା ଦାୟର କରନ୍ତି ନାହିଁ। ସବୁଠାରୁ ଜଘନ୍ୟ ବିଷୟ ହେଉଛି, କୌଣସି ଝିଅ ବା ମହିଳା ନିଖୋଜ ହେବା ଘଟଣା ସେଠାକାର ଥାନାର ଅଜାଣତରେ ହୁଏ ନାହିଁ। ଭାରତବର୍ଷ ସାରା ମହିଳା ଅପହରଣକାରୀମାନେ ସ୍ଥାନୀୟ ପୋଲିସର ସହଯୋଗ ବିନା କାର୍ଯ୍ୟ କରିପାରିବେ ନାହିଁ। ଅର୍ଥାତ୍ ଭୁବନେଶ୍ୱରରୁ ଅପହରଣ ହୋଇଥିବା ଝିଅ ଦିଲ୍ଲୀରୁ କିମ୍ବା ମିରଟରୁ ଉଦ୍ଧାର ହୋଇଥିବା ଖବର ମିଳିବା ମାତ୍ରକେ ବୁଝାପଡ଼ିଯାଏ ଯେ, ତାଙ୍କର ଲକ୍ଷ୍ୟସ୍ଥଳୀରେ ପହଞ୍ଚିବା ପାଇଁ ଯେଉଁ ଚୋରା ଚାଲାଣ ବାଟ ରହିଛି ସେଥିରେ ଥିବା ପ୍ରତ୍ୟେକଟି ଥାନା ସଚେତନ ଥାଏ ଏବଂ ଆର୍ଥିକ ଲାଭ ମଧ୍ୟ ପାଇଥାଏ। ପୋଲିସର ଅଜାଣତରେ ଏହି ବିରାଟକାୟ ଅପରାଧ ଘଟାଇବା ଅସମ୍ଭବ ବୋଲି ସ୍ପଷ୍ଟ ଭାବେ କହିହେବ।

**ସବୁଠାରୁ ଜଘନ୍ୟ ବିଷୟ ହେଉଛି, କୌଣସି ଝିଅ ବା ମହିଳା ନିଖୋଜ ହେବା ଘଟଣା ସେଠାକାର ଥାନାର ଅଜାଣତରେ ହୁଏ ନାହିଁ। ଭାରତବର୍ଷ ସାରା ମହିଳା ଅପହରଣକାରୀମାନେ ସ୍ଥାନୀୟ ପୋଲିସର ସହଯୋଗ ବିନା କାର୍ଯ୍ୟ କରିପାରିବେ ନାହିଁ।**

ମୋଟ ନିଖୋଜଙ୍କ ମଧ୍ୟରୁ ଅନେକଙ୍କୁ ଉଦ୍ଧାର କରାଯାଇଥିବା ଏନ୍‌ସିଆର୍‌ବି ପ୍ରକାଶ କରିଥିଲେ ମଧ୍ୟ ଏତେ ସଂଖ୍ୟାରେ ମହିଳା ଓ ଝିଅ ନିଖୋଜ ହେବା ଦେଶ ପାଇଁ ଚିନ୍ତାଜନକ । ଭାରତରେ ମହିଳାମାନଙ୍କ ସ୍ଥିତିକୁ ଦେଖିଲେ ନିଖୋଜ ଘଟଣା ନୂଆ ନୁହେଁ। ଏହା ବ୍ରିଟିଶ ସମୟରେ ଥିଲା ଏବେ ବି ଅଛି। ହେଲେ ସ୍ୱାଧୀନତାର ୭୫ ବର୍ଷ ପରେ ଅଧିକ ସଂଖ୍ୟକ ମହିଳା ନିଖୋଜ ହେବା ଦେଶ ପାଇଁ ଏକ ଲଜ୍ଜା। ଏହା ମଧ୍ୟ ଦେଶରେ ମହିଳାଙ୍କ ଅଧିକାରଠାରୁ ଆରମ୍ଭକରି ଶିକ୍ଷାଗତ, ବୃତ୍ତିଗତ ଓ ଆର୍ଥିକ ସ୍ୱାଧୀନତା ପାଇଁ ଲାଗୁ ହୋଇଥିବା ଯୋଜନା ଏବଂ ଆଇନଗୁଡ଼ିକ ଉପରେ ବିତର୍କକୁ ଉଜାଗର କରିବା କଥା। ମନେରଖିବାକୁ ହେବ ଯେ, କୌଣସି ଦେଶର ବିକାଶ ତା' ମହିଳା ଶକ୍ତି ଉପରେ ଅଧିକ ନିର୍ଭରଶୀଳ। ସେଥିପାଇଁ ମହିଳା ନିଖୋଜ ହେବା ଭାରତ ପ୍ରତି ଏକ ବଡ଼ ଆହ୍ୱାନ ବୋଲି ବିଶିଷ୍ଟ ଅର୍ଥନୀତିଜ୍ଞ ଅମର୍ତ୍ତ୍ୟ ସେନ୍ ଉଲ୍ଲେଖ କରିବାର ଦୀର୍ଘ ୨୮ ବର୍ଷ ପରେ ୨୦୧୭–୧୮ରେ ଏହା ଏକ ବଡ଼ ସମସ୍ୟା ଓ ଦେଶ ଏହାକୁ ସାମ୍ନା କରୁଛି ବୋଲି ଇକୋନୋମିକ ସର୍ଭେ ସ୍ୱୀକାର କରିଛି । ଦେଶରେ ମହିଳା ଓ ଝିଅ ନିଖୋଜ ହେବାର କାରଣ ମାନବ ଚାଲାଣ। ଉକ୍ତ ଚାଲାଣର ସିଂହଭାଗ ହେଉଛନ୍ତି ମହିଳା। ଚାଲାଣ ପଛରେ ରହିଛି ଅର୍ଥାଭାବରୁ ଚାକିରି କରିବାର ଆଶା, ମଣିପୁର ଭଳି ଆଞ୍ଚଳିକ ସଂଘର୍ଷ, ନିରକ୍ଷରତା, ମାନବ ସୁରକ୍ଷାର ଅଭାବ ପରି ସମ୍ବେଦନଶୀଳ ବିଷୟ। ଏହା ବାସ୍ତବ ଓ ଅତ୍ୟନ୍ତ ଗମ୍ଭୀର ଯେ,ମହିଳାମାନେ ଚାଲାଣ ଯନ୍ତାରେ ପଡୁଛନ୍ତି। ଦେଖିବାକୁ ଗଲେ ଏନ୍‌ସିଆର୍‌ବି ରିପୋର୍ଟ ସରକାରଙ୍କ ମହିଳା ସଶକ୍ତୀକରଣର ଅନ୍ଧକାର ଦିଗକୁ ପ୍ରକାଶ କରିଛି। ଏହା ପ୍ରଚଳିତ ବ୍ୟବସ୍ଥା ଓ ଯୋଜନାର ଦୋଷତ୍ରୁଟିକୁ ସାମ୍ନାକୁ ଆଣିଛି। ସବୁଠୁ ବଡ଼ କଥା ହେଉଛି, କିଛିଦିନ ତଳେ ଏନ୍‌ସିଆର୍‌ବି ଦର୍ଶାଇଥିଲା ଯେ, ଗୁଜରାଟରେ ୫ ବର୍ଷ ମଧ୍ୟରେ ୪୦ ହଜାର ମହିଳା ନିଖୋଜ ହୋଇଛନ୍ତି; ଯାହା ବିକାଶର ମୋହର ଭାବେ ଦର୍ଶାଯାଉଥିବା 'ଗୁଜରାଟ ମଡେଲ'ରେ ବି ଦାଗ ଲଗାଇଦେଇଛି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 5 | | 2 | | 7 | | 9 | |
| 7 | | | | 8 | | | | |
| | 8 | 3 | | | | | | |
| 9 | | | | 3 | | | | 6 |
| 2 | | | 8 | | 5 | | | |
| | | | | 4 | | 2 | | |
| 6 | 2 | | | | | 7 | | |
| | 4 | | 9 | | | 5 | 6 | |
| | 1 | | | 2 | 4 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 4 | 6 | 9 | 1 | 8 | 5 | 3 | 2 |
| 1 | 5 | 9 | 2 | 3 | 4 | 7 | 8 | 6 |
| 8 | 2 | 3 | 7 | 5 | 6 | 9 | 1 | 4 |
| 5 | 7 | 4 | 3 | 8 | 1 | 6 | 2 | 9 |
| 3 | 1 | 2 | 6 | 9 | 7 | 4 | 5 | 8 |
| 6 | 9 | 8 | 5 | 4 | 2 | 1 | 7 | 3 |
| 4 | 3 | 5 | 1 | 2 | 9 | 8 | 6 | 7 |
| 9 | 6 | 1 | 8 | 7 | 3 | 2 | 4 | 5 |
| 2 | 8 | 7 | 4 | 6 | 5 | 3 | 9 | 1 |

ଗତକାଲିର ଉତ୍ତର

# ଆଶା ଓ ନିରାଶାରେ ମେଧାବୀ



ଅକ୍ଷୟ କୁମାର ମିଶ୍ର

ପରୀକ୍ଷାର୍ଥୀମାନେ ଅଭିଯୋଗ କରୁଥିଲେ କଠିନ ପରିଶ୍ରମ କରି ଫଳ ଯାହା ମିଳିଲା ସବୁଦିନ ବୁଲାବୁଲି କରି ପାଠ ନ ପଢ଼ି ଫଳ ସେଇଆ ପାଇଲା। ଏବେ ଅଭିଯୋଗ ଉଠିଲାଣି ରାତି ଅନିଦ୍ରା ରହି ପାଠ ପଢ଼ିଲି ହେଲେ ଲାଭ କିଛି ହେଲାନାହିଁ। ପ୍ରଥମ ଅଭିଯୋଗଟି ସେହି ମେଧାବୀ ଛାତ୍ରୀଛାତ୍ରଙ୍କର ଯେଉଁମାନେ ବର୍ଷସାରା ପରୀକ୍ଷା ପାଇଁ ପ୍ରସ୍ତୁତ ହୁଅନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇଲା ପରେ ନିଜର ପରୀକ୍ଷା ଫଳ ଦେଖି ସେମାନେ ଯେତିକି ଖୁସି ହୁଅନ୍ତି ନାହିଁ ସେତିକି ନିରାଶ ହୁଅନ୍ତି ଯେତେବେଳେ ଶ୍ରେଣୀରେ ଭଲ ପଢୁ ନ ଥିବା ସାଙ୍ଗସାଥୀ ଉତ୍ତମ ନମ୍ବର ରଖି ଉତ୍ତୀର୍ଣ୍ଣ ହୁଅନ୍ତି। ସେମାନଙ୍କ ମନରେ ପରୀକ୍ଷା ବ୍ୟବସ୍ଥା ପ୍ରତି କ୍ଷୋଭ ହୁଏ। ସେମାନଙ୍କ ମୁହଁରୁ ଉପରୋକ୍ତ ଅଭିଯୋଗ ବାହାରି ଆସେ। ଅବଶ୍ୟ ପରବର୍ତ୍ତୀ ସମୟରେ ସେମାନେ ମନକୁ ବୁଝାଇ ଦେଇ ଉଚ୍ଚଶିକ୍ଷାରେ ଆହୁରି ଭଲ କରିବା ପାଇଁ ଲାଗିପଡ଼ନ୍ତି।

ହେଲେ ସମ୍ପ୍ରତି ଯେଉଁ ସବୁ ଘଟଣା ଆମ ରାଜ୍ୟରେ ଘଟୁଛି ତାହା ଦେଖି ମେଧାବୀ ଛାତ୍ରୀଛାତ୍ରଙ୍କୁ ଆଜି ବାଧ୍ୟ କରିଛି ଏମିତି ହତାଶାପୂର୍ଣ୍ଣ ମନ୍ତବ୍ୟ ଦେବାକୁ। ପୂର୍ବରୁ ଅନ୍ୟ ରାଜ୍ୟଗୁଡ଼ିକରେ ଏହା ଶୁଣିବାକୁ ମିଳୁଥିଲା। ଯିଏ ଲକ୍ଷ ଲକ୍ଷ ଟଙ୍କା ଦେଇ ପାରିଲା ସିଏ ଚାକିରି ହାତେଇ ପାରିଲା। ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ଶିକ୍ଷକ ନିଯୁକ୍ତିକୁ ନେଇ ଏ ପ୍ରକାର ଅଭିଯୋଗ ଶୁଣିବାକୁ ମିଳୁଥିଲା। ଏପରିକି ଏହା ଉପରେ ବିଚାରାଳୟକୁ ମଧ୍ୟ ହସ୍ତକ୍ଷେପ କରିବାକୁ ପଡ଼ିଛି। ସରକାରଙ୍କର ଜଣେ ବଡ଼ ମନ୍ତ୍ରୀ ଏବେ ଜେଲରେ। ଆମ ରାଜ୍ୟରେ କିନ୍ତୁ ଏମିତି ଅଭିଯୋଗ ଶୁଣାଯାଉ ନ ଥିଲା। ଯଦି କାଁଭାଁ କେହି ଅଭିଯୋଗ ଆଣୁଥିଲେ ଅଧିକାଂଶ ଲୋକ ଏହାକୁ ବିଶ୍ୱାସ କରୁ ନ ଥିଲେ। ଅବଶ୍ୟ ବ୍ୟକ୍ତିବିଶେଷଙ୍କ ଉପରେ ଏମିତି ଅଭିଯୋଗ ଯେ ହେଉ ନ ଥିଲା ଏହା କୁହାଯାଇପାରିବ ନାହିଁ। କିନ୍ତୁ ବିଗତ ୩/୪ ବର୍ଷ ହେଲା ଏହି ଅଭିଯୋଗ ଅଧିକ ଶୁଣିବାକୁ ମିଳୁଛି। ମାଧ୍ୟମିକ ଶିକ୍ଷକ ଚୟନ କ୍ଷେତ୍ରରେ ଅନିୟମିତତା ହୋଇଛି ଏବଂ ୧୫/ ୨୦ ଲକ୍ଷ ଟଙ୍କା ବିନିମୟରେ ଚାକିରି ଦିଆଯାଇଛି ବୋଲି ସଙ୍ଗିନ ଅଭିଯୋଗ ଆଣି ଶହ ଶହ ପରୀକ୍ଷାର୍ଥୀ ଆନ୍ଦୋଳନ କରିବା ଭଳି ଏକ ଅଭାବନୀୟ ଦୃଶ୍ୟ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଥିଲା। ସବୁଠାରୁ ଗୁରୁତର ଅଭିଯୋଗ ଥିଲା ଯେଉଁ ସଂସ୍ଥାକୁ ସରକାର ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ଦେଇଥିଲେ, ସେହି ସଂସ୍ଥା କୁଆଡ଼େ ଅନ୍ୟ ରାଜ୍ୟରେ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥାଇ ଅନିୟମିତତା କରିଛି ଏବଂ ଅର୍ଥ ଜରିମାନା ଦେଇଛି। ଅନେକଙ୍କ ପାଇଁ ଏହା ଥିଲା ଅର୍ଦ୍ଧସତ୍ୟ।

ତା'ପରେ ଟଙ୍କା ଦେଲେ ଚାକିରି ମିଳିବ ଏହି କଥା ଖୋଲାଖୋଲି ଆ ଲୋ ଚ ନା ଚାଲିଲା। ଟଙ୍କା ଦେଲେ ପରୀକ୍ଷା ପୂର୍ବରୁ ପ୍ରଶ୍ନପତ୍ର ସହିତ ଉତ୍ତର ଦିଆଯିବ। ପ୍ରସ୍ତୁତ ହୁଅ। ପରୀକ୍ଷାରେ ବସ। ପ୍ରଥମେ ପ୍ରମାଣପତ୍ର ଜମା ଦିଅ। ପରୀକ୍ଷା ଦେଇ ସାରିବା ପରେ ଅଧା ଟଙ୍କା ଦେବାକୁ ପଡିବ। ଚାକିରିରେ ନିଯୁକ୍ତି ପାଇବା ପରେ ଅବଶିଷ୍ଟ ଟଙ୍କା ନିଆଯିବ। କେଉଁ ଚାକିରି ପାଇଁ କେତେ ଲକ୍ଷ ଟଙ୍କା ଦେବାକୁ ପଡ଼ିବ ତାହା ମଧ୍ୟ ମୂଳଚାଲ ସରିଥିବ। ଏହାପରେ କିଏ ବା ଅବିଶ୍ୱାସ କରିବ? ଅର୍ଦ୍ଧସତ୍ୟ ବୋଲି ବିଚାର କରୁଥିବା ଲୋକମାନେ ଏହାକୁ ସମ୍ପୂର୍ଣ୍ଣ ସତ୍ୟ ବୋଲି ଧରିନେଲେ। ଏହାସତ୍ତ୍ୱେ କେତେଜଣ ଲୋକ ଏଭଳି କଥାକୁ ଖଣ୍ଡନ କରୁଥିଲେ। ଠକାମିର ଶିକାର ହେବାକୁ ପଡ଼ିବ ବୋଲି ସେମାନେ ସତର୍କବାଣୀ ଶୁଣାଉଥିଲେ।




ଏବେ ଗଣମାଧ୍ୟମରେ ପ୍ରକାଶିତ ଏକ ଖବର ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି। ଜେଇ ସିଭିଲ ମୁଖ୍ୟ ପରୀକ୍ଷା ପୂର୍ବରୁ କୌଣସି ଏକ ହୋଟେଲରେ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ କିଛି ପରୀକ୍ଷାର୍ଥୀ ଏକତ୍ରିତ ହୋଇ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ଥିବା ସମୟରେ ପୋଲିସ ଚଢ଼ାଉକରି କେତେଜଣ ଦଲାଲଙ୍କୁ ଗିରଫ କରିବା ଖବର ରାଜ୍ୟରେ ଚହଳ ପକାଇଦେଇଛି। ଏହା ଉପରେ ସତ୍ୟର ମୋହର ଲଗାଇଛି ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)। ପ୍ରଶ୍ନପତ୍ର ପ୍ରଘଟକୁ ସ୍ୱୀକାର କରିନେଇ ଜେଇ ସିଭିଲ ମୁଖ୍ୟ ପରୀକ୍ଷାକୁ ରଦ୍ଦ କରିଦିଆ ଯାଇଛି ଏବଂ ପୁନର୍ବାର ପରୀକ୍ଷା ହେବ ବୋଲି ଘୋଷଣା କରାଯାଇଛି। ଏତିକିରେ କଥାଟି ଥମିଯାଇ ନାହିଁ। ଓଏସ୍‌ଏସ୍‌ସି କାର୍ଯ୍ୟାଳୟ ସମ୍ମୁଖରେ କିଛି ପରୀକ୍ଷାର୍ଥୀ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଘଟଣାର ପୁନରାବୃତ୍ତି ନ ଘଟୁ ଦାବି କରିଛନ୍ତି। କର୍ତ୍ତୃପକ୍ଷଙ୍କ ପାଖରୁ ପ୍ରତିଶ୍ରୁତି ଚାହିଁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଉଛି ଏହି ଛାତ୍ରୀଛାତ୍ରଙ୍କ ସହ ଆଲୋଚନା ମଧ୍ୟ କରାଗଲା ନାହିଁ। ସତେ ଯେମିତି ଏହା ଏକ ମାମୁଲି କଥା! ଲୋ କେ କୁହାକୁହି ହେଲେଣି ପ୍ରଶ୍ନପତ୍ର ପ୍ରଘଟ ହେବା ନୂଆ କଥା ନୁହେଁ। ଏହା ପୂର୍ବରୁ ବହୁବାର ପ୍ରଶ୍ନପତ୍ର ପ୍ରଘଟ ହୋଇଛି। ବିଭିନ୍ନ ସାର୍ଟିଫିକେଟ ପରୀକ୍ଷାରେ ଏହା ହେଉଥିଲା। ଯେତେବେଳେ ଏହା ଦାଣ୍ଡରେ ପଡ଼ି ହାଟରେ ଗଡ଼େ ପରୀକ୍ଷା ବାତିଲ କରିଦିଆଯାଏ। ଆଉ କେତେବେଳେ ଏହାକୁ ଅସ୍ୱୀକାର କରି ଛାତ୍ରୀଛାତ୍ରଙ୍କ ସମସ୍ତ ଆପତ୍ତି ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଦିଆଯାଏ। ସମାଜ ଉପରେ ଏହାର କୁପ୍ରଭାବ ପଡ଼ିବା କଥାଟିକୁ ଏଡ଼ାଇ ଦିଆଯାଇପାରିବ ନାହିଁ। ଏଇଠୁ ଆରମ୍ଭ ହୁଏ କମ୍ ପରିଶ୍ରମ କରି ଅଧିକ ପ୍ରାପ୍ତ ହେବାର ପ୍ରବଣତା। କିନ୍ତୁ ନିଯୁକ୍ତି ପାଇଁ ଉଦ୍ଦିଷ୍ଟ ପ୍ରତିଯୋଗିତାମୂଳକ ପରୀକ୍ଷାରେ ପ୍ରଶ୍ନପତ୍ର ପ୍ରଘଟ ହେବା କଥାଟିକୁ ସହଜରେ ହଜମ କରିହେଉ ନାହିଁ। ଏହା ପଛରେ ଏକ ବଡ଼ ଧରଣର ସ୍କାମ୍ ହୋଇଥାଏ। ସରକାରୀ ଓ ବେସରକାରୀ ବହୁ ଦାମୀନାମୀ ଲୋକଙ୍କର ସମ୍ପୃକ୍ତି ଥାଏ। ଅଥଚ କେବେହେଲେ କେହି ବଡ଼ ମାଛ ତଦନ୍ତ ଜାଲରେ ଧରାପଡ଼ିବା ଏ ଯାଏଁ କାନ ଶୁଣିନାହିଁ। ବେଳେ ବେଳେ କେରାଣ୍ଡି ଧରି ଏମିତି ପ୍ରଚାର ହୁଏ ସତେ ଯେମିତି ଏକ ବଡ଼ ରୋହି ଧରି ପକାଇଛନ୍ତି। ସେହି ହୋହଲ୍ଲା ଭିତରେ ଅସଲ ଦୋଷୀ ଖସିଯାଏ

ଦୋଷୀ ଧରାପଡୁ କି ନ ପଡୁ ଏହା ଭିନ୍ନ କଥା। କିନ୍ତୁ ଏହାର ନକାରାତ୍ମକ ପ୍ରଭାବ ଯୁବଶକ୍ତି ଉପରେ ପଡୁଛି। ମେଧାବୀ ଛାତ୍ରୀଛାତ୍ରମାନେ ମାନସିକ ଯନ୍ତ୍ରଣା ଭୋଗୁଛନ୍ତି। ଏକ ଅନିଶ୍ଚିତ ଭବିଷ୍ୟତ ଆଡ଼କୁ ସେମାନେ ଠେଲି ହୋଇଯାଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଉତ୍କଟ ବେକାରି ସମସ୍ୟାରେ ଯେତେବେଳେ ଯୁବଶକ୍ତି ଜର୍ଜରିତ ସେତିକିବେଳେ ଏମିତି ପ୍ରଶ୍ନପତ୍ର ପ୍ରଘଟ ଘଟଣା ସମସ୍ତ ସନ୍ଦେହକୁ ଦ୍ୱିଗୁଣିତ କରିଦେଇଛି।

ଏହା ନିଶ୍ଚିତ ଯେ ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗର ଦକ୍ଷତା, ନିରପେକ୍ଷତା ତଥା ସ୍ୱଚ୍ଛତାକୁ ନେଇ ଲୋକଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଛି। ଏହି ସନ୍ଦେହ ଦୂର କରିବା ପାଇଁ ସରକାର ତୁରନ୍ତ ଏକ ନିରପେକ୍ଷ ତଦନ୍ତ ସଂସ୍ଥା ଦ୍ୱାରା ତଦନ୍ତ କରାଇବା ଆବଶ୍ୟକ ଏବଂ ଯେଉଁମାନେ ଅସାଧୁ କାର୍ଯ୍ୟରେ ଲିପ୍ତ ରହି ଗୋପନୀୟତାକୁ ଧ୍ୱଂସ କରୁଛନ୍ତି ସେମାନଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଜରୁରୀ। ନ ହେଲେ ସରକାର ମଧ୍ୟ ଲୋକଙ୍କ ସନ୍ଦେହ ଘେରକୁ ଆସିବେ। କେବଳ ଓଏସ୍‌ଏସ୍‌ସି ନୁହେଁ, କ୍ରମେ ଲୋକେ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନ ଏବଂ ଅନ୍ୟ ଯେଉଁ ସଂସ୍ଥା ନିଯୁକ୍ତି ନିମନ୍ତେ ପରୀକ୍ଷା ପରିଚାଳନା କରୁଛନ୍ତି ସେଗୁଡ଼ିକୁ ମଧ୍ୟ ବିଶ୍ୱାସ କରିବେ ନାହିଁ। ଆଜିର ଦିନରେ ନୂତନ ସମୟୋପଯୋଗୀ ପଦ୍ଧତି ଅନୁସରଣ କରିବା ଆବଶ୍ୟକ। ସମାନ ମାନଦଣ୍ଡ ଥାଇ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ନିମନ୍ତେ ଏକ ଏକ ପ୍ରଶ୍ନପତ୍ର ପ୍ରସ୍ତୁତ କରାଯାଇ ଆଧୁନିକ ଜ୍ଞାନକୌଶଳର ଉପଯୋଗ କରି କମ୍ପ୍ୟୁଟର ମାଧ୍ୟମରେ ପରୀକ୍ଷା କଲେ ଏଭଳି ପରିସ୍ଥିତି ସୃଷ୍ଟି ହୁଅନ୍ତା ନାହିଁ। ଫଳରେ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସନ୍ତା।

**ସଭାପତି, ଓସ୍ଟା**
**ମୋ:୭୦୦୮୦୭୩୫୯୯**

# ଜଳବାୟୁ ପରିବର୍ତ୍ତନ ଓ କୃଷି



ଡି. ଶୁଭମ୍

ଓଡ଼ିଶାରେ ଚାଷୀମାନେ ଉତ୍ପାଦିତ ଫସଲକୁ ଠିକ୍ ଭାବରେ ବିକ୍ରୟ କରିବାକୁ ଶତ ଚେଷ୍ଟା କରନ୍ତି ସତ କିନ୍ତୁ ଏଥିରେ ବିଫଳ ହୁଅନ୍ତି। ଚାଷୀ ନିଜ ଫସଲର ଉପଯୁକ୍ତ ମୂଲ୍ୟ ସବୁବେଳେ ଠିକ୍ ଭାବରେ ପାଏ ନାହିଁ। ତଥାପି ସେ ଚାଷ କରେ। କିନ୍ତୁ ଏଇ କିଛି ବର୍ଷ ହେବ ଜଳବାୟୁ ପରିବର୍ତ୍ତନ କୃଷି କ୍ଷେତ୍ରରେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଛି। ଆମ ବାପା ଅଜା ଅମଳରେ ଖରାଦିନେ ଖରା, ବର୍ଷାଦିନେ ବର୍ଷା ଆଉ ଶୀତ ଦିନେ ଶୀତ – ଏସବୁ ଲୋକେ ଅନୁଭବ କରିପାରୁଥିଲେ। ହେଲେ ଆଜି ଆମେ ଆଷାଢ଼ର ଧାରାଶ୍ରାବଣରେ ନିଦାଘର ତାପକୁ ଅନୁଭବ କରୁଛୁ। ଜଳବାୟୁ ପରିବର୍ତ୍ତନ କୃଷିକୁ ଏବେ ଅବନତି ଦିଗରେ ଟାଣି ନେଲାଣି।

ଜୈବ ବିବିଧତା ହେଉଛି କୃଷିର ପ୍ରମୁଖ ମାନଦଣ୍ଡ। ଏହା ଭୂତଳ ଜଳ ସଂରକ୍ଷଣ, ମାଟିର ସଂରଚନା,ଗଠନ,ଉର୍ବରତାଠାରୁ ଆରମ୍ଭ କରି ପରିବେଶ ସନ୍ତୁଳନରେ ମୁଖ୍ୟ ଭୂମିକା ନେଇଥାଏ। ଜଳବାୟୁ ପରିବର୍ତ୍ତନ ଏବଂ କୃଷି ପରସ୍ପର ସହ ଜଡିତ ପ୍ରକ୍ରିୟା। ଗ୍ଲୋବାଲ ୱାର୍ମିଂର ପ୍ରଭାବ ବିଷୟରେ ଅବଗତ ହେବା ଜରୁରୀ। କାରଣ ଏହା ଜଳବାୟୁ ପରିବର୍ତ୍ତନର ପ୍ରଥମ ଓ ମୁଖ୍ୟ କାରଣ। ଏହା କୃଷିକୁ ଅନେକ ଉପାୟରେ ପ୍ରଭାବିତ କରିଥାଏ। ତାପମାତ୍ରା, ବର୍ଷାର ପରିମାଣ ଏବଂ ରୋଗପୋକର ଅଚାନକ ବୃଦ୍ଧି କଥା ହେଉ ଅବା ଅଙ୍ଗାରକାମ୍ଳର ବୃଦ୍ଧି ଏସବୁ ପାଇଁ ଗ୍ଲୋବାଲ ୱାର୍ମିଂହିଁ ଦାୟୀ। ଜେନେଟିକ୍ ପ୍ରଜାତି ଏବଂ ଇକୋସିଷ୍ଟମ୍ ସ୍ତରରେ ଖାଦ୍ୟ ଏବଂ କୃଷି ପାଇଁ ଜୈବବିବିଧତାର ଅନେକ ମୁଖ୍ୟ ଉପାଦାନ ହ୍ରାସ ପାଇବାରେ ଲାଗିଛି। କୃଷକମାନଙ୍କ କ୍ଷେତରେ ଉପସ୍ଥିତ ଫସଲର ବିବିଧତା ହ୍ରାସ ପାଇଛି ଏବଂ ଫସଲର ବିବିଧତା ପ୍ରତି ବିପଦ ମଧ୍ୟ ବଢ଼ିବାରେ ଲାଗିଛି।

କଥା ହେଉଛି ଜଳବାୟୁ ପରିର୍ତ୍ତନ ଶୁଣିବାକୁ ଛୋଟ ଲାଗୁଥିଲେ ବି ଏହାର ପ୍ରଭାବ ଭାଷାରେ ବର୍ଣ୍ଣନା କରିହେବନାହିଁ। ଆପଣମାନେ ଏହି ପରିବର୍ତ୍ତନର ପ୍ରଭାବ ମଧ୍ୟ ଲକ୍ଷ୍ୟ କରିପାରୁଥିବେ। ଏହା ଖାଦ୍ୟ ଉତ୍ପାଦନକୁ କମେଇ ଉତ୍ପାଦିତ ଫସଲର ଦାମ ବୃଦ୍ଧି କରେ। ଆଇପିସିସିର ମତ ଅନୁଯାୟୀ ଏଇ ଶତାବ୍ଦୀର ତାପମାତ୍ରା ୦.୪ରୁ ୨.୬ ଡିଗ୍ରୀ ଯାଏ ବୃଦ୍ଧି ପାଇଛି। କୃଷି ସବୁଜ ଘର ବା ଗ୍ରୀନ୍ ହାଉସ ଗ୍ୟାସ ବୃଦ୍ଧିର ଏକ କାରଣ, ଏଥିରେ ଦ୍ୱିମତ ନାହିଁ। ତେବେ କେତେବେଳେ ମରୁଡ଼ିର ସ୍ଥିତି ତ କେବେ ଅସହ୍ୟ ହିଟ୍ ୱେଭ୍ ଚାଷ ଓ ଚାଷୀକୁ ବେଶ୍ ପ୍ରଭାବିତ କରୁଛି। ଚାଷୀଟିଏ ଯେବେ କ୍ଷେତରେ ଚାଷ କରିବାକୁ ମନ ବଳାଏ ସବୁବେଳେ ବର୍ଷାକୁ ଅପେକ୍ଷା କରି ରହିଥାଏ। କିନ୍ତୁ ଏବେ ବର୍ଷାର ପରିମାଣ କମି କମି ଯାଉଛି। ଜୁନ୍ ମାସରେ ଯେଉଁ ମୌସୁମୀ ବାୟୁ ଚାଷ ପାଇଁ ଅନୁକୂଳ ହେବା କଥା ଆଜି ସେହି ସମୟରେ ଆମେ ଉତ୍ତାପ ଅନୁଭବ କରୁଛୁ। ଜଳବାୟୁ ପରିବର୍ତ୍ତନ ଯୋଗୁ ଚାଷର ସମୟ ବଢ଼ିଯିବା ସହ ଚାଷ କାର୍ଯ୍ୟ କରିବା କଷ୍ଟକର ହୋଇଯାଏ। ଏହା ସର୍ବୋପରି କୃଷି, ମୃତ୍ତିକାର ଗୁଣବତ୍ତା, ଗ୍ରାମ୍ୟ ଜୀବନ ତଥା ଚାଷୀକୁଳକୁ ପ୍ରଭାବ କରିଥାଏ। ଯେଉଁ ଚାଷୀମାନଙ୍କର ଚାଷର ଅବଧି



ଅଧିକ ସମୟ ଯାଏ, ସେମାନଙ୍କୁ ଜମିରେ ଅଧିକ ପରିଶ୍ରମ, ଜଳସେଚନଠାରୁ ସବୁ ଖର୍ଚ୍ଚ ଅଧିକ ପଡିଥାଏ। ଏପରିକି ଯେତେବେଳେ ଗଛ ଭୂତଳ ଓଜୋନକୁ ଅଧିକ ପରିମାଣରେ ଶୋଷଣ କରେ, ସେବେ ଆଲୋକ ସଂଶ୍ଲେଷଣ ପ୍ରକ୍ରିୟା ବାଧାପ୍ରାପ୍ତ ହୁଏ। ଫଳସ୍ୱରୂପ ଫସଲ ଠିକ୍ ଭାବରେ ବଢ଼ିପାରେନି ଓ ରୋଗପୋକ ସହନଶୀଳ ହୋଇପାରେନାହିଁ। ଜଳବାୟୁ ପରିବର୍ତ୍ତନ ଜଙ୍ଗଲ ନିଆଁ ଉପରେ ବି ଅଧିକ ପ୍ରଭାବ ପକାଇଥାଏ। ଫଳସ୍ୱରୂପ ଏହା ଆଖପାଖ ଚାଷ ଜମି ଓ ଗୋଚର ଜମି ନଷ୍ଟ କରିବାରେ ସାହାଯ୍ୟ କରିଥାଏ। ଚଳିତ ବର୍ଷ ରାଜ୍ୟରେ ଅଧିକ ତାପମାତ୍ରା ଅନୁଭବ କରିଛେ। ତାପମାତ୍ରାରେ ପରିବର୍ତ୍ତନ ଯୋଗୁ କୃଷି କାର୍ଯ୍ୟରେ ନାହିଁ ନ ଥିବା ଅସୁବିଧା ଦେଖିବାକୁ ମିଳିଛି। ଅଧିକ ତାପମାତ୍ରାକୁ ସହ୍ୟ କରି ଚାଷୀଟିଏ ନିଜ ଜମିରେ ଚାଷ କରେ, ରୋଗପୋକ ଅଧିକ ଲାଗିଲେ କୀଟନାଶକ ସ୍ପ୍ରେ କରିବା ଯୋଗୁ ପରିବେଶ ସନ୍ତୁଳନ ନଷ୍ଟ ହୁଏ।

ଏବେ ବଜାରକୁ ପରିବା କିଣିବାକୁ ଗଲେ ପନିପରିବାର ଚଢ଼ା ଦର ବିଷୟରେ ଶୁଣି ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚୟ। ସବୁ ଖବରରେ ପରିବା ଦର ଆକଶଛୁଆଁ ଏମିତି ଶୀର୍ଷକ ପୃଷ୍ଠା ମଣ୍ଡନ କରୁଛି। କିନ୍ତୁ ଚାଷୀଟିଏ ଫସଲ ଉତ୍ପାଦ କରି ଲାଭ ପାଇପାରେନି। ଜଳବାୟୁ ପରିବର୍ତ୍ତନ ଗୋଟିଏ ପଟେ ଉତ୍ପାଦ କମାଇଥିବା ବେଳେ ଲୋକମାନଙ୍କ ମନରେ ଚାଷ ପାଇଁ ଉତ୍ସାହ ଓ ଆଗ୍ରହ ବି ସମପରିମାଣରେ କମିଛି। ଆମେ ସହରୀକରଣ ଢାଞ୍ଚାରେ ଆଉ ନିଜ ବାଡ଼ିରେ ପନିପରିବାଟିଏ ବି ଲଗାଉନାହୁଁ। ପାକଶାଳା ବଗିଚା ଆଉ ରୁଫ୍‌ଟପ ଗାର୍ଡେନିଙ୍ଗ ଆଜି କେବଳ କଥାରେ ସୀମିତ ରହିଯାଇଛି। ସହରରେ ରହିଲେ ମଧ୍ୟ ଆମେ ଛାତ ଉପରେ ବାଇଗଣ, ଲଙ୍କା ପରି ଅନେକ ଫସଲ କରିପାରିବା, ଯାହା ଆମ ନିତ୍ୟ ବ୍ୟବହାର ପାଇଁ ଉପଯୋଗ ହୋଇପାରିବ। ଉତ୍ପାଦନ ବଢ଼ାଇବାରେ ସାହାଯ୍ୟ କରିଥିବା ଚୁକ୍ତିଭିତ୍ତିକ ଚାଷ ବା କଣ୍ଟ୍ରାକ୍ଟ ଫାର୍ମିଙ୍ଗ। ଆଜି ସେସବୁ କ୍ୱଚିତ ଦୃଶ୍ୟମାନ ହେଉଛି। ଉଦ୍ୟୋଗୀମାନେ କେବଳ ନୂଆ ଫଳ କି ପରିବା ନୁହେଁ ବରଂ ନେଟ୍‌ହାଉସ,ପଲିହାଉସ କରି ଅଫ୍ ସିଜିନ୍ ଚାଷ ଉପରେ ଗୁରୁତ୍ୱ ଦେବା ଦରକାର। ରାଜ୍ୟରେ ଶୀତଳଭଣ୍ଡାରର ଅବ୍ୟବସ୍ଥା ମଧ୍ୟ ଦରଦାମ ବୃଦ୍ଧିର ଅନ୍ୟ ଏକ କାରଣ। ଆମେ ଉତ୍ପାଦ କରୁଛେ ସତ କିନ୍ତୁ ଗଚ୍ଛିତ କରି ରଖିବା ପାଇଁ ଆମ ପାଖରେ ଶୀତଳଭଣ୍ଡାରର ଅଭାବ ରହୁଛି। ଆମେ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଛୁ। କୃଷି ଉଦ୍ୟୋଗୀମାନେ କିପରି ନିଜ ରାଜ୍ୟରେ ବୈଜ୍ଞାନିକ ଜ୍ଞାନକୌଶଳକୁ ପ୍ରୟୋଗ କରି ଚାଷ କରାଯାଇପାରିବ, ସେ ଦିଗରେ ଧ୍ୟାନ ଦେବାର ସମୟ ଅଛି। ନିଜ ବାଡ଼ିବଗିଚାକୁ ଖାଲି ନ ପକାଇ ସେଥିରେ କିଛିଟା ଫସଲ ଲଗାନ୍ତୁ। ଆମକୁ ଆତ୍ମନିର୍ଭରଶୀଳ ହେବାକୁ ପଡ଼ିବ। ଏକ ସବୁଜିମାମୟ ପୃଥିବୀ ଗଠନରେ ନିଜକୁ ସାମିଲ କରିବାକୁ ହେବ। ଏହା ଆମ ସମସ୍ତଙ୍କ ପାଇଁ ଆହ୍ୱାନ।

**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା (ଓସୋକା), ଭୁବନେଶ୍ୱର**
**ମୋ: ୯୪୩୮୪୬୭୦୭୯**

## ଏଇ ଭାରତରେ

ପାହାଡ଼ିଆ ଅଞ୍ଚଳରେ ପାନୀୟ ଜଳଠାରୁ ଆରମ୍ଭ କରି କୃଷି ପାଇଁ ହ୍ରଦର ଆବଶ୍ୟକତା ବେଶି। ସେଥିପାଇଁ ସଙ୍ଗେ ଲାମା ସିକିମର ସିମ୍‌ଗୋ ହ୍ରଦକୁ ବର୍ଜ୍ୟମୁକ୍ତ କରି ତାହାକୁ ବ୍ୟବହାର ଯୋଗ୍ୟ କରିପାରିଛନ୍ତି। ହ୍ରଦରେ ମିଲ୍କ କାର୍ଟୁନଠାରୁ ଆରମ୍ଭ କରି ସ୍ନାକ୍ସ ପ୍ୟାକେଟ,ବିସ୍କୁଟ ଜରି, ପ୍ଲାଷ୍ଟିକ ବୋତଲ ଭର୍ତ୍ତି ହୋଇ ରହିଥିଲା। ଏହା ବ୍ୟତୀତ ଆଖପାଖର ସ୍ୱେରେଜ ଜଳ ମଧ୍ୟ ଏଥିରେ ମିଶି ପାଣିକୁ ବିଷାକ୍ତ କରିଦେଇଥିଲା। ତଥାପି ଆଖପାଖର ୨୭୦ଟି ପରିବାର ଏଭଳି ଜଳକୁ ବ୍ୟବହାର କରୁଥିଲେ। ଏହା ଲକ୍ଷ୍ୟ କରି ସଙ୍ଗେ ଲାମା ହ୍ରଦର ପୁନରୁଦ୍ଧାର ଆରମ୍ଭ କରିଥିଲେ। ସେ ବନ ବିଭାଗ ଅଧିକାରୀ, ଦୋକାନ ମାଲିକ ଏବଂ ଗ୍ରାମ ପଞ୍ଚାୟତକୁ ନେଇ 'ସିମ୍‌ଗୋ ପୋଖରୀ ସଂରକ୍ଷଣ ସମିତି' ଗଠନ କରିଥିଲେ। ଏହା ମଧ୍ୟରେ ସେ ଦୋକାନୀଙ୍କ ଠାରୁ ବର୍ଜ୍ୟ ସଂଗ୍ରହ କରି ତାହାକୁ ଡମ୍ପିଂୟାର୍ଡକୁ ନେବାର ବ୍ୟବସ୍ଥା କରିବା ସହ ତାହାକୁ ରିକଭରି ସେଣ୍ଟରକୁ ପଠାଉଛନ୍ତି। ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ଲାଗି ଷ୍ଟିଲ୍ ଗ୍ଲାସ୍ ବ୍ୟବହାର କରିବା ପାଇଁ ଲୋକଙ୍କୁ ସଚେତନ କରୁଛନ୍ତି। ଏହି ଅଭିଯାନ ଦ୍ୱାରା ଏବେ ହ୍ରଦର ଜଳ ପ୍ରଦୂଷଣ ମୁକ୍ତ ହୋଇଯାଇଛି ଓ ଏହାକୁ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

**୧ ଅଗଷ୍ଟ ୧୯୯୮**

- ଧର୍ଷଣ ଅଭିଯୋଗରେ ଅଭିଯୁକ୍ତ ଇନ୍ଦ୍ରଜିତ ରାୟଙ୍କୁ ଆଡ୍‌ଭୋକେଟ ଜେନେରାଲ ପଦବୀରୁ ବହିଷ୍କାର କରିବା ଦାବିରେ ବିଧାନସଭାରେ ବିରୋଧୀ ଦଳର ସଦସ୍ୟମାନଙ୍କ ଭଙ୍ଗାରୁଜା।
- ଜମ୍ମୁ–କଶ୍ମୀରସ୍ଥିତ ଭାରତ–ପାକିସ୍ତାନ ସୀମାନ୍ତରେ ପାକ୍ ସୈନ୍ୟଙ୍କ ଗୁଳିବର୍ଷଣରେ ୨୪ ନିହତ।
- କଲମ୍ବୋ ଘୋଷଣାନାମା ଭାବେ ବିବେଚିତ ୨୩ ପୃଷ୍ଠା ସମ୍ବଳିତ ଘୋଷଣାନାମାରେ ଭାରତର ପରମାଣୁ ନୀତିକୁ ଅନୁମୋଦନ।

# ପାଠକ ଶ୍ରେଷ୍ଠ ବିଚାରକ

## ପ୍ରତ୍ୟେକ ଘର ସର୍ଭେ କରାଯିବା ଉଚିତ

ମହାଶୟ,

ଭାରତ ସରକାର ଓ ଓଡ଼ିଶା ସରକାରଙ୍କର ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ରାଶନ କାର୍ଡ ଜରିଆରେ ଏବଂ ସମୟେ ସମୟେ ମାଗଣା ଚାଉଳ ବଣ୍ଟନ ଏକ ଜନାଭିମୁଖୀ ଯୋଜନା। ମାତ୍ର ଦେଖାଯାଏ ଦଳୀୟ ନେତାଙ୍କ ଆଶୀର୍ବାଦରୁ ଥିଲାବାଲା (୪ ଚକିଆ, ୪ ଚକିଆ, ଦାମୀ ଘର, ଦାମୀ କୃଷି ଯନ୍ତ୍ରପାତି ମାଲିକ), ପେନ୍‌ସନଧାରୀଙ୍କ ଏକାନ୍ନରେ ରହୁଥିବା ପୁଅ, ବୋହୂ ୱାର୍ଡମେମ୍ବର ପାଇଖାନା, ଘର ଏବଂ ରାଶନ କାର୍ଡ ହାତେଇଛନ୍ତି। କହିବାର କଥା ହେଲା, ସରକାର ଯଦି ଘରକୁ ଘର ସର୍ଭେକରି ଆଞ୍ଚଳିକ ପରିବହନ ଅଧିକାରୀଙ୍କ ଲାଇସେନ୍ସ ତାଲିକା, ସମ୍ପତ୍ତି ବିବରଣୀ ରାଜସ୍ୱ ବିଭାଗ ଅଧିକାରୀଙ୍କ ସମନ୍ୱୟରେ ତଦାରଖ କରାଯାଆନ୍ତା ତା'ହେଲେ ସତ ଧରା ପଡ଼ନ୍ତା। ବାସ୍ତବ କାର୍ଯ୍ୟାନ୍ୱୟନରେ ନିର୍ମିତ ଘର ନାମରେ ଗୃହ ବିଲ୍ , ପାଇଖାନା ଆଦୌ ନାହିଁ। ଆଗକୁ ନିର୍ବାଚନ। ଏପରି କଲେ ଭୋଟଦାନ ଭିନ୍ନ ପ୍ରକାର ହୋଇପାରେ।

**–ଶ୍ରୀରାମ ଚନ୍ଦ୍ର ଦାଶ, ସତ୍ୟବାଦୀ, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଅର୍ଥହୀନ ବୋଲି ମଣେ ବୁଦ୍ଧିହୀନ ମାନବ ସନ୍ତାନ
ନୟନର ପଥେ ତା'ର ଏ ଭୁବନେ ନାହିଁ ଯା'ର ସ୍ଥାନ,
ନ ବୁଝେ କମ୍ପିତ କରେ ସଧୀର ତରଙ୍ଗ
ମହା ନୀଳିମାର ସର୍ବ ଅଙ୍ଗ।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଉଦ୍ୟାନରେ ଚାରାରୋପଣ

ନୂଆପଡ଼ା,(ମକାରୁ ବେମାଲ): ନୂଆପଡା ଜିଲା ଗୋଷ୍ଠି ଶିକ୍ଷା କାର୍ଯ୍ୟାଳୟ ପରିସର ଉଦ୍ୟାନକୁ ସୁଶୋଭିତ କରିବା ପାଇଁ ସୋମବାର ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ସାଗର ମହାନନ୍ଦଙ୍କ ନେତୃତ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସମସ୍ତ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷୟିତ୍ରୀ, ଶିକ୍ଷକ ବିଭିନ୍ନ ପ୍ରକାର ଔଷଧୀୟ ଚାରା ରୋପଣ କରାଯାଇଛି । ଏହି ସମୟରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଉକ୍ଳମଣୀ ଅଗସ୍ତି, ଚୈତରାନ ନାଏକ, ପ୍ରକୃତି ବନ୍ଧୁ ଶିକ୍ଷକ କିଶୋର କୁମାର ପରିଡା, ମହତାବ ଆଡକୁଆଡ ସମେତ ସାଧନ କେନ୍ଦ୍ର ସଂଯୋଜକ, ଶିକ୍ଷୟିତ୍ରୀ,ଶିକ୍ଷକ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ଟ୍ରାକ୍ଟର ଓଲଟି ୧୫ ଶ୍ରମିକ ଆହତ

ଖଡ଼ିଆଳ,୩୧।୭(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ କେନ୍ଦୁପାଟି ପଞ୍ଚାୟତ ଖଲିଆମୁଣ୍ଡା ଗ୍ରାମ ନିକଟରେ ସୋମବାର ଟ୍ରାକ୍ଟର ଓଲଟି ୧୫ଜଣ ଶ୍ରମିକ ଆହତ ହୋଇଥିବା ଜଣାପଡ଼ିଛି । ସେଥି ମଧ୍ୟରୁ ୨ଜଣ ଶ୍ରମିକ ଗୁରତର ଆହତ ହୋଇଛନ୍ତି । ଆହତ ଶ୍ରମିକମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ଲାଞ୍ଜି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ୨ଜଣ ଗୁରୁତର ଆହତ ଶ୍ରମିକଙ୍କୁ ଖଡ଼ିଆଳର ଏକ ବେସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ କେନ୍ଦୁପାଟି ଝରାବାହାଲ ଗ୍ରାମରୁ ୧୫ଜଣ ଶ୍ରମିକଙ୍କୁ ଚାଷକାମ ପାଇଁ ଏକ ଟ୍ରାକ୍ଟରରେ ଲାଞ୍ଜି ଅଭିମୁଖେ ଯାଉଥିଲା । ଖଲିଆମୁଣ୍ଡା ଗ୍ରାମ ନିକଟରେ ଭାରସାମ୍ୟ ହରାଇ ଏକ ଜମି ଭିତରରେ ଓଲଟି ପଡିଥିଲା । ଫଳରେ ଟ୍ରାକ୍ଟରରେ ବସିଥିବା ୨୫ଜଣ ଶ୍ରମିକ ଆହତ ହୋଇଥିଲେ । ହେଲେ ଟ୍ରାକ୍ଟର ମାଲିକ ଦୁର୍ଘଟଣାକୁ ଲୁଚାଇବାକୁ ଚେଷ୍ଟା କରୁଥିବା ଚର୍ଚ୍ଚାର ବିଷୟ ପଲଟିଛି । ଯେ ହେତୁ ଟ୍ରାକ୍ଟର ମାଲିକ ଲାଞ୍ଜି ଗ୍ରାମର ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି ।

### କୋକସରା ଥାନାରେ ନୂତନ ମହିଳା ଥାନା ଅଧିକାରୀ

କୋକସରା,୩୧।୭
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନାରେ ନୂତନ ଆଇଆଇସି ଭାବେ ସୋମବାର ରନିତା ପ୍ରଧାନ ଯୋଗଦେଇଛନ୍ତି । ପୂର୍ବତନ ଥାନା ଅଧିକାରୀ ପ୍ରସନ୍ନ କୁମାର ବେହେରାଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ନୂତନ ଆଇଆଇସିଙ୍କୁ ପୋଲିସ ଅଧିକାରୀ ଓ କର୍ମଚାରୀମାନେ ସ୍ୱାଗତ କରିଥିଲେ ।



କୋକସରା ଥାନା ଅଞ୍ଚଳରେ ଆଇନ ସୁରକ୍ଷା ଓ ଅପରାଧିକ କାର୍ଯ୍ୟକଳାପ ସହ ଟ୍ରାଫିକ ନିୟନ୍ତ୍ରଣ, ସଡକ ସୁରକ୍ଷାକୁ ପ୍ରାଥମିକତା ଦେବେ ବୋଲି କହିଛନ୍ତି । ଏହାସହ ଅଞ୍ଚଳର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଛନ୍ତି । ଏହା ପୂର୍ବରୁ ସେ ଭବାନୀପାଟଣା ଟାଉନ ଥାନାରେ କାର୍ଯ୍ୟ କରୁଥିଲେ ।

### ଜିପିଇଓଙ୍କୁ ଅସରକାଳୀନ ବିଦାୟ ସମ୍ବର୍ଦ୍ଧନା

କୋକସରା,୩୧।୭
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକର ଜିପିଇଓ ନାରାୟଣ ଭୋଇଙ୍କୁ ସୋମବାର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଅସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ବିଡିଓ ଉତ୍ତମ କୁମାର ବାଗ, ବ୍ଲକ ହିସାବ ରକ୍ଷକ ଅଶୋକ କୁମାର ସେଠି, ମୁଖ୍ୟ କିରାଣି ଅଚ୍ୟୁତାନନ୍ଦ ନାଗ, ବିଏସଏସଓ ଦୀପକ କୁମାର ବେହେରାଙ୍କ ଉପସ୍ଥିତିରେ ଦୀର୍ଘ ବର୍ଷ ଧରି ବ୍ଲକରେ ଜଣେ ନିଷ୍ଠାପର, ମେଳାପୀ, କର୍ମଠ କର୍ମଚାରୀ ଭାବେ କାର୍ଯ୍ୟ କରି ଅଧିକାରୀ, କର୍ମଚାରୀ, ଜନପ୍ରତିନିଧି ଓ ଜନସାଧାରଣଙ୍କ ସହ ଉତ୍ତମ ସମ୍ପର୍କ ରଖି ବେଶ ପରିଚିତ ଥିଲେ । ବିଦାୟ ସମ୍ବର୍ଦ୍ଧନା ଅସରରେ ଉପସ୍ଥିତ ବ୍ଲକ ଅଧିକାରୀ, ୨୨ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟା ପଞ୍ଚାୟତ କର୍ମଚାରୀମାନେ ତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ ।

### ଚୋରି ସାମଗ୍ରୀ ଜବତ, ଜଣେ କୋର୍ଟ ଚାଲାଣ

ଖଡ଼ିଆଳ,୩୧।୭(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ ଥାନା ଅନ୍ତର୍ଗତ ଡୁଆଝର ଗ୍ରାମରେ ଚୋରି ସାମଗ୍ରୀ ଜବତ କରି ଚୋରଙ୍କୁ ଗିରଫ କରି ସୋମବାର ପୋଲିସ କୋର୍ଟ ଚାଲାଣ କରିଛି । ଗିରଫ ବ୍ୟକ୍ତି ହେଲେ ଗ୍ରାମର କ୍ଷୋହନ ମାଳି । ପ୍ରକାଶ ଯେ, ଗିରିଧାରୀ ମେହେରଙ୍କ ଏକ ହୋଟେଲରୁ ଗତ ୨୭ ତାରିଖ ରାତିରେ କ୍ଷୋହନ ହୋଟେଲ ଭେଣ୍ଟିଲେଟର ଭାଙ୍ଗି ୫୦୦୦ ଟଙ୍କା, ଗୋଟିଏ ଏମଟେକ ମୋବାଇଲ ଓ ଗୋଟିଏ ଜିଓ ହସ୍ପଟ ନେଇ ଯାଇଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ ଜାରି ରଖିଥିଲା । ଏହି ଘଟଣାରେ ଗ୍ରାମର କ୍ଷୋହନଙ୍କୁ ଗିରଫ କରି ଚୋରି ସାମଗ୍ରୀ ଉଦ୍ଧାର କରି କୋର୍ଟ ଚାଲାଣ କରିଥିବା ତଦନ୍ତ ଅଧିକାରୀ ଏସଆଇ ନବଘନ ଗଉଡ଼ ପ୍ରକାଶ କରିଛନ୍ତି ।

# ଗ୍ରାହକଙ୍କ ଲକ୍ଷାଧିକ ଟଙ୍କା ନେଇ ପରିଚାଳକ ଫେରାର

- ଥାନାର ଦ୍ୱାରସ୍ଥ ହେଲେ ଗ୍ରାହକ
- ଆମପାଣି ଗ୍ରାହକ ସେବାକେନ୍ଦ୍ର

କୋକସରା,୩୧।୭
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)


ହିତାଧିକାରୀମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି ।

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଭାରତୀୟ ଷ୍ଟେଟ ବ୍ୟାଙ୍କ ଅଧୀନରେ ଥିବା ବଡ଼ପୋଡ଼ାଗୁଡ଼ା ଗ୍ରାହକ ସେବାକେନ୍ଦ୍ର ପରିଚାଳକ ଜଗଦୀଶ ଚନ୍ଦ୍ର ସିଂ ଗ୍ରାହକଙ୍କ ଲକ୍ଷାଧିକ ଟଙ୍କା ହଡପ କରି ଫେରାର ହୋଇଥିବା ଜଣାପଡିଛି । ଏ ନେଇ ଗ୍ରାହକମାନେ ସୋମବାର ଆମପାଣି ଥାନାରେ ଅଭିଯୋଗ କରିଛନ୍ତି । ସୂଚନାମତେ, କୋକସରା ବ୍ଲକ ବଡ଼ପୋଡ଼ାଗୁଡ଼ା ଗ୍ରାମର ଜଗଦୀଶ ଚନ୍ଦ୍ର ସିଂ ଭାରତୀୟ ଷ୍ଟେଟ ବ୍ୟାଙ୍କର ଅନୁମୋଦନ ପରେ ନିଜ ନାଁରେ ଗ୍ରାହକ ସେବାକେନ୍ଦ୍ର ବଡ଼ପୋଡ଼ାଗୁଡ଼ାରେ ଖୋଲିଥିଲେ । ହେଲେ ସେ ଗ୍ରାହକ ସେବାକେନ୍ଦ୍ର ଆମପାଣିଠାରେ ଦୀର୍ଘ କିଛି ବର୍ଷ ହେବ ଚଳାଇ ଆସୁଥିଲେ । ଗତ ଏକ ମାସ ମଧ୍ୟରେ ଗ୍ରାହକ ସେବାକେନ୍ଦ୍ରରେ ଜମାଖାତା ଖୋଲିଥିବା ଗ୍ରାହକ ଓ ହିତାଧିକାରୀଙ୍କ ଆକାଉଣ୍ଟରୁ ଜାଲିଆତି କରି ପର୍ଯ୍ୟାୟକ୍ରମେ ଲକ୍ଷାଧିକ ଟଙ୍କା ଉଠାଇ ଫେରାର ହୋଇଥିଲେ । ଜମାକାରୀମାନେ ଗ୍ରାହକ ସେବାକେନ୍ଦ୍ରରେ ତାଲା ପଡିଥିବା ଦେଖି ଜଗଦୀଶଙ୍କୁ ଫୋନ କରିଥିଲେ ମଧ ଆଉ ଉଠାଇଲେ ନାହିଁ । ଜମାଖାତା ଯାଞ୍ଚ ପରେ ସେମାନଙ୍କ ଟଙ୍କା ଉଠାଣ ହୋଇଥିବାରୁ ଠକାମୀର ଶିକାର ହୋଇଥିବା ଜାଣି ସ୍ଥାନୀୟ ଆମପାଣି ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକଙ୍କୁ ଅଭିଯୋଗ କରିଥିଲେ । କୌଣସି ସମାଧାନ ନ ହେବାରୁ ଆମପାଣି ଥାନାର ଦ୍ୱାରସ୍ଥ ହୋଇଥିଲେ । ଠକାମୀର ଶିକାର ମଧ୍ୟରେ କାଉଡୋଲା ପଞ୍ଚାୟତ ବଡ଼କେନ୍ଦୁଗୁଡା ଗ୍ରାମର ଆବାସ ଯୋଜନା ହିତାଧିକାରୀ ଗୁରୁବାରି ପାରିଙ୍କ ୩୦ ହଜାର, ନର ବେମାଲଙ୍କ କୃଷି ଋଣରୁ ୩୦ ହଜାର, ଯଶୋଦା ହଂସଙ୍କ ୫୦ ହଜାର ଫାଇନାନ୍ସ ଟଙ୍କା ହଡପ କରିଥିବା ନେଇ ଆମପାଣି ଥାନାରେ ୩ଜଣ ଅଭିଯୋଗକାରୀ ଦ୍ୱାରସ୍ଥ ହୋଇଛନ୍ତି । ସେବାକେନ୍ଦ୍ରର ପରିଚାଳକ ଜଗଦୀଶଚନ୍ଦ୍ର ସିଂ ଗ୍ରାହକ ଓ ହିତାଧିକାରୀଙ୍କ ସରଳତାର ସୁଯୋଗ ନେଇ ଆଧାର ଆଙ୍ଗୁଠି ଟିପରେ ସମସ୍ତ ଜମାଟଙ୍କା ଉଠାଣ କରିଥିବା ଅଭିଯୋଗ ହୋଇଛି । ଏ ନେଇ ଆମପାଣି ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ବୈଚନ୍ଦ୍ର ବେଶ୍ରାଙ୍କୁ ପଚାରିବାରୁ ଆମ ନିକଟରେ ଅଭିଯୋଗ ହୋଇଛି । ଏ ନେଇ ଆମେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇଛୁ ଓ ଗ୍ରାହକ ସେବାକେନ୍ଦ୍ରର ଆଇଡ଼ିକୁ ବ୍ଲକ କରାଯାଇଛି ବୋଲି କହିଥିବା ବେଳେ ଆମପାଣି ଥାନା ଏସ.ଆଇ ରାଜେଶ ପରିଡାଙ୍କ ପ୍ରତିକ୍ରିୟା ନେବାରୁ ଅଭିଯୋଗ ହୋଇଛି ହେଲେ ମାମଲା ରୁଜୁ ହୋଇନାହିଁ । ଘଟଣାର ତଦନ୍ତ ଜାରି ରହିଛି, ପରେ ସୁଚନା ଦିଆଯିବ ବୋଲି କହିଛନ୍ତି ।

# କଳାହାଣ୍ଡିର ୪ ପରୀକ୍ଷାର୍ଥୀଙ୍କ ସଫଳତା


ସୋମ୍ୟଶୁଭମ୍ ପାଣି, ସୁମିତ ଅଗ୍ରୱାଲ, ସନାତନ ମାଝି, ସତ୍ୟନାରାୟଣ ମିଶ୍ର ।

## ଓସିଏସ୍ ପରୀକ୍ଷା ଫଳ ପ୍ରକାଶ

ଭବାନୀପାଟଣା,୩୧।୭
(ଉତ୍ତମ କୁମାର ଦାଶ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି । ଏଥିରେ କଳାହାଣ୍ଡି ଜିଲାର ୪ଜଣ ପରୀକ୍ଷାର୍ଥୀ ସଫଳତା ପାଇଥିବା ସୂଚନା ମିଳିଛି । ଭବାନୀପାଟଣା ସହର ଗୋଶାଳପଡାର ସୋମ୍ୟଶୁଭମ୍ ପାଣି, ଜୟପାଟଣାର ସୁମିତ ଅଗ୍ରୱାଲ, ଲାଞ୍ଜିଗଡ ବ୍ଲକ ତେନ୍ତୁଲିପୁଙ୍ଗା ଗ୍ରାମର ସନାତନ ମାଝି ଏବଂ ଜୁନାଗଡ଼ ସହରର ସତ୍ୟନାରାୟଣ ମିଶ୍ର ବୋଲି ଜଣାପଡିଛି । ଏହି ପରୀକ୍ଷାରେ ଭବାନୀପାଟଣା ସହରର ସୋମ୍ୟ ରାଜ୍ୟରେ ୧୩ ନଂ. ର୍ୟାଙ୍କ ରଖିଥିବାବେଳେ ଜୟପାଟଣାର ସୁମିତ ୩୩ ନଂ. ର୍ୟାଙ୍କ, ଲାଞ୍ଜିଗଡ ବ୍ଲକର ସନାତନ ୩୭୯ ନଂ. ର୍ୟାଙ୍କ, ଜୁନାଗଡ଼ ସହରର ମିଶ୍ର ୧୨୬ ର୍ୟାଙ୍କ ପାଇଛନ୍ତି । ୪ ଯୁବକଙ୍କ ସଫଳତା ନେଇ ଜିଲାର ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି ।

# ଆୟୁଷ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ


ଅନୁଷ୍ଠିତ ଆୟୁଷ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

- ଛାତ୍ରୀଛାତ୍ରଙ୍କୁ ଚିକିତ୍ସା, ଯୋଗ ଶିକ୍ଷା

କେସିଙ୍ଗା,୩୧।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କନ୍ତେଶିରସ୍ଥିତ କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ରାଜ୍ୟ ସରକାରଙ୍କ ଆୟୁଷ ବିଭାଗ ପକ୍ଷରୁ ଜିଲା ହୋମିଓ ପ୍ୟାଥିକ ଚିକିତ୍ସା ଅଧିକାରିଣୀ ଡ଼.ଅଭାମୟୀ ନାୟକଙ୍କ ନେତୃତ୍ୱରେ ଆୟୁଷ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ କପିଳେଶ୍ୱର ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶୀଳ କୁମାର ବିଶି ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । ରାଜ୍ୟ ସରକାରଙ୍କ ଆୟୁଷ ବିଭାଗ ପକ୍ଷରୁ ଶିରୋଲ ସରକାରୀ ଉଚ୍ଚ ବିଦ୍ୟାଳୟ ଓ କନ୍ତେଶିର କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟକୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯାଇଛି । କପିଳେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରାଯାଇଥିଲା । ଯୋଗ ଶିବିରରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ । ରାଜ୍ୟ ସରକାର ଆୟୁଷ ବିଭାଗ ନିର୍ଦ୍ଦେଶକ୍ରମେ ସ୍କୁଲ ପରିସରରେ ଆୟୁର୍ବେଦ ବୃକ୍ଷ ଯଥା, ନିମ୍ବ, ତୁଳସୀ, ବେଲବୃକ୍ଷ ସହ ବିଭିନ୍ନ ଆୟୁର୍ବେଦ ବୃକ୍ଷ ରୋପଣ କରିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ ଜିଲା ହୋମିଓ ପ୍ୟାଥିକ ଚିକିତ୍ସା ଅଧିକାରିଣୀ ଅଭାମୟୀ ନାୟକ ଉପଦେଶ ଦେଇଥିଲେ । ସ୍କୁଲର ୧୧୪ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ପ୍ରଦାନ କରାଯାଇଥିଲା । ଛାତ୍ରୀମାନଙ୍କ ମାସିକ ଋତୁ ସମସ୍ୟା, କାଛୁକୁଣ୍ଡିଆ, ଆଖିଧରା ରୋଗ, କୋଭିଡ୍, ମାନସିକ, ବୌଦ୍ଧିକ ବିକାଶ ଆଦି ବିଷୟରେ ଆୟୁଷ ଡାକ୍ତର ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଜିଲା ହୋମିଓପ୍ୟାଥିକ ମେଡ଼ିକାଲ ଅଫିସର ଅଭାମୟୀ ନାୟକ, ଜିଲା ଆୟୁର୍ବେଦ ଚିକିତ୍ସା ଅଧିକାରୀ ଡ଼.ସରୋଜ କୁମାର ମିଶ୍ର, ଡ଼ ଜ୍ୟୋତି ମିଶ୍ର, ଡ଼.ସରିତା ତ୍ରିପାଠୀ, ଡ଼.ତୁଳସୀ ବେହେରା ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକାର ରୋଗ ବିଷୟ ଅବଗତ କରାଇଥିଲେ । ଏହି ଉପଲକ୍ଷେ ସ୍କୁଲରେ ବିଭିନ୍ନ ପ୍ରକାର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା ।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରଥମ ଲାପରୋସ୍କୋପିକ ଅସ୍ତ୍ରୋପଚାର

ଭବାନୀପାଟଣା,୩୧।୭
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ଚିକିତ୍ସାଳୟରେ ପ୍ରଥମ ଲାପରୋସ୍କୋପିକ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଛି । ଜିଲା ମୁଖ୍ୟ ଚିକିତ୍ସାଳୟ ଶଲ୍ୟ ବିଶେଷଜ୍ଞ ଡାକ୍ତର ସୁନୀଲ କୁମାର କର ଏହି ଅସ୍ତ୍ରୋପଚାର କରିଛନ୍ତି । ଗତବର୍ଷ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ବାହାରୁ ପ୍ରଫେସରମାନେ ଆସି ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଲାପରୋସ୍କୋପିକ ଅସ୍ତ୍ରୋପଚାର କରିଥିଲେ । ବର୍ତ୍ତମାନ ଜିଲା ମୁଖ୍ୟ ଚିକିତ୍ସାଳୟରେ ନିଜସ୍ୱ ସେଟ ଅପରେ ନିଜ ଡାକ୍ତରଙ୍କ ଦ୍ୱାରା ଗତ ୨୮ ତାରିଖରେ ଜଣେ ମହିଳା ରୋଗୀଙ୍କ ଲାପ୍ରୋସ୍କୋପିକ ଅସ୍ତ୍ରୋପଚାର କରାଯାଇଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା. ଗିରିଶ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ଏହା ଆରମ୍ଭ ମାତ୍ର ଆମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଆହୁରି ଲାପରୋସ୍କୋପିକ ଅସ୍ତ୍ରୋପଚାର ନିମନ୍ତେ ପ୍ରସ୍ତୁତ ହେଉଛୁ । ଡାକ୍ତରମାନଙ୍କ ଦ୍ୱାରା ଜନସାଧାରଣଙ୍କୁ ଉନ୍ନତ ମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ନିରନ୍ତର ପ୍ରୟାସ ଜାରି ରଖିବୁ ବୋଲି ସେ କହିଛନ୍ତି । ଲାପରୋସ୍କୋପିକ ଅସ୍ତ୍ରୋପଚାର କରିଥିବା ଡାକ୍ତର ସୁନୀଲ କୁମାର କର କହିଛନ୍ତି ଜିଲା ମୁଖ୍ୟ ଚିକିତ୍ସାଳୟରେ ଅସ୍ତ୍ରୋପଚାର ନିମନ୍ତେ ସମସ୍ତ ପ୍ରକାର ଭିତ୍ତିଭୂମି ରହିଛି ଓ ଆମେ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ନିଶ୍ଚୟ ଉଦ୍ୟମ କରିବୁ । ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ତଥା ସହକର୍ମୀମାନେ ଅସ୍ତ୍ରୋପଚାର ନିମନ୍ତେ ବହୁତ ପ୍ରୋତ୍ସାହିତ କରିଛନ୍ତି ବୋଲି ଡାକ୍ତର କର ପ୍ରକାଶ କରିଛନ୍ତି ।

# ୩ ପଞ୍ଚାୟତରେ ମେଗାଲିଫ୍ଟ ପ୍ରୋଜେକ୍ଟ ନିର୍ମାଣ ପାଇଁ ସ୍ୱୀକୃତି


ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ସ୍ୱୀକୃତିପତ୍ର ପ୍ରଦାନ କରୁଛନ୍ତି ।

- ୫-ଟି ସଚିବଙ୍କୁ ଚାଷୀମାନେ ଦାବି କରିଥିଲେ

କେସିଙ୍ଗା,୩୧।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଶିରୋଲ, ବାଲସି ଓ ପରଲସିଙ୍ଗା ଗ୍ରାମର ଚାଷୀମାନେ ଗତ ମେ ୧୯ ତାରିଖରେ କଳାହାଣ୍ଡି ଗସ୍ତରେ ଆସିଥିବା ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କୁ ଚାଷୀମାନେ ସାକ୍ଷାତ କରି ବାଲସି, ଶିରୋଲ ଓ ପରଲସିଙ୍ଗା ଗ୍ରାମ ପଞ୍ଚାୟତରେ ଜଳସେଚନ ପାଇଁ ମେଗାଲିଫ୍ଟ ପ୍ରୋଜେକ୍ଟ ନିର୍ମାଣ ପାଇଁ ଦାବି ଜଣାଇଥିଲେ । ଚାଷୀଙ୍କୁ ଜଳସେଚନ ଯୋଗାଇ ଦେବା ପାଇଁ ୫-ଟି ସଚିବ ପାଣ୍ଡିଆନ ପ୍ରତିଶ୍ରୁତି ଦେଇଥିଲେ । ଶିରୋଲ, ପରଲସିଙ୍ଗା ଓ ବାଲସି ଗ୍ରାମପଞ୍ଚାୟତରେ ମେଘାଲିଫ୍ଟ ପ୍ରୋଜେକ୍ଟ ନିର୍ମାଣ ପାଇଁ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ମେଗାଲିଫ୍ଟ ପ୍ରୋଜେକ୍ଟ ଡିଭିଜନ ଓ ଜୁନିୟର ଇଞ୍ଜିନିୟର ପ୍ରୋଜେକ୍ଟ ସବଡିଭିଜନ ଭବାନୀପାଟଣା ଏବଂ ଆସିଷ୍ଟାଣ୍ଟ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ମେଗାଲିଫ୍ଟ ପ୍ରୋଜେକ୍ଟ ସବ ଡିଭିଜନ କେସିଙ୍ଗାଙ୍କୁ ଦାୟିତ୍ୱ ଦିଆଯାଇଛି । ଶିରୋଲ, ବାଲସି ଓ ପରଲସିଙ୍ଗା ଗ୍ରାମପଞ୍ଚାୟତରେ କେସିଙ୍ଗା ତେଲନଦୀଠାରୁ ଜଳସେଚନ ନିର୍ମାଣ ପାଇଁ ଚିଠି ନଂ. ୫୧୨/୧୩।୭।୨୩ ଅନୁସାରେ ସ୍ୱୀକୃତି ପଦାନ କରାଯାଇଛି । ଏହି ସ୍ୱୀକୃତି ପତ୍ର ଶିରୋଲ ଗ୍ରାମର ପୂର୍ବତନ ସରପଞ୍ଚ ବିକ୍ରାନ୍ତ ବାଗଙ୍କୁ ମେଘାଲିଫ୍ଟ ପ୍ରୋଜେକ୍ଟ ଅତିରିକ୍ତ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଅନନ୍ତ ରାମ ନାଏକ ଏବଂ ଜେଇ ସ୍ୱୀକୃତି ପତ୍ର ସୋମବାର ପ୍ରଦାନ କରିଥିଲେ । ଏହି ପତ୍ର ହସ୍ତଗତ ହେଲା ପରେ ଚାଷୀଙ୍କ ମନରେ ଆନନ୍ଦ ଲହରୀ ଖେଳିଯାଇଛି । ଚାଷୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଭି.କେ. ପାଣ୍ଡିଆନଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏ ସଂକ୍ରାନ୍ତରେ ବିଭାଗୀୟ ଆସିଷ୍ଟାଣ୍ଡ ଇଞ୍ଜିନିୟର ଅନନ୍ତ ରାମ ନାଏକଙ୍କୁ ପଚାରିବାରୁ ଦୁଇ ହଜାର ହେକ୍ଟର ଯାଏ ମେଘାଲିଫ୍ଟ ପ୍ରୋଜେକ୍ଟ ନିର୍ମାଣ ପାଇଁ ଫିଜିବିଲିଟି ହୋଇଛି । ଭୁବନେଶ୍ୱରରେ ଡିଜାଇନ ଓ ଡିପିଆର ନିର୍ଦ୍ଧାରଣ ହେଲେ କାମ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ ।

# କୃଷି ବୀମା ପାଇଁ ବିଧାୟକଙ୍କୁ ଦାବିପତ୍ର

ଖଡ଼ିଆଳ,୩୧।୭(ସୁଜିତ୍ କୁମାର ପ୍ରଧାନ)


ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ନୂଆପଡ଼ା ଜିଲା ଖଡ଼ିଆଳ ୟୁନିଟ ୧ର ଚାଷୀମାନେ ସୋମବାର ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଏବଂ ଅତିରିକ୍ତ ତହସିଲଦାର ଧାରୁଆ ବାବୁଙ୍କୁ କୃଷି ବୀମା ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି । ଦାବିପତ୍ରରେ ଖଡିଆଳ ୟୁନିଟ ୧ର ଚାଷୀମାନେ ସେମାନଙ୍କ ଜମିରେ ଫସଲ ବୀମା କରି ଆସୁଥିଲେ । ହେଲେ ଚଳିତବର୍ଷ ସେମାନଙ୍କ ଜମିର ତଥ୍ୟ ଇ-ନେଟରେ ବନ୍ଦ କରି ଦିଆଯାଇଛି । ଫଳରେ ଖଡିଆଳ ୟୁନିଟ ୧ରେ ଥିବା ସମସ୍ତ ଜମି ଫସଲ ବୀମାରୁ ବଞ୍ଚିତ ହୋଇଯିବ । ଏ ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଜମିର ସମସ୍ତ ତଥ୍ୟ ଇ-ନେଟରେ ଛଡାଯିବାକୁ ଚାଷୀମାନେ ଦାବି କରି ବିଧାୟକ ଏବଂ ତହସିଲଦାର ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ର ପ୍ରଦାନ ବେଳେ ଜିତେନ୍ଦ୍ରନାଥ ପଟ୍ଟନାୟକ, ରଞ୍ଜିତ କୈବର୍ତ୍ତ, ସୁରଜ ଠାକୁର, ଗିରିଧାରୀ ବିଭାର, ଶ୍ୟାମ ନାଗ, ମନୋଜ ପଟ୍ଟନାୟକଙ୍କ ସହ ଅନ୍ୟାନ୍ୟ ଚାଷୀ ଉପସ୍ଥିତ ଥିଲେ ।

# ଅଗଷ୍ଟ ୮ରୁ ଅନୁପ ସିଂଦେଓ ଫୁଟବଲ ଟୁର୍ନାମେଣ୍ଟ

ଖଡ଼ିଆଳ,୩୧।୭(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳସ୍ଥିତ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଅଗଷ୍ଟ ୮ ତାରିଖଠାରୁ ଅନୁଷ୍ଠିତ ହେବାକୁଯାଉଛି ୧୪ତମ ରାଜା ଅନୁପ ସିଂଦେଓ ମେମୋରିଆଲ ଟୁର୍ନମେଣ୍ଟ । ଖଡ଼ିଆଳ ଅଞ୍ଚଳର ଫୁଟବଲ ଖେଳର ବିକାଶ ତା ସହ ପ୍ରଚାରପ୍ରସାର ପାଇଁ ଲୁକ୍କାୟିତ ଫୁଟବଲ ଖେଳାଳିମାନଙ୍କୁ ଲୋକଲୋଚନକୁ ଆଣିବା ପାଇଁ ଏହା ଦୀର୍ଘ ୧୪ ବର୍ଷ ହେଲା ରାଜା ଅନୁପ ସିଂଦେଓଙ୍କ ନାତି କୁମାର ଅଙ୍କିତ ସିଂଦେଓ ଆୟୋଜନ କରି ଆସୁଛନ୍ତି । ଅଗଷ୍ଟ ୮ରୁ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଥିବା ବେଳେ ଅଗଷ୍ଟ ୧୫ ତାରିଖରେ ଫାଇନାଲ ଖେଳ ଅନୁଷ୍ଠିତ ହେବ । ତେବେ ଚଳିତବର୍ଷ ଟୁର୍ନାମେଣ୍ଟରେ ବଲାଙ୍ଗୀର ଜିଲାର ଜୋରାବନ୍ଦ, ଖୁରସୁଡ଼, ଜାମଖୁଣ୍ଟା, କଣ୍ଟାବାଞ୍ଜି ସମେତ ନୂଆପଡା ଜିଲାର କୋମନା, ଖଡ଼ିଆଳ, ଭୋଜପୁର ଏବଂ ତରବୋଡ଼ ଦଳ ଭାଗ ନେଉଥିବା କୁମାର ଅଙ୍କିତ ସିଂ ଦେଓ ସୂଚନା ଦେଇଛନ୍ତି । ଉକ୍ତ ଟୁର୍ନାମେଣ୍ଟରେ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିବା ପାଇଁ ନିବେଦନ କରାଯାଇଛି ।

# ଜିଲାପାଳ, ଏସ୍‌ପିଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଧର୍ମଗଡ଼,୩୧।୭(ହିମାଂଶୁ ଶେଖର ପଣ୍ଡା)

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସୋମବାର ଜିଲାପାଳ ପ. ଅନ୍ୱେଷା ରେଡ୍ଡୀ ଓ ଏସପି ଅଭିଲାଷ ଜି.ଙ୍କ ଯୁଗ୍ମଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଧର୍ମଗଡ ଭାରପ୍ରାପ୍ତ ଉପଜିଲାପାଳ ବିରଞ୍ଚି ନାରାୟଣ ଦର୍ୱାନ, ବ୍ଲକ ଅଧକ୍ଷା ବବିତା ପାଙ୍ଗଯୋଷି, ବିଡିଓ ଶରତ ସେଠୀଙ୍କ ସମେତ ସମସ୍ତ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ଜନଶୁଣାଣି ଶିବିରରେ ମୋଟ ୧୨୧ଜଣ ଆବେଦନକାରୀ ନିଜର ଅଭିଯୋଗପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୭୭ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୪୪ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା । ୧୫ଟି ଅଭିଯୋଗର ସମାଧାନ ତତକ୍ଷଣା କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୯ଜଣଙ୍କୁ ୨୭୦୦୦ ଟଙ୍କା ଆର୍ଥିକ ସହାୟତା ମଞ୍ଜୁର କରଯାଇଥିଲା ।



ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ।

# ପିଛା ଛାଡୁନି ବାଘ, ଭାଲୁ, ହାତୀ ଆତଙ୍କ

- ନୂଆପଡ଼ା ଜିଲା
- ପୁଣି ଏକ ବାଛୁରିକୁ ଖାଇଲା କଲରାପତରିଆ

ନୂଆପଡ଼ା,୩୧।୭(ମକାରୁ ବେମାଲ)


ବାଘର ପାଦ ଚିହ୍ନ, ଖାଇଥିବା ବାଛୁରି ।

ନୂଆପଡା ସଦର ରେଞ୍ଜ ଆମାନାରା ପଞ୍ଚାୟତ ତରିଆମହୁଆଭାଟା ଗାଁରେ ରବିବାର ରାତିରେ ପୁଣି ଏକ ବାଛୁରିକୁ ଗୁହାଳରୁ ଟାଣି ନେଇ ଖାଇଲା କଲରାପତରିଆ ବାଘ । ଆମାନାରା ବିଟ ଅଧୀନ ତରିଆମହୁଆଭଟା ଗାଁର ହୁମନ ନାଏକ ଗାଈ ବାଛୁରୀକୁ ଗୁହାଳରେ ବାନ୍ଧି ରଖିଥିଲେ । ସୋମବାର ସକାଳୁ ଉଠି ଦେଖିଲା ବେଳକୁ ଗୁହାଳରେ ବାଛୁରି ନ ଥିଲା । ପରିବାର ଲୋକେ ବହୁତ ଖୋଜାଖୋଜିକରିବା ପରେ ଘର ବାଡିପଟେ ବାଛୁରି ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ । ବାଛୁରିର ମୃତଦେହ ପଡିଥିବା ସ୍ଥାନରେ ଓ ବାଡି ଚାରି ପଟେ ବାଘର ପାଦ ଚିହ୍ନ ରହିଥିବା ଦେଖିବାକୁ ପାଇଥିଲେ । ପାରିପାର୍ଶ୍ୱିକସ୍ଥିତିରୁ ବାଛୁରିକୁ ବାଘ ଶିକାର କରିଥିବା ଲୋକେ ଅନୁମାନ କରୁଛନ୍ତି । ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ବାଛୁରି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି । ସୂଚନା ଅନୁସାରେ ସଂରକ୍ଷିତ ମୁଷରଙ୍ଗୀ ଜଙ୍ଗଲରେ ପାହାଡ ଭଳି ରହି ପଥର ଖୋଳ ସବୁ ରହିଛି । ସେହି ଖୋଳ ଭିତରେ ବାଘ ଆଡ୍ଡା ଜମାଇ ଗୋଟେ ପରେ ଗୋଟେ ଗାଈ, ବାଛୁରି ଶିକାର କରୁଛି । ସେଠାରେ ଖାଇବାକୁ ମିଳୁଛି ଓ ଖେଳା ବୁଲା କରିବା ପାଇଁ ଉପଯୁକ୍ତ ସ୍ଥାନ ରହିଥିବାରୁ ବାଘ ଅନ୍ୟ କେଉଁଆଡେ ଯାଉନାହିଁ । ଆମାନାରା ବିଟ ତରିଆମହୁଆଭଟା ଗାଁର ଚାରି ପାଖରେ ପାହାଡିଆ ଜଙ୍ଗଲ ଲାଗି ରହିଛି । ମୁଷରଙ୍ଗୀ ଜଙ୍ଗଲକୁ ଲାଗି ୧୦ଟି ଛୋଟ ପାହାଡିଆ ଜଙ୍ଗଲ ରହିଛି । ମୁଷରଙ୍ଗୀ ଜଙ୍ଗଲକୁ ଲାଗି ରହିଥିବାରୁ ବାଘ ଖେଳାବୁଲା ପାଇଁ ସୁବିଧା ହେଉଛି । ଦିନ ବେଳା ବାଘ ବୁଲୁଥିଲେ ମଧ୍ୟ କେହି ଜାଣି ପାରିବେ ନାହିଁ । ମୁଷରଙ୍ଗୀ ଜଙ୍ଗଲରୁ କିଛି ରାସ୍ତା ଅତିକ୍ରମ କଲେ କୁକୁଡାଡାଲ ବାଗଜୋର ଜଙ୍ଗଲ ପଡେ । ତାପରେ କୋଟେନ ଘୁଟକୁରି ଜଙ୍ଗଲ ସୁନାବେଡା ଅଭୟାରଣ୍ୟକୁ ଲାଗି ରହିଛି । ବାଘ ବୁଲିବା ପାଇଁ ଉପଯୁକ୍ତ ଜଙ୍ଗଲ ରହିଥିବାରୁ ବେଫିକର ଖୋଲାରେ ବୁଲୁଛି । ଲୋକେ ଘଉଡାଇବା ପାଇଁ ବାଣ ଫଟାଇ ହୋ ହାଲ୍ଲାକଲେ ଅଭୟାରଣ୍ୟ ଭିତରକୁ ଚାଲି ଯାଉଛି । ଜିଲାରେ ଦିନକୁ ଦିନ ହାତୀ, ବାଘ, ଭାଲୁ ଆତଙ୍କ ବୃଦ୍ଧି ପାଇବାରେ ଲାଗିଛି । ବର୍ତ୍ତମାନ ପାହାଡ ତଳି ଗାଁ ଓ ଜଙ୍ଗଲ ପାଖ ଗାଁଗୁଡିକ ଭୟଭୀତ ଅବସ୍ଥାରେ ଅଛନ୍ତି ।

## ସଂକ୍ଷେପରେ

### ତରଭା ଥାନାରେ ଆମ ପୋଲିସ ସମିତି ବୈଠକ

ତରଭା, ୩୧।୭ (ମାନଭଞ୍ଜନ ମିଶ୍ର)

ତରଭା ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ଅନିତା କିଡୋଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍ଆଇ ଆରତୀ କହଁର, ଏସ୍ଆଇ ଯଯାତି କେଶରୀ ସାହୁ ଓ ଅନିଲ ବେହେରା, ଏଏସ୍ଆଇ ନିମାଇଁ ଚରଣ ବାରିକଙ୍କ ସହିତ ଥାନାର ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଏସ୍ଆଇ ଯଯାତି କେଶରୀ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ଆମ ପୋଲିସ ସମିତି ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବିଦ୍ୟୁତ୍ ଓ ଜଳ ଯୋଗାଣ ବିଭାଗ ନିଜ ମଧ୍ୟରେ ସମନ୍ୱୟ ରକ୍ଷାକରି ସହରରେ ପାନୀୟ ଜଳ ଯୋଗାଣ କରିବା, ବର୍ତ୍ତମାନ ସହରର ବିଭିନ୍ନ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଇବା, ସହରରେ ଦେଖା ଦେଇଥିବା ବୁଲା ଗୋରୁଙ୍କ ପାଇଁ ଉପୁଜୁଥିବା ଟ୍ରାଫିକ ସମସ୍ୟା, ମୁଖ୍ୟ ରାସ୍ତାର ସୁନାରୀପଡାରେ ବସୁଥିବା ପନିପରିବା ବଜାର ଯୋଗୁଁ ଯାତାୟାତରେ ବାଧା, ଦ୍ରୁତ ବାଇକ ଚାଳାଣକୁ ଅଙ୍କୁଶ ଲଗାଇବା, ପୁରପଲ୍ଲୀରେ କୁଚିଆ ମଦ ବିକ୍ରି, ଏନଏସି ପକ୍ଷରୁ କୌଣସି ପ୍ରତିନିଧି ଯୋଗ ଦେଇ ନ ଥିବାରୁ ଅସନ୍ତୋଷ ପ୍ରକାଶ ପ୍ରଭୃତି ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପ୍ରଭୃତି ପ୍ରସ୍ତାବ ପାରିତ ହୋଇଥିଲା। ଶେଷରେ ଏସଆଇ ଆରତୀ କହଁର ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ପୂର୍ବତନ ନଗରପାଳ ଶୈଳେନ୍ଦ୍ର କୁମାର ସାହୁ, ସୁବାସ ସେଠୀ, ରାମ ନାଏକ, ଜୟକିଶୋର ସାହୁ, ଧୀରେନ୍ଦ୍ର ବିଜୟ ସାହୁ, ଜେଇ ଦୀପକ ମେହେର, କ୍ଷେତ୍ରବାସି ସାହୁ, ଦେବେନ୍ଦ୍ର କୁମାର ନାଏକ, ଜୟ ପ୍ରକାଶ ନାରାୟଣ ସାହୁ, କଳାକାହ୍ନୁ ଦଳବେହେରା, ଅଶୋକ ସାହୁ, ମାନଭଞ୍ଜନ ମିଶ୍ର, ଅନ୍ତର୍ଯ୍ୟାମୀ ସାହୁ, କଲ୍ୟାଣ ନାଏକ, ଅକ୍ଷୟ ବାଘ, କପିଳାସ ସେଠଙ୍କ ସହିତ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଥିରେ ଉପସ୍ଥିତ ରହି ନିଜ ସୁଚିନ୍ତିତ ମତ ଉପସ୍ଥାପନା କରିଥିଲେ।

### ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡେଙ୍ଗୁ ନିରାକରଣ ମାସ ପାଳିତ

ଡୁଙ୍ଗୁରିପାଲି, ୩୧।୭ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହଠାରେ ଡେଙ୍ଗୁ ନିରାକରଣ ମାସ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ବ୍ଲକସ୍ତରୀୟ ସମନ୍ୱୟ ବୈଠକରେ ଡୁଙ୍ଗୁରିପାଲି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନନ୍ଦ ଚନ୍ଦ୍ର ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକ ପ୍ରାରମ୍ଭରେ ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ନାରାୟଣ ମେହେର ସମସ୍ତଙ୍କୁ ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ। ଭୂତାଣୁବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ପରିଦର୍ଶକ ପ୍ରଦୀପ କୁମାର ସାହୁ ଡେଙ୍ଗୁ ରୋଗର ଲକ୍ଷଣ ତଥା ଏହାର ପ୍ରତିକାର ବିଷୟରେ ଆଲୋଚନା କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷାଅଧିକାରୀ ବଟକୃଷ୍ଣ ପାଢ଼ୀ ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ କିପରି ଭାବରେ ଡେଙ୍ଗୁ ବିଷୟରେ ସଚେତନ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ। ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଜୟନ୍ତୀ ଗଡ଼ତ୍ୟା ତାଙ୍କ ବକ୍ତବ୍ୟରେ ଡେଙ୍ଗୁ ନିରାକରଣ ପାଇଁ ଗାଁ କଲ୍ୟାଣ ସମିତି ବୈଠକ ଏକ ପ୍ରକୃଷ୍ଟ ମାଧ୍ୟମ। ଏଥିପାଇଁ ଗାଁ କଲ୍ୟାଣ ସମିତିକୁ ସୁଦୃଢ କରିବାକୁ ହେବ ବୋଲି ମତ ପ୍ରକାଶ କରିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ଗ୍ରାମସ୍ତରରେ, ବିଦ୍ୟାଳୟ, ଗାଁ ସ୍ୱାସ୍ଥ୍ୟ ପରିମଳ ଓ ପୋଷଣ ଦିବସ, ମାତୃସଭା, ଜନ ଆରୋଗ୍ୟ ବୈଠକ ଆଦି ବିଭିନ୍ନ ସ୍ତରରେ ସଚେତନତାମୂଳକ କାର୍ଯ୍ୟକ୍ରମ ଦ୍ୱାରା ଡେଙ୍ଗୁ ନିରାକରଣ କରାଯାଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିଦର୍ଶକ ଦୁଃଖୀଶ୍ୟାମ ମହାଲିଙ୍ଗ, ବୃନ୍ଦାବତୀ ପଧାନ, ସମସ୍ତ ସିଏଚଓ, ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ। ବିଶ୍ୱନାଥ ଓ ପ୍ରଦୀପ ଦାସ ସହଯୋଗ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ସଂଯୋଜନା କରିଥିବାବେଳେ ଶେଷରେ ନାରାୟଣ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ବୌଦ୍ଧ ଜିଲାରୁ ୪ କୃତକାର୍ଯ୍ୟ

**ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା**

■ ବୌଦ୍ଧର ଅଙ୍କିତ ମହାପାତ୍ର ୪୮ତମ ସ୍ଥାନ, ହରଭଙ୍ଗାର ପ୍ରିୟଦର୍ଶନୀ ସାହୁ ୧୪୧ ତମ ସ୍ଥାନ, ସପ୍ରତିଭ ପ୍ରଧାନ ୨୩୨ ତମ ସ୍ଥାନ, ବୌଦ୍ଧର ପୃଥ୍ୱୀରାଜ ମହାନନ୍ଦିଆ ୨୮୮ତମ ସ୍ଥାନ

ବୌଦ୍ଧ, ୩୧।୭ (ଅଜିତ କୁମାର ବାରିକ)

ସୋମବାର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଫଳ ପ୍ରକାଶ ପାଇଛି। ବୌଦ୍ଧ ଜିଲାରୁ ୪ଜଣ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ବୌଦ୍ଧର ଅଙ୍କିତ ମହାପାତ୍ର ୪୮ତମ ସ୍ଥାନ, ହରଭଙ୍ଗାର ପ୍ରିୟଦର୍ଶନୀ ସାହୁ ୧୪୧ ତମ ସ୍ଥାନ, ବୌଦ୍ଧର ସପ୍ରତିଭ ପ୍ରଧାନ ୨୩୨ତମ ସ୍ଥାନ, ପୃଥ୍ୱୀରାଜ ମହାନନ୍ଦିଆ ୨୮୮ତମ ସ୍ଥାନ।

### ‘ପରିଶ୍ରମ ଯୋଗୁ କୃତକାର୍ଯ୍ୟ ହୋଇଛି’



“ବୌଦ୍ଧ ସହରର ପୋ।ଡା।ପୋ।ଡର ଅଙ୍କିତ ମହାପାତ୍ର ୪୮ତମ ସ୍ଥାନରେ କୃତକାର୍ଯ୍ୟ ହୋଇଛନ୍ତି। ସେ ପିଲା ଦିନରୁ ମେଧାବୀ ଥିବାବେଳେ ବୌଦ୍ଧ ଶିଶୁ ମନ୍ଦିରର ଛାତ୍ର ଥିଲେ। ସେ ଦଶମ ଶ୍ରେଣୀ ପରୀକ୍ଷାରେ ରାଜ୍ୟରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେ ଶିକ୍ଷା ପ୍ରତି ରୁଚି ରଖିଥିବା ସହ ନିଜର ପରିଶ୍ରମ ଯୋଗୁ ଆଜି ପ୍ରଶାସନିକ ସେବା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି ବୋଲି କହିଛନ୍ତି। ତାଙ୍କ ପିତା ରାଜେନ୍ଦ୍ର କୁମାର ମହାପାତ୍ର ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟରେ କିରାଣି ଭାବେ କାର୍ଯ୍ୟରତ ଥିବାବେଳେ ତାଙ୍କ ମାତା ଗୃହିଣୀ।

### ‘ନିଜର ଇଚ୍ଛାଶକ୍ତି ଯୋଗୁ କୃତକାର୍ଯ୍ୟ ହୋଇଛି’

“ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ବାଣିଭୂଷଣପୁର ଗ୍ରାମପଞ୍ଚାୟତର ଲକ୍ଷ୍ମଣପୁର ଗ୍ରାମର ପ୍ରିୟଦର୍ଶନୀ ସାହୁ ୧୪୧ତମ ସ୍ଥାନରେ ରହି କୃତକାର୍ଯ୍ୟ ହୋଇଛନ୍ତି। ସେ ପିଲାଟି ଦିନରୁ ଶିକ୍ଷା ପ୍ରତି ଆଗ୍ରହ ରଖିଥିବାବେଳେ ବର୍ତ୍ତମାନ ଏମ୍ଏସି ଫରେଷ୍ଟ୍ରିରେ ଶିକ୍ଷାରତ ଥିବାବେଳେ ସେ ପ୍ରଥମ ଥର ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷା ଦେଇଥିଲେ ଓ କୃତକାର୍ଯ୍ୟ ହୋଇଛନ୍ତି। ବାପା ସରୋଜ କୁମାର ସାହୁ ଜଣେ ଛୋଟ ବ୍ୟବସାୟୀ ଥିବାବେଳେ ମାତା ବୀଣାପାଣି ସାହୁ ଗୃହିଣୀ। ପିତାମାତାଙ୍କର ସେ ଏକମାତ୍ର କନ୍ୟା ଅଟନ୍ତି। ସେ ସବୁବେଳେ ପାଠପଢା ପ୍ରତି ଆଗ୍ରହ ରଖିବା ସହ ନିଜର ଇଛା ଶକ୍ତି ଯୋଗୁ କୃତକାର୍ଯ୍ୟ ହୋଇଥିବା ପ୍ରକାଶ କରିଛନ୍ତି।



### ‘ପରିଶ୍ରମ ଯୋଗୁ ସଫଳତା ପାଇଛି’



“ହରଭଙ୍ଗା ବ୍ଲକର ସପ୍ରତିଭ ପ୍ରଧାନ ୨୩୨ତମ ସ୍ଥାନରେ କୃତକାର୍ଯ୍ୟ ହୋଇଛନ୍ତି। ତାଙ୍କ ପିତା ଚାପଧାରୀ ପ୍ରଧାନ ପୋଲିସ ବିଭାଗରେ କାର୍ଯ୍ୟରତ ଥିବାବେଳେ ମାତା ଗୃହିଣୀ। ସେ ନିଜର ପରିଶ୍ରମ ଯୋଗୁ ଆଜି ସଫଳତା ପାଇଥିବା ପ୍ରକାଶ କରିଛନ୍ତି।

### ‘ଦୃଢ ମନୋବଳ ସଫଳତା ଦେଇଥାଏ’



“ବୌଦ୍ଧ ବ୍ଲକ ମୁଣ୍ଡାପଡା ଗ୍ରାମର ପୃଥ୍ୱୀରାଜ ମହାନନ୍ଦିଆ ୨୮୮ ତମ ସ୍ଥାନରେ କୃତକାର୍ଯ୍ୟ ହୋଇଛନ୍ତି। ମହାନନ୍ଦିଆ ପିଲାଟି ଦିନରୁ ମେଧାବୀ ଛାତ୍ର ଥିବାବେଳେ ସେ ନବୋଦୟ ବିଦ୍ୟାଳୟରେ ଶିକ୍ଷାଦାନ କରିବା ସହ ବିଏସ୍ସି ଏଗ୍ରିକଲଚର ଶିକ୍ଷା ଲାଭ କରିଛନ୍ତି। ପୃଥ୍ୱୀରାଜ ଚାଷୀ ପରିବାର ହୋଇଥିବାବେଳେ ତାଙ୍କ ବାପା ହିମାଂଶୁ ମହାନନ୍ଦିଆ ଚାଷ କାମ କରୁଥିବାବେଳେ ମାଆ ଦ୍ରୌପଦୀ ମହାନନ୍ଦିଆ ଗୃହିଣୀ। ୨୦୧୮ରେ ବୌଦ୍ଧ ଜିଲାପାଳଙ୍କ କାର୍ଯ୍ୟାଳୟରେ କିରାଣି ଭାବେ ପୃଥ୍ୱୀରାଜ ଚାକରି କରିଥିବା ବେଳେ ୨୦୧୯ରେ ଇସ୍ତଫା ଦେଇ ବୌଦ୍ଧ ବିଚାର ବିଭାଗରେ କିରାଣି ଭାବେ କାର୍ଯ୍ୟ କରିଥିଲେ। ସେ ସେଥିରୁ ମଧ୍ୟ ୨୦୨୧ରେ ଇସ୍ତଫା ଦେଇ ଓଡ଼ିଶା ପ୍ରଶାସନିକ ସେବା ପ୍ରତି ଆଗ୍ରହ ରଖିଥିଲେ। ସେ ଭୁବନେଶ୍ୱରଠାରେ ରହି ପଢାପଢି କରିଥିଲେ। ନିଜର ଦୃଢ ମନୋବଳ ଯୋଗୁ ସେ ପ୍ରଶାସନିକ ସେବା ପରୀକ୍ଷାରେ କୃତ କୃତକାର୍ଯ୍ୟ ହୋଇଥିବା କହିଛନ୍ତି। ସେ ୩ ଥର ଚେଷ୍ଟା କରିବା ପରେ ଏଥର ସଫଳ ହୋଇଛନ୍ତି।

# ବଢୁଛି କିଡ଼୍ନୀ ରୋଗୀଙ୍କ ସଂଖ୍ୟା



ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି ଦଳ ଭାଟବାହାଲି ଗ୍ରାମର ଜଣେ କିଡ଼ନୀ ରୋଗୀଙ୍କ ସହ ଉପସ୍ଥିତ।

**ବିଭିନ୍ନ ଗ୍ରାମକୁ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କ ପରିଦର୍ଶନ**

ଡୁଙ୍ଗୁରିପାଲି, ୩୧।୭ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକର ବିଭିନ୍ନ ଗ୍ରାମରେ କିଡ଼୍ନୀ ରୋଗୀଙ୍କ ସଂଖ୍ୟା ବଢୁଥିବା କୁହାଯାଉଛି। କିଡ଼୍ନୀ ଜନିତ ରୋଗର ସ୍ଥିତି ବିଷୟରେ ଜାଣିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡୁଙ୍ଗୁରିପୋଲିର ଏକ ପ୍ରତିନିଧି ଦଳ ଭାଟବାହାଲି, କନ୍ଦାଗାଡ଼, ବାଙ୍କିପାଲି ଆଦି ଗ୍ରାମ ପରିଦର୍ଶନ କରିଥିବା ଜଣାପଡ଼ିଛି। ଏହି ପ୍ରତିନିଧି ଦଳର ନେତୃତ୍ୱ ଦେଇଥିଲେ ଡା. ଆଲୋକ ରଞ୍ଜନ ପଣ୍ଡା। ଏହି ଦଳରେ ସ୍ୱାସ୍ଥ୍ୟ ପରିଦର୍ଶକ ହରିଶ୍ଚନ୍ଦ୍ର ସୁନା, ଫାର୍ମାସିଷ୍ଟ ଅନୁପମା ସାହୁ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସୁପ୍ରଭା ପ୍ରଧାନ, ବାସନ୍ତୀ ନାଏକ, ସ୍ୱାସ୍ଥ୍ୟକର୍ମୀ ସୁଶାନ୍ତ ଭୋଇ, ଆଶାକର୍ମୀ ପ୍ରମୋଦିନି ପାତ୍ର, ପାୟଲ ଭୋଇ ଓ ମନସିନି ବେହେରା ବିଭିନ୍ନ କିଡ଼୍ନୀ ରୋଗୀଙ୍କୁ ଭେଟି ସେମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଆଲୋଚନା କରିଥିଲେ। ପ୍ରତିନିଧି ଦଳ ଭାଟବାହାଲି, କନ୍ଦାଗାଡ, ବାଙ୍କିପାଲି ଆଦି ଗ୍ରାମରେ ଶୁଦ୍ଧ ପାନୀୟଜଳ ପିଇବା, ଅତ୍ୟଧିକ ଚର୍ବିଜାତୀୟ ଖାଦ୍ୟ ଜନିତ ସମସ୍ୟା ଆଦି ବିଷୟରେ ମଧ୍ୟ ଲୋକଙ୍କୁ ସଚେତନ କରିଥିଲେ। କିପରି ରୋଗୀମାନେ ସହଜରେ ଡୁଙ୍ଗୁରିପୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କିଡନୀ ଜନିତ ରୋଗର ଔଷଧ ସୁବିଧାରେ ପାଇପାରିବେ ସେ ବିଷୟରେ ଡା. ପଣ୍ଡା ଲୋକଙ୍କୁ ଅବଗତ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବରିଷ୍ଠ ଭେଷଜ ବିଶେଷଜ୍ଞ ତଥା ଅଧୀକ୍ଷକ ଡା.ସଞ୍ଜୟ କୁମାର ପ୍ରଧାନ ସୂଚନା ଦେଇଛନ୍ତି ଯେ, ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାଇଲେସିସ ସେବା ଯୋଗାଇବା ପାଇଁ ପ୍ରସ୍ତାବ ଅଛି ଏବଂ ଏହା କାର୍ଯ୍ୟକାରୀ ହେଲେ ଲୋକମାନେ ଏହାର ସୁବିଧା ମାଗଣାରେ ପାଇପାରିବେ।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ଅମରପାଲି, ୩୧।୭ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଜଟେସିଂହା ଗ୍ରାମପଞ୍ଚାୟତ ଅସ୍ପୃଶ୍ୟ ଦଳିତ ସଂରକ୍ଷଣ ସୁରକ୍ଷା ସମିତି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ମତେ କେଉଟ, କୈବର୍ତ୍ତ୍ୟ ଓ ଧୀବରମାନେ ୧୯୭୯ ମସିହାରୁ ନିଜକୁ ତିଆରୀ ନାମରେ ଘୋଷଣା କରି ଅସାମ୍ବିଧାନିକ ଭାବେ ଅନୁସୂଚିତ ଜାତିର ଆରକ୍ଷଣକୁ ହାତେଇ ଆସୁଛନ୍ତି। ଡିସେମ୍ବର ୨୦୦୨ ମସିହାରୁ କେଉଟ, କୈବର୍ତ୍ତ୍ୟ ଓ ଧୀବରମାନଙ୍କ ଅନଧିକାର ସଂରକ୍ଷଣ ହାତେଇ ନେଉଥିବା ନେଇ ଅଭିଯୋଗ ସଂଘ ଦୃଷ୍ଟି ଆକର୍ଷଣ କରିଆସୁଛି। ଏଣୁ ରାଜ୍ୟର ଜନସଂଖ୍ୟାର ୧୫ପ୍ରତିଶତରୁ ଅଧିକ ପ୍ରକୃତ ଅସ୍ପୃଶ୍ୟ ଅନୁସୂଚିତ ଜାତି ସଂଘ ଅସନ୍ତୋଷ ପ୍ରକାଶ କରିବା ସହିତ ସେମାନଙ୍କୁ ଏସସି ତାଲିକାରୁ ବାଦ ଦେବାକୁ ଦାବି କରିଛି। ଏନେଇ ସୋମବାର ଜଟେସିଂଘା ପିଇଓଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ଗଣ୍ଡା ସମାଜର ପଞ୍ଚାୟତ ସଭାପତି ଧିମନ ପ୍ରଶାନ୍ତ କୁମ୍ଭାର, ସମ୍ପାଦକ କୁମରମଣି ବାଦି, ପୂର୍ଣ୍ଣଚନ୍ଦ୍ର ନାଏକ, ଲକ୍ଷେ ଘର ବିକାଶ ପରିଷଦ ସମ୍ପାଦକ ଧିମାନ ଗଦାଧର ବାଦୀ, ପ୍ରଭଞ୍ଜନ ଜଗଦଲା ଓ ଅନ୍ୟାନ୍ୟ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

# ସୁବର୍ଣ୍ଣପୁର ଫୁଟବଲ ଲିଗ୍ ପାଇଁ ପ୍ରସ୍ତୁତି ବୈଠକ



ବୈଠକରେ ଯୋଗଦେଇଥିବା ଫୁଟବଲ ଟିମ୍‌ର ସଦସ୍ୟ।

ଡୁଙ୍ଗୁରିପାଲି, ୩୧।୭ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା କ୍ରୀଡ଼ା ସଂଘ ତରଫରୁ ଆୟୋଜିତ ଫୁଟବଲ ଲିଗ୍ ପାଇଁ ଏକ ପ୍ରସ୍ତୁତି ବୈଠକ ଡୁଙ୍ଗୁରିପାଲି ବ୍ଲକର ଆର୍ଏମ୍ସି ସଭାଗୃହଠାରେ ରବିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଫୁଟବଲ ଲିଗ୍ ପାଇଁ ଡୁଙ୍ଗୁରିପାଲି ବ୍ଲକରେ ତିନୋଟି ଜୋନରେ ଫୁଟବଲ ମ୍ୟାଚ କରିବା ପାଇଁ ସର୍ବସମ୍ମତି କ୍ରମେ ପ୍ରସ୍ତାବ କରାଯାଇଛି। ଏହି ବୈଠକରେ ଡୁଙ୍ଗୁରିପାଲି ବ୍ଲକର ୫୨ଟି ଫୁଟବଲ ଟିମ୍ ମ୍ୟାନେଜର, କୋଚ, କ୍ୟାପଟେନ ଉପସ୍ଥିତ ଥିଲେ। ବୈଠକରେ ଡୁଙ୍ଗୁରିପାଲି ବ୍ଲକ ଆସୋସିଏସନର ଧର୍ମେନ୍ଦ୍ର ବିଶାଳ, ରାମ ନାଏକ, ମନୋଜ ପାତ୍ର, ମହନ ମହାଲିଙ୍ଗ, ମଣିକାନ୍ତ ପ୍ରଧାନ, ସୁରେଶ ନାଏକ, ଅନିଲ ପଧାନ, ଦିଲୀପ ପଧାନ, ବିଜୁ ତରିଆ ଓ ସୁବର୍ଣ୍ଣପୁର ଜିଲା କ୍ରୀଡା ସଂଘର ଉପସଭାପତି ଚିତ୍ତରଞ୍ଜନ ତରାସିଆ, ସମ୍ପାଦକ ପ୍ରିୟଷ କୁମାର ପଣ୍ଡା, ସହସମ୍ପାଦକ ନନ୍ଦକିଶୋର ତ୍ରିପାଠୀ, ରାଜୀବ, ଦିଲୀପ, ଗୌରୀ ଶ୍ୟାମ, କୃଷ୍ଣ, କଲିମ, ପୁରେନ୍ଦ୍ର, ବିକାଶ, ଚନ୍ଦନ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

### ଅବାଧରେ ଚାଲିଛି ନିଶା କାରବାର, ଜୁଆ ଖେଳ

ବାଉଁଶୁଣୀ, ୩୧।୭ (ଦେବାଶୀଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅଞ୍ଚଳରେ କୁଚିଆ ମଦ, ଗଞ୍ଜେଇ ଓ ଜୁଆ କାରବାର ବ୍ୟାପକ ଭାବେ ବଢିଚାଲିଥିବା ଦେଖିବାକୁ ମିଳିଛି। ବାଉଁଶୁଣୀ ଥାନା ଅଞ୍ଚଳରେ ଥିବା ୬ଟି ପଞ୍ଚାୟତର ବିଭିନ୍ନ ଗ୍ରାମରେ ୨୦୦ ରୁ ଅଧିକ କୁଚିଆ ମଦ ଦୋକାନ ଖୋଲିଥିବା ଅଭିଯୋଗ ହେଉଛି। ଏପରିକି କେତେକ ଗ୍ରାମରେ ଏକାଧିକ କୁଚିଆ ମଦ ଦୋକାନ ଖୋଲାଯାଇ ଅବାଧରେ ମଦ ବିକ୍ରି ହେଉଛି। ଏହାକୁ ନେଇ ଗ୍ରାମ୍ୟ ଜୀବନରେ ଅଶାନ୍ତ ପରିବେଶ ସୃଷ୍ଟି ହେଉଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ଅଭିଯୋଗ କରିଛନ୍ତି। ପୋଲିସ ଓ ଅବକାରୀ ବିଭାଗ ସବୁ ଜାଣି ନ ଜାଣିଲା ଭଳିଆ ରହୁଛନ୍ତି। ଏପରିକି ଥାନାରେ ବାରମ୍ବାର ଅଭିଯୋଗ ପରେ ବି ପୋଲିସ ନିରବ ରହୁଥିବାରୁ ପୋଲିସର କାର୍ଯ୍ୟକାରିତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ରାତିରେ ନା ଦିନରେ ବାଉଁଶୁଣୀ ପୋଲିସର ପାଟ୍ରୋଲିଂ ଦେଖାନାହିଁ। ବାଉଁଶୁଣୀ ହାଇସ୍କୁଲ ଖେଳ ପଡିଆରେ ପ୍ରତ୍ୟେକ ରାତିରେ ମଦୁଆଙ୍କ ଆଡ୍ଡା ଜମୁଛି। ଫଳରେ ପଡ଼ିଆରେ ପଡ଼ିଥିବା ସମସ୍ତ ଚେୟାର ଭାଙ୍ଗି ସାରିଲେଣି। ବାଉଁଶୁଣୀ ଛକ ଏକ ଜନଗହଳିପୂର୍ଣ୍ଣ ଅଞ୍ଚଳ। ଏହି ଛକ ଉପରେ ୧୨ଟି ପଞ୍ଚାୟତର ଲୋକ ନିର୍ଭର କରିଥାନ୍ତି। ଦିନକୁ ଦିନ ଚୋରି ଡକାୟତି ବଢ଼ିବାରେ ଲାଗିଛି। ସେଥିଯୋଗୁ ବାଉଁଶୁଣୀରେ ପାଟ୍ରୋଲିଂ ବ୍ୟବସ୍ଥା କଡାକଡି କରିବା ସହ କୁଚିଆ ମଦ ଦୋକାନ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆରକ୍ଷୀ ଅଧୀକ୍ଷକଙ୍କ ପାଖରେ ବାଉଁଶୁଣୀ ଅଞ୍ଚଳର ଜନସାଧାରଣ ଦାବି କରିଛନ୍ତି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା



ବିଦାୟକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

ଡୁଙ୍ଗୁରିପାଲି, ୩୧।୭ (ଦୀନବନ୍ଧୁ ସୁନା)

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ କଲୋନୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ମିଶ୍ରଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ସଭା ସୋମବାର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ମୁକ୍ତା ବାଗ ସଭାପତିତ୍ୱ କରିଥିଲେ। ଡୁଙ୍ଗୁରିପାଲି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଞ୍ଜଲୁ ମିର୍ଦ୍ଧା, ବଟକୃଷ୍ଣ ପାଢ଼ୀ, ଅଖିଳ ପ୍ରଧାନ ଓ ଡୁଙ୍ଗୁରିପାଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରମଚନ୍ଦ୍ର ବାରିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ ଶିକ୍ଷୟିତ୍ରୀ ମିଶ୍ରଙ୍କ ଚାକିରୀ କାଳ ସମୟରେ ବିତି ଯାଇଥିବା ଅଭୁଲା ସ୍ମୃତି ବିଷୟରେ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଗମ୍ଭାରୀପଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସସ୍ମିତା ମେହେର, ଖୁଣ୍ଟପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ନରେଶ ଭୋଇ, ଡୁଙ୍ଗୁରିପାଲି କ୍ଲଷ୍ଟର ସିଆରସିସି ଥବିର ଦୋରା, ଅବସରପ୍ରାପ୍ତ ଶିକ୍ଷକ କୃପାସିନ୍ଧୁ ନାୟକ ପ୍ରମୁଖ ଶିକ୍ଷୟିତ୍ରୀ ମିଶ୍ରଙ୍କ ବିଷୟରେ ଆଲୋକପାତ କରିଥିଲେ। ବିଦାୟ ସମ୍ବର୍ଦ୍ଧନା ସଭା ସିଆରସିସି ଦୋରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଏହି ବିଦାୟ ସମ୍ବର୍ଦ୍ଧନା ସଭାରେ ଡୁଙ୍ଗୁରିପାଲି କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ତଥା ଛଞ୍ଚଣି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରବୀନ୍ଦ୍ରନାଥ ଯୁଆଡି, ଲିଙ୍ଗମାର୍ନି ଉଚ୍ଚ ବିଦ୍ୟାଳୟର ଶିକ୍ଷକ ନୀଳକଣ୍ଠ ନାୟକ, ସିଆରସିସି ଚିତ୍ତରଞ୍ଜନ ଠାକୁର, ସୁରେଶ ନାୟକ, ଦିଲୀପ ପଧାନ, ଥବୀର ବୁଢ଼େକଙ୍କ ସହ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଶମ୍ଭୁ ପାଣ୍ଡେ ଯୋଗଦାନ କରିଥିଲେ। ମୋ ସ୍କୁଲ ଅଭିଯାନର ସଭାପତି ବିଭୁଦତ୍ତ ବିଶ୍ୱାଳ ଯୋଗଦାନ କରିଥିବାବେଳେ ବିଦ୍ୟାଳୟ ତଥା କ୍ଲଷ୍ଟର ସ୍ତରରୁ ମିଶ୍ରଙ୍କ ଉଦ୍ଦେଶ୍ୟରେ ଅତିଥିମାନଙ୍କ ଦ୍ୱାରା ମାନପତ୍ର ଓ ଉପଢ଼ୌକନ ପ୍ରଦାନ କରାଯାଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ କିଷାନ ଶିକ୍ଷୟିତ୍ରୀ ମିଶ୍ରଙ୍କୁ ପେନସନ ସମ୍ବନ୍ଧୀୟ କାଗଜପତ୍ର ପ୍ରଦାନ କରିଥିଲେ। ସଭାକାର୍ଯ୍ୟକୁ ଚେରୁପାଲି ସିଆରସିସି ଦିଲୀପ କୁମାର ପଧାନ ସଂଯୋଜନା କରିଥିଲେ। ଶେଷରେ ଡୁଙ୍ଗୁରିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରମ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ବୀରମହାରାଜପୁର କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା

ଅମରପାଲି, ୩୧।୭ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଦୁଇଜଣ ଅଣଶିକ୍ଷା କର୍ମଚାରୀ ଅବସର ନେଇଛନ୍ତି। ଅବସର ନେଇଥିବା ପାଠାଗାର ସହାୟକ ଅରୁଣ କୁମାର ଦାସ, ପିଅନ କିଶୋର ଚନ୍ଦ୍ର ପଣ୍ଡାଙ୍କୁ ସୋମବାର କଲେଜ ତରଫରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କଲେଜ ଅଧ୍ୟକ୍ଷ ସୁଦାମ ଚରଣ ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କଲେଜ ପରିଚାଳନା ସମିତି ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରୀ ମୁଖ୍ୟ ଅତିଥି, ଇଂଲିଶ ବିଭାଗ ମୁଖ୍ୟ ଗୀତାଞ୍ଜଳି ପୂଝାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଡା. ହିମାଂଶୁ ଶେଖର ପାଢ଼ୀ ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ହରପ୍ରିୟା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ବିଜୟ କୁମାର ପଧାନ ଓ ସଞ୍ଜୟ କୁମାର ପଧାନ ଉଭୟଙ୍କ କାର୍ଯ୍ୟଶୈଳୀର ପ୍ରଶଂସା କରିଥିଲେ। ଉଭୟ କର୍ମଚାରୀ ୧୯୯୧ ମସିହାରେ ଅନୁଷ୍ଠାନରେ ଯୋଗଦେଇ ୩୨ ବର୍ଷ ଧରି କାର୍ଯ୍ୟ କରିଥିଲେ।





ବୀରମହାରାଜପୁର କଲେଜରେ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

# ୨୦ ସ୍କୁଲରେ ମଧ୍ୟାହ୍ନଭୋଜନ ଯାଞ୍ଚ

ଅମରପାଲି, ୩୧।୭ (ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ପ୍ରାୟ ୨୦ଟି ସ୍କୁଲକୁ ଯାଇ ମଧ୍ୟାହ୍ନଭୋଜନ ଯାଞ୍ଚ କରିଛି ଓଡ଼ିଆ ରାଜ୍ୟ ସାମାଜିକ ସମୀକ୍ଷା ଉତ୍ତର ଦାୟିତ୍ୱ ସ୍ୱଚ୍ଛତା ସମିତି (ଓସାଟ) ଟିମ୍। ଓଡ଼ିଶା ରାଜ୍ୟ ସାମାଜିକ ସମୀକ୍ଷା, ଉତ୍ତର ଦାୟିତ୍ୱ ସ୍ୱଚ୍ଛତା ସମିତିର ମିଳିତ ଆନୁକୂଲ୍ୟରେ ଉକ୍ତ ମଧ୍ୟାହ୍ନ ଭୋଜନ ଯାଞ୍ଚ କରାଯାଇଛି। ଜିଲା ପରିଷଦ ସୁବର୍ଣ୍ଣପୁରର ପତ୍ର ସଂଖ୍ୟା ୪୮୦୩ ତା ୨୦।୦୭।୨୦୨୩ ଅନୁସାରେ ବୀରମହାରାଜପୁର ବ୍ଲକର ୨୦ଟି ସ୍କୁଲରେ ତିନୋଟି ପର୍ଯ୍ୟାୟରେ ସାମାଜିକ ସମୀକ୍ଷା କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ମେଣ୍ଡାମାଳ ୟୁପି ସ୍କୁଲ, ଜଟେସିଂହା ୟୁପି ସ୍କୁଲ, ରଥପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ବାଗବର ୟୁପି ସ୍କୁଲ, ବୁରଘାଟ ସ୍କୁଲ, ଉଫୁଲା ୟୁପି ସ୍କୁଲ, ହନୁମାନପାଲି ସ୍କୁଲ, ବଡଖମାର ସ୍କୁଲ, ଡୁମୁରୀ ସ୍କୁଲର ସାମାଜିକ ସମୀକ୍ଷା କରାଯାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ରିଜୁମୁଣ୍ଡା ସ୍କୁଲ, ମେଣ୍ଡିଲିପାଲି ସ୍କୁଲ, ଗୋପପାଲି ସ୍କୁଲ, ବଙ୍କିଆ ସ୍କୁଲ ଏବଂ ତୃତୀୟ ପର୍ଯ୍ୟାୟରେ ଲୁତୁରପଙ୍କ ସ୍କୁଲ, ଘିଚାପାଲି ସ୍କୁଲ, ଖଣ୍ଡହତା ୟୁପି ସ୍କୁଲ,



ଲୁତୁରପଙ୍କ ସ୍କୁଲରେ ସାମାଜିକ ସମୀକ୍ଷା ପାଇଁ ଯାଇଥିବା ଟିମ୍।

**ବୀରମହାରାଜପୁର ବ୍ଲକ**

■ ଅନେକ ସ୍କୁଲରେ ନାହିଁଶୌଚାଳୟ, ପାନୀୟ ଜଳ ସୁବିଧା

ବୁଠୀପଦର ସ୍କୁଲ, ମାଣିକପୁର ସ୍କୁଲ, ତେନ୍ତୁଲିମହଦା ସ୍କୁଲରେ ସାମାଜିକ ସମୀକ୍ଷା ହୋଇଥିଲା। ତରଭା ବ୍ଲକରେ କାର୍ଯ୍ୟରତ ବ୍ଲକ ସାମାଜିକ ସମୀକ୍ଷକ ଗୋପିକୃଷ୍ଣ ରାଉତ, ଡୁଙ୍ଗୁରିପାଲି ବ୍ଲକରେ କାର୍ଯ୍ୟରତ ସାମାଜିକ ସମୀକ୍ଷକ ସଞ୍ଜୟ ବଡମାଳି, ଉଲୁଣ୍ଡାର ଇନ୍ଦ୍ର ପଧାନ, ବିନିକାର ମନୋଜ ସେଠୀ, ସୋନପୁରର ସୁଦାମ ଗାଇଗରିଆ, ବୀରମହାରାଜପୁରର ବ୍ଲକ ସାମାଜିକ ସମୀକ୍ଷକ ଚୈତନ୍ୟ ମଲ୍ଲିକଙ୍କୁ ନେଇ ତିନୋଟି ଦଳ ଗଠନ କରି ବିଭିନ୍ନ ସ୍କୁଲର ସମୀକ୍ଷା କରାଯାଇଥିଲା। ଏହା ଗତ ୨୪ ତାରିଖରୁ ଆରମ୍ଭ ହୋଇଥିବାବେଳେ ସୋମବାର ଶେଷ ହୋଇଛି। ଏହି ଯାଞ୍ଚ ସମୟରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତି, ମେନୁ, ସ୍କୁଲର ଭିତ୍ତିଭୂମି ଯଥା ଶୌଚାଳୟ, ପରିଶ୍ରାଗାର ଯାଞ୍ଚ କରିବା ସହିତ ଏହି ଯୋଜନାରେ ବ୍ୟବହାର ହେଉଥିବା ବିଭିନ୍ନ ରେଜିଷ୍ଟର ତନଖି କରାଯାଇଥିଲା। ଏହାସହ ଛାତ୍ରୀଛାତ୍ର, ଅଭିଭାବକ, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ, ରୋଷେୟାମାନଙ୍କ ସହିତ ଆଲୋଚନା କରି ସତ୍ୟାସତ୍ୟ ଅନୁଧ୍ୟାନ କରିଥିଲେ। ଅନେକ ସ୍କୁଲରେ ଛାତ୍ରୀଛାତ୍ରଙ୍କ ଶୌଚାଳୟ ଓ ପରିଶ୍ରାଗାର ବ୍ୟବହାର କରୁ ନ ଥିବା ସମୀକ୍ଷା ସମୟରେ ଜଣାପଡ଼ିଛି। ଏହା ସହିତ ପିଇବା ପାଣିର ସମସ୍ୟା ରହିଥିବା ସହିତ ରୋଷେଇ ଗୃହ ଓ ଗୋଦାମ ଗୃହ ନ ଥିବା ଜଣାପଡିଛି। ସମସ୍ତ ସମୀକ୍ଷା ପ୍ରକ୍ରିୟାକୁ ଜିଲା ସାମାଜିକ ସମୀକ୍ଷକ ହୃଷୀକେଶ ମହକୁର ପରିଚାଳନା କରିଥିଲେ।

## ଆଖଣ୍ଡଳମଣି ମନ୍ଦିରରୁ ଚୋରି ଅଭିଯୋଗ

ଲାଠିକଟା, (ରାମେଶ୍ୱର ଖାଡ଼ାଙ୍ଗା): ନବକୃଷ୍ଣନଗର ସ୍ଥିତ ଶ୍ରୀ ଶ୍ରୀ ଆଖଣ୍ଡଳମଣି ମନ୍ଦିରୁ ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର କାର୍ଯ୍ୟାଳୟ କବାଟ ଭାଙ୍ଗି ସିଲିଂ ଫ୍ୟାନ, ଚେୟାର, ଇଣ୍ଡକ୍ସନ ଚୁଲା, ରାଶନ ସାମଗ୍ରୀ ଚୋରି କରିନେଇଛନ୍ତି। ଏ ନେଇ ମନ୍ଦିର କମିଟିର ସାଧାରଣ ସମ୍ପାଦକ କାଳନ୍ଦୀ ସୂତାର ଟାଙ୍ଗରପାଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୂର୍ବରୁ ମଧ୍ୟ ଏପରି ଚୋରି କରାଯାଇଥିବା ଏତଲାରେ ଦର୍ଶାଯାଇଛି।

## ସଂକ୍ଷେପରେ

### ବଜ୍ରପାତରେ ନାବାଳିକା ମୃତ

ବଣାଇଁ, ୩୧।୭(ପ୍ରଦୀପ ତ୍ରିପାଠୀ )

ବଣାଇଁ ଥାନା ଅନ୍ତର୍ଗତ ଗୋବିନ୍ଦପୁର ପଞ୍ଚାୟତ ଘୁଷୁରା ଗ୍ରାମରେ ଚାଷ ଜମିରେ ଚାଷ କରୁଥିବାବେଳେ ଜଣେ ନାବାଳିକାଙ୍କ ବଜ୍ରପାତରେ ମୃତ୍ୟୁଘଟିଛି। ମୃତାହେଲେ ଅଙ୍କିତା କିଷାନ(୧୪)। ସୂଚନାଯୋଗ୍ୟ, ଆଈଅଜାଙ୍କ ସହ ଅଙ୍କିତା ଚାଷଜମିକୁ ଯାଇଥିବା ବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଚାଷଜମିରେ ଆଈଅଜାଙ୍କଠାରୁ ଅନତି ଦୂରରେ ଥିବା ଅଙ୍କିତା ବଜ୍ରପାତ ହେବାରୁ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇ ପଠାଇଥିଲା। ମୃତକଙ୍କ ପରିବାର ପ୍ରତି ପ୍ରଶାସନିକ ସହାୟତା ଗୁରୁତ୍ୱପୂର୍ଣ୍ଣ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି।

### କୁଳିପୋଷ ରେଞ୍ଜରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଲହୁଣୀପଡ଼ା,୩୧।୭(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ କୁଳିପୋଷ ରେଞ୍ଜ ର ରେଞ୍ଜର ମୁକ୍ତିକାନ୍ତ ପରିଡା ସୋମବାର ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ରେଞ୍ଜ କାର୍ଯ୍ୟାଳୟଠାରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ଡେପୁଟି ରେଞ୍ଜର ଜୟ କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କୁଳିପୋଷ ଓ ଖୁଣ୍ଟଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ବୈଲୋଚନ ନାଏକ, ଅଜୟ କୁମାର ନାୟକ ଯୋଗଦେଇ ପରିଡାଙ୍କ ଚାକିରୀ କାଳ ମଧ୍ୟରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହୋଇ ପାରିଛ ବୋଲି ସେମାନେ କହିଥିଲେ। ସେଥି ମଧ୍ୟରୁ ଖଣ୍ଡାଧାର ଜଳ ପ୍ରପାତ ଓ କୁଳିପୋଷ ଜଗନ୍ନାଥ ମନ୍ଦିର ସବୁଦିନ ପାଇଁ ଉଦାହରଣ ହୋଇ ରହିବ। ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ଫରେଷ୍ଟର ପ୍ରଦୀପ ଭୋଇ, ଆରତୀ ନାଏକ, ସରିତା ମାହାନ୍ତଙ୍କ ସମେତ ଅନେକ କର୍ମଚାରୀ ଉପସ୍ଥିତଥିଲେ। ସେହିଭଳି କୁଳିପୋଷ ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ସନ୍ଧ୍ୟାରେ ଜଗନ୍ନାଥ ମନ୍ଦିର କମିଟି ଓ ଗ୍ରାମବାସୀଙ୍କ ତରଫରୁ ପରିଡାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଏଥିରେ ମନ୍ଦିର ପରିଚାଳନା କମିଟିର ଅଭିମନ୍ୟୁ ସାହୁ, ଧନେଶ୍ୱର ପ୍ରଧାନ, ଗୁରୁ ଚରଣ ସ୍ୱାଇଁ, ପ୍ରଦୀପ କୁମାର ସ୍ୱାଇଁ, ଦେବାନନ୍ଦ ସ୍ୱାଇଁ, ଲଳିତ ମୋହନ ପ୍ରଧାନ, କ୍ଷମାନିଧି ବେହେରା ଉପସ୍ଥିତ ରହିଥିଲେ।

### ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

ସୁନ୍ଦରଗଡ,୩୧।୭(ଜୟନାରାୟଣ ମେଣ୍ଟୁଲି)

ଏସ୍‌ଆର ଫାଉଣ୍ଡେଶନ ପକ୍ଷରୁ ଆୟୋଜିତ ଏବଂ ଲମ୍ବୋଦର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ



ସୁନନ୍ଦା ପଟେଲ ଓ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଦ୍ୟାର୍ଥୀ ବ୍ୟକ୍ତିତ୍ୱ ବିକାଶ ଉପରେ ଏକ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ମୋଟିଭେସନାଲ ସ୍ପୀକର ସୋମ ରୟ ନୈତିକ ଶିକ୍ଷା ଓ ସକାରାତ୍ମକ ଆଲୋଚନା ଦ୍ୱାରା ବିଦ୍ୟାର୍ଥୀଙ୍କୁ ଉତ୍ତମ ହେବା ପାଇଁ ଉତ୍ସାହିତ କରିଥିଲେ। ତତ୍‌ସହିତ ଟେକ୍ନୋଲୋଜି ଓ ଡିଜିଟାଲ ଶିକ୍ଷାର ଉପଯୋଗ ଓ ମହତ୍ତ୍ୱ ଉପରେ ବିଶେଷ ଦୃଷ୍ଟି ଆକର୍ଷଣ କରିଥିଲେ। ଏନ୍‌ଏମ୍ କଲେଜର ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପଟ୍ଟନାୟକ ବିଦ୍ୟାର୍ଥୀଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି ଶୁଭେଚ୍ଛା ଜଣାଇଥିଲେ। ୨ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୋମ ରୟଙ୍କୁ ଏହି କାର୍ଯ୍ୟ ପାଇଁ ସୁସମର୍ଥନ ସହିତ ସାଧୁବାଦ ଜଣାଇଥିଲେ। ଏହି ଅଞ୍ଚଳର ବିଦ୍ୟାଳଗୁଡିକରେ ଅନୁଷ୍ଠିତ ହେଉଥିବା ବିଦ୍ୟାର୍ଥୀ ବିକାଶ କାର୍ଯ୍ୟକ୍ରମରେ ସାମିଲ ହୋଇ ସୋମ ମତ ବ୍ୟକ୍ତ କରି କହିଛନ୍ତି, ବିଦ୍ୟାର୍ଥୀଙ୍କ ପାଇଁ ଏପରି କାର୍ଯ୍ୟକ୍ରମ ଅତ୍ୟନ୍ତ ଆବଶ୍ୟକ। ପୁରା ଜିଲାରେ ଏହାକୁ ଅନୁଷ୍ଠିତ କରିବା ପାଇଁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି। ସରପଞ୍ଚ ଭସ୍ମା ଧନ୍ୟବାଦ ଦେଇଥିଲେ।

# ରାସ୍ତାସାରା ଖାଲଖମା, ଯାତାୟାତରେ ବାଧା

## ଟେହେରେଇ ଛକ-ଗଣୁଆ ରାସ୍ତା

### ■ଉନ୍ନତୀକରଣ ଦାବି କଲେ ଅଞ୍ଚଳବାସୀ

ଟେନ୍‌ସା,୩୦।୭(ସମୀର କୁମାର ପାଢ଼ୀ)

ସୁନ୍ଦରଗଡ଼ ଜିଲା କୋଇଡା ବ୍ଲକର ଟେହେରେଇ ଛକରୁ ଗଣୁଆକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ପାଲଟିଛି ମରଣଯନ୍ତା। ଏହି ରାସ୍ତା ଦେଇ ପ୍ରତିଦିନ ଟାଟା ଷ୍ଟିଲ, ପ୍ରକାଶ ଇଣ୍ଡଷ୍ଟ୍ରି ଖଣିରୁ ଯାଉଛି ହଜାର ହଜାର ଲୁହାପଥର, ଲୁହାଗୁଣ୍ଡ ବୋଝେଇ ଟ୍ରକ। ହେଲେ ରାସ୍ତା ମରାମତି ପାଇଁ କାହାର ନଜର ନାହିଁ। ରାସ୍ତା ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି। ବର୍ଷାଦିନେ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ଫଳରେ ସେହି ରାସ୍ତା ଦେଇ ଯାଉଥିବା ଲୋକେ ସମସ୍ୟା ଭୋଗୁଛନ୍ତି। ରାସ୍ତା ଏପରି ହୋଇଛି ଯେ ଚାରିଚକିଆ, ଦୁଇ ଚକିଆ ଯାନ ଯିବା ଦୂରର କଥା ଲୋକେ ଚାଲିକି ଯିବା କଷ୍ଟକର ହୋଇପଡିଛି। ରାସ୍ତା ଖରାପ



ରାସ୍ତା କାଦୁଅ ଯୋଗୁ ଯାତାୟାତ ବାଧାପ୍ରାପ୍ତ।

ଯୋଗୁ ଏହା ସବୁବେଳେ ଜାମ ରହୁଛି। ରୋଗୀ ଠିକ୍ ସମୟରେ ଡାକ୍ତରଖାନାରେ ପହଞ୍ଚି ପାରୁନି। ଛାତ୍ରୀଛାତ୍ର ମଧ୍ୟ ସ୍କୁଲ, କଲେଜ ଯିବାକୁ ସମସ୍ୟା ଭୋଗୁଛନ୍ତି। ଖଣି ଅଞ୍ଚଳର ରାସ୍ତା ଘାଟ, ସ୍ୱାସ୍ଥ୍ୟ, ଶିକ୍ଷାର ଉନ୍ନତି ପାଇଁ ଜିଲା ଖଣିଜ ପାଣ୍ଠିକୁ ଆସୁଛି କୋଟି କୋଟି ଟଙ୍କା। ହେଲେ ଅଞ୍ଚଳର ବିକାଶ ହୋଇପାରୁନାହିଁ। ଏ ନେଇ ଗ୍ରାମର ସାମାଜିକ କର୍ମୀ ବାଦଲ ବାରିକଙ୍କୁ ପଚାରିବାରୁ, ଖଣିଜ ପାଣ୍ଠିରେ ଅଛି ହଜାର ହଜାର କୋଟି ଟଙ୍କା। ୧୫ମାସ ମଧ୍ୟରେ ଷ୍ଟାଡିୟମ ନିର୍ମାଣ ହେଉଛି। କିନ୍ତୁ ୧୫ବର୍ଷ ହେଲା ଗଣୁଆ ରାସ୍ତା ହୋଇପାରୁନାହିଁ। ଏ ସମ୍ପର୍କରେ ଗଣୁଆ ଗ୍ରାମବାସୀ ସ୍ଥାନୀୟ ସରପଞ୍ଚଙ୍କ ମାଧ୍ୟମରେ ବଣାଇ ଉପଜିଲାପାଳଙ୍କୁ ଲିଖିତଭାବେ ଜଣାଇଥିଲେ ମଧ୍ୟ କିଛି ସୁଫଳ ମିଳିଲା ନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ୬୫ ଅଭିଯୋଗର ଶୁଣାଣି କଲେ ବିଡିଓ

ବଡ଼ଗାଁ,୩୧।୭( ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଫୁଲବାରୀ, ଇଟମା ଓ ବାମଡେରା ପଞ୍ଚାୟତରେ ଜନଶୁଣାଣି ଶେଷ ହୋଇଥିବାବେଳେ ସୋମବାର ତୁଡାଲଗା ପଞ୍ଚାୟତ ଅଫିସରେ ବିଡିଓ କ୍ଷମାନିଧି ଭୋଇ ୬୫ଟି ଅଭିଯୋଗର ଶୁଣାଣି କରିଛନ୍ତି। ଏହି ଜନଶୁଣାଣିରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ତହସିଲଦାର ସରୋଜ କୁମାର ପୃଷେଟ, ଏବିଡିଓ ଉଷାବତୀ ଗରଡିଆ, ଏପିଓ ପତନ କୁମାର ପୂଜାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ କୁମାର ମାଝି, ଯୋଗାଣ ନିରୀକ୍ଷଣ ଶିବାନୀ ରାଣୀ ବରିହା, ସ୍ଥାନୀୟ ସରପଞ୍ଚ ସୁଦୀପ ବାଡା, ସମିତି ମେମ୍ବର ପ୍ରଭା ମାଝି, ପଞ୍ଚାୟତ ନିର୍ବାହୀ ଅଧିକାରୀ ଲିଲିମା ରାଣୀ ଧମେଲ, ଯୋଗାଣ ସହାୟକ ନୀଳିମା ରାଉତରାୟଙ୍କ ସହିତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗଦେଇଥିଲେ। ଏହି ଜନ ଶୁଣାଣିରେ ତୁଡାଲଗା ମଙ୍ଗଳା ମନ୍ଦିର ନିକଟ କିଷାନପଡା ଓ ଜାଙ୍ଗଲି ଗାଁର ୱାର୍ଡ ନମ୍ବର ୧୦ରେ ନଳକୂପ ଖନନ ପାଇଁ ଦାବି ହୋଇଥିବା ବେଳେ ତୁଡାଲଗା ମାଝି ପଡାର ଲୋକେ କଂକ୍ରିଟ



ଭାଦୁ ଖଡ଼ିଆଙ୍କୁ ବିଡିଓ ଆଶା ବାଡି ଦେଉଛନ୍ତି।

ରାସ୍ତା ନିର୍ମାଣ ପାଇଁ ଦାବି କରିଥିଲେ। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ହିତାଧିକାରୀଙ୍କୁ ମିଳିଥିବା ୪ ଡିସିମିଲ ଜମି ଚିହ୍ନଟ କରିବାକୁ କହିଥିଲେ। ବହୁ ସଂଖ୍ୟକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାରେ ଘର ପାଇଥିବା ଅଭିଯୋଗ ହୋଇଥିଲା। ଜନଶୁଣାଣିରେ ଅନେକ ବ୍ୟକ୍ତି ଆବାସ ଯୋଜନାର ଘର ପାଇଁ ଦାବି କରିଥିଲେ। ବାର୍ଦ୍ଧକ୍ୟ ଭତ୍ତା ପାଉଥିବା କେତେକ ବୃଦ୍ଧାବୃଦ୍ଧଙ୍କ ଟିପଚିହ୍ନ ବ୍ୟାଙ୍କରେ ମେଶିନ ନେଉ ନ ଥିବାରୁ ସେମାନେ ଭତ୍ତା ଟଙ୍କା ପାଉ ନ ଥିବା ଅଭିଯୋଗ କରି ତାଙ୍କୁ ଘରେ କିମ୍ବା ପଞ୍ଚାୟତରେ ଭତ୍ତା ଦେବାକୁ ଅନୁରୋଧ କରିଥିଲେ। କେତେକ ବ୍ୟକ୍ତି ଅନ୍ତ୍ୟୋଦୟ ଚାଉଳ ଦେବାକୁ ଜଣାଇଥିଲେ। ବ୍ଲକରେ ଆଶାବାଡି ପାଇଁ ଜଣାଇଥିବା କଣ୍ଟିଆମୁରା ଗ୍ରାମର ଭାଦୁ ଖଡିଆଙ୍କୁ ଜନଶୁଣାଣିରେ ଆଶା ବାଡି ଦିଆଯାଇଥିଲା। ନାଏବ ସରପଞ୍ଚ ଜୁଲିଆ ମିଞ୍ଜ, ୱାର୍ଡ ମେମ୍ବର ପବିତ୍ର କିଷାନ, ସ୍ୱାଧୀନ ବାଡ଼ା, ରିମା ଖଡ଼ିଆ, ରୁଦ୍ର ବେହେରା, ପୂର୍ଣ୍ଣଚନ୍ଦ୍ର ମାଝି, ରଙ୍କନିଧି ଭୋଇ, ବସନ୍ତ ମାଝି, ହରିପ୍ରିୟା ଭୋଇଙ୍କ ସହିତ ଗାଁ ସାଥୀମାନେ ଉପସ୍ଥିତ ଥିଲେ।

## ଜାଗରଣ ପକ୍ଷରୁ ଅଭିନୟ କର୍ମଶାଳା ଉଦ୍‌ଯାପିତ

ଦେବଗଡ଼, ୩୧।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ର ଅଗ୍ରଣୀ ନାଟ୍ୟାନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ ପକ୍ଷରୁ ଅନୁଷ୍ଠିତ ନାଟକ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଗତ ୨୫ରୁ ୩୧ ତାରିଖ ସାତ ଦିନ ଧରି ସ୍ଥାନୀୟ ଟାଉନ ହଲଠାରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ କ୍ଲବର ସଭାପତି ଅଶୋକ ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ତିଳେଇବଣି ବ୍ଲକ ଉପାଧ୍ୟକ୍ଷା ଆରତୀ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ କର୍ମଶାଳାରେ ଭାଗ ନେଇଥିବା କଳାକାରମାନଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କ୍ଲବର ସମ୍ପାଦକ ସୁଜିତ କୁମାର ପାତ୍ର ସ୍ୱାଗତ ଭାଷଣ ପ୍ରଦାନ ସହ କର୍ମଶାଳାର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଓଡ଼ିଶାର ପ୍ରତିଷ୍ଠିତ ନାଟ୍ୟ ନିର୍ଦ୍ଦେଶକ ସୂର୍ଯ୍ୟ ମହାନ୍ତି ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସନ୍ଧ୍ୟାରେ ତାଲିମ ନେଇଥିବା କଳାକାର ବୃନ୍ଦ ନିଜର କଳା ଦର୍ଶକଙ୍କ ସମ୍ମୁଖରେ ପ୍ରଦର୍ଶନ କରିଥିଲେ। ଜନ୍ମେଜୟ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଉପସଭାପତି ପ୍ରକାଶ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ବଜ୍ରପାତରେ ମତ୍ସ୍ୟଜୀବୀ ମୃତ

ଦେବଗଡ଼, ୩୧।୭(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ଥାନା ମଧୁପୁର ଗ୍ରାମ ପଞ୍ଚାୟତର କୁଲସୁରା ଗ୍ରାମରେ ବଜ୍ରପାତରେ ଜଣେ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ ସୋମବାର ଅପରାହ୍ନରେ କୁଲସୁରା ଗ୍ରାମର ବେଣୁ ଧିବର ନାମକ ଜଣେ ମତ୍ସ୍ୟଜୀବୀ ଜାଲ ଉଠାଇବା ପାଇଁ ରେଙ୍ଗାଲୀ ବନ୍ଧ ଜଳଭଣ୍ଡାରକୁ ଯାଉଥିଲେ। ଏହି ସମୟରେ ବର୍ଷା ଓ ବଜ୍ରପାତ ଘଟିବା ସହ ଏହାର ପ୍ରଭାବରେ ଘଟଣା ସ୍ଥଳରେ ହିଁ ବେଣୁଙ୍କର ମୃତ୍ୟୁ ଘଟିଥିଲା । ସୂଚନା ପାଇ ପୂର୍ବତନ ସରପଞ୍ଚ ଭାରତ ଭୂଷଣ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚିବା ସହ ଏ ସମ୍ପର୍କରେ ବାରକୋଟ ଥାନା ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ବାରକୋଟ ଥାନା ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ଶବାଗାରରେ ସଂରକ୍ଷିତ ରଖିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ ସୂତ୍ରରୁ ସୂଚନା ମିଳିଛି। ସୋମବାର ଦେବଗଡ଼ ଜିଲାରେ ବର୍ଷା ସହ ବଜ୍ରପାତ ହୋଇଥିଲା।

# ଓସିଏସ୍‌ରେ ସଫଳ ହେଲେ ସତ୍ୟ ପ୍ରକାଶ

## କୁତ୍ରା ବ୍ଲକ

କୁତ୍ରା,୩୧।୭(ଦେବାଶିଷ ସାହୁ)




ଦୀପକ ବାଡା ସତ୍ୟ ପ୍ରକାଶ ମିଞ୍ଜ

ଓଡିଶା ସିଭିଲ ସର୍ଭିସ( ଓସିଏସ୍) ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଥିବା ବେଳେ କୁତ୍ରା ବ୍ଲକ ଅଞ୍ଚଳରୁ ୨ ଜଣ ସଫଳତା ହାସଲ କରିଛନ୍ତି। ପଞ୍ଚରା ପଞ୍ଚାୟତ ତେଲେନଡ଼ିପା ଗ୍ରାମର ସତ୍ୟ ପ୍ରକାଶ ମିଞ୍ଜ ଅଲ୍ ଓଡିଶା ତାଲିକାରେ ୩୩୬ ନମ୍ବର ସ୍ଥାନରେ ରହିଥିବାବେଳେ ଏସ୍‌ଟିକ୍ୟାଟାଗୋରିରେ ୧୨ତମ ସ୍ଥାନରେ ରହିଥିବା ସେ ପ୍ରକାଶ କରିଛନ୍ତି। ତାଙ୍କର ପ୍ରାରମ୍ଭିକ ଶିକ୍ଷାରୁ ଆରମ୍ଭ କରି ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତି ବାସ୍ତବ କାହାଣୀ ନିଶ୍ଚିତଭାବେ ସମସ୍ତଙ୍କ ପାଇଁ ଅତ୍ୟନ୍ତ ପ୍ରେରଣାଦାୟୀ ଅଟେ। ଏକ ଅତ୍ୟନ୍ତ ଗରିବ ପରିବାରରୁ ଜନ୍ମିତ ସତ୍ୟ ପ୍ରକାଶଙ୍କ ବାପା ମାନୁଏଲ ମିଞ୍ଜ ଜଣେ ସାଧାରଣ ଚାଷୀ। ତାଙ୍କର ୩ ପୁଅ ଏବଂ ଜଣେ କନ୍ୟା ସନ୍ତାନ ମଧ୍ୟରେ ସେ ହେଉଛନ୍ତି ତୃତୀୟ ସନ୍ତାନ। ବାପା ଅତ୍ୟନ୍ତ ଗରିବ ହୋଇଥିବାରୁ ଛୁଆଙ୍କୁ ପାଠ ପଢାଇବା ନିମନ୍ତେ ଏକ ପ୍ରକାର ଅକ୍ଷମ ଥିଲେ। ଦାରିଦ୍ର୍ୟତା ଫଳରେ ସତ୍ୟଙ୍କର ୨ ବଡ ଭାଇ ଅନ୍ୟ ରାଜ୍ୟରେ ଦାଦନ ଘଟୁଛନ୍ତି। ହେଲେ ହାର ମାନିନ ଥିଲେ ସତ୍ୟ। ନିଜର ପ୍ରଚେଷ୍ଟାକୁ ଜାରି ରଖି ଶେଷରେ ସଫଳତା ପାଇଛନ୍ତି। ସତ୍ୟ ପିଲାଦିନର ପାଠପଢା ନିଜ ଅଞ୍ଚଳରେ ଆରମ୍ଭ କରିଥିବା ବେଳେ ନିକଟସ୍ଥ କୁସୁମଡେଗୀ ଉଚ୍ଚ ବିଦ୍ୟାଳୟରୁ ୨୦୦୮ରେ ମାଟ୍ରିକ ପାସ କରିଥିଲେ। ପରେ ବଡଗାଁ ପଞ୍ଚାୟତ କଲେଜରୁ ଯୁକ୍ତ ୨ ପାସ କରି ସମ୍ବଲପୁର ଗଙ୍ଗାଧର ମେହେର ଅଟୋନମସ କଲେଜରୁ ରାଜନିତୀ ବିଜ୍ଞାନରେ ଯୁକ୍ତ ୩ ୨୦୧୪ରେ ପାସ କରିଥିଲେ। ହେଲେ ଅଭାବ ଅସୁବିଧା ଯୋଗୁ ସେ ପୋଷ୍ଟ ଗ୍ରାଜୁଏଟ ପାଠପଢି ପାରିନଥିଲେ। ହେଲେ ତାଙ୍କର ଲକ୍ଷ ଥିଲା ଉଚ୍ଚ। ଘରେ ରହି ଓଡିଶା ସିଭିଲ ସର୍ଭିସ ପାଇଁ ପ୍ରସ୍ତୁତ କରୁଥିଲେ ନିଜକୁ। ନିଜର ଚତୁର୍ଥ ପ୍ରୟାସରେ ସେ ଶେଷରେ ପାଇଥିଲେ ସଫଳତା। ତାଙ୍କର ଏହି ସଫଳତା ପାଇଁ ବହୁ ସଂଖ୍ୟାରେ ଶୁଭେଚ୍ଛାର ସୁଅ ଛୁଟୁଛି। ୨ ମାସ ହେଲା ତାଙ୍କ ବାପା ଶଯ୍ୟାଶାୟୀ ଅଛନ୍ତି।

## ୨ୟ ଥର ଓସିଏସ୍ ପାଇଲେ ଦୀପକ

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଗ୍ୟାନପାଲି ପଞ୍ଚାୟତ ଡମପୋଷ ଗ୍ରାମର ଦୀପକ ବାଡା ୨ୟ ଥର ପାଇଁ ଓଡିଶା ସିଭିଲ ସର୍ଭିସ ପରୀକ୍ଷା(ଓସିଏସ୍)ରେ ସଫଳତା ପାଇଛନ୍ତି । ସୋମବାର ପ୍ରକାଶିତ ପରୀକ୍ଷା ଫଳରେ ସେ ଅଲ୍ ଓଡିଶା ତାଲିକାରେ ୩୩୯ ତମ ସ୍ଥାନରେ ରହି ନିଜ ପାଇଁ ତଥା ନିଜ ପରିବାର ଏବଂ ସମଗ୍ର ଅଞ୍ଚଳ ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଏଥିସହ ଏସ୍‌ଟି କ୍ୟାଟାଗୋରିରେ ୧୨ତମ ସ୍ଥାନରେ ରହିଥିବା ସେ ପ୍ରକାଶ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କ ପରିବାର, ଗାଁ ତଥା କୁତ୍ରା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ୨୦୧୮ରେ ହୋଇଥିବା ଓଡିଶା ସିଭିଲ ସର୍ଭିସ ପରୀକ୍ଷାରେ ଦୀପକ ସଫଳତା ପାଇଥିଲେ। ରାୟଗଡା ଜିଲାରେ ଓଡିଶା କୋଅପରେଟିଭରେ ଚାକିରୀ ପାଇ ଜିଲା ସହକାରୀ ନିବନ୍ଧକଭାବେ କାର୍ଯ୍ୟକରୁଥିଲେ। ହେଲେ ତାଙ୍କର ଲକ୍ଷ ରହିଥିଲା ଉଚ୍ଚରେ। ଏଥିପାଇଁ ସେ ଚାକିରୀ ସହ ପୁଣି ପରୀକ୍ଷା ଦେବା ପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ସେହି ଚେଷ୍ଟା ବଳରେ ସେ ୩୩୯ ରାଙ୍କ ରଖି ସଫଳତା ହାସଲ କରିଛନ୍ତି। ଦୀପକ ଅତ୍ୟନ୍ତ ଗରିବ ଘରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପା ଅଟୋ ଚଳାଇ ପରିବାର ପ୍ରତିପୋଷଣ କରୁଛନ୍ତି।

# ଟ୍ରକ ମାଲିକ ସଂଘ ନିର୍ବାଚନ



## ରାକେଶ ସଭାପତି, ଜଗନ୍ନାଥ ସମ୍ପାଦକ

ରାଜଗାଙ୍ଗପୁର,୩୧।୭(ଅଶୋକ ପାଣି)

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରରେ ଟ୍ରକ ମାଲିକ ସଂଘ ନିର୍ବାଚନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ନିର୍ବାଚନରେ ରାକେଶ ନନ୍ଦା ୩୨୨ ଖଣ୍ଡ ଭୋଟ୍ ପାଇ ଜୟଯୁକ୍ତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ମନୋଜ ବାଙ୍କରା ମାତ୍ର ୧୪୪ ଖଣ୍ଡ ଭୋଟ୍ ପାଇଥିଲେ। କାର୍ଯ୍ୟକାରୀ ସଭାପତି ପଦବୀରେ ଦିଲୀପ କୁମାର ସାହୁ ୧୬୫ ଖଣ୍ଡ ଭୋଟ୍ ପାଇ ଜୟଯୁକ୍ତ ହୋଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ଦିଲ୍ଲୀପ ପାଢ଼ୀ ୧୬୪ ଖଣ୍ଡ ଭୋଟ୍ ଓ କିରନ ରାଓ ୧୩୪ ଖଣ୍ଡ ଭୋଟ୍ ପାଇଥିଲେ। ସାଧାରଣ ସଂପାଦକ ପଦବୀରେ ଜଗନ୍ନାଥ ଯାଦବ ୨୩୯ ଖଣ୍ଡ ଭୋଟ୍ ପାଇ ଜୟଯୁକ୍ତ ହୋଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦୀ ବିଶ୍ୱକର୍ମା ସିଂ ୧୬୪ ଓ ରାମପ୍ରତାପ ସାଫି ୫୮ ଖଣ୍ଡ ଭୋଟ୍ ପାଇଥିଲେ। ଉପସଭାପତି ପଦବୀରେ ମହମ୍ମଦ ଆବିଦ ନିଦ୍ୱନ୍ଦରେ ବିଜୟୀ ହୋଇଥିଲାବେଳେ ଉପସଭାପତି ଖ ପଦବୀ ପାଇଁ ପ୍ରତିଦ୍ୱନ୍ଦୀତା ହୋଇଥିଲା। ହରଦିପ ସିଂ ୨୪୦ ଖଣ୍ଡ ଭୋଟ୍ ପାଇ ଜୟଯୁକ୍ତ ହୋଇଛନ୍ତି। ଯୁଗ୍ମ ସଂପାଦକ କ ପାଇଁ ତନବିର ଆଲମ ୩୧୦ ଖଣ୍ଡ ଭୋଟରେ ଜୟଯୁକ୍ତ ହୋଇଥିବା ବେଳେ ଯୁଗ୍ମ ସଂପାଦକ ଖ ପଦବୀ ପାଇଁ ଚନ୍ଦନ ସିଂ ୨୩୭ ଖଣ୍ଡ ଭୋଟ୍ ପାଇ ଜୟଯୁକ୍ତ ହୋଇଛନ୍ତି। କୋଷାଧ୍ୟକ୍ଷ ପଦବୀରେ ସୁରେଶ ଶର୍ମା ୩୦୩ ଖଣ୍ଡ ଭୋଟ୍ ପାଇ ଜୟଯୁକ୍ତ ହୋଇଛନ୍ତି। ଶାନ୍ତି ଶୃଙ୍ଖଳାର ସହ ନିର୍ବାଚନ ଶେଷ ହୋଇଥିବାରୁ ମୁଖ୍ୟ ନିର୍ବାଚନ ଅଧିକାରୀ ଉପେନ୍ଦ୍ର ପ୍ରଧାନ ତଥା ସହ ନିର୍ବାଚନ ଅଧିକାରୀ କୁଲଦିପ ସିଂ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଭାଜପାର ଗୃହ ସମ୍ପର୍କ ପଦଯାତ୍ରା

ଲହୁଣୀପଡ଼ା,୩୧।୭(ଦାଶରଥି ପଣ୍ଡା)

ମୋଦୀ ସରକାରଙ୍କ ୯ ବର୍ଷ ପୂର୍ତ୍ତି ଅବସରରେ ଲହୁଣୀପଡ଼ା ବ୍ଲକ ଖୁଣ୍ଟଗାଁରେ ଗୃହ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଗଙ୍ଗାଧର ମାହାନ୍ତ, ଜିଲା ଉପସଭାପତି ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏବଂ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେଏହି ପଦଯାତ୍ରା ହୋଇଥିଲା। ଭାଜପା କର୍ମୀ ଓ ପଦାଧିକାରୀମାନେ ଘରକୁ ଘର ପଦଯାତ୍ରା କରି ଜନ ସାଧାରଣଙ୍କ ସାକ୍ଷାତ କରିଥିଲେ। ମୋଦୀ ସରକାରଙ୍କ ସେବା, ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ସମ୍ବଳିତ ପତ୍ରିକା ବଣ୍ଟନ କରିବା ସହ ଜନ କଲ୍ୟାଣକାରୀ ଯୋଜନା ଗୁଡ଼ିକ ସମ୍ପର୍କରେ ସେମାନଙ୍କ ଅବଗତ କରିଥିଲେ। ଏହି ପଦଯାତ୍ରାରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସେବତୀ ନାଏକ, ଜିଲା ସାଧାରଣ ସମ୍ପାଦକ ହେମନ୍ତ କୁମାର



ଭାଜପା ପକ୍ଷରୁ ବାହାରିଥିବା ପଦଯାତ୍ରା।

ସାହୁ, ଅଭିରାମ ମହାକୁଳ, ଲୁଥାର ଓରାମ ଜିଲା ଉପ ସଭାନେତ୍ରୀ ଦିବ୍ୟ ମଞ୍ଜରୀ ଶେଖର ଦେଓ, ଜିଲା ସମ୍ପାଦକ ବାଗୁନ ଗାଗରାଇ, କର୍ମତି ଓରାମ, ଜିଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଭିକି ବ୍ରହ୍ମ, ଲହୁଣୀପଡା ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ କୁମ୍ଭାର, ଖୁଣ୍ଟ ଗାଁ ମଣ୍ଡଳ ସାଧାରଣ ସମ୍ପାଦକ ନିରାକାର ନାୟକ, ତାଳ ବାହାଲି ପଞ୍ଚାୟତର ପୂର୍ବତନ ସରପଞ୍ଚ ବୁଧୁ ନାୟକ, ମଣ୍ଡଳ ଯୁବ ମୋର୍ଚ୍ଚା ସଭାପତି ନିରଞ୍ଜନ ନାୟକ, ମଣ୍ଡଳର ବରିଷ୍ଠ କାର୍ଯ୍ୟକର୍ତ୍ତା ଲଳିତ ମୋହନ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ଭର କିଷାନ, ରତ୍ନାକର ନାୟକ, ଚୌଧୁରୀ ପ୍ରଧାନ, ରମେଶ ଚନ୍ଦ୍ର ବସନ୍ତରା, ସୁକାନ୍ତି ସିଂ, ଝିଲ୍ଲୀ ମାଝି, ବୈଦେହୀ ବେରା, ବିହାରୀ ମାହାନ୍ତ, ସଞ୍ଜୟ କାଲୋ, ଶଶୀଭୂଷଣ ସାହୁ, ଦୋଳଗୋବିନ୍ଦ ଦାସ, ନାରାୟଣ ବସନ୍ତରା, ମନୋଜ କିଷାନ, ସଞ୍ଜୀବ ସାହୁ, ପରମେଶ୍ୱର ବଗର୍ତ୍ତି, ସଞ୍ଜୟ ମହାକୁଳ, ରଞ୍ଜିତ ମହାକୁଳ ଓ ସନ୍ତୋଷ କୁମାର ମାଝି ଉପସ୍ଥିତ ଥିଲେ।

# ଲେଡାପୋକ ପ୍ରାଦୁର୍ଭାବ, ଚିନ୍ତାରେ ଚାଷୀ

ଲେଫ୍ରିପଡା,୩୧।୭(ଦେଶରଞ୍ଜନ ପଟେଲ)

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ ଅଞ୍ଚଳରେ ଧାନଜମିରେ ଲେଡାପୋକର ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଏନେଇ ଚାଷୀ ଚିନ୍ତିତ ହୋଇପଡ଼ିଛନ୍ତି। ଗିରିଙ୍ଗକେଲା ପଞ୍ଚାୟତର ପଟୁଆଡ଼ିହି, ତେଲେନଡ଼ିହି, ଚକରଧରପୁର, ବୈରାଗୀବାହାଲ ଗ୍ରାମ ସମେତ ଡୁମାବାହାଲ ରାଜବାହାଲ, ସରପଗଡ଼ ପଞ୍ଚାୟତରେ ଶହଶହ ଲେଡାପୋକ ଧାନଫସଲକୁ କାଟି ଖାଇ ଚାଲିଛନ୍ତି। ଲେଫ୍ରିପଡା ବ୍ଲକରେ ବର୍ଷାର ପରିମାଣ କମ ରହିଥିବା ବେଳେ ଚାଷକାର୍ଯ୍ୟ ବିଳମ୍ବ ହୋଇଥିଲା। ଅଳ୍ପକିଛି ଦିନତଳେ ଭଲ ବର୍ଷା ହେବାରୁ ଚାଷୀ ଧାନବୁଣା କାର୍ଯ୍ୟ ଆରମ୍ଭ କରିଥିଲେ। ବର୍ତ୍ତମାନ ଧାନଗଛ ସବୁ ଛୋଟ ଛୋଟ ରହିଥିବାବେଳେ ଲେଡାପୋକର ପ୍ରାଦୁର୍ଭାବ ଯୋଗୁଁ ଚାଷୀ ଉପରେ ଅକାଳ ଚଡକ ପଡିଛି। ଏହାର ଦମନ ପାଇ ଉପଯୁକ୍ତ କୀଟନାଶକ ଔଷଧ ବ୍ଲକ କୃଷି ବିଭାଗ, ଜିଲା କୃଷିବିଭାଗ ଚାଷୀଙ୍କୁ ରିହାତି ଦରରେ ଯୋଗାଇବା ପାଇଁ ଅଞ୍ଚଳର ଚାଷୀ ଦାବି କରିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଖରିଫ ଧାନ ଚାଷ ସମୟରେ ବର୍ଷାର ଅନିୟମିତତା ହେବାରୁ ବହୁ ମାତ୍ରାରେ ଧାନ ଚାଷ ପ୍ରଭାବିତ ହୋଇଥିଲା।



# ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣି ବନ୍ଦ କଲେ ବିସ୍ଥାପିତ

## ଉପଜିଲାପାଳଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

ସୁନ୍ଦରଗଡ/ହେମଗିର,୩୧।୭
(ଜୟ ନାରାୟଣ ମେଣ୍ଟୁଲି/ଚୈତନ୍ୟ ପଟେଲ)

କ୍ଷତିପୂରଣ ଓ ଥଇଥାନ ଦାବିରେ ସୋମବାର ସୁନ୍ଦରଗଡ ଜିଲା ହେମଗିର ବ୍ଲକରେ ଥିବା ଏନ୍‌ଟିପିସି ଡୁଲିଙ୍ଗା କୋଇଲା ଖଣିକୁ ବନ୍ଦ କରିଥିଲେ ବିସ୍ଥାପିତ ପରିବାରର ବିବାହିତା ଝିଅ ଏବଂ ଜଙ୍ଗଲ ଜମି ଅଧିକାରରେ ପଟ୍ଟା ପାଇଥିବା ପରିବାର। ଆନ୍ଦୋଳନ ଯୋଗୁଁ ଖଣିରୁ କୋଇଲା ଉତ୍ତୋଳନ ଓ ପରିବହନ ସମ୍ପୂର୍ଣ୍ଣ ବନ୍ଦ ହୋଇଥିଲା। ପରେ ସନ୍ଧ୍ୟାରେ ସଦର ଉପଜିଲାପାଳ ଦାଶରଥି ସରାବୁ ପହଞ୍ଚି ଖଣି ଅଧିକାରୀଙ୍କ ଉପସ୍ଥିତିରେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିଥିଲେ। ଅଗଷ୍ଟ ୫ରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆଲୋଚନା ପରେ ଥଇଥାନ ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ କରିଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନକାରୀମାନେ ଆନ୍ଦୋଳନରୁ ଓହରିଥିଲେ। ପ୍ରକାଶ ଯେ, ଏନ୍‌ଟିପିସି



ଜିଲାପାଳ ବିସ୍ଥାପତିଙ୍କ ସହ ଆଲୋଚନା କରୁଛନ୍ତି।

ଡୁଲିଙ୍ଗା କୋଇଲା ଖଣି ବିସ୍ଥାପିତ ପରିବାରର ବିବାହିତା ଝିଅଙ୍କୁ ଉଭୟ କମ୍ପାନି ଓ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ରହିଛି। ପ୍ରତିବାଦରେ ସୋମବାର ସକାଳୁ ବିସ୍ଥାପିତ ମହିଳାମାନେ ଏକ ଶୋଭଯାତ୍ରାରେ ଯାଇ ଖଣି ବନ୍ଦ କରିଥିଲେ। ଫଳରେ ରେଳ ଯୋଗେ ଦର୍ଲିପାଲିସ୍ଥିତ ଏନ୍‌ଟିପିସି ତାପଜ ବିଦ୍ୟୁତ୍ ଉତ୍ପାଦନ କେନ୍ଦ୍ର ଓ ଛତିଶଗଡ଼ ଲାରାକୁ କୋଇଲା ପରିବହନ ବାଧାପ୍ରାପ୍ତ ହୋଇଥିଲା। ପ୍ରାୟ ୨୫ ହଜାର ଟନ୍ କୋଇଲା ପରିବହନ ନ ହୋଇ ଖଣି ଷ୍ଟକୟାର୍ଡରେ ପଡ଼ି ରହିଛି। ଆନ୍ଦୋଳନସ୍ଥଳରେ ଉପଜିଲାପାଳ ଦାଶରଥି ସରାବୁ ଓ କମ୍ପାନି କର୍ତ୍ତୃପକ୍ଷ ପହଞ୍ଚି ନୀତିନିୟମ ଅନୁସାରେ ସୁବିଧା ଦିଆଯିବ ବୋଲି ବୁଝାଇଥିଲେ। କିନ୍ତୁ ଆନ୍ଦୋଳନକାରୀ ଲିଖିତ ପ୍ରତିଶ୍ରୁତି ଦେବାକୁ ଦାବି କରିଥିଲେ। ଆଲୋଚନାବେଳେ ଏନ୍‌ଟିପିସି ଅଧିକାରୀ ଦୁର୍ଯ୍ୟୋଧନ ସାମଲ, ବିସ୍ଥାପିଙ୍କ ତରଫରୁ ଡା. ହିମାଂଶୁ ଶେଖର ଷଡଙ୍ଗୀ ଏବଂ ସ୍ଥାନୀୟ ପୋଲିସ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜାଗା ମିଶନ୍ ସମ୍ପର୍କରେ ଆଶାୟୀଙ୍କ ସହ ଆଲୋଚନା

ବଲାଙ୍ଗୀର, ୩୧।୭ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡ଼ିଶା ଜାଗା ମିଶନ ଟିମ୍‌ର ରାଜ୍ୟ ଉପଦେଷ୍ଟା ଶାଶ୍ୱତୀ ମିଶ୍ର ବଲାଙ୍ଗୀର ପୌର ପରିଷଦ ଗସ୍ତରେ ଆସି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସାମ୍ବଦିକ ଭବନଠାରେ ଜାଗା ମିଶନ ଆଶାୟୀଙ୍କ ସହିତ ବିଭିନ୍ନ ସମସ୍ୟା ଉପରେ ସ ଆଲୋଚନା କରିଥିଲେ। ସେଠାରେ ସେ ଜାଗା ମିଶନକୁ ନେଇ ପୌର ପରିଷଦ କର୍ମଚାରୀ, କାଉନସିଲର ଏବଂ ଆଶାୟୀ ବ୍ଲକ୍ସିଙ୍କୁ ଯୋଜନା ସମ୍ପର୍କରେ ବିସ୍ତୃତ ବିବରଣୀ ଦେବା ସହ ସେମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ। ଜାଗା ମିଶନ ଜରିଆରେ କିପରି ଅଧିକରୁ ଅଧିକ ଲୋକଙ୍କ ଉନ୍ନତି ହେବ ସେ ବିଷୟରେ ଆଲୋଚନା କରିଥିଲେ। ପରେ ପୌର ପରିଷଦ ଅଧ୍ୟକ୍ଷା ଲିକା ସାହୁ, ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ରଙ୍କ ସହ ପୌର ପରିଷଦ ଅନ୍ତର୍ଗତ ବିଷ୍ଣୁମୁଣ୍ଡା ମାଲଗୋଦାମ ପଡ଼ାଠାରେ ଥିବା ପୁର୍ନବସତି ଅଞ୍ଚଳକୁ ଯାଇ କ୍ଷେତ୍ର ପରିଦର୍ଶନ କରିଥିଲେ। ସେଠାରେ ହିତାଧିକାରୀ ମାନଙ୍କ ସହିତ ଆଲୋଚନା କରି ସ୍ଥିତି ପରଖିଥିଲେ। ଗସ୍ତ ସମୟରେ ପୌର ପରିଷଦର ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ବୃଦ୍ଧାଙ୍କୁ ବଳାତ୍କାର ଅଭିଯୋଗରେ ଜେଲଗଲେ ଯୁବକ

ଦେଓଗାଁ,୩୧।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅଞ୍ଚଳର ଜଣେ ବୃଦ୍ଧାଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକ ଗିରଫ ହୋଇ ଜେଲ ଯାଇଛନ୍ତି। ଅଭିଯୁକ୍ତ ହେଲେ ବବୁଲୁ ଓରଫ ରାଜେଶ ଭୁଏ(୧୯)। ରବିବାର ବିଳମ୍ବିତ ରାତିରେ ଗୁଳୁଗୁଳି ହେଉଥିବାରୁ ବୃଦ୍ଧା ଜଣକ ଘର ସାମନା ପିଣ୍ଡାରେ ଶୋଇଥିଲେ । ଏହାର ସୁଯୋଗ ନେଇ ଅଭିଯୁକ୍ତ ରାଜେଶ ବୃଦ୍ଧାଙ୍କୁ ପାଖରେ ଥିବା ଏକ କ୍ଲବ ଘରକୁ ଟେକି ନେଇ ମାଡ ମାରିବା ସହ ବଳାତ୍କାର କରିଥିଲେ। ସୋମବାର ଅଭିଯୋଗ ଦେଓଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ଏନେଇ ଦେଓଗାଁ ଥାନାରେ ଏକ ମାମଲା(୧୫୦/୨୩) ରୁଜୁ କରି କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ତାରାବତୀ ପ୍ରଧାନ ସୂଚନା ଦେଇଛନ୍ତି।

### ଜାତୀୟ ଶିକ୍ଷାନୀତି-୨୦ର ତୃତୀୟ ବାର୍ଷିକ ଉତ୍ସବ

ବେଲପଡା, ୩୧।୭(ମନୋଜ ମିଶ୍ର)

ବେଲପଡ଼ା ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ଜାତୀୟ ଶିକ୍ଷାନୀତି-୨୦ର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଜାତୀୟ ଶିକ୍ଷାନୀତି ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାର ନେତୃତ୍ୱ ବିଦ୍ୟାଳୟ ଉପାଧ୍ୟକ୍ଷ ରାଜନାରାୟଣ ମେହେର ନେଇଥିଲେ। ଏଥିରେ ଭାରତ ସରକାରଙ୍କ ତରଫରୁ ଅଖିଳ ଭାରତୀୟ ଶିକ୍ଷା ସମାଗମ ୨୦୨୦ର ଏକ ୱେବିନାରର ସିଧାପ୍ରସାରଣ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟ ପରିସରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଜମି ମିଳିଛି, ପଟ୍ଟା ମିଳିନି

- ହଇରାଣ ହେଉଛନ୍ତି ୧୨୫ ଭୂମିହୀନ ପରିବାର
- ୪୪ବର୍ଷ ପରେ ବି ସମସ୍ୟାର ହେଉନି ସମାଧାନ
- ଜମି ଦଖଲରେ ଥିଲେ ବି ପଟ୍ଟା ନଥିବାରୁ ସରକାରୀ ଯୋଜନାରୁ ହେଉଛନ୍ତି ବଞ୍ଚିତ

ଲାଠୋର, ୩୧।୭(ଭୁବନେଶ୍ୱର ବାରିକ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତ ସରେଇବାହାଲ ସମଲେଶ୍ୱରୀ କଲୋନୀ, ଚୋରମୁଣ୍ଡା ଏବଂ ଟଙ୍କପାଣି ମୌଜାରେ ବାସ କରଛନ୍ତି ଭୂମିହୀନ ଅନୁସୂଚିତ ଜାତି ଜନଜାତି ସମ୍ପ୍ରଦାୟର ୧୨୫ ପରିବାର। ଚାଷଜମି ଓ ଘରଡ଼ିହ ପଟ୍ଟା ପ୍ରଦାନ ପାଇଁ ଗତ ୪୪ ବର୍ଷ ହେବ ସେମାନେ ଦାବି କରି ଆସୁଛନ୍ତି। ହେଲେ ସେମାନଙ୍କ ଦାବପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ସେମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ନେଇ ସ୍ଥାନୀୟ ପଞ୍ଚାୟତସ୍ତରୀୟ ହରିଜନ ଓ ଆଦିବାସୀ ଜନକଲ୍ୟାଣ ବିକାଶ ଯୁବ ପରିଷଦ ଅଭିଯୋଗ କରିଛି।

୧୯୭୯ ମସିହାରେ ଭୂମିହିନ ଅନୁସୂଚିତ ଜାତି ଜନଜାତି ଓ ଗରିବ ସମ୍ପ୍ରଦାୟର ୧୨୫ ପରିବାରଙ୍କୁ ସରକାର ଇଆରଆରପି ଯୋଜନାରେ ଦୁଇ ଏକର ଲେଖାଏ ଚାଷଜମି, ୪ ଡ଼ିସମିଲ ଲେଖାଏ ଘରଡ଼ିହ, କଞ୍ଚାମାଟିରେ ନିର୍ମିତ ବାସଗୃହ, ହଳ, ଲଙ୍ଗଳ, ଗଭୀର କୂଅ, କୁଦାଳ ଇତ୍ୟାଦି ପ୍ରଦାନ କରି ତିନିବର୍ଷ ପର୍ଯ୍ୟନ୍ତ ଚାଷ ପାଇଁ ଉଠା ଜଳସେଚନ ବ୍ୟବସ୍ଥା କଲେ। ହେଲେ ସେମାନଙ୍କୁ ଉକ୍ତ ଜମି ଏବଂ ଘରଡ଼ିହ ପଟ୍ଟା ପ୍ରଦାନ କଲେ ନାହିଁ। ଲୋକଙ୍କ ଦାବି ଅନୁସାରେ ୧୯୮୦ ମସିହାରେ ସେଥିମଧ୍ୟରୁ ପରକୁ ନାଗ, ଈଶ୍ୱର ମେହେର, ସତ ତାଣ୍ଡି,ରାହାସ ଦେବଗୁରୁ, ନିର୍ମଳ ଦେବଗୁରୁ, ପ୍ରହଲ୍ଲାଦ ନାଗ, ବାଲେଶ୍ୱର ବନଗୁଲା ଏବଂ ଧ୍ରୁବଲ ଶବର ଆଦି ୮ ପରିବାର ବର୍ଗଙ୍କୁ ତତ୍କାଳୀନ ରାଜ୍ୟପାଳଙ୍କ ତରଫରୁ ବ୍ଲକ ଅଧିନ ହରିଶଙ୍କରଠାରେ ପଟ୍ଟା ପ୍ରଦାନ କରାଗଲା। ବଳକା ୧୧୭ ପରିବାରଙ୍କୁ ପରବର୍ତ୍ତୀ ସମୟରେ ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଗଲା। ହେଲେ ପ୍ରତିଶ୍ରୁତି ସେମାନଙ୍କ ପାଇଁ ସ୍ୱପ୍ନ ହୋଇ ରହିଗଲା। ଏହାର ପ୍ରତିବାଦ କରି ସେମାନେ ପଟ୍ଟା ପ୍ରଦାନ ପାଇଁ ଜିଲାପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଫଳରେ ପାଟଣାଗଡ଼ ତହସିଲଦାର ତାଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୨୦୨/୨୧।୧।୨୦୦୪ ରିଖରେ ଅମିନ ତ୍ରିନାଥ ଚରଣ ରଣାଙ୍କୁ ସମ୍ପୃକ୍ତ ପରିବାରମାନେ ପାଇଥିବା ଚାଷଜମି ଏବଂ ଘରଡ଼ିହର ଡ଼ିମାରକେସନ ତଥା ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରି କାର୍ଯ୍ୟାଳୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ଅମିନ ତିନି ଖଣ୍ଡ ଗ୍ରାମକୁ ଆସି ଜମି ଏବଂ ଘରଡ଼ିହ ପାଇଥିବା ଲୋକଙ୍କର ତାଲିକା ପ୍ରସ୍ତୁତ କରି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ପାଟଣାଗଡ଼ ତହସିଲ କାର୍ଯ୍ୟାଳୟରେ ଗତ ୪ ଅଗଷ୍ଟ ୨୦୦୪ ମସିହାରେ ସ୍କେଚମ୍ୟାପ ସହ ସମସ୍ତ ତଥ୍ୟ ଦାଖଲ କରିଥିଲେ। ହେଲେ ରାଜସ୍ୱ ବିଭାଗର ଅପାରଗତା ହେତୁ ଆଜିଯାଏ ଗରିବ ପରିବାରଗୁଡ଼ିକ ପଟ୍ଟା ପାଇ ନାହାନ୍ତି। ଯେଉଁ ୮ ପରିବାର ପଟ୍ଟା ପାଇଛନ୍ତି ସେମାନଙ୍କ ରେକର୍ଡ଼ ମଧ୍ୟ ସରକାରୀ ଭୂଲେଖ ସାଇଟରେ ଉପଲବ୍ଧ ନ ଥିବା କୁହାଯାଉଛି। ସମସ୍ତ ପରିବାର ଜମିକୁ ଭୋଗ ଦଖଲ କରି ଆସୁଥିଲେ ମଧ୍ୟ ନିଜ ପାଖରେ ପଟ୍ଟା ନଥିବା ଯୋଗୁଁ ସେମାନେ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ନ ପାରି ବିଭିନ୍ନ ସୁବିଧା ସୁଯୋଗରୁ ବଞ୍ଚିତ ରହୁଥିବା ବେଳେ ନିଜ ପିଲାମାନଙ୍କ ପାଇଁ ଜାତିଗତ, ବାସିନ୍ଦା ପ୍ରମାଣ ପତ୍ର ପାଇବାରେ ନାନା ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଜିଲାପାଳ ଏଥିରେ ହସ୍ତକ୍ଷେପ କରି ସମ୍ପୃକ୍ତ ପରିବାରମାନଙ୍କୁ ପଟ୍ଟା ପ୍ରଦାନ ବ୍ୟବସ୍ଥା କରିବାକୁ ଜନ କଲ୍ୟାଣ ବିକାଶ ପରିଷଦ ସମ୍ପାଦକ ଭୋଦେବ ବାରିକ ସୂଚନା ଦେଇଛନ୍ତି।

## ଓଏଭି ବାଳିକା ହଷ୍ଟେଲ ଉଦ୍‌ଘାଟିତ



ଉଦ୍‌ଘାଟନ ଅବସରରେ ଅତିଥିମାନେ।

ଦେଓଗାଁ,୩୧।୭(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଚନ୍ଦ୍ରପୁରଠାରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ର ବାଳିକା ହଷ୍ଟେଲ ସୋମବାର ଉଦ୍‌ଘାଟିତ ହୋଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଅଧକ୍ଷା ସମନ୍ୱିତା ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦେଓଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୟାନିଧି ଖମାରୀ, ସ୍ଥାନୀୟ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ବିଡିଓ ସୁରେନ୍ଦ୍ର କୁମାର ମେହେର, ଏବିଓ ଅଜିତ ମିଶ୍ର ଯୋଗଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ଓଏଭିର ୩୫ଜଣ ଛାତ୍ରୀ ରହିବା ପାଇଁ ସ୍ଥିରୀକୃତ ହୋଇଛି। ଆଗକୁ ପଦକ୍ଷେପ ନିଆଯିବ ବୋଲି ଅଧକ୍ଷା ଷଡଙ୍ଗୀ କହିଥିଲେ। ଏ ଅବସରରେ ଆଦର୍ଶ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଓସିଏସ୍ ପରୀକ୍ଷାରେ କୃତିତ୍ୱ ଆଣିଲେ

- ବିନ୍ଦୁବଳୟ, ଦିବ୍ୟରଞ୍ଜନ, ଆରତିଙ୍କୁ ମିଳିଲା ସଫଳତା
- ଆରତି ତୁଷୁରା ଏନ୍‌ଏସି ଅଧ୍ୟକ୍ଷଙ୍କ ସ୍ତ୍ରୀ



ବିନ୍ଦୁବଳୟ



ଦିବ୍ୟରଞ୍ଜନ



ଆରତି

ବଲାଙ୍ଗୀର/ଟିଟିଲାଗଡ/ଗୁଡଭେଲା, ୩୧।୭ (ବୀରେନ୍ଦ୍ର କୁମାର ଝାଙ୍କର/ ଶରତ ମିଶ୍ର/ମନୋଜ ଜୈନ)

ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ (ଓସିଏସ୍) ୨୦୨୧ ପରୀକ୍ଷାଫଳ ସୋମବାର ପ୍ରକାଶ ପାଇବା ପରେ ବଲାଙ୍ଗୀର ଜିଲାରେ ମଧ୍ୟ ଖୁସିର ଲହରୀ ଖେଳିଯାଇଛି। ବଲାଙ୍ଗୀର ଜିଲାରୁ ତିନିଜଣ ପରୀକ୍ଷାର୍ଥୀ ଓପିଏସ୍‌ସି ପରୀକ୍ଷାରେ କୃତିତ୍ୱର ସହ ସଫଳ ହୋଇଥିବା ଜଣାପଡ଼ିଛି। ଟିଟିଲାଗଡଠାରେ ରେଳ ବିଭାଗରେ କାର୍ଯ୍ୟ କରୁଥିବା ବିନ୍ଦୁବଳୟ ରାଉତରାୟ ଓସିଏସ୍ ପରୀକ୍ଷାରେ ନବମ ର୍‌ୟାଙ୍କରେ ସଫଳ ହୋଇଛନ୍ତି। ବିନ୍ଦୁବଳୟଙ୍କ ମୂଳଘର କଟକ ବୋଲି ଜଣାପଡ଼ିଛି। ପରୀକ୍ଷା ପାଇଁ ସେ କଠିନ ପରିଶ୍ରମ କରିଥିଲେ। ପାଟଣାଗଡ ବ୍ରହ୍ମପୁରା ନିବାସୀ ବନବିଭାଗ କର୍ମଚାରୀ ଅର୍ଜୁନ ଦୀପଙ୍କ ପୁଅ ଦିବ୍ୟରଞ୍ଜନ ଦୀପ ମଧ୍ୟ ଓସିଏସ୍ ପରୀକ୍ଷାରେ ୧୬୦ ର୍‌ୟାଙ୍କରେ ସଫଳ ହୋଇଛନ୍ତି। ଦିବ୍ୟରଞ୍ଜନ କଟକ ରେଭେନ୍‌ସା କଲେଜରେ ସ୍ନାତକ ଡିଗ୍ରୀ ହାସଲ କରିବା ପରେ ୟୁଏସ୍‌ଏର ଏକ ଆଇଟି କମ୍ପାନୀରେ କାମ କରୁଥିଲେ। ୨୦୧୯ ମସିହାରୁ ସିଭିଲ ସର୍ଭିସ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିଲେ। ତୃତୀୟ ଥର ପରୀକ୍ଷା ଦେବା ପରେ ସେ ସଫଳ ହୋଇଥିବା କହିଛନ୍ତି। ତାଙ୍କ ସଫଳତା ପାଇଁ ସେ ତାଙ୍କ ବାପା ଅର୍ଜୁନ ଦୀପ ଓ ମାତା ଅବନ୍ତୀ ଦୀପଙ୍କୁ ଶ୍ରେୟ ଦେଇଛନ୍ତି। ଦିବ୍ୟରଞ୍ଜନ ମଧ୍ୟ କଠିନ ପରିଶ୍ରମ କରି ଓସିଏସ୍ ପରୀକ୍ଷାରେ ସଫଳ ହୋଇଛନ୍ତି। ପରୀକ୍ଷା ଫଳାଫଳ ଜାଣିବା ପରେ ଦିବ୍ୟରଞ୍ଜନଙ୍କ ପରିବାରରେ ଖୁସି ଲହରି ଖେଳିଯାଇଛି। ବଲାଙ୍ଗୀର ଜିଲା ତୁଷରା ନିବାସୀ ଆରତୀ ଜୟସ୍ୱାଲ ୪୩୧ ର୍‌ୟାଙ୍କରେ ସଫଳ ହୋଇଛନ୍ତି। ତାଙ୍କ ସ୍ୱାମୀ ଅଜୟ ଜୟସ୍ୱାଲ ଏବେ ତୁଷରା ଏନ୍‌ଏସି ଅଧ୍ୟକ୍ଷ ଅଛନ୍ତି। ଭୁବନେଶ୍ୱରର ଏକ କୋଚିଂ ସେଣ୍ଟରରେ ଗତ ୫/୬ ବର୍ଷ ହେଲା ସେ କୋଚିଂ କରୁଥିଲେ ବୋଲି ଜଣାପଡିଛି। ପରୀକ୍ଷା ଫଳାଫଳ ଜଣାପଡିବା ପରେ ତୁଷରାରେ ଜୟସ୍ୱାଲଙ୍କ ଘରେ ଖୁସିର ଲହରି ଖେଳି ଯାଇଛି।

## ଆମ୍ବୁଲାନ୍ସ ଧକ୍କାରେ ପରିବା ବ୍ୟବସାୟୀ ଗୁରୁତର

କଣ୍ଟାବାଞ୍ଜି, ୩୧।୭(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିରେ ସୋମବାର ଆମ୍ବୁଲାନ୍ସ ଧକ୍କାରେ ଜଣେ ପରିବା ବ୍ୟବସାୟୀ ଗୁରୁତର ହୋଇଛନ୍ତି। ସେ ହେଲେ ଶ୍ୟାମଲାଲ ସୁନାନି(୪୫)। କନ୍ଧବାହାଲ ଗ୍ରାମ ଛକଠାରେ ସେ ପରିବା ଦୋକାନ ଦେଇଛନ୍ତି। ଶ୍ୟାମଲାଲ ବଜାର କରିବା ପାଇଁ ସାଇକେଲରେ ଆସୁଥିବା ବେଳେ ଆମ୍ବୁଲାନ୍ସ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଏଥିରେ ଶ୍ୟାମଲାଲ ରାସ୍ତାରେ ଛିଟିକି ପଡିଥିଲେ। ରାସ୍ତା କଡରେ ସେ ଛଟପଟ ହେଉଥିବା ବେଳେ ଡ୍ରାଇଭର ମାନବିକତାକୁ ଜଳାଞ୍ଜଳି ଦେଇ ଆମ୍ବୁଲାନ୍ସ ନେଇ ସେଠାରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନା ଆଣିଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ ବଲାଙ୍ଗୀର ସ୍ଥାନାନ୍ତର କରାଯାଇଛି।

ସୂଚନା ଅନୁସାରେ ବଙ୍ଗୋମୁଣ୍ଡା ପଟୁ ରାଜ୍ୟ ରାଜପଥ ୪୨ରେ ଆମ୍ବୁଲାନ୍ସ (ନଂ.ଓଡି୦୨ବିଏଚ-୮୯୫୭)ରେ ଜଣେ ରୋଗୀଙ୍କୁ କଣ୍ଟାବାଞ୍ଜି ଡାକ୍ତରଖାନା ଅଣାଯାଉଥିଲା। କନ୍ଧବାହାଲ ଛକଠାରେ ପରିବା ବ୍ୟବସାୟୀଙ୍କୁ ସେହି ଆମ୍ବୁଲାନ୍ସ ଧକ୍କା ଦେଇ ପଳାଇ ଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି।

## ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା, ସୌଦାମିନୀ ଉଦ୍‌ଗାତା ଅସୁସ୍ଥ



ପଦ୍ମଶ୍ରୀ ଶ୍ରୀନିବାସ ଉଦ୍‌ଗାତା ଓ ସ୍ତ୍ରୀ ସୌଦାମିନୀ ଉଦ୍‌ଗାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି ମେଡିସିନ୍ ସ୍ପେଶାଲିଷ୍ଟ ଡା. ଶ୍ରୀନିବାସ ସାହୁ।

ବଲାଙ୍ଗୀର, ୩୧।୭ (ବୀରେନ୍ଦ୍ର କୁମାର ଝାଙ୍କର)

ଓଡିଆ, ହିନ୍ଦୀ, କୋଶଲୀ ଭାଷାର ପ୍ରବୀଣ କବି ସୁଲେଖକ ପଦ୍ମଶ୍ରୀ ବିଦ୍ୟାବାଚସ୍ପତି ଡକ୍ଟର ଶ୍ରୀନିବାସ ଉଦ୍‌ଗାତା ଏବଂ ତାଙ୍କ ସ୍ତ୍ରୀ କବୟିତ୍ରୀ ସୌଦାମିନୀ ଉଦ୍‌ଗାତା ଉଭୟେ ଅସୁସ୍ଥ ହୋଇପଡିଛନ୍ତି। ସାହିତ୍ୟିକ ଦମ୍ପତି ଅସୁସ୍ଥ ହେବା ଖବର ପାଇବା ପରେ ଜିଲାପାଳ ଚଞ୍ଚଳ ରାଣା ଉଭୟଙ୍କ ଚିକିତ୍ସା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଉଭୟଙ୍କୁ ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇ ସ୍ୱାସ୍ଥ୍ୟପରୀକ୍ଷା କରାଯାଇଥିଲା। ମେଡିସିନ୍ ବିଶେଷଜ୍ଞ ଡା. ଶ୍ରୀନିବାସ ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଚିକିତ୍ସା କରାଯାଇଥିଲା। ଚିକିତ୍ସା ପରେ ଉଭୟେ ସୁସ୍ଥ ଅନୁଭବ କରୁଥିବା ଜଣାଇଛନ୍ତି। ଓଡିଶା ସାହିତ୍ୟ ଏକାଡେମୀ ଅନୁବାଦ ପୁରସ୍କାର ବିଜୟିନୀ କବୟିତ୍ରୀ ଉଦ୍‌ଗାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷଣ କରି ଡା. ସାହୁ ଉଭୟଙ୍କ ସ୍ୱାସ୍ଥ୍ୟର ଯଥେଷ୍ଟ ଯତ୍ନ ନେବାର ଆବଶ୍ୟକତା ରହିଛି ବୋଲି ପରାମର୍ଶ ଦେଇଛନ୍ତି।

## ସମାଲୋଚନା ଗ୍ରନ୍ଥ କଥାକାର ହରିହର ଦାସର ପାଠକାର୍ପଣ

ବଲାଙ୍ଗୀର, ୩୧।୭ (ବୀରେନ୍ଦ୍ର କୁମାର ଝାଙ୍କର)



ପାଠକାର୍ପଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଲେଖକ, ଅତିଥି ଓ ଆଲୋଚକ।

ଓଡିଆ ସମାଲୋଚନା ସାହିତ୍ୟ ସବୁବେଳେ ନୂତନ ଶୈଳୀର ସମାଲୋଚନାକୁ ଗୁରୁତ୍ୱ ଦେଇ ଆସିଛି। ପ୍ରଫେସର ଡକ୍ଟର ବଳଭଦ୍ର ଦାଶଙ୍କ ସପ୍ତମ ଆଲୋଚନା ପୁସ୍ତକ କଥାକାର ହରିହର ଦାସ ସେହି ଧାରାରେ ଏକ ନବଚେତନାର ବାର୍ତ୍ତା ବହନ କରି ଆଗାମୀର ଶୁଭ ସଂକେତ ଦେଉଛି ବୋଲି ପୁସ୍ତକର ପାଠକାର୍ପଣ ସମୟରେ ବକ୍ତାମାନେ ମତ ପ୍ରକାଶ କରଛନ୍ତି। କବି ସନ୍ଦୀପ କୁମାର କୁଅଁରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ପୁସ୍ତକ ପାଠକାର୍ପଣ ସମାରୋହରେ କବି ଡକ୍ଟର ପ୍ରହଲ୍ଲାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଡକ୍ଟର ବଳଭଦ୍ର ଦାଶ, ରମେଶ କୁମାର ସାହୁ ମଞ୍ଚାସୀନ ହୋଇଥିଲେ। ପ୍ରଫେସର ଡକ୍ଟର ଦାଶ ତାଙ୍କ ଲେଖକୀୟ ଭାବାବେଗରେ ପୁସ୍ତକ ପ୍ରକାଶନ ବିଭିନ୍ନ ଅଭିଜ୍ଞତା ଅନୁଭୂତି କହିଥିଲେ। ଅଧାପକ ଜୟକୁମାର ଆଚାର୍ଯ୍ୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅଧାପକ ଡକ୍ଟର ଦୈତାରୀ ପୂଜାରୀ ବେଦପାଠ କରିଥିଲେ। ସଭାପତୀୟ ଅଭିଭାଷଣରେ କବି କୁଅଁର ବଲାଙ୍ଗୀରର ସାରସ୍ୱତ ଭୂମି ସବୁବେଳେ ସୃଜନଶୀଳତା ଓ ସାହିତ୍ୟ ସମାଲୋଚନାକୁ ପ୍ରୋତ୍ସାହନ ଦେଇ ଆସିଥିବା ପ୍ରକାଶ କରିଥିଲେ। ଶେଷରେ କବୟିତ୍ରୀ କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପକ ଜୟଦେବ କର, କବି ହୃଷୀକେଶ ପୁରୋହିତ, କବୟିତ୍ରୀ ସବିତା ମହରା, ଅଧାପକ ଡକ୍ଟର ଜୟପ୍ରକାଶ ମିଶ୍ର, ଡକ୍ଟର କୌତୁକ ପନ୍ଦର, ପ୍ରସନ୍ନ କୁମାର କର୍ଣ୍ଣ, ପ୍ରେମରାଜ ପ୍ରଧାନ, ସଞ୍ଜୀବ ସାହୁ, ଟାଉନ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ରନାଥ ମିଶ୍ର, ଅଧାପକ ସନ୍ତୋଷ କୁମାର ରାଉତ, ଅଧାପକ ଦାଶରଥି ପଟେଲ, ଅଧାପକ ଅଶୋକ କୁମାର ପଣ୍ଡା, ଅଧାପକ ନେପାଳ ଚନ୍ଦନ, ଅଧାପିକା ରଶ୍ମି ପ୍ରଧାନ ଉପସ୍ଥିତ ଥିଲେ।

## ୫-ଟି ସଚିବଙ୍କ ଗସ୍ତକୁ ନେଇ ପ୍ରସ୍ତୁତି

ମୁରିବାହାଲ,୩୧।୭(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ଅଗାମୀ ଅଗଷ୍ଟ ୬ତାରିଖ ୫-ଟି ସଚିବ ଭି.କେ.ପାଣ୍ଡିୟାନଙ୍କ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହାକୁ ନେଇ ରବିବାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ବିଜେଡି ତରଫରୁ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ହଂସରାଜ ଜୈନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗୁରାଣ୍ଡା ଖେଳ ପଡିଆରେ ପାଣ୍ଡିୟାନଙ୍କ ଗସ୍ତକୁ ନେଇ ଆଲୋଚନା କରାଯାଇଥିଲା। ଅଞ୍ଚଳର ଦାବିଗୁଡିକ କିପରି ସ୍ଥାନୀୟ ଅଞ୍ଚଳର ଜନସାଧାରଣ ସଚିବଙ୍କୁ ଜଣାଇ ପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବରିଷ୍ଠ ନେତା ଅଜୟ ଦାଶ, ଯୁବ ବିଜେଡି ନେତା ଅଜିତ ଯୋଶୀ, ମୁରିବାହାଲ ବିଜେଡି ବ୍ଲକ ସଭାପତି ମିନିକେତନ ପାତ୍ର, କୃଷ୍ଣ ପ୍ରଧାନ, ଦେବାର ବାରିକ, ଚିତ୍ତରଞ୍ଜନ ବାଗ, ସ୍ୱୟମ ବଗର୍ତ୍ତୀ, ଦୁର୍ଯ୍ୟୋଧନ ବେହେରା, ଦିଲିପ ମହାନ୍ତି, ବୁଦ୍ଧଦେବ ମହାକୁଡ଼, ସରୋଜ ମେହେର, ମୁକୁନ୍ଦ ମେହେର, ନରେନ୍ଦ୍ର ସିଂ ମାଝି, ରବି ବିଶି, ଅଗସ୍ତି ବାଗ, ମାୟା ପୋଡ଼, ଅର୍ଜୁନ ସାହୁ, ଦେବାଶିଷ ମହାନ୍ତି, ସରୋଜ ମହାନନ୍ଦ ଉପସ୍ଥିତ ଥିଲେ। ଦିଲୀପ କୁମାର ପୃଷ୍ଟି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କୁଟୁମଡୋଲାରେ ମାହେଶ୍ୱରୀ ସଙ୍ଗଠନ ଶାଖା ଖୋଲିଲା

ବଲାଙ୍ଗୀର, ୩୧।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ କୁଟୁମ୍‌ଡୋଲା ଗ୍ରାମରେ ମାହେଶ୍ୱରୀ ସଙ୍ଗଠନର ନୂଆ ଶାଖା ଖୋଲିଛି। ସେବା ମନୋଭାବକୁ ପ୍ରସାରିତ କରାଇବାର ମହତ ଉଦ୍ଦେଶ୍ୟ ରଖି ମାହେଶ୍ୱରୀ ସଙ୍ଗଠନ ପକ୍ଷରୁ ପ୍ରତି ପଞ୍ଚାୟତରେ ମାହେଶ୍ୱରୀ ଶାଖା ଖୋଲିବା ଲକ୍ଷ୍ୟ ରଖାଯାଇଛି। ସ୍ଥାନୀୟ ସରପଞ୍ଚ କୈଳାସ ସିଂଦେଓ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଯୁବ ସ୍ୱେଚ୍ଛାସେବୀଙ୍କୁ ଉତ୍ସାହିତ କରିଥିଲେ। କୁଟୁମଡୋଲା ମାହେଶ୍ୱରୀ ସଙ୍ଗଠନରେ ଘାସିରାମ ପଟେଲଙ୍କୁ ସଂଯୋଜକ ତଥା ଟଙ୍କଧର ନାୟକଙ୍କୁ ସହସଂଯୋଜକ ଭାବେ ମନୋନୀତ କରାଯାଇଛି। ଗ୍ରାମର ବୁଦ୍ଧିଜୀବୀ ପ୍ରସାଦୀ ନାଏକ, ବିକାଶ ରଥ, ପ୍ରମୋଦ ମିଶ୍ର, ପ୍ରଦୀପ ସିଂଦେଓ, ସହଦେବ ସାହୁ, ପ୍ରବୀଣ ନାଏକ, ଦାଶରଥି ବେହେରା, କାନ୍ତ ଚିନ୍ଦା, ଚିନ୍ତାମଣି ପଟେଲ ଉପସ୍ଥିତ ଥିଲେ। ସଙ୍ଗଠନର ବରିଷ୍ଠ ସଦସ୍ୟ ଦେବାଶିଷ ପାଣ୍ଡିଆଙ୍କ ସଂଯୋଜନାକ୍ରମେ ସଭା ଅନୁଷ୍ଠିତ ହୋଇଥିଲା। ମାହେଶ୍ୱରୀର ପରିଚାଳନା ନିର୍ଦ୍ଦେଶକ ଅଙ୍କୁଶ ପାଣ୍ଡିଆ, ସଭାପତି ଶୋଭନ ଅଗ୍ରୱାଲ, ସୋସିଆଲ ମିଡିଆ ସଂଯୋଜକ ଶିବପ୍ରଶାଦ ମିଶ୍ର, ଅପ୍ରମିତ ପରିଚ୍ଛା ଉପସ୍ଥିତ ରହି ଉଦବୋଧନ ଦେଇଥିଲେ। ଆଗାମୀ ଦିନରେ ଗ୍ରାମାଞ୍ଚଳ ସ୍ତରରୁ ସେବା କାର୍ଯ୍ୟକୁ ପ୍ରାଥମିକତା ଦିଆଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି।



ମାହେଶ୍ୱରୀ ଶାଖା ଖୋଲିବା ଅବସରରେ ଉପସ୍ଥିତ ସଦସ୍ୟ ଓ ଗ୍ରାମବାସୀ।

## ଝାଟିମାଟି ଘରେ ବିତୁଛି ଜୀବନ

- ସ୍ୱାମୀଙ୍କ ମୃତ୍ୟୁ, ଝିଅ ନିଖୋଜ ପରେ ମ୍ରିୟମାଣ ବିନୋଦିନୀ
- ଆବାସ ଯୋଜନାରେ ମିଳିନି ଘର

ଲୋଇସିଂହା, ୩୧।୭(ସୁଶାନ୍ତ ବାରିକ)



ଝାଟି ଘରେ ବିନୋଦିନୀ ବିଶି।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବଡଟିକା ଗ୍ରାମର ବିଧବା ବିନୋଦିନୀ ବିଶି(୬୫)। ସ୍ୱାମୀଙ୍କ ମୃତ୍ୟୁ ଓ ନାବାଳିକା ଝିଅ କୁଆଡେ ନିଖୋଜ ହୋଇଯିବା ପରେ ତାଙ୍କ ମାନସିକ ଅବସ୍ଥା ବିଗିଡି ଯାଇଛି । ରହିବାକୁ ଭଲ ଘର ନାହିଁ। ଗାଁର ରାସ୍ତାକଡରେ ଝାଟିବାନ୍ଧି ଏକମାତ୍ର ପୁଅ ସହ ଦୟନୀୟ ଜୀବନ ଜିଉଁଛନ୍ତି। ବର୍ଷାଦିନେ ସନ୍ତସନ୍ତିଆ ପରିବେଶରେ ସାପ ଆଦି ସରୀସୃପ ଭୟରେ ରହୁଛନ୍ତି। ଏପରି ଅବସ୍ଥାରେ ଜୀବନ ଯାପନ କରୁଥିଲେ ହେଁ ମା'ପୁଅଙ୍କ ଉପରେ କାହାର ଦୃଷ୍ଟି ପଡୁନାହିଁ।

ସ୍ୱାମୀ କାହ୍ନୁ , ପୁଅ ଦେବାନନ୍ଦ(୨୨) ଏବଂ ଝିଅକୁ ନେଇ ବିନୋଦିନୀଙ୍କ ଖୁସିର ପରିବାର ଥିଲା। ସ୍ୱାମୀଙ୍କ ଅସୁସ୍ଥତା ପରେ କାହ୍ନୁଙ୍କୁ ଘରେ ଛାଡ଼ି ଝିଅ, ପୁଅଙ୍କ ସହ ବିନୋଦିନୀ ବାହାରକୁ ଦାଦନ ଖଟି ଯାଇଥିଲେ । ଏହି ସମୟରେ ଗାଁରେ ଥିବା କାହ୍ନୁଙ୍କ ମୃତ୍ୟୁ ଘଟିଥିଲା। ଖବର ପାଇ ବିନୋଦିନୀ ପୁଅଝିଅକୁ ଧରି ଗାଁକୁ ଫେରିଥିଲେ। ସ୍ୱାମୀଙ୍କୁ ହରାଇବା ଦୁଖରେ ଥିବା ବେଳେ ନାବାଳିକା ଝିଅ କୁଆଡେ ନିଖୋଜ ହୋଇ ଯାଇଥିଲେ। ପରିବାର ଅସହାୟତାର ସୁଯୋଗ ନେଇ କେତେକ ଦଲାଲ ଝିଅକୁ ବିକ୍ରି କରି ଦେଇଥିବା ଅଭିଯୋଗ ହୋଇଥିଲା। ଏହାପରେ ପ୍ରଶାସନ ତତ୍ପରତା ଦେଖାଇ ବିନୋଦିନୀଙ୍କୁ ବିଧବା ଭତ୍ତା ଓ ରାଶନ କାର୍ଡରେ ମା'ପୁଅଙ୍କୁ ୧୦ କେଜି ପିଡିଏସ୍ ଚାଉଳ ଯୋଗାଣ ବ୍ୟବସ୍ଥା କରିଥିଲେ । ଭତ୍ତା ବହି ଓ ରାଶନକାର୍ଡ ବିନୋଦିନୀଙ୍କ ପାଖରେ ନାହିଁ । ତେଣୁ ତାଙ୍କର ଭତ୍ତା ବାବଦ ଟଙ୍କା ଓ ପିଡିଏସ୍ ସାମଗ୍ରୀ ଅନ୍ୟ କେହି ଆତ୍ମସାତ କରୁଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ତାଙ୍କର ଘର ଡିହ ଥିଲେ ମଧ୍ୟ ଆବାସ ଯୋଜନା ପାଇଁ ଯୋଗ୍ୟ ବିବେଚିତ ହେଉନାହାନ୍ତି। ଏଣୁ ବଡଟିକା- ପଦ୍ମପୁର ରାସ୍ତାକୁ ସଂଯୋଗ କରୁଥିବା ବଡଟିକା ଗ୍ରାମ୍ୟ ରାସ୍ତା କଡରେ ଝାଟି ଘେରାଇ ଏବଂ ପଲିଥିନ ଢାଙ୍କି ବଡକଷ୍ଟରେ ରହୁଛନ୍ତି। ପୁଅ ସେମିତି କିଛି କାମଧନ୍ଦା କରୁ ନାହାନ୍ତି। ବିନୋଦିନୀ ରହୁଥିବା ସ୍ଥାନଠାରୁ ପଞ୍ଚାୟତ କାର୍ଯ୍ୟାଳୟର ଦୂରତା ମାତ୍ର ୨ ଶହ ମିଟର ହେବ । ଏହି ରାସ୍ତା ଦେଇ ଜନପ୍ରତିନିଧି ନିୟମିତ ବିଭିନ୍ନ ଅଞ୍ଚଳ ଗସ୍ତ କରୁଛନ୍ତି। ହେଲେ ଅସହାୟ ଅବସ୍ଥାରେ ରହୁଥିବା ମା'ପୁଅଙ୍କ ଉପରେ କାହାର ଦୃଷ୍ଟି ପଡୁ ନାହିଁ। ଘର ଏବଂ ଅନ୍ୟାନ୍ୟ ସୁବିଦା ପାଇଁ ବ୍ଲକ ପ୍ରଶାସନ ଦୃଷ୍ଟି ଆକର୍ଷଣ କରି ଗ୍ରାମବାସୀ ନିରାଶ ହୋଇଥିବା ଆଦିବାସୀ ନେତା କ୍ଷମା ଦଳପତି, ଗଣ୍ଡାରାମ ପଧାନ ଓ ସାବିତ୍ରୀ ବିଶି କହିଛନ୍ତି। ପଞ୍ଚାୟତର ସରପଞ୍ଚ ଓ ପିଇଓଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ସଂକ୍ଷେପରେ

### ଏଲ୍‌ଆଇସି ଏଜେଣ୍ଟ ସାଇବର ଠକେଇର ଶିକାର

ସୋନପୁର, ୩୧।୭(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ଜଣେ ଏଲ୍‌ଆଇସି ଏଜେଣ୍ଟ ସାଇବର ଠକେଇର ଶିକାର ହୋଇଛନ୍ତି। ସମ୍ପୃକ୍ତ ଏଜେଣ୍ଟଙ୍କ ନାମ ଜଗନ୍ନାଥ ତ୍ରିପାଠୀ। ତାଙ୍କ ଘର ବିନିକା ଥାନା ସେଲେଡି ଅଞ୍ଚଳରେ। ସେ ଏବେ ସୁବର୍ଣ୍ଣପୁର ସହର ସ୍ପିନିଂ ମିଲ୍ କଲୋନିରେ ରହୁଛନ୍ତି। ତାଙ୍କ ଏକ୍ସିସ ବ୍ୟାଙ୍କ ଆକାଉଣ୍ଟରୁ ୩ଟି ପର୍ଯ୍ୟାୟରେ ମୋଟ ୧୬ ହଜାର ୯୦୦ ଟଙ୍କା ସାଇବର ଠକ ଉଠାଇ ନେଇଛନ୍ତି। ତ୍ରିପାଠୀ ଏ ସମ୍ପର୍କରେ ସୋନପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ୨୯ତାରିଖ ଶନିବାର ଅପରାହ୍ନ ସାଢେ ୪ଟାରୁ ୫ଟା ସମୟରେ ହ୍ୱାଟ୍ସଅପ୍ ଆପ୍ ମାଧ୍ୟମରେ ତାଙ୍କ ନିକଟକୁ ଏକ ଲିଙ୍କ୍ ଆସିଥିଲା। ତ୍ରିପାଠୀ ଏହି ଲିଙ୍କ୍ ଖୋଲିବାରୁ ସଙ୍ଗେ ସଙ୍ଗେ ତାଙ୍କ ମୋବାଇଲ ନମ୍ବରକୁ ୩ଟି ୱାନ ଟାଇମ ପାସୱାର୍ଡ(ଓଟିପି) ଆସିଥିଲା । ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା କଟି ଯାଇଥିଲା। ପ୍ରଥମେ ୧୦ ହଜାର, ପରେ ୫ହଜାର ଓ ଶେଷରେ ୧ହଜାର ୯୦୦ ଟଙ୍କା କଟିଥିଲା। ସେ ଏ ସମ୍ପର୍କରେ ସୋନପୁର ଏକ୍ସିସ୍ ବ୍ୟାଙ୍କ୍ ଶାଖାରେ ଯୋଗାଯୋଗ କରିବା ପରେ ସାଇବର ଠକେଇର ଶିକାର ହୋଇଥିବା ଜାଣିଥିଲେ। ଏକ୍ସିସ ବ୍ୟାଙ୍କ ପକ୍ଷରୁ ତ୍ରିପାଠୀଙ୍କ ଆକାଉଣ୍ଟ ନମ୍ବରକୁ ବ୍ଲକ କରାଯାଇଛି। ତ୍ରିପାଠୀ ଓଟିପିକୁ କାହାରିକୁ ସେୟାର କରି ନ ଥିଲାବେଳେ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠା ଯାଇଥିବା ଅଭିଯୋଗ କରିଛନ୍ତି। ସୋନପୁର ପୋଲିସ ଏ ସମ୍ପର୍କରେ ତଦନ୍ତ ଜାରି ରଖିଛି।

### ଜନଆରୋଗ୍ୟ ସମିତିର ବୈଠକ

ତରଭା, ୩୧।୭(ମାନଭଞ୍ଜନ ମିଶ୍ର)

ସୋମବାର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର, କମସରା ଏବଂ ଚରିଭଟା ଠାରେ ଜନଆରୋଗ୍ୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା ପରିଷଦ ଜୋନ ୨ସଦସ୍ୟା ଶକୁନ୍ତଳା ପୃଷ୍ଟି ସଭାପତିତ୍ୱ କରିଥିଲେ। ଏହି ବୈଠକରେ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତରଭାର ଅଧିକ୍ଷକ ଡ଼ା କ୍ଷିରୋଦ୍ର କୁମାର ମିଶ୍ର ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, କମସରାର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଐଶ୍ୱର୍ଯ୍ୟା ମିଶ୍ର ଏବଂ ଚାରଭଟା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଅଧିକାରୀ ଡ଼ା ପ୍ରେମାନନ୍ଦ ମେହେର, କମସରା ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ପ୍ରମୋଦ କୁମାର ମେହେର, ଗୋଷ୍ଠୀ କାର୍ଯକ୍ରମ ପରିଚାଳକ ଅଶୋକ କୁମାର ମିଶ୍ର, ଗୋଷ୍ଠୀ ହିସାବ ରକ୍ଷକ ଦେବବ୍ରତ ନାଏକ, ଫାର୍ମାସିଷ୍ଟ ସଚ୍ଚିଦାନନ୍ଦ ଜେନା ଓ ନାରାନ ମହାଳି, ସଦସ୍ୟ ଶିଶିର କୁମାର ପଣ୍ଡା ତଥା ଉଭୟ ଜନଆରୋଗ୍ୟ ସମିତିର ଅନ୍ୟାନ୍ୟ ସଦସ୍ୟ, ସଦସ୍ୟା ଉପସ୍ଥିତ ଥିଲେ। ଉକ୍ତ ସଭାରେ ଜନ ଆରୋଗ୍ୟ ସମିତିର ବିଭିନ୍ନ ଅନୁଦାନ ଖର୍ଚ୍ଚ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା ଏବଂ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବ୍ୟୟ ଅଟକଳ ଉପସ୍ଥାପନା କରାଯାଇଥିଲା। ରୋଗୀମାନଙ୍କ ସୁବିଧା ନିମନ୍ତେ ବିଭିନ୍ନ ଯୋଜନା ବିଷୟରେ ଆଲୋକପାତ କରାଯାଇଥିଲା। ଶେଷରେ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।





ବରଗଡ଼ ଲେଙ୍ଗୁ ମିଶ୍ର ଛକରୁ ନୂଆ ଜିରା ବ୍ରିଜ୍ ରାସ୍ତା ପାର୍ଶ୍ୱ ଜବରଦଖଲରେ ଥିବା ଘରକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି (ବାମ) । ଲେଙ୍ଗୁ ମିଶ୍ର ଛକରେ ଉଚ୍ଛେଦ ପ୍ରଭାବିତ ଲୋକଙ୍କ ପ୍ରତିବାଦ ।

# ଜବରଦଖଲ ଉପରେ ମାଡ଼ିଲା ବୁଲ୍‌ଡୋଜର୍

ବରଗଡ଼,୩୧।୭(ପ୍ରେମାନନ୍ଦ ଖମାରୀ)

**ଲେଙ୍ଗୁ ମିଶ୍ର ଛକ-ନୂଆ ଜିରା ବ୍ରିଜ ରାସ୍ତା**

- କାମ ଦେଲା ନାହିଁ ପ୍ରତିବାଦ
- ମାଟିରେ ମିଶିଲା କୋଠାବାଡ଼ି

ବରଗଡ଼ ସହରରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ଛକରୁ ନୂଆ ଜିରା ବ୍ରିଜ୍ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ଚାଲିଥିବା କଳ୍ପନାଜଳ୍ପନାର ଅବସାନ ହେବାକୁ ଯାଇଛି। ସହରବାସୀଙ୍କ ବାରମ୍ବାର ଦାବି କ୍ରମେ ସୋମବାରଠାରୁ ପ୍ରଶାସନ ଏହି ସ୍ଥାନରେ ଉଚ୍ଛେଦ ଅଭିଯାନ ଆରମ୍ଭ କରିଛି। ଏଥିଯୋଗୁ ଏହି ରାସ୍ତାରେ ରହିଥିବା କୋଠାବାଡ଼ି, ଦୋକାନ, ଘର ଆଦି ଭଙ୍ଗାଯାଉଛି। ଅନ୍ୟପକ୍ଷେ ଦୀର୍ଘବର୍ଷର ଦାବି ପୂରଣ ହେଉଥିବାରୁ ସହରବାସୀଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଅନ୍ୟପଟେ ରାସ୍ତାକୁ ଓହ୍ଲାଇ ପ୍ରତିବାଦ କରିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିବାରୁ ଉଚ୍ଛେଦରେ ପ୍ରଭାବିତ ଲୋକଙ୍କୁ ନିରାଶ ହେବାକୁ ପଡ଼ିଛି। କିନ୍ତୁ ଏଥିରେ କୋର୍ଟରୁ ସ୍ଥଗିତାଦେଶ ଆଣିବାକୁ ପ୍ରଭାବିତ ଲୋକେ ସେମାନଙ୍କ ପ୍ରୟାସ ଜାରି ରଖିଥିବା ସାଧାରଣରେ ଆଲୋଚନା ହେଉଛି ।

ପୂର୍ବ ନିର୍ଦ୍ଧାରିତ ସୂଚନା ଅନୁସାରେ ସୋମବାର ସକାଳ ୯ଟା ସୁଦ୍ଧା ୬ ବୁଲଡୋଜର ଲେଙ୍ଗୁ ମିଶ୍ର ଛକକୁ ପହଞ୍ଚିଥିଲା। କିନ୍ତୁ ଏହା ପୂର୍ବରୁ ଉଚ୍ଛେଦରେ ପ୍ରଭାବିତ ହେଉଥିବା ଲୋକେ ଉକ୍ତ ଛକରେ ପହଞ୍ଚି ରାସ୍ତା ଉପରେ ବସିଥିଲେ। ଅଧିକ ସମୟ ଦେବା ପାଇଁ ଦାବି କରି ସେମାନେ ନାରାବାଜି କରିଥିଲେ। ଏପରିକି ଉଚ୍ଛେଦ ପାଇଁ ସେଠାକୁ ବୁଲଡୋଜର ପହଞ୍ଚିଥିବା ସତ୍ତ୍ୱେ ସେମାନେ ରାସ୍ତା ଉପରୁ ଉଠି ନ ଥିଲେ। ଅପରପକ୍ଷେ ଉଚ୍ଛେଦ ଦାବି ନେଇ ସହରବାସୀ ବହୁସଂଖ୍ୟାରେ ସଙ୍ଗଠିତ ହୋଇ ସେଠାରେ ପହଞ୍ଚିଥିଲେ। ଫଳରେ ସେଠାରେ କିଛି ସମୟ ଧରି ଚାପା ଉତ୍ତେଜନା ଲାଗି ରହିଥିଲା। ବ୍ୟାପକ ପୋଲିସ ସହିତ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି, ଉପଜିଲାପାଳ ଲଲାଟ କୁମାର ଲୁହା, ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା ପ୍ରମୁଖ ସେଠାରେ ପହଞ୍ଚିଥିଲେ। ଏହାପରେ ପ୍ରତିବାଦ କରୁଥିବା ଲୋକେ ରାସ୍ତା ଉପରୁ ଉଠିଥିଲେ ଏବଂ ବୁଲଡେଜର ପଶି ଜବରଦଖଲରେ ରହିଥିବା ଗୋଟିଏ ପରେ ଗୋଟିଏ କୋଠାବାଡ଼ି, ଦୋକାନ ଗୃହକୁ ଭାଙ୍ଗିଥିଲା। ତେବେ ଜବରଦଖଲରେ ରହିଥିବା ସମସ୍ତ କୋଠାବାଡ଼ି, ଦୋକାନ ଘରକୁ ଏପର୍ଯ୍ୟନ୍ତ ହଟାଯାଇ ପାରିନାହିଁ। ସମ୍ପୃକ୍ତ ଘର ଗୁଡ଼ିକର କିୟଦଂଶକୁ ଭଙ୍ଗାଯାଇଥିବା ବେଳେ ସୀମା ଚିହ୍ନଟ ଅନୁଯାୟୀ ଆହୁରି ଅଧିକ ସ୍ଥାନ ଭାଙ୍ଗିବା ବାକି ରହିଛି । ମଙ୍ଗଳବାର ପୁଣି ଉକ୍ତ ସ୍ଥାନରେ ଉଚ୍ଛେଦ ପ୍ରକ୍ରିୟା ଚାଲିବ ବୋଲି ସୂଚନା ମିଳିଛି। ଏହି ଅଭିଯାନରେ ସୀମା ଚିହ୍ନଟ ଅନୁଯାୟୀ ଜବରଦଖଲରେ ରହିଥିବା ସବୁ ସ୍ଥାନକୁ ଖାଲି କରାଯିବ ନା ଉଚ୍ଛେଦ ଅଭିଯାନ ଅଧାରେ ଅଟକିଯିବ, ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ।

ସୂଚନାଯୋଗ୍ୟ, ଲେଙ୍ଗୁ ମିଶ୍ର ଛକରୁ ଜିରା ବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ଦାବି ନୂଆ ନୁହେଁ। ଦୀର୍ଘବର୍ଷରୁ ସହରବାସୀଙ୍କ ଏହି ଦାବି ରହି ଆସିଛି । ପୂର୍ବରୁ ଏହି ରାସ୍ତା ଜାତୀୟ ରାଜପଥର ଥିଲା ଏବଂ ସେତେବେଳେ ରାଜପଥର ଓସାର ପ୍ରାୟ ୧୧୦ରୁ ୧୨୦ ଫୁଟ୍ ମଧ୍ୟରେ ରହିଥିଲା ଏବଂ ହମିଦ ନକ୍ସାରେ ତାହା ବର୍ତ୍ତମାନ ମଧ୍ୟ ଉଲ୍ଲେଖ ରହିଛି ବୋଲି ସ୍ଥାନୀୟ ଲୋକେ କହୁଛନ୍ତି । କିନ୍ତୁ ଜବରଦଖଲ ଯୋଗୁ ରାସ୍ତା ସଙ୍କୁଚିତ ହୋଇ ପଡ଼ିଛି ଏବଂ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ନିତିଦିନିଆ ଘଟଣା ପାଲଟିଛି । ତେବେ ନୂଆ ଜିରା ବ୍ରିଜରେ ଯାତାୟାତ ଆରମ୍ଭ ହୋଇଯାଇଥିବାରୁ ଜବରଦଖଲ ଉଚ୍ଛେଦ କରା ନ ଗଲେ ଏହି ରାସ୍ତାରେ ଟ୍ରାଫିକ ସମସ୍ୟା ପୂର୍ବାପେକ୍ଷା ବହୁଗୁଣିତ ହୋଇଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି କ୍ରମରେ ଉକ୍ତ ରାସ୍ତାରୁ ଜବରଦଖଲ ଉଚ୍ଛେଦ ପାଇଁ ସମଲେଶ୍ୱରୀ ସଂଘ, ଜିଲା ଓକିଲ ସଂଘ, ଆମ ଆଦମୀ ପାର୍ଟି ସମେତ ବିଭିନ୍ନ ଅନୁଷ୍ଠାନ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ସେମାନଙ୍କ ଦାବିକ୍ରମେ ପ୍ରଶାସନ ରାସ୍ତାର ସୀମା ଚିହ୍ନଟ କରିଥିଲା । ମାତ୍ର ପୂର୍ବରୁ ମେଜର ନକ୍ସାରେ ସୀମା ଚିହ୍ନଟ ହୋଇଥିବା ଅସନ୍ତୋଷ ଦେଖାଯାଇଥିଲା ଏବଂ ଲୋକେ ହମିଦ୍ ନକ୍ସା ଅନୁଯାୟୀ ସୀମା ଚିହ୍ନଟ କରିବାକୁ ଦାବି କରିଥିଲେ। ଏହାପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଏକ କମିଟି ଗଠନ କରାଯାଇଥିଲା। କମିଟିର ବୈଠକ ବସିଥିଲା। ବୈଠକରେ ଆଲୋଚନା, ପର୍ଯ୍ୟାଲୋଚନା ସହିତ ବିଭିନ୍ନ ଦସ୍ତାବିଜ ନିରୀକ୍ଷଣ ପରେ ଏବେ ମଧ୍ୟ ଏହି ରାସ୍ତାରେ ଗଢ଼ି ଉଠିଥିବା ଅନେକ କୋଠାବାଡ଼ି, ଦୋକାନ ପୌର, ରାଜସ୍ୱ, ପୂର୍ତ୍ତ ଆଦି ବିଭାଗ ନାମରେ ରହିଥିବା ଜଣାପଡ଼ିଥିଲା। ଫଳରେ ସେହି କୋଠାବାଡ଼ି, ଦୋକାନ ଘରକୁ ପ୍ରଥମେ ହଟାଇବା ନିଷ୍ପତ୍ତି ନେଇ ଏହି ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ପରବର୍ତ୍ତୀ ସମୟରେ ଚଞ୍ଚକତା କରି ସରକାରୀ ଜାଗାକୁ ମେଜର ବନ୍ଦୋବସ୍ତରେ ନିଜ ନାମରେ ରେକର୍ଡ଼ କରିଥିବା ଜବରଦଖଲକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ମିଳିଛି ।

### ହାଉସିଂ ବୋର୍ଡର ସଦସ୍ୟ ଦାୟିତ୍ୱ ନେଲେ ପ୍ରିତମ ମେହେର

ପଦ୍ମପୁର,୩୧।୭ (ପ୍ରଦୀପ୍ତ ଦାଶ )

ଭୁବନେଶ୍ୱରଠାରେ ରାଜ୍ୟ ହାଉସିଂ ବୋର୍ଡର ସଦସ୍ୟ ଭାବେ ବରଗଡ ଜିଲା ପଦ୍ମପୁର ଅଞ୍ଚଳର ବରିଷ୍ଠ ବିଜେଡି ନେତା ପ୍ରିତମ ମେହେର ବିଧିବଦ୍ଧ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ମେହେରଙ୍କୁ ବରଗଡ଼ ଜିଲା ବିଜେଡି ସମେତ ବହୁ ଅନୁଷ୍ଠାନ ପକ୍ଷରୁ ଶୁଭେଚ୍ଛା ଜଣାଇଛନ୍ତି। ଏହା ପୂର୍ବରୁ ମେହେର ପଦ୍ମପୁର ଏନ୍‌ଏସିର ଅଧ୍ୟକ୍ଷ ହେବା ସହିତ ପଦ୍ମପୁର ସେବା ସମବାୟ ସମିତି ସଭାପତି, ବରଗଡ଼ ଜିଲା ସମବାୟ ବ୍ୟାଙ୍କ ଡାଇରେକ୍ଟର ଓ ଲାୟନ୍ସ କ୍ଲବ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ।

### ଆୟୁର୍ବେଦ ଚିକିତ୍ସାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା

ପାଇକମାଳ, ୩୧।୭(ବଡ ଶତପଥି)

ପାଇକମାଳ ତାରିଣୀ ମନ୍ଦିର ନିକଟରେ ଥିବା ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ପରିସରରେ କର୍ମଚାରୀ ସୁବଳ କୁମାର ସାହୁଙ୍କୁ ସୋମବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଚିକିତ୍ସାଳୟର ଉପ ଅଧୀକ୍ଷକ ଡା. ଶରତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପୂର୍ବତନ ଉପାଧ୍ୟକ୍ଷ ଡା. ପ୍ରଦୀପ ଦୋରା ମୁଖ୍ୟ ଅତିଥି, ଡା. ମାନଭଞ୍ଜନ ପଣ୍ଡା, ଡା. ଅଜୟ କୁମାର ସାହୁ, ମାତୃପ୍ରସାଦ ରଥ, ବଡ ଶତପଥୀ, ଡା. ଶ୍ରୀକାନ୍ତ ରାଉତ, ଡା. ଶ୍ରୀକାନ୍ତ ନାଗ, ନିରୂପମା ନାୟକ, ପରାଶର ପାଣିଗ୍ରାହୀ ସମ୍ମାନୀତ ଅତିଥିଭାବେ ଯୋଗଦେଇ ବିଦାୟୀ ସାହୁଙ୍କ ୩୫ ବର୍ଷର ଅଭିଜ୍ଞତାର ସ୍ମୃତିଚାରଣ କରିଥିଲେ। ଡା. ଲେକିୟ ସାଗର ସଭା ପରିଚାଳନା କରିଥିଲେ। ଚିକିତ୍ସାଳୟ କର୍ମଚାରୀ ସୌକିଲାଲ ସେଠ, ଦୁର୍ଯ୍ୟୋଧନ ସେଠ, ସଞ୍ଜୟ ସାମଲ, ମନବୋଧ ପ୍ରଧାନ, ନିର୍ମଳ ବେହେରା, ସୁରୋଜ ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଡା. ମୁରଲୀ ବାଗ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ ବାଟବଣା

ସୋନପୁର,୩୧।୭(ମୃତ୍ୟୁଞ୍ଜୟ ଶତପଥୀ)

**ସୁବର୍ଣ୍ଣପୁର ଜିଲା**

- ୩୧୬ ଅଙ୍ଗନୱାଡ଼ି କେନ୍ଦ୍ର ଅସମ୍ପୂର୍ଣ୍ଣ
- ୭୬ ଆରମ୍ଭ ହୋଇନି, ୪୮କୁ ଜମି ମିଳୁନି

ସୁବର୍ଣ୍ଣପୁର ଜିଲାରେ ପ୍ରଶାସନିକ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ସାଙ୍ଗକୁ ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା ବିଭାଗ ମଧ୍ୟରେ ଆବଶ୍ୟକ ସମନ୍ୱୟ ରହୁନି। ଏଥିପାଇଁ ଜିଲାରେ ପ୍ରାକ୍ ବିଦ୍ୟାଳୟ କାର୍ଯ୍ୟକ୍ରମ ବାଟବଣା ହୋଇଛି। କୋଠା ଘର ନ ଥିବାରୁ ଅସୁରକ୍ଷିତ ଭାବେ ହଜାର ହଜାର ଶିଶୁ ପାଠ ପଢୁଛନ୍ତି। ସରକାରୀ ତଥ୍ୟ ଅନୁଯାୟୀ ଜିଲାର ୩୧୬ଟି ଅଙ୍ଗନୱାଡ଼ି କେନ୍ଦ୍ର ଅସମ୍ପୂର୍ଣ୍ଣ ରହିଥିବାବେଳେ ୭୬ଟି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାଜସ୍ୱ ବିଭାଗ ଜମି ଚିହ୍ନଟ କରି ନ ଥିବାରୁ ଜିଲାର ୪୮ଟି ସ୍ଥାନରେ ଅଙ୍ଗନୱାଡ଼ି କେନ୍ଦ୍ର ଏବେ ସୁଦ୍ଧା ଆରମ୍ଭ ହୋଇପାରିନାହିଁ। ଫଳରେ ଏହି ସବୁ ଅଞ୍ଚଳର ୩ ରୁ ୬ ବର୍ଷର କୁନିକୁନି ଶିଶୁ କେଉଁଠି ଅଙ୍ଗନୱାଡ଼ି କର୍ମୀଙ୍କ ଘରେ ପାଠ ପଢୁଛନ୍ତି ତ କେଉଁଠି ମନ୍ଦିର ବାରଣ୍ଡା ଅବା କ୍ଲବ ଘରେ ପାଠ ପଢୁଥିବା ଦେଖାଯାଉଛି। ସୂଚନା ଅନୁସାରେ ଜିଲାର ୬ଟି ବ୍ଲକ ସମେତ ୩ଟି ସହରାଞ୍ଚଳରେ ନୂତନ ଅଙ୍ଗନୱାଡ଼ି କେନ୍ଦ୍ର ସହ ମୋଟ ୧୫୫୬ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏଥିରୁ ବ୍ଲକ ଅଞ୍ଚଳରେ ୧୪୬୩ଟି ଓ ସହରାଞ୍ଚଳର ଗୁଡିକରେ ୯୩ଟି କେନ୍ଦ୍ର ଅଛି। ଏଥି ମଧ୍ୟରୁ ସୁବର୍ଣ୍ଣପୁର, ବିନିକା ଓ ତରଭା ସହରାଞ୍ଚଳରେ ୮୫ ଓ ସୋନପୁର, ତରଭା, ବିନିକା, ଡୁଙ୍ଗୁରିପାଲି, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକର ଗ୍ରାମାଞ୍ଚଳରେ ୧୪୪୧ ଏଭଳି ମୋଟ ୧୫୨୬ କେନ୍ଦ୍ରର କୋଠା ନିର୍ମାଣ ପାଇଁ ସରକାର ଆବଶ୍ୟକ ଅର୍ଥ ମଞ୍ଜୁର କରିଛନ୍ତି । ବିନିକା ବ୍ଲକର ଅର୍ଥ ମଞ୍ଜୁର ହୋଇଥିବା ୨୧୫କେନ୍ଦ୍ର ମଧ୍ୟରୁ ୧୫୮ର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ୪୫କେନ୍ଦ୍ର ନିର୍ମାଣାଧିନ ରହିଛି। ଏହି ବ୍ଲକରେ ଏ ପର୍ଯ୍ୟନ୍ତ ୧୨ଟି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ହୋଇ ପାରିନାହିଁ ଓ ଗୋଟିଏ କେନ୍ଦ୍ରର ଜମି ଚିହ୍ନଟ ହୋଇନି। ବୀରମହାରାଜପୁର ବ୍ଲକରେ ୨୭୫କେନ୍ଦ୍ର ମଧ୍ୟରୁ ୧୮୬ସମ୍ପୂର୍ଣ୍ଣ ହୋଇଥିବା ବେଳେ ୮୩ନିର୍ମାଣାଧିନ ରହିଛି । ଏହି ବ୍ଲକରେ ୬ଟି କେନ୍ଦ୍ରରେ ନିର୍ମାଣ ଆରମ୍ଭ ହୋଇ ନ ଥିବା ବେଳେ ଜମି ଚିହ୍ନଟ ଅଭାବରୁ ୫ଟି ନିର୍ମାଣ ହୋଇ ପାରିନାହିଁ। ଡୁଙ୍ଗୁରିପାଲି ବ୍ଲକରେ ୨୫୮କେନ୍ଦ୍ରରୁ ୧୭୬ସମ୍ପୂର୍ଣ୍ଣ ହୋଇ ସାରିଥିବାବେଳେ ୫୮ନିର୍ମାଣାଧିନ ରହିଛି। ଏହି ବ୍ଲକରେ ୨୪କେନ୍ଦ୍ରର ନିର୍ମାଣ ଆରମ୍ଭ ହୋଇ ନ ଥିବାବେଳେ ଜମି ଚିହ୍ନଟ ହୋଇ ନ ଥିବାରୁ ୨୩ଟି କେନ୍ଦ୍ରର ନିର୍ମାଣ ଆରମ୍ଭ ହୋଇପାରୁନାହିଁ। ସେହିପରି ସୋନପୁର ବ୍ଲକରେ ୨୧୦କେନ୍ଦ୍ର ମଧ୍ୟରୁ ୧୮୧କେନ୍ଦ୍ରର ନିର୍ମାଣ ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ୨୫ଟି ନିର୍ମାଣାଧିନ ରହିଛି। କିନ୍ତୁ ୪ଟି କେନ୍ଦ୍ରର ନିର୍ମାଣ ଅଦ୍ୟାବଧି ଆରମ୍ଭ ହୋଇପାରିନାହିଁ। ତରଭା ବ୍ଲକରେ ୨୪୦କେନ୍ଦ୍ର ମଧ୍ୟରୁ ୨୧୧ସମ୍ପୂର୍ଣ୍ଣ ହୋଇ ସାରିଥିବାବେଳେ ୨୬ଟି ନିର୍ମାଣାଧିନ ରହିଛି ଓ ୩ଟି ଆରମ୍ଭ ହୋଇପାରିନାହିଁ। ଜମି ଚିହ୍ନଟ ହୋଇ ନ ଥିବାରୁ ୩ଟି କେନ୍ଦ୍ରର ନିର୍ମାଣ ଆରମ୍ଭ ହୋଇନି। ଏହା ସହିତ ଉଲୁଣ୍ଡା ବ୍ଲକରେ ୨୪୩କେନ୍ଦ୍ର ମଧ୍ୟରୁ ୧୮୨ସମ୍ପୂର୍ଣ୍ଣ ହୋଇ ସାରିଥିବାବେଳେ ୮୨ଟି କେନ୍ଦ୍ର ନିର୍ମାଣାଧିନ ରହିଛି। କିନ୍ତୁ ଏହି ବ୍ଲକରେ ୯ଟି କେନ୍ଦ୍ରର ନିର୍ମାଣ ଆରମ୍ଭ ହୋଇ ନ ଥିବାବେଳେ ଜମି ଚିହ୍ନଟ ଅଭାବରୁ ୫ଟି କେନ୍ଦ୍ରର ଆରମ୍ଭ ହୋଇପାରି ନାହିଁ। ଏହା ବ୍ୟତୀତ ବିନିକା ଏନଏସି ଅଞ୍ଚଳରେ ଅର୍ଥ ମଞ୍ଜୁର ହୋଇଥିବା ୩୫ଟି କେନ୍ଦ୍ର ମଧ୍ୟରୁ ୧୩ଟି ସମ୍ପୂର୍ଣ୍ଣ ହୋଇ ସାରିଛି। ଏଠାରେ ୧୪ଟି କେନ୍ଦ୍ର ନିର୍ମାଣାଧିନ ଥିବା ବେଳେ ଜମି ଅଭାବରୁ ୮ଟି ଆରମ୍ଭ ହୋଇ ପାରିନାହିଁ। ସୁବର୍ଣ୍ଣପୁର ପୌରାଞ୍ଚଳରେ ୩୦ କେନ୍ଦ୍ର ମଧ୍ୟରୁ ୧୭ଟି ସମ୍ପୂର୍ଣ୍ଣ ହୋଇ ସାରିଥିବା ବେଳେ ୧୩ଟି ନିର୍ମାଣାଧିନ ରହିଛି। ସେହିପରି ତରଭା ଏନଏସିରେ ୨୦ଟି ମଧ୍ୟରୁ ୧୦ଟି ସମ୍ପୂର୍ଣ୍ଣ ହୋଇ ଥିବା ବେଳେ ୧୦ଟି କାର୍ଯ୍ୟାରମ୍ଭ ହୋଇ ପାରିନାହିଁ। ଏହି ଏନଏସି ଅଞ୍ଚଳରେ ଆବଶ୍ୟକ ଜମି ଚିହ୍ନଟ ହୋଇ ନ ଥିବାରୁ ୩ଟି ଅଙ୍ଗନୱାଡ଼ି କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଲା ଜିଲାର ସମସ୍ତ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମୋଟ ୩୦ଟି ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଏ ପର୍ଯ୍ୟନ୍ତ କୌଣସି ମାଧ୍ୟମରୁ ଅର୍ଥ ବ୍ୟବସ୍ଥା ହୋଇପାରିନାହିଁ। ଏଥିରେ ବିନିକା ଏନ୍‌ଏସିର ୮ଟି କେନ୍ଦ୍ର, ବୀରମହାରାଜପୁର ବ୍ଲକରେ ୫ଟି, ଡୁଙ୍ଗୁରିପାଲି ବ୍ଲକରେ ୧୦ଟି, ତରଭା ବ୍ଲକରେ ୧ଟି ଓ ଉଲୁଣ୍ଡା ବ୍ଲକରେ ୬ଟି କେନ୍ଦ୍ର ରହିଛି। ତେବେ ଏହି ସବୁ ଅଙ୍ଗନୱାଡ଼ି କେନ୍ଦ୍ର ନିର୍ମାଣ ପାଇଁ ଏବେ ବି ଅର୍ଥର ଆବଶ୍ୟକତା ରହିଛି । ଏଭଳି ସ୍ଥିତିରେ ସମ୍ପୃକ୍ତ ଅଞ୍ଚଳର ପ୍ରାକ୍ ବିଦ୍ୟାଳୟ ଶିଶୁ ଓ ଗର୍ଭବତୀ ମହିଳାଙ୍କୁ କିଭଳି ସେବା ମିଳୁଥିବ ତାହା ସ୍ପଷ୍ଟ ଅନୁମେୟ। ତେଣୁ ଜିଲା ପ୍ରଶାସନ ଏଭଳି ଏକ ସମ୍ବେଦନଶୀଳ ସମସ୍ୟା ପ୍ରତି ବିଶେଷ ଗୁରୁତ୍ୱ ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ସାଧାରଣରେ ଦାବି ହେଉଛି।

### ତାଲୁକ ଆଇନ ସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର




ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ଓ ଅନ୍ୟମାନେ।

ବୌଦ୍ଧ, ୩୧।୭ (ଅଜିତ କୁମାର ବାରିକ )

ତାଲୁକ ଆଇନ ସେବା କମିଟି ହରଭଙ୍ଗା ପକ୍ଷରୁ ସୋମବାର ଚାରିଛକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧିଶ ତଥା ହରଭଙ୍ଗା ତାଲକୁ ଆଇନ ସେବା କମିଟି ଅଧ୍ୟକ୍ଷ ପ୍ରିତିଶ କୁମାର ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଇନର ଦିଗ ଉପରେ ଆଲୋକପାତ କରିଥିଲେ। ଶିବିରରେ ଶିଶୁମାନଙ୍କ ପାଇଁ ଥିବା ଆଇନ ଓ ଶିକ୍ଷା ଅଧିକାର ଆଇନ ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁଣନିଧି ସାହୁ, ହରଭଙ୍ଗା ଓକିଲ ସଂଘ ସଭାପତି ଅକ୍ଷୟ କୁମାର ସାହୁ, ସରକାରୀ ଓକିଲ ଅଜିତ ପରିଡା, ଆଇନଜୀବୀ ବନମାଳି ଦାସ, ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ। କୋର୍ଟ କର୍ମଚାରୀ ସଞ୍ଜିବ କୁମାର ବାଗ, ସୁମନ୍ତ ପ୍ରଧାନ, ତୁମ୍ବନାଥ ପାତ୍ର, ସନ୍ତୋଷ ସାହୁ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଜମିପଟ୍ଟା ଦାବି କଲା ଦଳିତ ସେନା

ବରପାଲି,୩୧।୭ (ଚିତ୍ତରଞ୍ଜନ ସାହୁ)



ସଂଘର କର୍ମକର୍ତ୍ତା ଅତିରିକ୍ତ ତହସିଲଦାରଙ୍କ ସହ ଆଲୋଚନା କରୁଛନ୍ତି।

ବରଗଡ ଜିଲା ବରପାଲି ବ୍ଲକ ବରମକେଲା ପଞ୍ଚାୟତ ଗ୍ରୀଣ୍ଡୋଲା ଗ୍ରାମର ବହୁ ଗରିବ ପରିବାର ସରକାରଙ୍କ ତରଫରୁ ଜମି ପାଇ ଦଖଲ କରିଛନ୍ତି। ହେଲେ ଆଜିଯାଏ ସେମାନେ ଜମିର ପଟ୍ଟା ପାଇନାହାନ୍ତି। ସୋମବାର ଓଡ଼ିଶା ଆଦିବାସୀ ଓବିସି ଦଳିତ ସେନା ବ୍ଲକ କମିଟି ବରପାଲି ଅତିରିକ୍ତ ତହସିଲଦାରଙ୍କ ସହିତ ଆଲୋଚନା କରିଥିଲା। ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଗ୍ରୀଣ୍ଡୋଲା ଗ୍ରାମର ଗରିବ ଭୂମିହୀନ ଆଦିବାସୀ ଓବିସି ଦଳିତମାନେ ସରକାରଙ୍କ ଠାରୁ ସିଲିଂ ଜମି ପାଇଛନ୍ତି। ଜମି ଦଖଲ ମଧ୍ୟ କରିଛନ୍ତି। ହେଲେ ହିତାଧିକାରୀମାନେ ପଟ୍ଟା ନ ପାଇବାରୁ ଧାନକାର୍ଡ କରି ପାରୁନାହାନ୍ତି। ଏଥିପାଇଁ ଠିକ୍ ମୂଲ୍ୟରେ ଧାନ ବିକ୍ରି କରି ପାରୁନାହାନ୍ତି। ସିଲିଂ ଜମିର ନେଟ ପଟ୍ଟା ଯୋଗାଇ ଦେବା ଏବଂ ୪ ଡେସିମିଲ ଘରଡ଼ିହ ପଟ୍ଟା ପାଇଥିବା ବ୍ୟକ୍ତିଙ୍କୁ ଦଖଲ ଦେବା ଦାବି ନେଇ ପୂର୍ବରୁ ବରପାଲି ତହସିଲ ସମ୍ମୁଖରେ ୫ଦିନ ଧରି ଆମରଣ ଅନଶନରେ ୨ ଆଦିବାସୀ ମହିଳା ବସିଥିଲେ। ତତ୍କାଳୀନ ତହସିଲଦାର ଏକ ମାସ ଭିତରେ ସବୁ ସମସ୍ୟା ସମାଧାନ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଆଜିଯାଏ ତାହା କାର୍ଯ୍ୟକାରୀ ହୋଇନାହିଁ। ଏଥିପାଇଁ ଓଡ଼ିଶା ଆଦିବାସୀ ଓବିସି ଦଳିତ ସେନା ବରପାଲି ବ୍ଲକ ସଭାପତି ତ୍ରିଲୋଚନ ଭୁଏ, ଆଦିବାସୀ ସଂଘର ଏନ୍‌ଏସି ସଭାପତି ଭାଗବତ ମିର୍ଦ୍ଧା, କ୍ଷମାନିଧି ନାଏକ, ଶ୍ୟାମସୁନ୍ଦର ବରିହା, ପ୍ରହଲ୍ଲାଦ ବିଶି, ବୁଦ୍ଧୁ ରଣା ଏବଂ ଅନ୍ୟମାନେ ଉପସ୍ଥିତ ରହି ଅତିରିକ୍ତ ତହସିଲଦାରଙ୍କ ସହିତ ଆଲୋଚନା କରିଥିଲେ। ଶୀଘ୍ର ଏହି ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ବିରାଟ ଆନ୍ଦୋଳନ କରିବା ପାଇଁ ସଂଘ ସଭାପତି ଭୁଏ ଚେତାବନୀ ଦେଇଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ପଦ୍ମପୁର, ୩୧।୭(ପ୍ରଦୀପ୍ତ ଦାଶ)




ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବ୍ରାହ୍ମଣ ସମାଜ ପ୍ରତିନିଧି ଦାବିପତ୍ର ପ୍ରଦାନ କରୁଛନ୍ତି।

ବଲାଙ୍ଗୀର ଜିଲା ପାଟଣାଗଡ ବ୍ଲକ ଛକରେ ଭଗବାନ ପର୍ଶୁରାମଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରି ଦୀର୍ଘ ବର୍ଷ ଧରି ପୂଜାର୍ଚ୍ଚନା କରାଯାଇଆସୁଥିଲା । ସେହି ସ୍ଥାନକୁ ପର୍ଶୁରାମ ଛକ ନାମରେ ନାମିତ କରିବାକୁ ପାଟଣାଗଡବାସୀଙ୍କ ତରଫରୁ ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଏକ ସ୍ମାରକପତ୍ର ଦିଆଯାଇଥିଲା। ବର୍ତ୍ତମାନ ଏହି ଛକକୁ ପର୍ଶୁରାମ ଛକ ନାମରେ ସମସ୍ତେ ଜାଣନ୍ତି। ଏହାର ବିଚାର କରି ସେଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିକୁ ଅନ୍ୟତ୍ର ଏକ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରି ସେଠାରେ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ସୋମବାର ପଦ୍ମପୁର ବ୍ରାହ୍ମଣ ସମାଜ ସଭାପତି ଜୟନାରାୟଣ ତ୍ରିପାଠୀଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ ସଦାକାର କୁମ୍ଭାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଚିନ୍ମୟ କୁମାର ପଣ୍ଡା ଦାବିପତ୍ର ପଠନ କରିଥିବାବେଳେ ସମ୍ପାଦକ ଚନ୍ଦ୍ର ଶେଖର ପୁରୋହିତ, କୋଷାଧ୍ୟକ୍ଷ ରାମଚନ୍ଦ୍ର ତ୍ରିପାଠୀ, ସନ୍ତୋଷ ଶତପଥୀ, ସତ୍ୟନାରାୟଣ ତ୍ରିପାଠୀ, ପ୍ରମୋଦ ମିଶ୍ର, ଜିତେଶ୍ୱରୀ ଦାଶ, ସହଦେବ ଦେବତା, ଶାନ୍ତିଲତା ମିଶ୍ର, ମଞ୍ଜୁଲତା ପାଢ଼ୀ, ଜ୍ୟୋତ୍ସ୍ନା କର, ନୁରାବତୀ ପଣ୍ଡା, ତୃପ୍ତିମୟୀ ଦାଶ, ଅମିୟ ପୁରୋହିତ, ଭରତ ପଣ୍ଡା, ବଳଦେବ ପାଣିଗ୍ରାହୀ, ପ୍ରଫୁଲ୍ଲ ମିଶ୍ର, ତୃପ୍ତିମୟ ତ୍ରିପାଠୀ ଉପସ୍ଥିତ ଥିଲେ।

## ଆଜି କ'ଣ କେଉଁଠି

ରାଉରକେଲା

- ସମ୍ବଲପୁରୀ ଦିନ୍ ପାଳନ, ରାଉରକେଲା କ୍ଲବ, ସନ୍ଧ୍ୟା ସାଢେ ୬ଟା।
- ସମ୍ବଲପୁରୀ ଦିନ୍ ପାଳନ ମହୋତ୍ସବ, ସୁନ୍ଦରଗଡ଼ ଜିଲା ସଂସ୍କୃତି ଭବନ, ଅପରାହ୍ନ ସାଢେ ୫ଟା।

## ଶ୍ରୀ ଶ୍ରୀ ବଡମାଁଙ୍କ ୧୩୦ତମ ଜନ୍ମ ମହୋତ୍ସବ

**ରାଉରକେଲା,୩୧।୭(ବିପ୍ଲବ ରଞ୍ଜନ ଦାଶ)**

ରାଉରକେଲା ସତ୍‌ସଙ୍ଗ ବିହାର ଆନୁକୂଲ୍ୟରେ ସୋମବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ଲୀଳା ସଙ୍ଗିନୀ ଶ୍ରୀ ଶ୍ରୀ ବଡମାଁଙ୍କ ୧୩୦ତମ ଜନ୍ମ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ନନ୍ଦିତା ମିଶ୍ରଙ୍କ ପୌରୋହିତ୍ୟରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରେ ଶ୍ରୀ ଶ୍ରୀ ଠାକୁରଙ୍କ ଅନୁଗାମୀ ହୋଇ କିପରି ଉତ୍ତମ ସାଂସାରିକ ଜୀବନ ଓ ଉତ୍ତମ ପରିବାର ଗଠନ କରାଯିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଦିନ ୧୧ଟାରେ ସତସଙ୍ଗ ସଭା ଅନୁଷ୍ଠିତ ହୋଇଥିଲା। ବସନ୍ତ କୁମାର ଜେନା ସଭା ସଞ୍ଚାଳନ କରିଥିଲେ। ଏଥିରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜ ଗଠନରେ ନାରୀର ଭୂମିକା ଉପରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦୁଝରର ମହେନ୍ଦ୍ର କୁମାର ସାହୁ ଯୋଗଦେଇ ବଡମା'ଙ୍କ ଦୀର୍ଘ କର୍ମମୟ ଓ ପ୍ରେରଣାଦାୟୀ ଜୀବନ ଉପରେ ଉଦାହରଣ ଦେଇଥିଲେ। ଏଥିସହିତ ବଡମାଁ ଏକାଧାରରେ ଜଣେ ଶ୍ରେଷ୍ଠ ଭକ୍ତ, ସ୍ୱାମୀନିଷ୍ଠ ଓ ଉତ୍ତମ ପରିବାର ଗଠନରେ ଜଣେ ଶ୍ରେଷ୍ଠ ନାରୀ ବୋଲି ସେ କହିଥିଲେ। ସୁକାନ୍ତ କୁମାର ଲେଙ୍କାଙ୍କ ସଂଯୋଜନାରେ ପ୍ରସାଦ ସେବନ ହୋଇଥିଲା। ଏହି ଅବସରରେ ୭ଜଣ ଠାକୁରଙ୍କ ସତ୍‌ମନ୍ତ୍ରରେ ଅଭିମନ୍ତ୍ରିତ ହୋଇଥିଲେ।

## ଗୋପବନ୍ଧୁ ମାର୍କେଟ କମ୍ପ୍ଲେକ୍ସର ବୈଠକ

**ରାଉରକେଲା,୩୧।୭(ଦିନେଶ ମିଶ୍ର)**

ରାଉରକେଲା ମହାନଗର ନିଗମ(ଆରଏମ୍‌ସି) ପକ୍ଷରୁ ରାସ୍ତାକଡ ବ୍ୟବସାୟୀଙ୍କୁ ଥଇଥାନ କରିବା ପାଇଁ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ଗତ ୬ ତାରିଖରେ ବିତରଣ କରାଯାଇଥିଲା। ସେଥିମଧ୍ୟରୁ ଡିଏଭି ଛକ ଭେଣ୍ଡିଂ ଜୋନ ମାର୍କେଟରେ ଥିବା ୧୧୪ଟି ଦୋକାନର ବ୍ୟବସାୟୀମାନେ ସୋମବାର ଏକ ବୈଠକ କରିଥିଲେ। ବୈଠକରେ ଭେଣ୍ଡିଂ ଜୋନ ମାର୍କେଟର ନାମ ଗୋପବନ୍ଧୁ ମାର୍କେଟ କମ୍ପ୍ଲେକ୍ସ ଦେଇଥିଲେ। ଏଥିସହ ଭେଣ୍ଡିଂ ଜୋନ୍‌ରେ ଦୋକାନ ଖୋଲିବା ପୂର୍ବରୁ ବ୍ୟବସାୟୀମାନେ ମାର୍କେଟରେ ଥିବା ବିଦ୍ୟୁତ ସଂଯୋଗୀକରଣ, ପାର୍କିଂ ଓ ଡଷ୍ଟବିନ ଭଳି ବ୍ୟବସ୍ଥାକୁ କିଭଳି ଅଧିକ ତ୍ୱରାନିତ କରିହେବ ସେ ନେଇ ବୈଠକରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ କମିଟି ସହ ସର୍ବସମ୍ମତିକ୍ରମେ ୧୧ଜଣିଆ ଟିମ୍ ଗଠନ କରାଯାଇଥିଲା। ମାର୍କେଟ କମ୍ପ୍ଲେକ୍ସ ସଭାପତି ଭାବେ ବାବୁ ସିଂଙ୍କୁ ମନୋନିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଭାବେ ସୁମନ୍ତ ବାରିକ, ସମ୍ପାଦକ ଭାବେ ବାବୁଲି ବଳ, ସହ ସମ୍ପାଦକ କହରା ଜେନା, ଶୁକାନ୍ତିଲତା ମଲ୍ଲିକ, କୋଷାଧ୍ୟକ୍ଷ ମୋହନ ସୁବୁଦ୍ଧି, ସହ କୋଷାଧ୍ୟକ୍ଷ ବୈଷ୍ଣବ ପରିଜା, କାର୍ଯ୍ୟକାରୀ ସଦସ୍ୟ ଭାବେ ଉତ୍ତମ ସାହୁ, ଟୁଲୁ ପାଢୀ, ଅଜୟ ସେଠୀ, ଚକ୍ରଧର ରାଉତ ଓ ସୁବାସ ଚନ୍ଦ୍ର ନାୟକଙ୍କୁ ମନୋନିତ କରାଯାଇଥିଲା। ଶେଷରେ କମିଟିର ସହ ସମ୍ପାଦକ କହରା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।




ମଣିପୁର ହିଂସା ପ୍ରସଙ୍ଗରେ ସୋମବାର ବିର୍ଶା ଛକରେ ବିଭିନ୍ନ ବେସରକାରୀ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ମଣିପୁର ହିଂସାକୁ ନେଇ ବିକ୍ଷୋଭ ପ୍ରଦର୍ଶନ

**ରାଉରକେଲା, ୩୧।୭(ସଙ୍ଗୀତା ଜେନା)**

ମଣିପୁର ହିଂସା ପ୍ରତିବାଦ ଥମିବା ନାଁ ନେଉନାହିଁ। ଦେଶର ବିଭିନ୍ନ ପ୍ରାନ୍ତରେ ଏହାର ପ୍ରତିବାଦ କରାଯାଉଛି। ରାଉରକେଲା ସମେତ ସୁନ୍ଦରଗଡ଼ ଜିଲାରେ ଆନ୍ଦୋଳନ କରାଯାଉଛି। ଏହି କ୍ରମରେ ସୋମବାର ପୂର୍ବାହ୍ନରେ ୩୦ଟି ବେସରକାରୀ ସଙ୍ଗଠନ ପକ୍ଷରୁ ବିର୍ଶା ଛକରେ ବିରୋଧ ପ୍ରଦର୍ଶନ କରାଯାଇଥିଲା। ଏଥିରେ ଇଣ୍ଡିଆନ ପିପୁଲ୍ସ ଡେଭଲପମେଣ୍ଟ ଅର୍ଗାନାଇଜେଶନ, ସରଣା ସମିତି, ଅଲ ଇଣ୍ଡିଆ ଡେଭଲପମେଣ୍ଟ ଟ୍ରଷ୍ଟ, ରାଜୀ ପାଡ୍‌ହା ସରଣା ପ୍ରାର୍ଥନା ସଭା, ଡିସପ୍ଲେସ ସେଟେଲମେଣ୍ଟ କମିଟି, ସୋସାଇଟି ଫର୍ ଇଣ୍ଡିଆନ ଏଣ୍ଡ ରୁରାଲ ଡେଭଲପମେଣ୍ଟ, ନୟି ରୋଷନୀ, ଇଣ୍ଡିଆନ ଚାମ୍ବର୍ସ କମର୍ସ ଫର ଏସ୍‌ସି, ଏସ୍‌ଟି ଏଣ୍ଡ ୱିମେନ ଏଣ୍ଟରପ୍ରିନ୍ୟୁର୍ସ, ସରଣା ପୂଜାସ୍ଥଳ, ବିଶ୍ୱ ସରଣା ପରିଷଦ, ନ୍ୟାଶନାଲ ହ୍ୟୁମାନ ରାଇଟ୍‌ସ କମିଟି, ସମଝୌତା, ସରଣା ନବଯୁବକ ସଂଘର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ମଣିପୁର ପ୍ରସଙ୍ଗରେ ହେମା ଏକ୍କା, ଝରିଓ କେର୍କେଟାଙ୍କ ନେତୃତ୍ୱରେ ସାମାଜିକ ସଙ୍ଗଠନଗୁଡ଼ିକ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସମ୍ପୃକ୍ତ ଦୋଷୀଙ୍କୁ ଫାଶୀ ଦଣ୍ଡ ଦେବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

# ୫-ଟି କାମ ଅଧାରୁ ବନ୍ଦ

### ଛେଣ୍ଡ ଏସ୍‌ଆର୍‌ଏମ୍ ହାଇସ୍କୁଲ

**ରାଉରକେଲା,୩୧।୭(ବିପ୍ଲବ ରଞ୍ଜନ ଦାଶ)**

ରାଜ୍ୟ ସରକାର ସରକାରୀ ସ୍କୁଲଗୁଡ଼ିକୁ ୫-ଟିରେ ରୂପାନ୍ତରଣ କରି କୋଟି କୋଟି ଟଙ୍କା ଅନୁଦାନ ଯୋଗାଇ ଦେଉଛନ୍ତି। ମାତ୍ର ଅନେକ କ୍ଷେତ୍ରରେ ସରକାରଙ୍କ ଏହି ଉଦ୍ଦେଶ୍ୟ ପୂରଣ ହେଉନାହିଁ। ଏଭଳି ଦେଖିବାକୁ ମିଳିଛି ରାଉରକେଲା ଛେଣ୍ଡ ସ୍ଥିତ ଏସ.ଆର.ଏମ ସରକାରୀ ହାଇସ୍କୁଲରେ।

ଉକ୍ତ ହାଇସ୍କୁଲରେ ୮ମରୁ ୧୦ମ ଶ୍ରେଣୀ ଯାଏ ମୋଟ ୧୨୦ଜଣ ପିଲା ଅଧ୍ୟୟନ କରୁଛନ୍ତି। ଗତ ମେ ମାସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁନ୍ଦରଗଡ ଜିଲାର ୪୯ଟି ସରକାରୀ ସ୍କୁଲକୁ ୫-ଟିରେ ରୂପାନ୍ତର କରାଗଲା ବୋଲି ଘୋଷଣା କରିଥିଲେ। ଏହି ତାଲିକାରେ ରାଉରକେଲା ଛେଣ୍ଡ ସ୍ଥିତ ଏସ.ଆର.ଏମ ସରକାରୀ ହାଇସ୍କୁଲ ୧କୋଟି ୧୪ଲକ୍ଷ ଟଙ୍କା ଅନୁଦାନ ପାଇଥିଲା। ଏହି ଅନୁଦାନ ରାଶିରେ ହାଇସ୍କୁଲର କମ୍ପ୍ୟୁଟର,



ସ୍କୁଲ ସମ୍ମୁଖରେ ଶିକ୍ଷୟତ୍ରୀ ଶିକ୍ଷକ ଏବଂ ଛାତ୍ରୀଛାତ୍ର।

ବିଜ୍ଞାନଗାର, ଲାଇବ୍ରେରୀ, ସ୍ମାର୍ଟ କ୍ଲାସରୁମ, ପାନୀୟ ଜଳପ୍ରକଳ୍ପ ଓ ଟଏଲେଟ ଆଦି ବ୍ୟବସ୍ଥା ହେଲା। ମାତ୍ର ଅତି ଆବଶ୍ୟକ ଥିବା ସ୍କୁଲ ସମ୍ମୁଖ ପରେଡ ଗ୍ରାଉଣ୍ଡର ଉନ୍ନତୀକରଣ, ପାହାଚ ପାଇଁ ସିଡି ୱାଲ, ଝରକା କବାଟ ଓ ରେଲିଙ୍ଗ ଆଦି ବ୍ୟବସ୍ଥା ନ କରି କାମ ଅଧାରୁ ବନ୍ଦ କରି ଦିଆଗଲା। ଫଳରେ ପିଲାମାନେ ଗେଟି ପଥର ଯୁକ୍ତ ପଡିଆରେ ଖେଳକୁଦ କରି ଖଣ୍ଡିଆଖାବରା ହେଉଛନ୍ତି। ସେହିପରି ଆସନ୍ତା ସ୍ୱାଧୀନତା ଦିବସରେ ଉକ୍ତ ପଡିଆରେ ପରେଡ କିଭଳି ହେବ ସେ ନେଇ ସ୍କୁଲ କର୍ତ୍ତୃପକ୍ଷ ଚିନ୍ତା ପ୍ରକଟ କରିଛନ୍ତି। ଏ ନେଇ ସ୍କୁଲର ଛାତ୍ରୀ କିରଣ କୁମାରୀ ଓଝା କୁହନ୍ତି, ଆମ ସ୍କୁଲରେ ଦୀର୍ଘମାସ ହେଲାଣି ଖେଳକୁଦ ବନ୍ଦ ହୋଇଯାଇଛି। ସ୍ୱାଧୀନତା ଦିବସରେ ପରେଡ ମଧ୍ୟ ହୋଇପାରିବ ନାହିଁ ବୋଲି ସେ କହିଥିଲେ। ସେହିପରି ଛାତ୍ର ସୌରଭ ଦାସ କୁହନ୍ତି, ଦୈନିକ ସ୍କୁଲ ଖେଳ ପଡିଆରେ ଗେଟି ପଥର ଯୋଗୁ ପିଲାମାନେ ଆହତ ହେଉଛନ୍ତି। ଦୀର୍ଘମାସ ହେଲା କେବଳ ଗେଟି ଓ ପଥର ପକାଇ ଦେଇ ଠିକାଦାର କାମ ବନ୍ଦ କରିଦେଇଥିବା ସେ କହିଥିଲେ। ଏ ନେଇ ହାଇସ୍କୁଲର ପ୍ରଧାନଶିକ୍ଷକ ରମେଶ ଚନ୍ଦ୍ର ମହାନ୍ତିଙ୍କୁ ପଚାରିବାରୁ ସେ କହିଲେ, ଏହି କାର୍ଯ୍ୟ ପିଡବ୍ଲୁଡି ବିଭାଗକୁ ଦିଆଯାଇଥିଲା। ପରେ ସ୍କୁଲର ଉନ୍ନତୀକରଣ କାମ ଭୁବନେଶ୍ୱରର ଏକ ଠିକାଦାରଙ୍କୁ ପ୍ରଦାନ କରାଗଲା। ମାତ୍ର ଦୀର୍ଘମାସ ହେଲା ସ୍କୁଲ ଖେଳ ପଡିଆ ଓ ଅନ୍ୟାନ୍ୟ କାମ ବକେୟା ରଖି ଠିକାଦାର କାମରୁ ନିବୃତ୍ତ ରହିଛନ୍ତି। ତୁରନ୍ତ ଅବଶିଷ୍ଟ କାମ କରିବାକୁ ମହାନ୍ତି ଦାବି କରିଛନ୍ତି। ଏ ସମ୍ପର୍କରେ ପିଡବ୍ଲୁଡିର ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନନ୍ଦଙ୍କୁ ପଚାରିବାରୁ ଘଟଣାକୁ ନେଇ କୌଣସି ପ୍ରତିକ୍ରିୟା ନ ଦେଇ ଚୁପ୍ ରହିଥିଲେ।

## ନବନିର୍ବାଚିତ ଯୁବ କଂଗ୍ରେସ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା



ଯୁବ କଂଗ୍ରେସର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

**ରାଉରକେଲା, ୩୧।୭(ସଙ୍ଗୀତା ଜେନା)**

ଓଡିଶା ପ୍ରଦେଶ ଯୁବ କଂଗ୍ରେସର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ଏଥିରେ ରାଉରକେଲା ସାଙ୍ଗଠନିକ ଜିଲା ଯୁବ କଂଗ୍ରେସ ସଦସ୍ୟ ନାରାୟଣ ବାରି ପ୍ରଦେଶ ଯୁବ କଂଗ୍ରେସ କମିଟି ଉପସଭାପତି ଏବଂ ସୁମିତ କଂସାରୀ ରଘୁନାଥପାଲି ନିର୍ବାଚନ ମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଇସ୍ତେହାର ମହମ୍ମଦ ରାଉରକେଲା ଜିଲା ଯୁବ କଂଗ୍ରେସ ଉପସଭାପତି ଏବଂ ମୁକେଶ ସିଂହ ରାଉରକେଲା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏହି ଅବସରରେ ସୋମବାର ଅନୁଷ୍ଠିତ ଏକ ସମାରୋହରେ ସ୍ଥାନୀୟ କଂଗ୍ରେସ ଭବନ ପରିସରରେ ସମସ୍ତ ନବନିର୍ବାଚିତ ଯୁବ କଂଗ୍ରେସ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଯୁବ କଂଗ୍ରେସର ନବନିର୍ବାଚିତ ସଦସ୍ୟମାନେ ଅଖିଳ ଭାରତୀୟ କଂଗ୍ରେସ କମିଟି ସମ୍ପାଦକ ଡ. ବିଶ୍ୱରଞ୍ଜନ ମହାନ୍ତି, ପ୍ରଦେଶ ଯୁବ କଂଗ୍ରେସର ପୂର୍ବତନ ସଭାପତି ଡ. ସ୍ମୃତିରଞ୍ଜନ ଲେଙ୍କା, ରାଜଗାଙ୍ଗପୁର ବିଧାୟକ ଡ. ସି. ଏସ୍. ରାଜନ ଏକ୍କା ତଥା ରାଉରକେଲା ଜିଲା ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ସମେତ ଜିଲାର ସମସ୍ତ ବରିଷ୍ଠ ନେତୃବୃନ୍ଦ ଓ ଯୁବ କଂଗ୍ରେସ କର୍ମକର୍ତ୍ତାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେମାନେ ଆଗାମୀ ଦିନରେ ଯୁବ କଂଗ୍ରେସ ସଙ୍ଗଠନକୁ ଅଧିକ ମଜବୁତ କରିବା ଦିଗରେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି। ରାଉରକେଲା ଜିଲା ଯୁବ କଂଗ୍ରେସର ପ୍ରାକ୍ତନ ସଭାପତି ଜ୍ଞାନେନ୍ଦ୍ର ଦାସ ସମସ୍ତ ନବନିର୍ବାଚିତ ଯୁବ କଂଗ୍ରେସ ସଦସ୍ୟମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଯୁବ କଂଗ୍ରେସ ଜିଲାରେ କିଭଳି ଅଧିକ ସୁଦୃଢ ହୋଇପାରିବ ସେ ଦିଗରେ କାର୍ଯ୍ୟ ଜାରି ରଖିବେ ବୋଲି ଆଶାବ୍ୟକ୍ତ କରିଥିଲେ। ଏହି ସମ୍ବର୍ଦ୍ଧନା ସମାରୋହରେ ବହୁ ଯୁବ କଂଗ୍ରେସ କର୍ମକର୍ତ୍ତା ସାମିଲ ହୋଇଥିଲେ।

## ପ୍ରେମ, ପବିତ୍ରତା ହିଁ ଆତ୍ମାର ସ୍ୱଧର୍ମ

### ନିରଙ୍କାରୀ ମହିଳା ସନ୍ଥ ସମାଗମ ଉଦ୍‌ଯାପିତ

**ରାଉରକେଲା,୩୧।୭(ଦିନେଶ ମିଶ୍ର)**

ରାଉରକେଲା ସନ୍ଥ ନିରଙ୍କାରୀ ସତ୍‌ସଙ୍ଗ ଭବନରେ ସନ୍ଥ ନିରଙ୍କାରୀ ମିଶନ ପକ୍ଷରୁ ଜୋନ୍‌ସ୍ତରୀୟ ମହିଳା ସନ୍ଥ ସମାଗମ ରବିବାର ଉଦ୍‌ଯାପିତ ହୋଇଛି। ଏଥିରେ ରାଞ୍ଚିରୁ ଆସିଥିବା ସନ୍ଥ ମହିଳା ପ୍ରବଚକ ଗୁରୁମାତା ଚମ୍ପା ଭାଟିଆ ଯୋଗ ଦେଇଥିଲେ। ଆତ୍ମାର ସ୍ୱଧର୍ମ ଶାନ୍ତି, ପ୍ରେମ ଓ ପବିତ୍ରତା ହୋଇଥିବାରୁ ସମାଜରେ ଏହାକୁ ବଜାୟ ରଖି ପରମାତ୍ମାଙ୍କ ଉଦ୍ଦେଶ୍ୟରେ ଜୀବନ ଅତିବାହିତ କରିବା ପାଇଁ ପ୍ରବଚକ ଭାଟିଆ ଉପଦେଶ ଦେଇଥିଲେ। ଏହି ସମାଗମକୁ ଓଡିଶା ଜୋନ୍ ୪୪ ଦାୟିତ୍ୱରେ ଥିବା ବସନ୍ତ କୁମାର ତ୍ରିପାଠୀ ଓ ରାଉରକେଲାର ସଂଯୋଜକ ରାମେଶ୍ୱର ସାହୁ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଝାରସୁଗୁଡା, ବରଗଡ, ସମ୍ବଲପୁର ଆଦି ୧୦ଟି ଜିଲାରୁ ପ୍ରାୟ ଏକ ହଜାରେରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗଦେଇ ପରମାତ୍ମାଙ୍କ ଦିବ୍ୟଗୁଣକୁ ଶ୍ରବଣ କରିବା ସହ ମଣିଷ ଜୀବନର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ଅବଗତ ହୋଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଭଜନ, କବିତା ଓ ଭଗବତ ବିଚାର ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସେବାଦଳର ସଞ୍ଚାଳକ କୁଳମଣି ଜେନା, ମହିଳା ସମାଗମର ଅଧ୍ୟକ୍ଷା ମୀନତି ତ୍ରିପାଠୀ, ମମତା ପାତ୍ର, କଣ୍ଡଲୁ ପ୍ରଧାନ, ବିଭୂତି ଜେନା, ରାଜଗୋପାଳ ପଟ୍ଟନାୟକ, ସୁମନ୍ତ ମହାରଣା, ବ୍ରିଜେଶ ମାହାତୋ, ସନ୍ତୋଷ ସ୍ୱାଇଁ, ସୁମିତ୍ରା ମହାରଣା, କୁଳା ଦେବୀ ପ୍ରମୁଖ ସହଯୋଗ କରିଥିଲେ।

## ଟ୍ରେନରୁ ଖସିପଡ଼ି ମହିଳା ମୃତ

**ରାଉରକେଲା, ୩୧।୭(ସଙ୍ଗୀତା ଜେନା)**

ରାଉରକେଲା ରେଲୱେ ଷ୍ଟେଶନରେ ଟ୍ରେନରୁ ଖସିପଡ଼ିବାରୁ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ସିମଡେଗା ଅଞ୍ଚଳର ଅଲିଭା କେର୍କେଟା (୪୭)। ଏ ନେଇ ଜିଆରପି ଥାନା ପୋଲିସ ଏକ ମାମଲା(ନଂ.୫୧।୨୩) ରୁଜୁ କରି ସୋମବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ସୂଚନାଯୋଗ୍ୟ, ଅଲିଭା ନୂଆଦିଲ୍ଲୀ ଯାଉଥିବା ଉତ୍କଳ ଏକ୍ସପ୍ରେସ ଟ୍ରେନରେ ଚଢୁଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ତଳେ ପଡି ଚେତ ହୋଇଥିଲେ। ତାଙ୍କୁ ତୁରନ୍ତ ଆର୍‌ଜିଏଚ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବସ୍ତି ସମସ୍ୟା ନେଇ ଏଡିଏମ୍‌ଙ୍କୁ ଦାବିପତ୍ର

**ରାଉରକେଲା,୩୧।୭ (ଦିନେଶ ମିଶ୍ର):** ରାଉରକେଲା ମହାନଗର ନିଗମ ଅନ୍ତର୍ଗତ ୩୨ ନମ୍ବର ୱାର୍ଡର ଧାମରା ବସ୍ତି, ବିଦ୍ୟୁତ ବସ୍ତି ଓ ବାଗୁଡି ବସ୍ତିର ବିଭିନ୍ନ ସମସ୍ୟାକୁ ନେଇ କଂଗ୍ରେସ ନେତା ବିରେନ ସେନାପତିଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ଆରଏମ୍‌ସି କମିଶନର ଡ. ଶୁଭଙ୍କର ମହାପାତ୍ରଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବିଦ୍ୟୁତ ବସ୍ତିରେ ପ୍ରାୟ ୨ଶହ ପରିବାର ବାସ କରୁଥିବାବେଳେ ଏଠାରେ ପକ୍କା ରାସ୍ତା ଓ ନାଳ ନ ଥିବାରୁ ଲୋକମାନେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ବସ୍ତିରେ ଅଙ୍ଗନୱାଡି କେନ୍ଦ୍ର, ରାସ୍ତାକଡ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଏଡିଏମଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ପୁରୁଣା ଧାମରା ବସ୍ତିରେ ପକ୍କା ରାସ୍ତାକୁ ସମ୍ପୂର୍ଣ୍ଣ କରିବା ସହ ଗୋଷ୍ଠୀ ଶୌଚାଳୟ ମରାମତି ଓ ରାସ୍ତାରେ ଖାଲଖମାକୁ ସମତୁଲ କରିବା ପାଇଁ ଦାବି ହୋଇଥିଲା। ବାଗୁଡି ବସ୍ତିରେ ସାରନାଟୋଲା ପୂଜା ମଣ୍ଡପ ସମ୍ମୁଖରେ ଥିବା ଖାଲିସ୍ଥାନରେ ପେଭର ବ୍ଲକ ବିଛାଯାଇ ଉକ୍ତ ସ୍ଥାନକୁ ବ୍ୟବହାର ଉପଯୋଗୀ କରିବା ଓ ସାରନାଟୋଲାରୁ ବିପିୟୁଟି ପାଚେରି ପାର୍ଶ୍ୱ ଦେଇ କଳିଙ୍ଗ ବିହାରକୁ ଅର୍ଦ୍ଧନିର୍ମିତ ରାସ୍ତାକୁ ସମ୍ପୂର୍ଣ୍ଣ କରିବା ସହ ବସ୍ତି ଭିତରେ ଥିବା ଫୁଟବଲ ପଡିଆର ବିକାଶ କରିବା ପାଇଁ ସେନାପତି ଦାବି କରିଥିଲେ। ଏହି ପ୍ରତିନିଧି ଦଳରେ ରାଜେନ୍ଦ୍ର ବାରିକ, ସୁଧୀର କୁମାର ନାଥ, ବିଜୟ ସାହୁ, ବି. ଡି. ସେଠୀ, ବିକାଶ ସିଂ, ଭାସ୍କର ଖିଲାର ପ୍ରମୁଖ ଉପସ୍ଥିତ ଥିଲେ।

## ତୁମକେଲା ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



ଅନୁଷ୍ଠାନର ସଦସ୍ୟମାନେ ବୃକ୍ଷଚାରା ରୋପଣ କରୁଛନ୍ତି।

**ରାଉରକେଲା, ୩୧।୭(ସଙ୍ଗୀତା ଜେନା)**

ରାଉରକେଲାର ତୁମକେଲା ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ପକ୍ଷରୁ ରବିବାର ମଙ୍ଗଳା ମନ୍ଦିର ପରିସରରେ ୧୦୦ରୁ ଊର୍ଦ୍ଧ୍ୱ ବୃକ୍ଷରୋପଣ କରାଯାଇଛି। ସତ୍ୟସାଇ ଅନୁଷ୍ଠାନ ପ୍ରଦତ୍ତ ଉକ୍ତ ବୃକ୍ଷ ଚାରାଗୁଡ଼ିକୁ କମିଟି ସଭାପତି ପ୍ରେମଚାନ୍ଦ ପଶାୟତ, ଉପସଭାପତି ରାଜେଶ ପ୍ରସାଦ, ସାଧାରଣ ସମ୍ପାଦକ ଜଗଦୀଶ ପଶାୟତ, ବାସନ୍ତୀ ଖଡ଼ିଆ, ସାହିବ ମାଝୀ, ଯୋଗେଶ ପଶାୟତ, ଜେଠୁ ମହତୋ ପ୍ରମୁଖ ରୋପଣ କରିଥିଲେ।

## ୧୦ ଶ୍ରମିକଙ୍କୁ ମନ୍ତ୍ରୀ ବାଣ୍ଟିଲେ ଶ୍ରମକାର୍ଡ

**ରାଉରକେଲା,୩୧।୭(ବିପ୍ଲବ ରଞ୍ଜନ ଦାଶ)**

ଅଣସଙ୍ଗଠିତ ଓ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ପ୍ରଦାନ ନେଇ ଛେଣ୍ଡସ୍ଥିତ ମାର୍କେଟରେ ସଚେତନତା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ନାୟକ ଶ୍ରମ ବିଭାଗ ପକ୍ଷରୁ ମିଳୁଥିବା ସମସ୍ତ ପ୍ରକାର ସୁବିଧା ସୁଯୋଗ ନେବାକୁ ଶ୍ରମିକମାନଙ୍କୁ ଆହ୍ୱାନ ଦେଇଥିଲେ। ରାଉରକେଲା ଏଡିଏମ୍ ଡ. ଶୁଭଙ୍କର ମହାପାତ୍ର ଓ ପୂର୍ବତନ ଚେୟାରମ୍ୟାନ ରଶ୍ମିବାଳା ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁନ୍ଦରଗଡ଼ ଜିଲା ତଥା ସହରରେ ବସବାସ କରୁଥିବା ନିର୍ମାଣ ଶ୍ରମିକମାନଙ୍କୁ କିଭଳି ସମସ୍ତ ପ୍ରକାର ସୁବିଧା ସୁଯୋଗ ମିଳିପାରିବ ସେ ନେଇ ଅତିଥିମାନେ ଅବଗତ କରିଥିଲେ। ଏଥିସହ ୧୦ ଜଣ ଶ୍ରମିକଙ୍କୁ ଶ୍ରମକାର୍ଡ ପ୍ରଦାନ କରିଥିଲେ। ଶିବିରରେ ୧୫୦ ଜଣ ନିର୍ମାଣ ଶ୍ରମିକଙ୍କୁ ଲିଫ୍‌ଲେଟ ଓ ନିୟମାବଳୀ ବିତରଣ କରାଯାଇଥିଲା। ରାଉରକେଲା ଜିଲା ଯୁଗ୍ମ ଶ୍ରମ ଆୟୁକ୍ତ ପ୍ରଣବ ଜେନା ଓ ଜିଲା ଶ୍ରମ ଅଧିକାରୀ ଦିବ୍ୟଜ୍ୟୋତି ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଗାମୀ ଦିନରେ ସୁନ୍ଦରଗଡ଼ ଜିଲା ତଥା ରାଉରକେଲା ସହରର ବିଭିନ୍ନ ବଜାରରେ ଏଭଳି ସଚେତନତା ଶିବିର କରାଯିବ ବୋଲି ଜିଲା ଶ୍ରମ ଅଧିକାରୀ ନାୟକ ସୂଚନା ଦେଇଥିଲେ।



ନିର୍ମାଣ ଶ୍ରମିକଙ୍କୁ ଶ୍ରମକାର୍ଡ ପ୍ରଦାନ କରାଯାଉଛି।

## ଏସ୍‌ପିଙ୍କୁ ଭେଟିଲା କଂଗ୍ରେସ ସଂଖ୍ୟାଲଘୁ ସେଲ୍

### ରାଉରକେଲାରେ ବିବାଦୀୟ ପୋଷ୍ଟର

**ରାଉରକେଲା, ୩୧।୭(ସଙ୍ଗୀତା ଜେନା)**

ରାଉରକେଲାର ମାଲଗୋଦାମଠାରେ ଗତ ୨୮ତାରିଖରେ ଲଗାଯାଇଥିବା ବିବାଦୀୟ ପୋଷ୍ଟରକୁ ନେଇ ସ୍ଥାନୀୟ କଂଗ୍ରେସ ସଂଖ୍ୟାଲଘୁ ସେଲ୍ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛି। ଏହି ପରିପେକ୍ଷୀରେ ସେଲ୍‌ର ସଭାପତି ଏଜାଜ ଅଖତାର ଓ ଜିଲା ଜମୟାଯେତ ଉଲ୍ଲେମାଙ୍କ ମୌଲାନା ଅର୍ଶଦ କାଶ୍ମୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସୋମବାର ରାଉରକେଲା ଏସ୍‌ପିଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପୋଷ୍ଟର ଲଗାଇଥିବା ବ୍ୟକ୍ତିଙ୍କୁ ଗିରଫ କରିବା ସହ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ପ୍ରବୋଧ ଦାସ, ବାସୁଦେବ ବାନାର୍ଜୀ, ଶିବୁ ଦୀପ, ସଂଖ୍ୟାଲଘୁ ସେଲ୍ ରାଜ୍ୟ ସାଧାରଣ ସମ୍ପାଦକ ସଦବେ ଅହମ୍ମଦ, ସକୀର ହୁସେନ୍, ରିଙ୍କୁ କଲାଲ, ଯୁବ ସଭାପତି ଗାନ୍ଧୀ ଦାସ, ଆୟୁବ ଖାନଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଏସ୍‌ପିଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା କଂଗ୍ରେସ କର୍ମକର୍ତ୍ତାଗଣ। (ଫଟୋ: ବିବେକ)

## ସଂକ୍ଷେପରେ

### ଚାଷଜମିରୁ ଚାଷୀଙ୍କ ମୃତଦେହ ଜବତ, କାରଣ ଅସ୍ପଷ୍ଟ

କୋକସରା,୩୧।୭
(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)

କଳାହାଣ୍ଡି ଜିଲା କୋକସରା ଥାନା ଅନ୍ତର୍ଗତ କନ୍ଦାବୁଟୁରା ପଞ୍ଚାୟତ ଦୁନଗାଁର ଚାଷୀ ରାଜିନ ଶବର(୪୦)ଙ୍କ ମୃତଦେହ ଚାଷ ଜମିରୁ ଜବତ ହୋଇଛି। ସୂଚନା ଯେ, ସୋମବାର ପୂର୍ବାହ୍ନ ୧୦ଟାରେ ରାଜିନ ନିଜ ଚାଷଜମିକୁ ଯାଇଥିବା ବେଳେ ଅପରାହ୍ନରେ ଲୋକେ ବିଲରେ ମୁହଁମାଡି ପଡିଥିବା ଦେଖିବାକୁ ପାଇଥିଲେ। ଖବର ପାଇ ପରିବାର ଲୋକେ ଆସି କୋକସରା ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି କୋକସରା ଡାକ୍ତରଖାନାରେ ରଖିଛି। ସନ୍ଧ୍ୟା ହେବାରୁ ମଙ୍ଗଳବାର ବ୍ୟବଚ୍ଛେଦ କରାଯିବା ନେଇ ସୂଚନା ମିଳିଛି। କେଉଁ ପରିସ୍ଥିତିରେ ତାଙ୍କର ମୃତ୍ୟୁ ହୋଇଛି, କାରଣ ଅସ୍ପଷ୍ଟ ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୬/୨୩) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି।

### ଗ୍ରାମପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

କେସିଙ୍ଗା,୩୧।୭(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ପଞ୍ଚାୟତରେ ଗ୍ରାମପଞ୍ଚାୟତସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବାଲସି ଗ୍ରାମପଞ୍ଚାୟତର ୧୨୯ଜଣ ବିଭିନ୍ନ ସମସ୍ୟା ନେଇ ଅଭିଯୋଗ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ୮୫ଜଣ, ଭତ୍ତା ପାଇଁ ୧୪ଜଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୨ଜଣ ଓ ଅନ୍ୟାନ୍ୟ ସମସ୍ୟାରେ ୧୮ଜଣ ଅଭିଯୋଗ କରିଥିଲେ। ଅଭିଯୋଗ ଶିବିରରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସିଦ୍ଧେଶ୍ୱର ମେହେର, ତହସିଲଦାର ଯୁଗେଶ୍ୱର ସାହୁ, ସହକାରୀ ଖାଦ୍ୟ ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ, ସରପଞ୍ଚ ଭାରତୀ ସୁନାଙ୍କ ସମେତ ନିର୍ବାହୀ ଅଧିକାରୀ ନରହରି ଭୋଇ, ନାଏବ ସରପଞ୍ଚ କିଶୋର କୁମାର ସାହୁ, ଜିଆରଏସ ଗୌରୀ ମାଝି, ୱାର୍ଡ ସଭ୍ୟ ପଦ୍ମନାଭ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

### ୯ ଦିନ ହେଲା ବିଭିନ୍ନ ଜଙ୍ଗଲରେ ବୁଲୁଛି ହାତୀ

ଖଡ଼ିଆଳ,୩୧।୭(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଛତିଶଗଡ଼ ସୀମାରୁ ଏକ ହାତୀ ଗତ ୨୩ ତାରିଖଠାରୁ ଆସି ଆଜକୁ ୯ ଦିନ ହେଲା ଖଡ଼ିଆଳ ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ବୁଲୁଛି। ସୋମବାର ଖଡ଼ିଆଳଠାରୁ ୨ କି.ମି. ଦୂର ବୁଧିଆ ଜଙ୍ଗଲରେ ବୁଲୁଥିବା ବେଳେ ରାତିରେ ଖଡ଼ିଆଳ ସହର ପାର୍ଶ୍ୱରେ ଥିବା ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ଗେଟ ଭାଙ୍ଗି ଦେଇଥିବା ଜଣାପଡ଼ିଛି। ହାତୀ ଯୋଗୁ ଖଡ଼ିଆଳଠାରୁ ୨ କି.ମି. ଦୂରରେ ଥିବା ସହର ତଥା ନିକଟବର୍ତ୍ତୀ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ହାତୀ ସୁରକ୍ଷା ନେଇ ବନ କର୍ମଚାରୀ ନିୟୋଜିତ ରହିଥିବା ବେଳେ ପାଟ୍ରୋଲିଂ କରୁଥିବା ଜଣାପଡ଼ିଛି। ଡ଼ାକବାଜି ଯନ୍ତ୍ର ସାହାଯ୍ୟରେ ହାତୀ ଥିବା ଅଞ୍ଚଳବାସୀଙ୍କୁ ସଚେତନ କରାଯାଉଛି। ହାତୀ ସୁରକ୍ଷା ସମେତ କିପରି ଧନଜୀବନ ନଷ୍ଟ ନ ହେବ ସେ ନେଇ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଦୃଷ୍ଟି ଦିଆଯାଇଥିବା ବୋଲି ବନାଞ୍ଚଳ ଅଧିକାରୀ ସୁଶୀଲ କୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ହାତୀ ସୁରକ୍ଷାରେ ଫରେଷ୍ଟ କନ୍ଦର୍ପ ସୁନାନୀ, ନରେଶ ଦଣ୍ଡସେନା ଓ ସମସ୍ତ ବନ ଜଗୁଆଳି ନିୟୋଜିତ ଅଛନ୍ତି।

# ନକଲି ବିଏସ୍‌ଏନ୍‌ଏଲ୍ଲ ଅଧିକାରୀ ଗିରଫ

ବରଗଡ଼,୩୧।୭(ପ୍ରେମାନନ୍ଦ ଖମାରୀ)


ପୋଲିସ ହେପାଜତରେ ଗିରଫ ଅଭିଯୁକ୍ତ।

ନିଜକୁ ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)ର ପଦସ୍ଥ ଅଧିକାରୀ ପରିଚୟ ଦେଇ ଚାକିରି ଦେବା ଆଳରେ ପଶ୍ଚିମ ଓଡ଼ିଶାର ଅନେକ ଯୁବତୀଯୁବକଙ୍କଠାରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଅଭିଯୋଗରେ ବରଗଡ଼ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ବଲାଙ୍ଗୀର ଜିଲା ସଇଁତଲା ଥାନା କନ୍ଧକେଲ ପଞ୍ଚାୟତ ଅଧୀନ ଡଙ୍ଗରପଡ଼ା ଗ୍ରାମର ନିତେଇଗୌର ବାରିକ(୩୦)। ତାଙ୍କ ପାଖରୁ ଠକେଇରେ ବ୍ୟବହୃତ ନକଲି ପରିଚୟ ପତ୍ର, ଚେକ୍ ବୁକ୍, ନକଲି ନିଯୁକ୍ତି ପତ୍ର, ଡାଏରୀ ସମେତ ନଗଦ ୧୩ଲକ୍ଷ ୫୫୦ ଟଙ୍କା ଜବତ ହୋଇଛି। ଏ ନେଇ ବରଗଡ଼ ସଦର ଥାନା ପୋଲିସ ଏକ ମାମଲା (ନଂ.୨୬୭/୨୩) ରୁଜୁ କରି ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରିଛି ।

ବରଗଡ଼ ସଦର ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏ ନେଇ ସୂଚନା ଦେଇ ଅତିରିକ୍ତ ଏସ୍‌ପି ତପନ କୁମାର ମହାନ୍ତି କହିଥିଲେ, ଅଭିଯୁକ୍ତ ନିତେଇଗୌର ଫେସ୍‌ବୁକରେ ୨ଟି ଆକାଉଣ୍ଟ ଖୋଲିଥିଲେ। ସେ ଏସ୍. ପ୍ରଧାନ ନାମରେ ଖୋଲିଥିବା ଫେସ୍‌ବୁକ ଆକାଉଣ୍ଟରେ ନିଜକୁ ବିଏସ୍‌ଏନ୍‌ଏଲ୍‌ର ଏଜିଏମ୍ ଏବଂ ଜ୍ଞାନେନ୍ଦ୍ର ବାରିକ ନାମରେ ଖୋଲିଥିବା ଫେସ୍‌ବୁକ ଆକାଉଣ୍ଟରେ ନିଜକୁ ଡିଜିଏମ୍ ବୋଲି ପରିଚୟ ଦେଇଥିଲେ। ସେ ନିଜର ଏହି ୨ଟି ଫେସ୍‌ବୁକ ଆକାଉଣ୍ଟରେ ଯୁବତୀ ଯୁବକଙ୍କ ସହିତ ଯୋଡ଼ି ହୋଇ ଚାଟିଂ କରିବା ସହ ବିନା ପରୀକ୍ଷାରେ ବିଏସ୍‌ଏନ୍‌ଏଲରେ ଚାକିରି କରାଇ ଦେବାର ପ୍ରଲୋଭନ ଦେଖାଇଥିଲେ। ଏହାକୁ ବିଶ୍ୱାସ କରି ବରଗଡ଼, ସୋନପୁର, ବଲାଙ୍ଗୀର, କଳାହାଣ୍ଡି ଜିଲାର ବହୁ ବେକାର ଯୁବତୀ ଯୁବକ ଅଭିଯୁକ୍ତଙ୍କୁ ଲକ୍ଷାଧିକ ଟଙ୍କା ଦେଇଥିଲେ। ଏଭଳି ଭାବେ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକିନେଇ ଅଭିଯୁକ୍ତ ସେମାନଙ୍କୁ ନକଲି ନିଯୁକ୍ତିପତ୍ର ଦେଇଥିଲେ। ସେହି ନିଯୁକ୍ତିପତ୍ର ନକଲି ଜଣାପଡିବା ପରେ ସମ୍ପୃକ୍ତ ଯୁବତୀ ଯୁବକ ଅଭିଯୁକ୍ତଙ୍କୁ ଟଙ୍କା ଫେରାଇବାକୁ କହିଥିଲେ। ଟଙ୍କା ଫେରାଇବା ବଦଳରେ ଅଭିଯୁକ୍ତ ସେମାନଙ୍କୁ ଚେକ୍ ଦେଇଥିଲେ ଏବଂ ତାଙ୍କ ଆକାଉଣ୍ଟରେ ଟଙ୍କା ନ ଥିବାରୁ ତାହା ବାଉନ୍ସ ହୋଇ ଯାଇଥିଲା ବୋଲି ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି ।

ଏ ସମ୍ପର୍କରେ ଶନିବାର ବରଗଡ଼ ଜିଲା ସୋହେଲା ଥାନା କନଗାଁ ନିବାସୀ ଦୁଲେଶ୍ୱର ସାହୁ(୨୩) ବରଗଡ଼ ସଦର ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ମାମଲା ରୁଜୁ କରିଥିଲା। ଏହାସହ ଅଭିଯୁକ୍ତଙ୍କୁ ଧରିବା ପାଇଁ ଏସ୍‌ପି ପି.ଏସ୍ ମୀନାଙ୍କ ନିର୍ଦ୍ଦେଶରେ ୪ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିଲା ଏବଂ ଶେଷରେ ଅଭିଯୁକ୍ତ ଧରାପଡ଼ିଥିବା ଅତିରିକ୍ତ ଏସ୍‌ପି ମହାନ୍ତି କହିଛନ୍ତି। ଏପର୍ଯ୍ୟନ୍ତ ୫୬ଜଣ ଯୁବତୀ ଯୁବକ ଠକାମୀର ଶିକାର ହୋଇଛନ୍ତି ଏବଂ ସେମାନେ ଅଭିଯୁକ୍ତଙ୍କୁ ଫୋନ୍ ପେ, ଗୁଗୁଲ୍ ପେ ଏବଂ ନଗଦ ଆକାରରେ ପ୍ରାୟ ୫୦ଲକ୍ଷ ଟଙ୍କା ଦେଇଥିବା ଜଣାପଡ଼ିଛି। ଅଭିଯୁକ୍ତ ଜଣଙ୍କ ଏଭଳି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଅନୁମାନ କରାଯାଉଛି । ଏ ନେଇ ପୋଲିସ ଅଧିକ ତଦନ୍ତ କରୁଛି ବୋଲି ବୋଲି ଅତିରିକ୍ତ ଏସ୍‌ପି କହିଛନ୍ତି। ଖବରଦାତା ସମ୍ମିଳନୀରେ ବରଗଡ଼ ଏସ୍‌ଡ଼ିପିଓ ପଦାରବିନ୍ଦ ତ୍ରିପାଠୀ ଏବଂ ସଦର ଥାନା ଆଇଆଇସି ମାନସ କୁମାର ଭୋଇ ଉପସ୍ଥିତ ଥିଲେ।

### ଚାକିରି ଦେବା ଆଳରେ କୋଟିଏରୁ ଊର୍ଦ୍ଧ୍ୱ ଠକେଇ

# ୩ରେ ବଲାଙ୍ଗୀର ଜିଲା ବନ୍ଦ

### ବଲାଙ୍ଗୀର ଜିଲା ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ

ବଲାଙ୍ଗୀର, ୩୧।୭ (ବୀରେନ୍ଦ୍ର କୁମାର ଝାଙ୍କର)



ବଲାଙ୍ଗୀର ଜିଲା ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଉଛି।

ପାଟଣାଗଡ ପର୍ଶୁରାମ ଛକରୁ ଭଗବାନ ପର୍ଶୁରାମ ଫଟୋ ଉଠାଇ ସେହି ସ୍ଥାନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣାକୁ ନେଇ ଜିଲାବ୍ୟାପୀ ଆନ୍ଦୋଳନ କରିବାକୁ ସଜବାଜ ଆରମ୍ଭ ହୋଇଛି। ସୋମବାର ଜିଲା ହିନ୍ଦୁ ଜାଗରଣ ମଞ୍ଚ ପକ୍ଷରୁ ଗୋପାଳଜୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଏନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାର ପାଟଣାଗଡ, ବେଲପଡା କଣ୍ଟାବାଞ୍ଜି ଏବଂ ଟିଟିଲାଗଡ ଅଞ୍ଚଳରୁ ଆସିଥିବା ପ୍ରତିନିଧି, ବଲାଙ୍ଗୀରର ବହୁ ଅଗ୍ରଣୀ ସାମାଜିକ ଏବଂ ରାଜନୈତିକ ସଙ୍ଗଠନ ନେତୃ ମଣ୍ଡଳୀ ଯୋଗଦାନ କରିଥିଲେ। ପରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇ ପାଟଣାଗଡ ପର୍ଶୁରାମ ଛକରୁ ପର୍ଶୁରାମ ଫଟୋ ଉଠାଇ ସେହି ସ୍ଥାନରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣାର ପ୍ରତିବାଦ ସ୍ୱରୂପ ଆଗାମୀ ୩ ତାରିଖ ବଲାଙ୍ଗୀର ଜିଲା ବନ୍ଦ ଡାକରା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ଦିଆଯାଇଥିଲା। ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ଅଗଷ୍ଟ ୩ ତାରିଖ ବଲାଙ୍ଗୀର ଜିଲା ବନ୍ଦ ଡାକରା ଦିଆଯାଇଥିବା ସୂଚନା ଦିଆଯାଇଥିଲା। ଏହି ଦିନ ସମଗ୍ର ବଲାଙ୍ଗୀର ଜିଲାର ସମସ୍ତ ସରକାରୀ ଅଫିସ, ସ୍କୁଲ, କଲେଜ, ଯାନବାହନ ଚଳାଚଳ ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିବ ବୋଲି କୁହାଯାଇଛି। ଆନ୍ଦୋଳନ ପରେ ମଧ ଉକ୍ତ ସ୍ଥାନରୁ ବିଜୁବାବୁଙ୍କ ପ୍ରତିମା ହଟେଇ ସେ ସ୍ଥାନରେ ଭଗବାନ ପର୍ଶୁରାମଙ୍କ ପ୍ରତିମା ସ୍ଥାପନ କରା ନ ଗଲେ ବଲାଙ୍ଗୀର ହିନ୍ଦୁ ସମାଜ ଆଇନକୁ ନିଜ ହାତକୁ ନେବାକୁ ବାଧ ହେବେ ବୋଲି ବୈଠକରେ ସ୍ଥିର କରାଯାଇଥିଲା। ଖବରଦାତା ସମ୍ମିଳନୀରେ ଗୋପାଲଜୀ ପାଣିଗ୍ରାହୀ, ବଣିକ ସଂଘରୁ କିଶୋର ରଥ, ବ୍ରାହ୍ମଣ ମହାସଭା ସଭାପତି ଧନଞ୍ଜୟ ମିଶ୍ର, ଭାଜପାରୁ ଦିନେଶ ଶର୍ମା, କଂଗ୍ରେସ ନଗର ସଭାପତି ବୁଲୁଦାନୀ, ପାଟଣାଗଡରୁ ସୁଶୀଲ ଗୁରୁ, ବେଲପଡା ଏବଂ କଣ୍ଟାବାଞ୍ଜିରୁ ଜିତେନ୍ଦ୍ର ପାଣିଗ୍ରାହୀ ମଞ୍ଚାସୀନ ହୋଇଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ଶତପଥୀ, ଆକ୍ସନ କମିଟି ଉପସଭାପତି ମୁନା ପଟ୍ଟନାୟକ, ଭାଜପାର ରଞ୍ଜିତା ପାଣିଗ୍ରାହୀ, ରଶ୍ମିରେଖା ଦାନୀ, ସରିତା ଯୋଶୀ, ବନଶ୍ରୀ ଆଚାର୍ଯ୍ୟ, ଦୀପକ ଅଗସ୍ତି, ବିଶ୍ୱଜିତ ହୋତା, ପ୍ରସନ୍ନ ଠାକୁର, ନୀଳାମ୍ବର ପାଣିଗ୍ରାହୀ, ବୀରେନ୍ଦ୍ର ପାଣ୍ଡେ, ବଜରଙ୍ଗ ଦଳରୁ ସୌମ୍ୟରଞ୍ଜନ ମିଶ୍ର, ଲୋପନ ମିଶ୍ର, ଜୁଲୁ ପଟ୍ଟନାୟକ, ହରିଓମ୍ ପଟେଲ, ବଲାଙ୍ଗୀର ଆକ୍ସନ କମିଟିର ସନ୍ତୋଷ କୁମାର ସାହୁ, ଗିରିଶ ସିଂଦେଓ, ଯୁବ ସଭାପତି ବିନୋଦ କାଲସାଏ, ପ୍ରଶାନ୍ତ ନାୟକ ଉପସ୍ଥିତ ଥିଲେ।

### ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ କରାଯାଉ: ବସନ୍ତ

ନୂଆଦିଲ୍ଲୀ(କୁଳଦୀପ ସିଂ),୩୧।୭

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ପାଇଁ କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଲୋକସଭା ନିୟମ ୩୭୭ ଅନୁଯାୟୀ ସେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, ହାଇକୋର୍ଟରେ କୌଣସି ଆବେଦନ କରିବା ପାଇଁ ପଶ୍ଚିମ ଓଡ଼ିଶାରୁ କଟକ ଯିବା ଲାଗି ସମ୍ପୃକ୍ତ ବ୍ୟକ୍ତିଙ୍କୁ ୫ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ସ୍ଥାନର ଦୂରତା ତଥା ଯାତାୟାତ ଖର୍ଚ୍ଚ ଅତ୍ୟଧିକ ହେଉଥିବାରୁ ପଶ୍ଚିମ ଓଡ଼ିଶାର ବିଶେଷକରି ଏଠାକାର ପଛୁଆ ଅଞ୍ଚଳର ଲୋକେ ହାଇକୋର୍ଟ ଯାଇ କୌଣସି ଆବେଦନ କରିପାରୁନାହାନ୍ତି। ଏନେଇ ସେ କେନ୍ଦ୍ର ଆଇନ ଓ ନ୍ୟାୟ ମନ୍ତ୍ରୀଙ୍କୁ ଭେଟି ରାଜ୍ୟ ମୁଖ୍ୟମନ୍ତ୍ରୀ ଏବଂ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ ବେଞ୍ଚ ପ୍ରତିଷ୍ଠା ଲାଗି ପଶ୍ଚିମ ଓଡ଼ିଶାର ଯେ କୌଣସି ଜିଲାରେ ସ୍ଥାନ ନିରୂପଣ ପାଇଁ କୁହନ୍ତୁ ବୋଲି ଅନୁରୋଧ କରିଛନ୍ତି। ବେଞ୍ଚ ପ୍ରତିଷ୍ଠା ହେଲେ ନ୍ୟାୟ ପ୍ରଦାନ ପ୍ରକ୍ରିୟାରେ ଏହା ଏକ ବଳିଷ୍ଠ ପଦକ୍ଷେପ ହେବା ସହ ସମାଜର ସବୁବର୍ଗ ଲୋକେ ହାଇକୋର୍ଟରେ ଆବେଦନ ପାଇଁ ସୁଯୋଗ ପାଇପାରିବେ ବୋଲି ଭାଜପା ଏମ୍‌ପି ବସନ୍ତ କହିଛନ୍ତି।

### ଜୁଭେନାଇଲ ଆଇନ ଉପରେ ସଚେତନତା

କଣ୍ଟାବାଞ୍ଜି, ୩୧।୭(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସିଭିଲ କୋର୍ଟ ତାଲୁକ ଆଇନ ସହାୟତା କମିଟି ଦ୍ୱାରା ସୋମବାର ସ୍ଥାନୀୟ ସରକାରୀ ବାଳକ ହାଇସ୍କୁଲରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜୁଭେନାଇଲ ଆଇନ ଉପରେ ଏହି ସଚେତନତା ଶିବିର ହୋଇଛି। ବିଦ୍ୟାଳୟର ଛାତ୍ରମାନଙ୍କୁ ଜୁଭେନାଇଲ ଆଇନ ଉପରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣ୍ଟାବାଞ୍ଜି ଅତିରିକ୍ତ ଜିଲା ଦୌରାଜଜ୍ ତଥା ତାଲୁକ ଆଇନ ସହାୟତା କମିଟି ଅଧକ୍ଷ ହିମାଂଶୁ ଶେଖର ମଲ୍ଲିକ ମୁଖ୍ୟ ଅତିଥି, ସବ୍‌ଜଜ୍ ପରିତୋଷ ସେଠୀ, ଜେଏମ୍‌ଏଫସି ରାହୁଲ କୁମାର ଜେନା ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ ପୋଲିସ ଏସ୍‌ଡିପିଓ ଗୌରାଙ୍ଗ ଚରଣ ସାହୁଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ସହ ପାରା ଲେଗାଲ ଭଲେଣ୍ଟିୟର ଛାତ୍ରମାନେ ଉପସ୍ଥିତ ଥିଲେ।

# କଳାକାରଙ୍କୁ ସମ୍ବର୍ଦ୍ଧିତ କଲେ ପୌରାଧକ୍ଷା

ବଲାଙ୍ଗୀର, ୩୧।୭ (ବୀରେନ୍ଦ୍ର କୁମାର ଝାଙ୍କର)


ପୌରାଧକ୍ଷା ଲିକା ସାହୁ ମନୋନୀତ କଳାକାର ଏବଂ ସଂସ୍କୃତି ଗବେଷକଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପକ୍ଷରୁ ଲୋକ ସଙ୍ଗୀତରେ ସୁଶ୍ରୀତା ଗରୁଡ, ଲୋକ ନାଟକରେ ସାଗର କୁମ୍ଭାର ମେଧାବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି। ଏହି ଦୁଇ ମନୋନୀତ ପ୍ରତିଭା ଏବଂ ସଂସ୍କୃତି ଗବେଷକ ନୀଳାଚଳ ନନ୍ଦଙ୍କୁ ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ ସମ୍ବର୍ଦ୍ଧିତ କରିଛନ୍ତି । ସ୍ଥାନୀୟ ଗେଟ ସରୋବରପଡାସ୍ଥିତ ବି.ଆର. ଆମ୍ବେଦକର କ୍ଲବ ପରିସରରେ କୁନା ବାଗଙ୍କ ସଭାପତିତ୍ୱ ଓ କାଉନସିଲର କିଶୋର କୁମ୍ଭାରଙ୍କ ସଂଯୋଜନାକ୍ରମେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷା ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ପ୍ରଖ୍ୟାତ କଣ୍ଠଶିଳ୍ପୀ ନବୀନ କୁଅଁର, ସମ୍ମାନିତ ଅତିଥି କାଉନସିଲର ଶମ୍ଭୁ ନାଗ ଓ ବିଜୟ ବାରିକ ଯୋଗ ଦେଇଥିଲେ । ଜିଲାର କଳାକାରମାନେ ଜାତୀୟସ୍ତରରେ ସ୍ୱୀକୃତି ପାଇବା ଜିଲା ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି କୁହାଯାଇଥିଲା। କଳାକାରମାନଙ୍କୁ ପୂର୍ଣ୍ଣପ୍ରାଣରେ ପ୍ରୋତ୍ସାହିତ କରାଯିବ ବୋଲି ପୌରାଧକ୍ଷା ସାହୁ କହିଥିଲେ । ବର୍ତ୍ତମାନ ଗବେଷଣା କାର୍ଯ୍ୟ କରାଯାଉଛି। ସବୁକିଛିକୁ ସାଇତି ରଖିବା ପାଇଁ ଏକ ଅନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ଅତିଥି କୁଅଁର କହିଥିଲେ। ବାସୁଦେବ ମୁଗ୍ରୀ, ଅର୍ଜୁନ ମୁଗ୍ରୀ, ତରଣୀସେନ ଦୀପ, ବିପିନ ବାରିକ, ଅଶୋକ ଦୀପ, ରାଜେଶ ପାଣିଗ୍ରାହୀ, ଜ୍ୟୋତିଷ ମୁଗ୍ରୀ ଉପସ୍ଥିତ ଥିଲେ ।



@ ଜ୍ଞାନରଞ୍ଜନ
@ ପ୍ରତ୍ୟୁଷ
@ ଶାହିଲ
@ ସୁଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସତନାମୀ ସମାଜର ଜିଲାସ୍ତରୀୟ ମହାସମ୍ମିଳନୀ

ନୂଆପଡ଼ା,୩୧।୭(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଖରିଆର ରୋଡ ସାହୁ ସମାଜ ଭବନରେ ସତନାମୀ ସମାଜର ଜିଲାସ୍ତରୀୟ ମହା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ଓଡିଶା ଓ ଛତିଶଗଡର ହଜାର ହଜାର ସତନାମୀ ସମାଜର ମାନ୍ୟଗନ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଓଡିଶା ସତନାମୀ ସମାଜ ସଭାପତି ଜ୍ୟୋତିଲାଲ ବଂଜାରେଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟ ଅତିଥି, ଆଇଏସଏସଓ ଛତିଶଗଡ ପ୍ରଦେଶ ଅଧ୍ୟକ୍ଷ ଡା. ରାଜାରାମ ବାନାର୍ଜୀ, ରାଜ ମହନ୍ତ ଗଣେଶ ପହରେ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ସତନାମୀ ସମାଜର ଉନ୍ନତି, ଶିକ୍ଷାକ୍ଷେତ୍ରରେ ଅଗ୍ରଗତି ଓ ଅନ୍ୟାନ୍ୟ ଦିଗରେ କେମିତି ଆଗେଇବ ସେ ଉପରେ ମାର୍ଗ ଦର୍ଶନ କରିବା ସହ ସମାଜ ପ୍ରତି ଆସୁଥିବା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ମୁଖ୍ୟ ଅତିଥି ଢୋଲକିଆ ଆଲୋକପାତ କରିଥିଲେ। ବାବା ସାହେବ ଆମ୍ବେଦକରଙ୍କ ଜୀବନି ଉପରେ ଉପସ୍ଥିତ ଜନତାଙ୍କୁ ଭାଷଣ ମାଧ୍ୟମରେ ଅବଗତ କରିବା ସହ ମନଖେ ମନଖେ ଏକ ସମାନ ସନ୍ଥ ଶିରୋମଣି ବାବା ଗୁରୁ ଘାସିଦାସଙ୍କ ମହାନ ବାଣୀ ଓ ଅନ୍ଧ ବିଶ୍ୱାସ ଦୁରେଇବା। ବିଭିନ୍ନ କର୍ମ କ୍ଷେତ୍ରରେ ସମାଜ କେମିତି ବିକାଶ କରି ପାରିବ। ଶିକ୍ଷା କ୍ଷେତ୍ରରେ ସମାଜ ଆଗେଇବା, ନାରୀ ନିର୍ଯାତନା, କୁସଂସ୍କାର, ଅନ୍ଧବିଶ୍ୱାସ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଡା. ବାନାର୍ଜୀ ବୁଝାଇଥିଲେ। ବିଭିନ୍ନ କ୍ଷେତ୍ରରେ ଖ୍ୟାତି ଅର୍ଜନ କରିଥିବା ସମାଜସେବୀ, ଛାତ୍ରୀଛାତ୍ର, ପ୍ରଫେସର ହରିହର ନାଗ ଓ ଅନ୍ୟାନ୍ୟ ମାନଙ୍କୁ ପ୍ରଶସ୍ତି ପତ୍ର ଦେଇ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଅଧ୍ୟକ୍ଷ ଲଲ୍ଲୁ ଚେଲକ, ଉପାଧ୍ୟକ୍ଷ ଧନରାଜସତନାମୀ, ସରପଞ୍ଚ ଜୟରାମ ସତନାମୀ, ଈଶ୍ୱର ମନହରେ, ବଲାଙ୍ଗୀର ଅଧ୍ୟକ୍ଷ ହରିରାମ ଆଡିଲ, ସମ୍ବଲପୁର ଅଧ୍ୟକ୍ଷ ଉମେଶ ସତନାମୀ, ମାନସୀ ଆଡିଲ, ନବରଙ୍ଗପୁର ଅଧ୍ୟକ୍ଷ ସୁରେଶ ଭାରତୀ, ଗୁନ୍ଦର ବଘେଲ,ଗିରିଧାରି ବନ୍ଧେ, କେଶବ ବର୍ଲେୟ, ମୋହନ ଚେଲକ, ଗୋପାଳ ସତନାମୀ, ପ୍ରହଲ୍ଲାଦ ଡିଡି, ଜଗଜୀବନ ବନ୍ଧେ, ତେଜରାଜ ସତନାମୀ, ହୀରାଲାଲ ସତନାମୀ, ଗଙ୍ଗାରାମ ସତନାମୀ, ତୁଳସୀ ବାଇ ସତନାମୀ, ପୁଷ୍ପା ଯୋଗୀ ପ୍ରମୁଖ ଉପସ୍ଥିତ ଥିଲେ। ଲୋକେଶ କୁମାର ସତନାମୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।


ଉପସ୍ଥିତ ସତନାମୀ ସମାଜ ବୃନ୍ଦ।

# ବଲାଙ୍ଗୀରରେ କୃଷିଭିତ୍ତିକ କାରଖାନା ପ୍ରତିଷ୍ଠା ଦାବି

ବଲାଙ୍ଗୀର, ୩୧।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଏକ ଶିଳ୍ପବିହୀନ ଜିଲା ଭାବେ ପରିଗଣିତ ହେଉଛି। ଏଠାରେ ଏକ କୃଷିଭିତ୍ତିକ କାରଖାନା ପ୍ରତିଷ୍ଠା କରାଯିବା ଏବଂ ଦେଓଗାଁ ସ୍ଥିତ ବିଜୟାନନ୍ଦ ଚିନି କଳ ପୁନରୁଦ୍ଧାର କରିବା ପାଇଁ ବଲାଙ୍ଗୀର ନାଗରିକ କମିଟି ପକ୍ଷରୁ ଦାବି କରାଯାଇଛି । ସ୍ଥାନୀୟ ଜେଏସ୍‌ଏମ୍ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ନାଗରିକ କମିଟି କାର୍ଯ୍ୟକାରୀ ସମିତି ବୈଠକରେ ଏହି ଦାବି କରାଯାଇଛି। ସଭାପତି ଇଂ. ବେଲାର ସିଂଭୋଇଙ୍କ ସଭାପତିତ୍ୱରେ ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ ବିଭିନ୍ନ ପ୍ରସ୍ତାବ ଆଗତ କରି ବୈଠକକୁ ପରିଚାଳନା କରିଥିଲେ। ବଲାଙ୍ଗୀରରେ ଅଧିକମାତ୍ରାରେ କପା ଚାଷ ହେଉଥିବାରୁ ଏଠାରେ ଏକ ଲୁଗା କାରଖାନା ପ୍ରତିଷ୍ଠା ହେଲେ ଦାଦନ ସମସ୍ୟାର ସମାଧାନ ହୋଇପାରିବ ବୋଲି ଆଲୋଚନା ହୋଇଥିଲା । ପୌରସଂସ୍ଥା ଅଧକ୍ଷା ଓ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ କମିଟି ପ୍ରତିନିଧି ଦଳର ଆଲୋଚନା ପରେ, ପୌର ସଂସ୍ଥା କିଛି ପଦକ୍ଷେପ ନେଇଥିବାରୁ ବୈଠକରେ ସନ୍ତୋଷ ପ୍ରକାଶ କରାଯାଇଥିଲା। ଆଲୋଚନାରେ ଉପସଭାପତି ନିତ୍ୟାନନ୍ଦ ମିଶ୍ର, ଗଜେନ୍ଦ୍ର ଭ୍ରମର, ଗୋପଭୂଷଣ ନାଥ, ଜୟରାମ ମିଶ୍ର, ମନୋରଞ୍ଜନ ପୁରୋହିତ, ବିମଳ ଚୋପଦାର, ଧର୍ମବ୍ରତ ରଥ, ଦିବାକର ହୋତା, ଗୋପବନ୍ଧୁ ପୁରୋହିତ ଓ ପଙ୍କଜିନୀ ପଣ୍ଡା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସହସମ୍ପାଦକ ଚକ୍ରପାଣି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।


କାର୍ଯ୍ୟକାରୀ ସମିତି ବୈଠକରେ ମଞ୍ଚାସୀନ ସଦସ୍ୟ।

# ବ୍ଲକ ସଭାଗୃହରେ ବିଜେଡି ପ୍ରସ୍ତୁତି ବୈଠକକୁ ନେଇ ଉଠିଲା ପ୍ରଶ୍ନ

- ନିନ୍ଦା କଲେ ଭାଜପା, କଂଗ୍ରେସ
- ପଞ୍ଚାୟତ ସମିତି ଅଧକ୍ଷ ଜନଅଭିଯୋଗ ଶୁଣିଥିଲେ:ବ୍ଲକ ବିଜେଡି ସଭାପତି

ଲୋଇସିଂହା,୩୧।୭(ସୁଶାନ୍ତ ବାରିକ)

ଆସନ୍ତା ଅଗଷ୍ଟ ୬ତାରିଖରେ ୫ଟି ସଚିବ ଭି.କେ ପାଣ୍ଡିୟାନଙ୍କ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଗସ୍ତ ରହିଛି । ଲୋୟର ସୁକତେଲ ଗସ୍ତ କରି ପ୍ରକଳ୍ପ ସମୀକ୍ଷା, ଯୋଗୀସର୍ଡା ହରିହର ନୋଡାଲ ହାଇସ୍କୁଲ, ସ୍ଥାନୀୟ ଶୈବପୀଠ ପରିଦର୍ଶନ ଏବଂ ଲୋଇସିଂହା ଗସ୍ତ କରି କଲେଜ ପଡିଆରେ ସଭାର ଆୟୋଜନ ରହିଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଲୋଇସିଂହା ବ୍ଲକ ସଭାଗୃହରେ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ସମିତି ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ, ବ୍ଲକ ବିଜେଡି ସଭାପତି ହୃଦୟାନନ୍ଦ ବେହେରା, ଯୁବନେତା ନିହାର ରଞ୍ଜନ ବେହେରାଙ୍କ ସମେତ ବହୁ ବିଜେଡି କର୍ମୀ ଏହି ବୈଠକରେ ଯୋଗଦେଇଥିଲେ । ବ୍ଲକ ସଭାଗୃହରେ ବିଜେଡିର ପ୍ରସ୍ତୁତି ବୈଠକକୁ ନେଇ ଆପତ୍ତି ଉଠାଇଛି ଭାଜପା ଓ କଂଗ୍ରେସ। ୫ଟି ସଚିବ ରାଜ୍ୟ ସରକାରଙ୍କର ନା ବିଜେଡିର ବୋଲି ପ୍ରଶ୍ନ କରିଛନ୍ତି ସ୍ଥାନୀୟ ବିଧାୟକ ମୁକେଶ ମହାଲିଙ୍ଗ। ସଚିବଙ୍କ ଗସ୍ତରେ ସରକାରୀ କର୍ମଚାରୀ ଓ ପଦାଧିକାରୀ ଉନ୍ନୟନ କାମ ସମୀକ୍ଷା କରିବା କଥା । ବିଜେଡିର ଏତେ ତତ୍ପରତା ଦେଖାଲା ପରେ ଜଣାପଡୁଛି ଦଳର କାର୍ଯ୍ୟକ୍ରମ ଅନୁଧ୍ୟାନ ପାଇଁ ସଚିବ ନୁହେଁ ଦଳର ସୁପ୍ରିମୋ ଭାବେ ଆସୁଥିବା ସେ କହିଛନ୍ତି। ଚୌକିରେ ବସି ଯେଉଁମାନେ ଲୋକଙ୍କ ଦୁଃଖସୁଖ ଶୁଣିବା କଥା ସେମାନେ ସଚିବଙ୍କ ପାଇଁ ଟେଣ୍ଟ ବାନ୍ଧିବା ସହ ଚୌକି ଗୋଟାଉଛନ୍ତି । ଏଠି ସଚିବସ୍ତର ଲୋକେ ଷ୍ଟେଜ ଉପରେ ନେତା ସାଜି ଭାଷଣ ଦେବାକୁ ମୁଁ ଦୃଢ ନିନ୍ଦା କରୁଛି ବୋଲି ମହାଲିଙ୍ଗ କହିଛନ୍ତି। ସରକାରୀ କାର୍ଯ୍ୟାଳୟକୁ ରାଜନୈତିକ ଦଳକୁ ଭଡା ସୂତ୍ରରେ ଦେଉ ବୋଲି ପ୍ରଶାସନକୁ ସେ ଆକ୍ଷେପ କରିଛନ୍ତି। ସେହିପରି ଜିଲା କଂଗ୍ରେସ ସଭାପତି ଦିଲୀପ କୁମାର ବେହେରା କହିଛନ୍ତି, ବ୍ଲକ ପରିସର ସଭାଗୃହରେ ଏପରି ଦଳୀୟ କାର୍ଯ୍ୟକ୍ରମ ଅନୁଚିତ। ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ଏପରି ସଭା କରିବାକୁ ଅନୁମତି ଦେଇଥିବା ଅଧିକାରୀଙ୍କ ବିରୋଧରେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଏ ସମ୍ପର୍କରେ ବ୍ଲକ ବିଜେଡି ସଭାପତି ବେହେରାଙ୍କୁ ପଚାରିବାରୁ ପ୍ରସ୍ତୁତି ବୈଠକ ନୁହେଁ, ବରଂ ପଞ୍ଚାୟତ ସମିତି ଅଧକ୍ଷ ପଟେଲ ବିଭିନ୍ନ ଅଞ୍ଚଳରୁ ଆସିଥିବା ଲୋକଙ୍କ ଅଭିଯୋଗ ଶୁଣିଥିଲେ ବୋଲି କହିଛନ୍ତି।

## ସଂକ୍ଷେପରେ

### ସାଙ୍ଗ ହତ୍ୟା ଅଭିଯୋଗରେ ସାଙ୍ଗ ଗିରଫ

ସମ୍ବଲପୁର, ୩୧।୭ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଟାଉନ ଥାନା ଅନ୍ତର୍ଗତ ମୁଦିପଡା ନିକଟରେ ଦୁଇ ସାଙ୍ଗ ଭିତରେ ସାମାନ୍ୟ କଥାକୁ ନେଇ ହୋଇଥିବା ଛୁରାମାଡ଼ ଘଟଣାରେ ଆହତ ଜିତୁ ମାଝି (୩୦)ଙ୍କ ସୋମବାର ମୃତ୍ୟୁ ଘଟିଛି। ହତ୍ୟା ଅଭିଯୋଗରେ ସାଙ୍ଗ ସ୍ୱାଧୀନ ମିର୍ଦ୍ଧାଙ୍କୁ ପୋଲିସ ଗିରଫ କରିଛି। ତାଙ୍କ ନିକଟରୁ ବ୍ୟବହୃତ ଛୁରି ଜବତ ହୋଇଛି। ଏ ନେଇ ଥାନାରେ ୨୫୫/୨୩ରେ ହତ୍ୟା ମାମଲା ରୁଜୁ ହୋଇଛି। ସୂଚନାଯୋଗ୍ୟ, ତଅଁଲାପଡାର ଜିତୁ ଓ କୁମ୍ଭାରପଡାର ଅଭିଯୁକ୍ତ ସ୍ୱାଧୀନ ଦୁଇ ସାଙ୍ଗ। ରବିବାର ରାତିରେ ସେମାନେ କୌଣସି କାମରେ ମୁଦିପଡା ଯାଇଥିବାବେଳେ ସାମାନ୍ୟ କଥାକୁ ନେଇ ବଚସା ହୋଇଥିଲା। ବାରଣ ସତ୍ତ୍ୱେ ଜିତୁ ମାଡ ମାରିବାରୁ ସ୍ୱାଧୀନ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ଜିତୁଙ୍କୁ ପ୍ରଥମେ ଜିଲା ସଦର ଡାକ୍ତରଖାନା ଓ ପରେ ବୁର୍ଲା ଭିମ୍ସାର ନିଆଯାଇଥିଲା। ସେଠାରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ପୋଲିସ ହସ୍ତାନ୍ତର କରିଛି।

### ଜନସ୍ୱାସ୍ଥ୍ୟ ବିଭାଗରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ



ସମ୍ବଲପୁର,୩୧।୭(ବି.ଶଙ୍କର)

ସମ୍ବଲପୁର ଅଇଁଠାପାଲିସ୍ଥିତ ବରେଇପାଲୀ ସେକ୍ସନ ଜନସ୍ୱାସ୍ଥ୍ୟ ପକ୍ଷରୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆସିଷ୍ଟାଣ୍ଟ ଇଞ୍ଜିନିୟର ବଟକୃଷ୍ଣ ସାହୁଙ୍କ ପରିଚାଳନାରେ ସଭା ହୋଇଥିଲା। ଏହି ଅବସରରେ ଚାକିରୀରୁ ଅବସର ଗ୍ରହଣ କରିଥିବା ସୁରେଶ ପଟ୍ଟନାୟକଙ୍କୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କ୍ରମରେ ଉତ୍ସର୍ଗର ସୁଧିର ପୂଜାରୀ, ପ୍ରଶାନ୍ତ ପାଟ୍ଟଯୋଶୀ, ରୁଦ୍ରନାରାୟଣ ମିଶ୍ର, ଶିବନାରାୟଣ ପାଣିଗ୍ରାହୀ, ପ୍ରଣବାନନ୍ଦ ଦାନି ପ୍ରମୁଖ ଅଇଁଠାପାଲିସ୍ଥିତ ବରେଇପାଲି ସେକ୍ସନ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟକୁ ଯାଇ ସମ୍ବର୍ଦ୍ଧିତ କରିଥିଲେ।

### ଆକ୍ରମଣ ଉଦ୍ୟମ କରି ଯୁବକ ଗିରଫ

ନାକଟିଦେଉଳ,୩୧।୭(ବୈକୁଣ୍ଠ ନାଥ ସାହୁ)



ନାକଟିଦେଉଳ ଥାନା ସରାପାଲି ଗ୍ରାମରେ ଜଣେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଉଦ୍ୟମ କରି ସେହି ଗ୍ରାମର ଅନ୍ୟଜଣେ ଯୁବକ ଗିରଫ ହୋଇଛନ୍ତି। ସେ ହେଲେ ବିଜୟ ବେହେରା। ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗ୍ରାମର ପ୍ରିୟମ ମହାକୁଡ଼ ବୋଲବମ୍ ଯାତ୍ରାରେ ଯିବା ପାଇଁ ରବିବାର ସନ୍ଧ୍ୟାରେ ଗାଁ ଶିବ ମନ୍ଦିର ନିକଟରେ ଠିଆ ହୋଇଥିଲେ। ଏହି ସମୟରେ ବିଜୟ ସେଠାରେ ପହଞ୍ଚି ପୂର୍ବ ଶତ୍ରୁତାକୁ ନେଇ ଖଣ୍ଡାରେ ଆକ୍ରମଣ ଉଦ୍ୟମ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ପ୍ରିୟମଙ୍କ ମାଆ ପ୍ରତିଶା ସେଠାରେ ପହଞ୍ଚିବାରୁ ବିଜୟ ତାଙ୍କୁ ମଧ୍ୟ ଗାଳିଗୁଲଜ କରିଥିଲେ। ଏ ନେଇ ପ୍ରତିଶା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରି ବିଜୟଙ୍କୁ ଗିରଫ କରିବା ସହ ତାଙ୍କଠାରୁ ଏକ ଖଣ୍ଡା ଜବତ କରିଛି। ପୋଲିସ ୧୨୧/୨୩ରେ ଏକ ମାମଲା ରୁଜୁ କରି ବିଜୟଙ୍କୁ ସୋମବାର କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ କୃପା ବାଗ କହିଛନ୍ତି।

# ଗ୍ରାମବାସୀ ପ୍ରକଳ୍ପ ପ୍ରଶାସକଙ୍କ ଦ୍ୱାରସ୍ଥ

## ଅଙ୍ଗନୱାଡି କୋଠା ନିର୍ମାଣ ବିବାଦ

କୁଚିଣ୍ଡା,୩୧।୭(ବିରଞ୍ଚି ଦର୍ଜୀ)



ଆଲୋଚନା ପାଇଁ ଆସିଥିବା ଗ୍ରାମବାସୀ।

ଜମନକିରା ବ୍ଲକ କଟଙ୍ଗପାଣି ପଞ୍ଚାୟତର କଟଙ୍ଗପାଣି ଗ୍ରାମରେ ଅଙ୍ଗନୱାଡି କୋଠା ନିର୍ମାଣ ସ୍ଥାନକୁ ନେଇ ବିବାଦ ଦେଖାଦେଇଛି। ନୂତନ କୋଠା ନିର୍ମାଣ ଆଇଟିଡିଏ ଦ୍ୱାରା ପରିଚାଳିତ ହେଉଥିବାବେଳେ ଟିଆର୍‌ଡବ୍ଲ୍ୟୁ ସ୍କୁଲ ପରିସରରେ ହେଉଥିବାରୁ ଏହାକୁ ବିରୋଧ କରି ଶତାଧିକ ଗ୍ରାମବାସୀ ସୋମବାର କୁଚିଣ୍ଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୭ନମ୍ବର ୱାର୍ଡରେ ହେବାକୁ ସେମାନେ ଦାବି କରିଛନ୍ତି।

ପ୍ରାପ୍ତ ସୂଚନା ଅନୁଯାୟୀ, କଟଙ୍ଗପାଣି ଗ୍ରାମରେ ୨ଗୋଟି ଅଙ୍ଗନୱାଡି କେନ୍ଦ୍ର 'କ' ଓ 'ଖ' ନାମରେ ପରିଚାଳିତ ହେଉଛି। ୭ନମ୍ବର ୱାର୍ଡରେ 'କ' ଅଙ୍ଗନୱାଡି କେନ୍ଦ୍ର ରହିଥିବା ବେଳେ 'ଖ' କେନ୍ଦ୍ରଟି ୱାର୍ଡ ନମ୍ବର ୮ରେ ରହିଛି। 'କ' ଅଙ୍ଗନୱାଡି କେନ୍ଦ୍ରର ଅବସ୍ଥା ଭଲ ନ ଥିବାରୁ ଏକ ନୂତନ କୋଠା ନିର୍ମାଣ ସକାଶେ ଅନୁଦାନ ଆସିଛି। ଗ୍ରାମବାସୀ ୭ନଂ. ୱାର୍ଡରେ ଥିବା ଏକ ସରକାରୀ ଜମିରେ ଏହା ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିବା ବେଳେ ୮ନଂ. ୱାର୍ଡରେ ଥିବା ଟିଆର୍‌ଡବ୍ଲ୍ୟୁ ସ୍କୁଲ ପରିସରରେ ନିର୍ମାଣ କାମ କରାଯାଉଥିବାରୁ ସେମାନେ ବିରୋଧ କରିଛନ୍ତି। ନିର୍ମାଣ କାମ ଆଇଟିଡିଏ ଦ୍ୱାରା କରାଯାଉଥିବାରୁ ଏ ନେଇ ଗତ ୨୫ତାରିଖରେ ଗ୍ରାମବାସୀଙ୍କ ପକ୍ଷରୁ ପ୍ରକଳ୍ପ ପ୍ରଶାସକଙ୍କୁ ଗ୍ରାମବାସୀଙ୍କ ସ୍ୱାକ୍ଷର ସମ୍ବଳିତ ଦାବିପତ୍ର ଦିଆଯାଇଥିଲା। ମାତ୍ର ଆଇଟିଡିଏ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ସ୍କୁଲ ପରିସରରେ ଅଙ୍ଗନୱାଡି କୋଠା କାମ ଆରମ୍ଭ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏପରି କି ନିର୍ବାଚିତ ପଞ୍ଚାୟତ ସରପଞ୍ଚ ଓ ସମିତିସଭ୍ୟଙ୍କ ପରାମର୍ଶକୁ ଗ୍ରହଣ କରାଯାଇ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଆଲୋଚନାରେ ସରପଞ୍ଚ ତୁଳେଶ୍ୱରୀ ମାଝି, ସମିତିସଭ୍ୟ ସନାତନ ବାଘ, ନାଏବ ସରପଞ୍ଚ ପ୍ରମୋଦ ପଟେଲ, ମନୋଜ ମାଝି, ମଞ୍ଜରୀ ପଟେଲ, ପ୍ରମିଳା ଦାସ, ସନ୍ତୋଷିନୀ ପଟେଲ, ଚନ୍ଦ୍ରକାନ୍ତ ସୁନନୀ, ରିଙ୍କି ଭଇଁଷା, ଖୁଜାର ବରର୍ଗୀ, ଅମ୍ବିକା ପଟେଲ, ମମିନା ଦେହୁରିଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇଥିଲେ। ଏ ସମ୍ପର୍କରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ହେମସାଗର ଭୋଇଙ୍କ ମତାମତ ନେବାରେ ଅଙ୍ଗନୱାଡି କୋଠା ନିର୍ମାଣ ଏକ ବିବାଦୀୟ ପରିସ୍ଥିତିକୁ ଆସିଥିବାରୁ ସେ ନିଜେ ଉକ୍ତ ଗ୍ରାମକୁ ଯାଇ ଗ୍ରାମବାସୀଙ୍କ ସହ ଆଲୋଚନା କରି ପଦକ୍ଷେପ ନେବେ ବୋଲି କହିଛନ୍ତି।

# 'ମହିଳା ସଶକ୍ତୀକରଣ, କୃଷିକ୍ଷେତ୍ରକୁ ପ୍ରାଧାନ୍ୟ ଦେବି'

ସମ୍ବଲପୁର, ୩୧।୭ (ଶୁଭାଶିଷ ପାଢ଼ୀ)

## ଓପିଏସ୍‌ସି ପରୀକ୍ଷାରେ ୫ମ ସ୍ଥାନରେ ଶ୍ୱେତଲିନା



ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ପକ୍ଷରୁ ଅନୁଷ୍ଠିତ ୨୦୨୧-୨୨ ପ୍ରଶାସନିକ ସେବା ପରୀକ୍ଷା ଫଳ ସୋମବାର ପ୍ରକାଶ ପାଇଛି। ଏଥିରେ ସମ୍ବଲପୁର ଚିପିଲିମା ନିକଟ ଅନ୍ଧାରିପାଲି ଗ୍ରାମର ଶ୍ୱେତଲିନା ମହାନା ସମଗ୍ର ରାଜ୍ୟରେ ୫ମ ସ୍ଥାନ ହାସଲ କରିଛନ୍ତି। ଖବର ପାଇବା ପରେ ପୁରା ପରିବାର ବେଶ୍ ଉତ୍ସାହିତ ହୋଇପଡିଛନ୍ତି। ସବୁଆଡୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ନିଜ ସଫଳତାର ଶ୍ରେୟ ସେ ପୁରା ପରିବାର ଓ ସାଙ୍ଗସାଥୀଙ୍କୁ ଦେଇଛନ୍ତି। ଆଗକୁ ମହିଳା ସଶକ୍ତୀକରଣ ଓ କୃଷି କ୍ଷେତ୍ରରେ ଚାଷୀଙ୍କ ପାଇଁ କାମ କରିବାକୁ ପ୍ରାଧାନ୍ୟ ଦେବେ ବୋଲି ଶ୍ୱେତଲିନା କହିଛନ୍ତି।

ବରଗଡ ଜିଲା ଅତାବିରାରେ ହାଇସ୍କୁଲ ଶିକ୍ଷା ପରେ ଶ୍ୱେତଲିନା ସମ୍ବଲପୁରର ଏକ ଘରୋଇ କଲେଜରେ ବିଜ୍ଞାନ ପାଠ ସାରିଥିଲେ। ପରେ ସେ ଓୟୁଏଟି ଚିପିଲିମାରେ ନାମ ଲେଖାଇଥିଲେ। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଡିଗ୍ରୀ ସାରି ସେ ଦିଲ୍ଲୀରେ ଇଣ୍ଡିଆନ ଏଗ୍ରିକଲଚର ରିସର୍ଚ୍ଚ ସେଣ୍ଟରରେ ପିଏଚ୍‌ଡି କରିଥିଲେ। ପାଠ ସରିବା ପରେ ଜୁନ ୨୬ ରେ ସୋନପୁର ଜିଲା ବିନିକା ବ୍ଲକରେ ଅତିରିକ୍ତ କୃଷିଅଧିକାରୀ ଭାବେ ଯୋଗଦାନ କରିଥିଲେ। ଯୋଗଦାନ କରିବାର ମାତ୍ର ୪ଦିନ ପରେ ସୋମବାର ତାଙ୍କୁ ଖୁସି ଖବର ମିଳିଛି। ତାଙ୍କ କହିବା କଥା ଏହା ତାଙ୍କର ପ୍ରଥମ ଚେଷ୍ଟା ଥିଲା। ଦିନକୁ ୭ରୁ ୮ଘଣ୍ଟା ପରିଶ୍ରମ କରୁଥିଲେ। ଦିଲ୍ଲୀରେ ପଢୁଥିବା ସମୟରେ ପ୍ରସ୍ତୁତି କରିଥିଲେ। କେଉଁଠାରେ କୋଚିଂ ନେଇନାହାନ୍ତି। ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ର୍‍ୟାଙ୍କ ନେଇ ସେ ବେଶ୍ ଖୁସି ବ୍ୟକ୍ତ କରିଛନ୍ତି। ଯେଉଁ ବିଭାଗର ଦାୟିତ୍ୱ ମିଳିବ ତାହାକୁ ସେ ସୁଚାରୁରୂପେ ନିର୍ବାହ କରିବେ ବୋଲି କହିଥିଲେ। ସୂଚନାଯୋଗ୍ୟ, ଶ୍ୱେତଲିନାଙ୍କ ବାପା ଗୌରବ ଗ୍ରାମରେ ବ୍ୟବସାୟ କରୁଥିବା ବେଳେ ମାଆ ଗୃହଣୀ ଅଟନ୍ତି।

# ବନ୍ଧକାନିରେ ବୃକ୍ଷ ରୋପଣ ଅଭିଯାନ

ଜମନକିରା,୩୧।୭(ରବୀନ୍ଦ୍ର ଦାନି)



ଚାରା ରୋପଣରେ ସାମିଲ ହୋଇଥିବା ଅତିଥି ଓ ଛାତ୍ରୀଛାତ୍ର।

ବାମରା ବ୍ଲକ କବରିବାହାଲ ପଞ୍ଚାୟତ ବନ୍ଧକାନି ଗ୍ରାମରେ ସୋମବାରଠାରୁ ବୃକ୍ଷ ରୋପଣ ଅଭିଯାନ ଆରମ୍ଭ ହୋଇଛି। ପ୍ରଥମେ ବିମ୍ବାଧର ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତା ସଭା ଶିକ୍ଷକ ପ୍ରଶାନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରକୃତି ବନ୍ଧୁ ପୁରସ୍କାର ପାଇଥିବା ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ଉଦ୍ୟାନ ଅଧିକାରୀ ରବୀନ୍ଦ୍ର କୁମାର ଦାସ ସମ୍ମାନିତ ଅତିଥି ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ତୁଳସୀ ମଞ୍ଜରୀ ବହିଦାର ମୁଖ୍ୟବକ୍ତା ଭାବେ ଯୋଗଦେଇ ବୃକ୍ଷ ରୋପଣର ଆବଶ୍ୟକତା ସମ୍ପର୍କରେ ଆଲୋଚନା କରିଥିଲେ। ସଭାରେ ତିନି ପ୍ରକୃତିବନ୍ଧୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ସ୍ୱେଚ୍ଛାସେବୀ ରବୀନ୍ଦ୍ର ପଟେଲ, ଅଶୋକ କୁମାର ନାୟକ, ଦିଲୀପ କୁମାର ଚୌଧୁରୀ, ସନ୍ତୋଷ ରଣା, ଅଶ୍ୱିନୀ ନାୟକ, ପ୍ରମୋଦ ନାୟକ, ପବିତ୍ର ଚୌଧୁରୀ ପ୍ରମୁଖଙ୍କ ନେତୃତ୍ୱରେ ବିଭିନ୍ନ ପ୍ରଜାତିର ପ୍ରାୟ ୯୦ଟି ଚାରା ରୋପଣ ହୋଇଥିଲା। ସମସ୍ତେ ଗୋଟିଏ ଲେଖାଏ ଚାରାର ଦାୟିତ୍ୱ ନେବାକୁ ଶପଥ ନେଇଥିଲେ। ଶେଷରେ ହିନ୍ଦି ଶିକ୍ଷକ ଦିଲୀପ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ। ଆଗାମୀ ଦିନରେ ସମସ୍ତ ସ୍କୁଲ ପରିସର ଓ ଅଭିଭାବକଙ୍କ ବାଡ଼ିରେ ବୃକ୍ଷ ରୋପଣ କରାଯିବ ବୋଲି ଘୋଷଣା କରାଯାଇଥିଲା।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

ସମ୍ବଲପୁର,୩୧।୭(ବି.ଶଙ୍କର)

ସମ୍ବଲପୁର ଟାଙ୍ଗରପାଲିସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସୋମବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଛି। ଉଦ୍ଭିଦ ପ୍ରକାର ଭେଦ, ଖାଦ୍ୟ ପ୍ରକାର ଭେଦ, ଜ୍ୟାମିତିକ ଗଣନା ବିଷୟରେ ୧୫୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ବିଭାଗରେ ପ୍ରିୟଦର୍ଶିନୀ ପାଣଗ୍ରାହୀ, ପ୍ରାଚୀ ପ୍ରଧାନ, ଅର୍ଣ୍ଣବ ସାହୁ, ପରିସ୍ମିତା ଜେନା, କାର୍ତ୍ତିକ ଠାକୁର, ଗାର୍ଗୀ ବିଶ୍ୱାଳ ପ୍ରମୁଖ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ। ଶିକ୍ଷାବିତ୍ ଉଦିତ ଚନ୍ଦ୍ର ପାଟ୍ଟଯୋଶୀ ମୁଖ୍ୟଅତିଥି, ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପଶ୍ଚିମ ଓଡ଼ିଶା ସଂଭାଗ ସଂଯୋଜକ ଜ୍ୟୋତିରଞ୍ଜନ ମିଶ୍ର ବକ୍ତା ଭାବେ ଯୋଗଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଭାପତି ଡ. ଉତ୍ତମ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଶଙ୍କର ନାଏକ ସମ୍ମାନିତ ଅତିଥି ଥିଲେ। ସବୀର ରଞ୍ଜନ ନାଥ, ପ୍ରଦୀପ କୁମାର ସାହୁ, ଶ୍ରୀକାନ୍ତ ଦାସ, ରାଜଶ କୁମାର ପୁରୋହିତ, ଜାନକିଲତା ବେହେରା ବିଚାରକ ଥିଲେ। କମିଟିର ଡ. ସଚ୍ଚିଦାନନ୍ଦ ବକ୍ସିଙ୍କ ପରିଚାଳନରେ ସଭା ହୋଇଥିଲା। ପ୍ରଧନାଆଚାର୍ଯ୍ୟ ଦିଲିପ କୁମାର ପାଢ଼ୀ ଯୋଗଦେଇ ବିଜ୍ଞାନ ମେଳା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଚୋରି ଘଟଣାରେ ୨ ଗିରଫ: ଟ୍ରକ୍, ବାଇକ୍ ଜବତ

ନାକଟିଦେଉଳ,୩୧।୭(ବୈକୁଣ୍ଠ ନାଥ ସାହୁ)



ନାକଟିଦେଉଳ ଥାନା ବାଟଗାଁ ଛକର ଏକ ଦୋକାନରୁ ଚୋରି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ଟ୍ରକ୍, ଗୋଟିଏ ବାଇକ୍ ଓ ୩୦ଲିଟର ପେଟ୍ରୋଲ ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ ବାଟଗାଁ ଗ୍ରାମର ଅମର ସାହୁ(୩୫) ଓ ବୁଲୁ ମୁଖି (୨୮)। ସୂଚନା ଅନୁସାରେ ଜାମୁଯୋରୀ ପଞ୍ଚାୟତ ବାଗବର ଗ୍ରାମର ତ୍ରିନାଥ ଦେହୁରି ବାଟଗାଁ ଛକରେ ଏକ ଦୋକାନ ଘର ଭଡ଼ା ନେଇ ପେଟ୍ରୋଲ, ଡ଼ିଜେଲ ଆଦି ବିକ୍ରି କରିଆସୁଥିଲେ। ତେବେ ଗତ ୨୯ତାରିଖ ସନ୍ଧ୍ୟାରେ ତ୍ରିନାଥ ସବୁଦିନ ଭଳି ଦୋକାନ ବନ୍ଦ କରି ଘରକୁ ଚାଲିଯାଇଥିଲେ। ହେଲେ ୩୦ତାରିଖ ସକାଳେ ତାଙ୍କ ଦୋକାନ ତାଲା ଭଙ୍ଗାଯାଇ ୬୦ଲିଟର ଡ଼ିଜେଲ ଓ ୪୦ଲିଟର ପେଟ୍ରୋଲ ଚୋରି ହୋଇଥିବା ଜାଣିବା ପରେ ସେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ତଦନ୍ତ ବେଳେ ଅମର ନିଜ ଟ୍ରକ୍‌ରେ ଚୋରି ଡିଜେଲ ପକାଇଥିବା ଜାଣି ତାଙ୍କୁ କାବୁ କରିଥିଲା। ବୁଲୁ ଏଥିରେ ସହଯୋଗ କରିଥିବା ଜାଣି ପୋଲିସ ତାଙ୍କୁ ଗିରଫ କରିଥିଲା। ପଚାରାଉଚୁରା ପରେ ଉଭୟ ସତକଥା ପୋଲିସ ଆଗରେ ସ୍ୱୀକାର କରିଥିଲେ। ପୋଲିସ ଏ ନେଇ ଏକ ମାମଲା (ନଂ.୧୨୦/୨୩) ରୁଜୁ କରିବା ସହ ସେମାନଙ୍କଠାରୁ ଜେଏଚ୍‌୦୫ବିଏସ୍-୯୭୯୫ନଂ. ଟ୍ରକ୍ , ଓଡ଼ି୧୯ଏସ-୯୮୮୦ ନମ୍ବର ବିଶିଷ୍ଟ ବାଇକ୍ ଜବତ କରିଥିଲା। ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ଆଇପିସି ଦଫା ୪୫୭, ୩୮୦, ୩୪ରେ ରେଢାଖୋଲ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ କୃପା ବାଗ ପ୍ରକାଶ କରିଛନ୍ତି।

# ୧୯ହଜାର ଫୁଟ୍ ଉଚ୍ଚତାରେ ଡିଏଫ୍‌ଓଙ୍କ ସାଇକେଲ ଯାତ୍ରା




ସାଇକେଲ ଯାତ୍ରାରେ ଡିଏଫ୍‌ଓ।

ସମ୍ବଲପୁର, ୩୧।୭ (ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଡିଏଫ୍‌ଓ ବିଶ୍ୱନାଥ ନୀଳାମ୍ବରନ ଲେହେଠାରୁ ଉମଲିଙ୍ଗଲା ପାହାଡ ରାସ୍ତାରେ ପ୍ରାୟ ୫୫୦ କିମି ସାଇକେଲ ଯାତ୍ରା କରି ଚର୍ଚ୍ଚାକୁ ଆସିଛନ୍ତି। ପ୍ରାୟ ୧୯ ହଜାର ଫୁଟ୍ ଉଚ୍ଚତାରେ ଏହି ରାସ୍ତା ରହିଛି। ତାଙ୍କ କହିବା କଥା, ସେ ଜୁଲାଇ ୧୪ରେ ଯାତ୍ରା ଆରମ୍ଭ କରି ଜୁଲାଇ ୨୨ରେ ଉମଲିଙ୍ଗଲାରେ ପହଞ୍ଚିଥିଲେ। ମାଉଣ୍ଟ ଏଭେରେଷ୍ଟ ଭଳି ପୃଥିବୀର ଉଚ୍ଚତମ ମଟରେବୁଲ ପାସ୍ ଭାବେ ଉମଲିଙ୍ଗଲା ପାହାଡ ପରିଗଣିତ ହୋଇଥାଏ। ଯାତ୍ରା ଆରମ୍ଭ କରିବା ସମୟରେ ବହୁତ କଷ୍ଟ ହୋଇଥିଲା। ଜଙ୍ଗଲ ସୁରକ୍ଷା ବାର୍ତ୍ତା ନେଇ ଏହି ଯାତ୍ରା ହୋଇଥିଲା। ୟୁଥ୍ ଆସୋସିଏଶନ ଅଫ ଇଣ୍ଡିଆ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଦେଶର ବିଭିନ୍ନ ସ୍ଥାନରୁ ୪୬ଜଣଙ୍କ ମଧ୍ୟରୁ ୩୫ଜଣ ସଫଳତାର ସହ ପହଞ୍ଚିପାରିଥିଲେ।

## ଜିଏମ୍‌ୟୁରେ ପୁରାତନ ଛାତ୍ର, ଅଧ୍ୟାପକ ସମ୍ମିଳନୀ

ସମ୍ବଲପୁର,୩୧।୭(ବି.ଶଙ୍କର)

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପଦାର୍ଥ ବିଜ୍ଞାନ ବିଭାଗର ପୁରାତନ ଛାତ୍ର ଓ ଅଧ୍ୟାପକ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ ନାଗାରାଜୁ ଉଦ୍‌ଘାଟନ କରିଥିଲେ। ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ତଥା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ପୁରାତନ ଛାତ୍ରୀଛାତ୍ର ଓ ଅଧ୍ୟାପକ ଯୋଗଦେଇ ବିଭାଗର ଉନ୍ନତି ଦିଗରେ ସହାୟତା ପ୍ରଦାନ କରିବେ ବୋଲି କହିଛନ୍ତି। ପ୍ରଫେସର ଶଙ୍କର ପ୍ରସାଦ ପତି, ଡ. ପ୍ରଶନ୍ନ ମିଶ୍ର, ଡ. ନୌବିହାରୀ ପ୍ରଧାନ, ଡ. ସତିଶ ପଟେଲ, ଡ. ଜିତେନ ମିଶ୍ର ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ଅଧ୍ୟାପିକା ଡ. ପ୍ରଣତି ପୁରୋହିତ ଓ ପ୍ରଫେସର ସୁଶାନ୍ତ କୁମାର ଦାସ ସଭା ପରିଚାଳନା କରିଥିଲେ। ଶେଷରେ ଅଧ୍ୟାପକ ଡ. ଗଙ୍ଗାଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ମିୟାୱାକି ପଦ୍ଧତିରେ ବେଦାନ୍ତର ମେଗା ବୃକ୍ଷରୋପଣ



ଭୁବନେଶ୍ୱର,୩୧।୭

ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ଜାମଖାନି କୋଇଲା ଖଣି ପରିସରରେ ଏକ ମେଗା ବୃକ୍ଷ ରୋପଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏପରିକି ପ୍ରଥମ ଥର ପାଇଁ ମିଆୱାକି ପଦ୍ଧତିରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। ଅପରପକ୍ଷରେ ଜାମଖାନି କୋଇଲା ଖଣିର ପାର୍ଶ୍ୱ ଅଞ୍ଚଳର ୧ ଏକର ଜମିରେ ଏହି ପଦକ୍ଷେପ ଆରମ୍ଭ କରି କମ୍ପାନୀ ଦୁଇ ବର୍ଷ ମଧ୍ୟରେ ୬୧ ହେକ୍ଟରରୁ ଅଧିକ ଜମିକୁ ଯଥାଶୀଘ୍ର ବନୀକରଣ କରିବାକୁ ଯୋଜନା କରିଛି। ଫଳସ୍ୱରୂପ ଉକ୍ତ ଅଞ୍ଚଳରେ ପ୍ରାୟ ୧୨,୫୦,୦୦୦ ଉଦ୍ଭିଦ ସହିତ ଅନେକ ଫଳ ଉତ୍ପାଦନକାରୀ ପ୍ରଜାତି ସ୍ୱାବଲମ୍ବୀ ହୋଇପାରିବ। ଏ ସମ୍ପର୍କରେ ସୁନୀଲ ଗୁପ୍ତା, ସିଓଓ, ବେଦାନ୍ତ ଲିମିଟେଡ୍‌ର ସିଇଓ (ଆଲୁମିନିୟମ୍ ବିଜନେସ୍) ସୁନୀଲ ଗୁପ୍ତା କହିଛନ୍ତି, ଆମେ ନିରନ୍ତର ଭାବେ ପ୍ରାକୃତିକ ସଂରକ୍ଷଣକୁ ସ୍ଥାୟୀ ବ୍ୟବସାୟ ଅଭ୍ୟାସର ଏକ ମୌଳିକ ବ୍ରତ ରୂପେ ଗ୍ରହଣ କରିଥାଉ। ଏପରିକି ପ୍ରାକୃତିକ ସମୃଦ୍ଧ ଇକୋସିଷ୍ଟମକୁ ପ୍ରତିପାଦିତ କରୁଥିବାବେଳେ ସମାନ ଭାବେ ସର୍ବୋତ୍ତମ ଅଭ୍ୟାସ ବିଷୟରେ ସମ୍ପ୍ରଦାୟକୁ ସଚେତନ କରାଇଥାଉ। ସେହିଭଳି ବେଦାନ୍ତ ଲିମିଟେଡ୍‌ର ସିଇଓ (ମାଇନ୍ସ) ତଥା ଆଲୁମିନିୟମ୍ ବ୍ୟବସାୟ ଭି.ଶ୍ରୀକାନ୍ତ କହିଛନ୍ତି,ପ୍ରକୃତିର ସଂରକ୍ଷଣ କେବଳ ପରିବେଶ ପାଇଁ ଜରୁରୀ ନୁହେଁ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ଦାୟିତ୍ୱ ଏବଂ ଉଭୟ ବ୍ୟବସାୟ ଏବଂ ସମାଜ ପାଇଁ ଏକ ରଣନୀତିକ ଆଗ୍ରହ ଅଟେ।

# ସଚେତନ ନାଗରିକ ମଞ୍ଚର ଜିଲାପାଳଙ୍କୁ ଦାବିପତ୍ର

ବ୍ରଜରାଜନଗର,୩୧।୭(ବିଜୟ ବରାଡ)




ପଦଯାତ୍ରାରେ ବାହାରିଥିବା ନାଗରିକ ମଞ୍ଚ କର୍ମକର୍ତ୍ତା।

ଦୀର୍ଘଦିନ ଧରି ମଣିପୁରରେ ଲାଗିରହିଥିବା ହିଂସା ରୋକିବା ଓ ସେଠାରେ ଶାନ୍ତି ପ୍ରତିଷ୍ଠା ଉଦ୍ଦେଶ୍ୟରେ ସୋମବାର ଝାରସୁଗୁଡା ଜିଲା ବ୍ରଜରାଜନଗର ପୌରାଞ୍ଚଳର ସଚେତନ ନାଗରିକ ମଞ୍ଚ ତରଫରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ମଞ୍ଚର ଶତାଧିକ ମହିଳାପୁରୁଷ ଶାନ୍ତି ପଦଯାତ୍ରାରେ ସ୍ଥାନୀୟ ବେହେରାମାଲ ଛକଠାରୁ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଦୁଇଜଣ ମହିଳାଙ୍କୁ ଅସମ୍ମାନିତ କରି ରାଜରାସ୍ତାରେ ଚଲାଇବା ଘଟଣା ଦେଶକୁ ବିଶ୍ୱ ଦରବାରରେ ନିନ୍ଦିତ କରିଛି। ମଣିପୁର ସରକାର କିମ୍ବା କେନ୍ଦ୍ର ସରକାର ସମ୍ବିଧାନର ନୀତି ନିୟମକୁ ଆଧାରକରି ଆଲୋଚନା ମଧ୍ୟମରେ ଶାନ୍ତି ପ୍ରତିଷ୍ଠା କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ମଞ୍ଚର ତ୍ରିଲୋଚନ ଜାଲ, ଅମିତ ଦୀପ, ଶରତ ତନ୍ତି, ନାରୀନେତ୍ରୀ ସଂଗୀତା ସୁନା, କାଉଁଷିଲାର ନିତା ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ।

# ମିଶନଶକ୍ତି ଭବନ: ଉଦ୍‌ଘାଟନ ପୂର୍ବରୁ ଭାଙ୍ଗିଲା କଂକ୍ରିଟ

ସମ୍ବଲପୁର, ୩୧।୭ (ଶୁଭାଶିଷ ପାଢ଼ୀ)



ମହିଳାଙ୍କୁ ସଶକ୍ତୀକରଣ କରିବା ନେଇ ରାଜ୍ୟ ସରକାର ମିଶନ ଶକ୍ତି ଯୋଜନା କରିଛନ୍ତି । ସଭା ସମିତି ପାଇଁ ମିଶନ ଶକ୍ତି ଭବନ ନିର୍ମାଣ କରୁଛନ୍ତି। ଏହି ଯୋଜନାରେ ଯୁଯୁମୁରା ବ୍ଲକ ପରିସରରେ ଭବନ ନିର୍ମାଣ ଶେଷହୋଇ ଉଦ୍‌ଘାଟନ ଅପେକ୍ଷାରେ ରହିଛି। ହେଲେ ଏହା ପୂର୍ବରୁ କଂକ୍ରିଟ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ନିମ୍ନମାନର କାମ ଯୋଗୁ ଏଭଳି ଘଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ କାମ କରଯାଇଥିବାବେଳେ ଉଚିତ ତଦାରଖ ନ ହେବାରୁ ନିର୍ମାଣ କାମ ନିମ୍ନମାନର ହୋଇଛି। ସ୍ଥାୟିତ୍ୱକୁ ନେଇ ସନ୍ଦେହ ସୃଷ୍ଟି ହେଉଥିବାରୁ ଏହାର ତଦନ୍ତ କରାଯାଉ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି।

# ଏମ୍‌ଡିଏମ୍ ରନ୍ଧା, ଖାଇବା ଗୃହ ନବୀକରଣ ହେବ

ସମ୍ବଲପୁର,୩୧।୭(ବି.ଶଙ୍କର)

## ଟାଉନ ହାଇସ୍କୁଲ ପୁରାତନ ଛାତ୍ରସଂଘ ବୈଠକ

ନୃସିଂହ ଗୁରୁ ଟାଉନ ହାଇସ୍କୁଲ ପୁରାତନ ଛାତ୍ର ସଂଘ ବୈଠକ ସୋମବାର ସ୍କୁଲ ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଡ. ପରେଶ ଦାନିଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ସାହିତ୍ୟିକ ଭବାନୀ ଶଙ୍କର ପ୍ରଧାନଙ୍କ ବିୟୋଗରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସୂଚନା ଦେଇଥିଲେ। ଜିଲା ଶିକ୍ଷା ଅଧିକାରୀ ଓ ଜିଲାପାଳଙ୍କୁ ଭେଟି ସ୍କୁଲର ପ୍ରଧାନ ଶିକ୍ଷକ ନିଯୁକ୍ତି, ଏନ୍‌ସିସି ଶାଖା ପୁନଃ ସ୍ଥାପନ, ନିୟମିତ ଖେଳ ତଥା ବିଜ୍ଞାନ ଶିକ୍ଷକ ନିଯୁକ୍ତି ଇତ୍ୟାଦି ବିଷୟରେ ଦାବିପତ୍ର ଦେବା ନେଇ ଆଲୋଚନା ହୋଇଥିଲା। ୧୯୯୪ ମସିହାରୁ ସରକାର ସ୍କୁଲକୁ ହାତକୁ ନେଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ମରାମତି ଓ ରକ୍ଷଣାବେକ୍ଷଣ କରାଯାଇ ନ ଥିବାରୁ ସମସ୍ତ ସଭ୍ୟ କ୍ଷୋଭ ପ୍ରକାଶ କରି ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ସେହିପରି ସ୍କୁଲର ବାର୍ଷିକ ଉତ୍ସବ ହେଉ ନ ଥିବାବେଳେ ଆଲୁମ୍‌ନି ପକ୍ଷରୁ ମୋ ସ୍କୁଲ ଯୋଜନାରେ ପାଳନ କରାଯିବାକୁ ସ୍ଥିର ହୋଇଛି। ଏଥିପାଇଁ ମୋ ସ୍କୁଲ ବ୍ୟାଙ୍କ ଖାତାରେ ୩୦ହଜାର ଟଙ୍କା ଜମା କରିଥିବା କୋଷାଧ୍ୟକ୍ଷ ପ୍ରକାଶ କରିଥିଲେ। ଏମ୍‌ଡିଏମ୍ ଯୋଜନାରେ ରନ୍ଧା ଓ ଖାଇବା ଗୃହର ନବୀକରଣ କାର୍ଯ୍ୟ କରିବାକୁ ସ୍ଥିର ହୋଇଛି। ବୈଠକରେ ସଭ୍ୟ ସନ୍ତୋଷ ସାହୁ, ପ୍ରକାଶ ନାୟକ, ଉମେଶ କଲେତ, ବିଜୁ ତାଣ୍ଡିଆ, ନିତ୍ୟାନନ୍ଦ ଦେୱାଙ୍ଗନ ଓ କୃଷ୍ଣଚନ୍ଦ୍ର ବାଗଙ୍କୁ ସ୍ୱାଗତ କରାଯାଇଥିଲା। କୃଷ୍ଣଚନ୍ଦ୍ର ପତି, ରାମକୃଷ୍ଣ ନନ୍ଦ, ଅମୂଲ୍ୟ ମିଶ୍ର, ଅଖିଳ ପଟ୍ଟନାୟକ, ଦିନେଶ କକଡ ଓ ବିବେକ ଗୁରୁ ଆଲୋଚନାରେ ଭାଗ ନେଇଥିଲେ। କୋଷାଧ୍ୟକ୍ଷ ବେଦବ୍ୟାସ ସୁପକାର ଆୟବ୍ୟୟ ବିବରଣୀ ଓ ଶେଷରେ ସହସମ୍ପାଦକ ଗୋରେଖ ଲାଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ବର୍ଷା ବେହାଲ



ସୋମବାର ବର୍ଷାରେ କେନ୍ଦ୍ରାପଡ଼ା କୋର୍ଟ ସମ୍ମୁଖ ରାସ୍ତାରେ ପାଣି ଜମିଥିବାବେଳେ ପିଲାମାନେ ସ୍କୁଲ ଛୁଟିପରେ ସେଥିରେ ପଶି ଯାଉଛନ୍ତି।




ପୁରୁଣାଭୁବନେଶ୍ୱରର ରଥ ରୋଡ୍‌ରେ ଆଣ୍ଠୁଏ ଉଚ୍ଚର ପାଣି ଚାଲୁଛି।



ପୁରୀ ବଡ଼ଦାଣ୍ଡରେ ବର୍ଷାପାଣିର ସୁଅ ଛୁଟୁଛି।



ଭୁବନେଶ୍ୱର ଲକ୍ଷ୍ମୀସାଗର ଦାଣ୍ଡସାହି ରାସ୍ତାରେ ଜମିଥିବା ପାଣିରେ ଗାଡିମୋଟର ଅଧା ବୁଡ଼ିଯାଇଥିବାବେଳେ ଲୋକେ ପାଣିରେ ପଶି ଯାତାୟତ କରୁଛନ୍ତି।

## ଚାର୍ଜ ବେଳେ କଥା ହେବାରୁ ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**କାଳିମେଳା,୩୧।୭(ଜୀବନକୃଷ୍ଣ ଦାସ)**

ମାଲକାନଗିରି ଜିଲା କାଳିମେଳା ବ୍ଲକ ସଦର ମହକୁମାସ୍ଥିତ ତାରିଣୀ ମନ୍ଦିର ନିକଟରେ ନିଜ ଭଉଣୀ ଘରେ ରହି ଗୋପବନ୍ଧୁ ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ ଯୁକ୍ତ ୩ ପ୍ରଥମ ବର୍ଷରେ ପଢୁଥିବା ଜଣେ ଆଦିବାସୀ ଯୁବକଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଛି। ଯୁବକ ଜଣଙ୍କ ମୋବାଇଲ ଚାର୍ଜ କରୁଥିବା ସମୟରେ ଏକ କଲ ଆସିଥିଲା। ସେ କଥା ହେବା ସମୟରେ ବିଦ୍ୟୁତ୍ ଆଘାତରେ ତାଙ୍କର ମୃତ୍ୟୁ ହୋଇଛି। ମୃତ

### ମୋବାଇଲ ହେଲା କାଳ

ଯୁବକ ହେଲେ ପଡିଆ ବ୍ଲକ ଗିରକାନପଲ୍ଲୀ ପଞ୍ଚାୟତ କସାଗୁଡା ଗ୍ରାମର କାମା ମାଢ଼ୀ। ପ୍ରକାଶ ଯେ, କାମା କାଳିମେଳା ଗୋପବନ୍ଧୁ ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟରେ ପଢିବା ପାଇଁ ନିଜ ଭଉଣୀ ଘର କାଳିମେଳା ତାରିଣୀ ମନ୍ଦିର ନିକଟରେ ରହୁଥିଲେ। କିଛି ଦିନ ହେଲା କାମା ଘରକୁ ଯାଇ ପୁଣି କାଳିମେଳା ଫେରି ଆସିଥିଲେ। ରବିବାର ରାତି ପ୍ରାୟ ସାଢେ ୮ଟାରେ ସେ ରୋଷେଇ ସାରି ମୋବାଇଲ ଚାର୍ଜ ଲଗାଇ କଥା ହେଉଥିବା ସମୟରେ ହଠାତ ଚେତାଶୂନ୍ୟ ହୋଇ ତଳେ ପଡି ଯାଇଥିଲେ। କିଛି ସମୟ ପରେ ସାଥିରେ ଥିବା ବସନ୍ତ ତାଙ୍କୁ ଉଠାଇବାକୁ ଚେଷ୍ଟା କରି ବିଫଳ ହେବାରୁ ନିକଟରେ ଥିବା ପଡ଼ିଶା ଲୋକଙ୍କୁ ଜଣାଇଥିଲେ। ପରେ ସମସ୍ତଙ୍କ ସହଯୋଗରେ କାମାଙ୍କୁ ରାତିରେ କାଳିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣା ଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର କାଳିମେଳା ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବିଲରେ ଟଳିପଡ଼ିଲେ ଯୁବ ଚାଷୀ

**ବାଲିକୁଦା,୩୧।୭(ତାପସ ସ୍ୱାଇଁ)**

ବିଲରେ କାମ କରୁଥିବାବେଳେ ଜଣେ ଯୁବଚାଷୀଙ୍କ ରବିବାର ଅସ୍ୱାଭାବିକ ମୃତ୍ୟୁ ଘଟିଛି । ସେ ହେଲେ ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ଅଧୀନ ଅଳାଭର ପଞ୍ଚାୟତ ଶାସନ ଅଳାଭର ଗାଁର ପ୍ରମୋଦ ଖୁଣ୍ଟିଆ(୪୮)। ସେ ସୋମବାର ବିଲରେ ହିରପାଖ ମାରୁଥିବା ବେଳେ ସେଠାରେ ଟଳିପଡ଼ିଥିଲେ। ଏହାଦେଖି ଅନ୍ୟ ଚାଷୀମାନେ ତୁରନ୍ତ ତାଙ୍କୁ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରମୋଦଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ହୃଦ୍‌ଘାତଜନିତ କାରଣରୁ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଛି। ଖବରପାଇ ସରପଞ୍ଚ ମଧୁଛନ୍ଦା ସ୍ୱାଇଁ ଖୁଣ୍ଟିଆଙ୍କ ଘରେ ପହଞ୍ଚି ତାଙ୍କ ପରିବାରଙ୍କୁ ହରିଶ୍ଚନ୍ଦ୍ର ଯୋଜନାର ୩ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

## ଟ୍ରକ୍‌ରେ ପିଟିହେଲା ବାଇକ୍: ୨ ମୃତ

**ମାଲକାନଗିରି/ମାଥିଲି,୩୧।୭**
**(ଦୁର୍ଯ୍ୟୋଧନ ପାତ୍ର/ ସୁବାଷ ଖୁଡୁପିଆ)**

ମାଲକାନଗିରି ଜିଲା ମାଥିଲି ବ୍ଲକ ପାଙ୍ଗାମ ସଦର ପଞ୍ଚାୟତରେ ଏକ ଟ୍ରକ୍‌ରେ ଗୋଟିଏ ବାଇକ୍ ପିଟିହେବା ଫଳରେ ସୋମବାର ୨ଜଣ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଙ୍ଗାମ ଗ୍ରାମର ରାଜେଶ କୁମାର ଭୂୟାଁ(୨୬) ଓ ସୁନୀଲ ଚୌଧୁରୀ (୨୭)। ଉଭୟେ ବାଇକ୍ ଯୋଗେ କୌଣସି କାମରେ ମାଥିଲି ଯାଇ ମଧ୍ୟରାତ୍ରିରେ ଫେରୁଥିବା ସମୟରେ ଜୟପୁର ମୋଟୁ ୩୨୬ ନଂ. ଜାତୀୟ ରାଜପଥ କଡ ପାଙ୍ଗାମଠାରେ ଥିବା ଢାବା ନିକଟରେ ଛିଡା ହୋଇଥିବା ଟ୍ରକ୍‌ରେ ପିଟି ହୋଇଯାଇଥିଲେ। ଘଟଣାସ୍ଥଳରେ ସୁନୀଲଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକେ ୨ ଜଣଙ୍କୁ ମାଥିଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ରାଜେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ସୁନିଲ ଚୌଧୁରୀ ଡିଭିଏଫ୍ ଯବାନ ଅଟନ୍ତି ।

## ୧୯ ଦେଶୀ ବନ୍ଧୁକ ଫେରାଇଲେ ଶିକାରୀ

**ଠାକୁରମୁଣ୍ଡା,୩୧।୭**
**(ତାରାକାନ୍ତ ପଟ୍ଟନାୟକ)**

ଶିମିଳିପାଳର ସୁରକ୍ଷା ପାଇଁ ବନ୍ଧୁକ ସମର୍ପଣ ଅଭିଯାନରେ କିଛିଟା ସଫଳତା ମିଳିଛି। ପୋଲିସ ପକ୍ଷରୁ ଧାର୍ଯ୍ୟ ଶେଷ ତାରିଖରେ ମହୁଲଡ଼ିହା ଥାନା ଅଞ୍ଚଳର ଶିକାରୀମାନେ ମୋଟ ୧୮ ଓ ଠାକୁରମୁଣ୍ଡା ଥାନା ଅଞ୍ଚଳର ଶିକାରୀ ଗୋଟିଏ ଦେଶୀ ବନ୍ଧୁକକୁ ମିଶାଇ ମୋଟ ୧୯ ବନ୍ଧୁକ ନିଜ ନିଜ ପଞ୍ଚାୟତ ସରପଞ୍ଚମାନଙ୍କ ନିକଟରେ ସମର୍ପଣ କରିଛନ୍ତି। ଶିକାରୀମାନେ ଏତେ ସଂଖ୍ୟକ ବନ୍ଧୁକ ଫେରାଇବା ଘଟଣା ଆଗାମୀ ଦିନରେ ଶିମିଳିପାଳ ସୁରକ୍ଷା ଦିଗରେ ସହାୟକ ହେବ ବୋଲି ବନ ବିଭାଗ ଆଶାବ୍ୟକ୍ତ କରିଛି।

ସୂଚନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟରେ ଶିକାରୀଙ୍କ ଗୁଳିମାଡ଼ରେ ମାସକ ମଧ୍ୟରେ ୨ ବନ କର୍ମଚାରୀଙ୍କ ମୃତ୍ୟୁ ହୋଇଥିଲା। ଏନେଇ ଶିମିଳିପାଳ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହି ଘଟଣା ପରେ ପୋଲିସ ଓ ବନ ବିଭାଗ ମିଳିତ ଭାବରେ ବନ୍ଧୁକ ସମର୍ପଣ ଅଭିଯାନ ଆରମ୍ଭ କରିଥିଲେ। ବନ୍ଧୁକ ନିଜ ନିଜ ଅଞ୍ଚଳର ସରପଞ୍ଚ, ୱାର୍ଡସଭ୍ୟମାନଙ୍କ ନିକଟରେ ସମର୍ପଣ କରିଦେବାକୁ ମିଳିତ ବିଭାଗ ପକ୍ଷରୁ ସଚେତନତା ସୃଷ୍ଟି କରାଯାଇଥିଲା। ଜୁଲାଇ ୩୧ ପୂର୍ବରୁ ବନ୍ଧୁକ ଫେରାଇଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ ବୋଲି ମଧ୍ୟ ସୂଚନା ଦିଆଯାଇଥିଲା। ସେହି ଅନୁଯାୟୀ, ବନ୍ଧୁକ ସମର୍ପଣର ଶେଷଦିନରେ ଶିକାରୀମାନେ ରଖିଥିବା ବନ୍ଧୁକକୁ ନିଜ ନିଜ ଅଞ୍ଚଳର ସରପଞ୍ଚମାନଙ୍କ ନିକଟରେ ସମର୍ପଣ କରିଛନ୍ତି। ଠାକୁରମୁଣ୍ଡା ଥାନା ସାଲେଇବେଡ଼ା ଅଞ୍ଚଳର ମଥୁରା ସାହିରେ ଗୋଟିଏ ବନ୍ଧୁକକୁ ଶିକାରୀମାନେ ନିର୍ଦ୍ଦିଷ୍ଟ ସ୍ଥାନରେ ଫୋପାଡ଼ି ଦେଇ ଚାଲିଯାଇଥିବା ବେଳେ ଠାକୁରମୁଣ୍ଡା ପୋଲିସ ଏହାକୁ ଜବତ କରିଛି। ମହୁଲଡ଼ିହା ଥାନା ଚମ୍ପାଝର ପଞ୍ଚାୟତ ସରପଞ୍ଚ ବିକ୍ରମ ପିଙ୍ଗୁଆଙ୍କ ନିକଟରେ ୧୨ଟି ଦେଶୀବନ୍ଧୁକ ଶିକାରୀମାନେ ସମର୍ପଣ କରିଥିବା ବେଳେ କେଶଡିହା ସରପଞ୍ଚ ବୀଣାପାଣି ନାୟକଙ୍କ ନିକଟରେ ୨ଟି, ଭାଲିଆଡାଳ ସରପଞ୍ଚ ଜାହ୍ନବୀ ସୟଙ୍କ ନିକଟରେ ୩ଟି ଏବଂ ସାତକୋଶିଆ ସରପଞ୍ଚ ଚାନ୍ଦମଣି ଜାରିକାଙ୍କ ନିକଟରେ ଗୋଟିଏ ଦେଶୀ ବନ୍ଧୁକକୁ ଶିକାରୀମାନେ ସମର୍ପଣ କରିଛନ୍ତି। ଏହି ସମସ୍ତ ବନ୍ଧୁକକୁ ସରପଞ୍ଚମାନେ ଆଣି ମହୁଲଡ଼ିହା ଥାନାରେ ଜିମା ଦେଇଛନ୍ତି। ଏହି ସମୟରେ ବନ ବିଭାଗ ଏସିଏଫ୍ ଫାଲଗୁନୀ ବେହେରା, ଠାକୁରମୁଣ୍ଡା ରେଞ୍ଜର କିଶୋର କୁମାର ପାଣିଗ୍ରାହୀ, ସାତକୋଶିଆ ରେଞ୍ଜର ରବୀନ୍ଦ୍ରନାଥ ମହାନ୍ତଙ୍କ ସମେତ ବନ ବିଭାଗ କର୍ମଚାରୀମାନେ ଉପସ୍ଥିତ ଥିଲେ।



ମହୁଲଡିହା ଥାନା ଜିମା ଦିଆଯାଇଥିବା ଦେଶୀ ବନ୍ଧୁକ।

## ଅଜଣା ଜନ୍ତୁ ଆକ୍ରମଣ: ୯ ମେଣ୍ଢା ମୃତ

**ବାଙ୍କୀ,୩୧।୭(ଜ୍ଞାନେନ୍ଦ୍ର ମୋହନ ମିଶ୍ର)**

କଟକ ଜିଲା ବାଙ୍କୀ ବ୍ଲକ ସୁବର୍ଣ୍ଣପୁର ଗ୍ରାମରେ ରବିବାର ରାତିରେ ଅଜଣା ଜନ୍ତୁ ଆକ୍ରମଣରେ ମେଘନାଦ ବେହେରାଙ୍କ ୯ଟି ମେଣ୍ଢାଙ୍କ ମୃତ୍ୟୁ ଘଟିଥିବାବେଳେ ୧୯ ଗୁରୁତର ହୋଇଛନ୍ତି। ତାଙ୍କ ଗୁହାଳରେ ୪୦ ମେଣ୍ଢା ଥିଲେ। ସୋମବାର ସକାଳେ ମେଘନାଦ ଗୁହାଳ ଖୋଲି ଦେଖିବା ପରେ ମେଣ୍ଢାଗୁଡ଼ିକର ଏପରି ଅବସ୍ଥା ଦେଖି ସୁବର୍ଣ୍ଣପୁର ପ୍ରାଣୀ ଚିକିତ୍ସାଳୟକୁ ଜଣାଇଥିଲେ। ପ୍ରାଣୀ ଚିକିତ୍ସାଳୟର ଏକ ଟିମ୍ ପହଞ୍ଚି ଗୁରୁତର ମେଣ୍ଢାଗୁଡ଼ିକର ଚିକିତ୍ସା କରିଛନ୍ତି।

## ଦବିଲା ନିର୍ମାଣାଧୀନ ପୋଲର ଆପ୍ରୋଚ୍ ରାସ୍ତା

**ଭବାନୀପାଟଣା,୩୧।୭**
**(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ ବିଶମଗିରି-ତଳଝାପି ମଧ୍ୟରେ ଥିବା ଚଞ୍ଚରା ନାଳରେ ନିର୍ମାଣାଧୀନ ପୋଲର ଆପ୍ରୋଚ ରାସ୍ତା ବର୍ଷା ଯୋଗୁ ଦବିଯାଇଥିବା ଦେଖିବାକୁ ମିଳିଛି। ଫଳରେ ପୋଲର ସ୍ଥାୟିତ୍ୱକୁ ନେଇ ଏବେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ପୋଲ ନିର୍ମାଣ କରାଯାଇଥିବା ବେଳେ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ହୋଇଛି। ଯାହାର ପ୍ରମାଣ ଗୋଟିଏ ବର୍ଷାରେ ପୋଲର ଆପ୍ରୋଚ ରାସ୍ତା ଦବିଯିବା ଘଟଣାରୁ ଜଣାପଡିଛି। ତେବେ କୌଣସି ଧନଜୀବନ ନଷ୍ଟ ହେବା ଆଗରୁ ବିଭାଗ ଏଥିପ୍ରତି ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହୋଇଛି। ଏ ନେଇ କଳାହାଣ୍ଡି ଜିଲାପାଳ ପି.ଅନ୍ୱେଷା ରେଡ୍ଡୀଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ ବୋଲି କହିଥିଲେ।



ନିର୍ମାଣାଧୀନ ପୋଲର ଆପ୍ରୋଚ୍ ରାସ୍ତା ଦବିଯାଇଛି।

## ସାପ କାମୁଡ଼ାରେ ୨ ଶିଶୁକନ୍ୟାଙ୍କ ମୃତ୍ୟୁ

**ମୋରଡ଼ା,୩୧।୭(ସ୍ମାରକ ମାଝୀ)**

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ସାପ କାମୁଡ଼ାରେ ୨ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଚିକିଟାମାଟିଆ ଗ୍ରାମର ହିଟୁ ବିନ୍ଧାଣିଙ୍କ ୩ ବର୍ଷର ଝିଅ ତନଶ୍ରୀ ଏବଂ ଟିଆଁସି ଗ୍ରାମର ଭଗ ନାଏକଙ୍କ ୪ ବର୍ଷର ଝିଅ ଭୂମିକା।

ସୂଚନା ଅନୁଯାୟୀ, ସୋମବାର ତନୁଶ୍ରୀ ଖେଳିସାରି ଘରକୁ ଫେରିଲା ବେଳକୁ ଅସୁସ୍ଥ ହୋଇପଡିଥିଲେ। ତାଙ୍କ ଗୋଡ଼ରୁ ରକ୍ତ ବାହାରୁଥିଲା। ସେ କଣ୍ଟା ମାଡ଼ି ଦେଇଥାଇପାରେ ବୋଲି ପରିବାର ଲୋକେ ଭାବି ଘରୋଇ ଚିକିତ୍ସା କରିଥିଲେ। କିଛି ସମୟ ପରେ ତନୁଶ୍ରୀ ଜିଭ କାମୁଡ଼ି ଅଚେତ ହୋଇ ପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ମୋରଡା ଡାକ୍ତରଖାନା ନିଆଯାଇଥିଲେ ମଧ୍ୟ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବାରିପଦା ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୬/୨୩) ରୁଜୁ ହୋଇଛି। ସେହିପରି ଟିଆଁସି ଗ୍ରାମର ଭୂମିକା ନାଏକ ଘରେ ଥିବା ସମୟରେ ହଠାତ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ମୋରଡା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨୭/୨୩) ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି। ୨ ଶିଶୁକନ୍ୟାଙ୍କୁ ବିଷାକ୍ତ ସାପ କାମୁଡ଼ିଥିବା ଉଭୟଙ୍କ ପରିବାର ଲୋକେ କହିଛନ୍ତି।

## ମୋବାଇଲ ହଜାଇବାରୁ ସ୍ତ୍ରୀଙ୍କୁ ପିଟି ହତ୍ୟା

**ବାରିପଦା (ନୀଳାଦ୍ରି ବିହାରୀ ଦଣ୍ଡପାଟ)/କୁଳିଅଣା(ଗୋପୀନାଥ ବେହେରା), ୩୧।୭:** ମୋବାଇଲ ହଜାଇ ଦେବାରୁ ଉତ୍‌କ୍ଷିପ୍ତ ସ୍ୱାମୀ ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୟୂରଭଞ୍ଜ ଜିଲା କୁଳିଅଣା ଥାନା ଅଧୀନ ତାରାଯୋଡ଼ି ଗ୍ରାମରେ ରବିବାର ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଏନେଇ ପୋଲିସ ଏକ ମାମଲା (ନଂ.୯୯/୨୩) ରୁଜୁ କରି ଅଭିଯୁକ୍ତ ସ୍ୱାମୀ ରାମଚନ୍ଦ୍ର ସିଂଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ରବିବାର ରାତିରେ ମୋବାଇଲ ନ ମିଳିବାରୁ ସ୍ତ୍ରୀ ମୁଗୁଲି ସିଂଙ୍କ ସହ ରାମଚନ୍ଦ୍ର ଝଗଡ଼ା କରିଥିଲେ। ପରେ ଉତ୍‌କ୍ଷିପ୍ତ ହୋଇ ରାମଚନ୍ଦ୍ର ଏକ ଠେଙ୍ଗାରେ ମୁଗୁଲିଙ୍କୁ ପିଟିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ସୋମବାର ସକାଳେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି।

# ଓଡ଼ିଶା ଡିଏମ୍ଏଫ୍ ପାଣ୍ଠିରେ ଅଭିବୃଦ୍ଧି

## ଜୁନ୍ ଶେଷ ସୁଦ୍ଧା ମିଳିଛି ୨୩,୧୨୦ କୋଟି

ଭୁବନେଶ୍ୱର,୩୧।୭ (ଅଭୟ ଦାଶ)




ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କେଉଁ ରାଜ୍ୟକୁ କେତେ ଟଙ୍କା ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ପାଣ୍ଠିକୁ ଦିଆଯାଇଛି, ବିଶେଷ କରି ଡିଏମ୍ଏଫ୍ ପାଣ୍ଠି ଅଧୀନରେ କେଉଁ ରାଜ୍ୟକୁ କେତେ ଟଙ୍କା ମିଳିଛି। ବିଶେଷ କରି ଓଡିଶା ପ୍ରଦେଶକୁ ଏ ବାବଦରେ କେତେ ଟଙ୍କା ମିଳିଛି। ସେ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ସୋମବାର ଏ ନେଇ ରାଜ୍ୟ ସଭାରେ ବିସ୍ତୃତ ଉତ୍ତର ଦେଇଛନ୍ତି। ସେହିଭଳି ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ଓଡ଼ିଶାକୁ ମୋଟ ୨୩,୧୨୦ କୋଟି ଟଙ୍କାର ଡିଏମ୍ଏଫ୍ ଫଣ୍ଡ ମିଳିଛି, ସେଥିମଧ୍ୟରୁ ୧୭,୭୫୫.୨୦ କୋଟି ଟଙ୍କା ପ୍ରମୁଖ ଖଣିଜ ଦ୍ରବ୍ୟରୁ ମିଳିଥିବା ବେଳେ କୋଇଲା ଓ ଲିଗନାଇଟରୁ ୫୨୩୭.୫୮କୋଟି ଟଙ୍କା ମିଳିଛି। ସେହିପରି ଲଘୁ ଖଣିଜ ଦ୍ରବ୍ୟରୁ ମୋଟ ୧୨୭.୨୧ କୋଟି ଟଙ୍କା ମିଳିଛି, ଓଡିଶା ରାଜ୍ୟର ଡିଏମଏଫ ନିୟମ ଅନୁଯାୟୀ ଅତିକମରେ ୬୦% ପାଣ୍ଠି ଉଚ୍ଚ ପ୍ରାଥମିକତା କ୍ଷେତ୍ରରେ ଖର୍ଚ୍ଚ ହୋଇଥାଏ ଏବଂ ୪୦% ପାଣ୍ଠି ଅନ୍ୟାନ୍ୟ ପ୍ରାଥମିକତା କାର୍ଯ୍ୟରେ ଖର୍ଚ୍ଚ କରାଯାଏ। ଏପରିକି ଓଡ଼ିଶାର ମୟୂରଭଞ୍ଜ ଜିଲାରେ ପ୍ରଧାନମନ୍ତ୍ରୀ ଖଣିଜ କ୍ଷେତ୍ର କଲ୍ୟାଣ ଯୋଜନା (ପିଏମ୍କେକେକେୱାଇ) ଅଧୀନରେ ମୋଟ ୮୧.୨୨ କୋଟି ଟଙ୍କାର ପାଣ୍ଠି ବିଭିନ୍ନ କ୍ଷେତ୍ରରେ ବିନିଯୋଗ ହୋଇଥିବା ମନ୍ତ୍ରୀ ଯୋଶୀ ବିସ୍ତୃତ ଭାବେ ଆଲୋକପାତ କରିଛନ୍ତି। ଅପରପକ୍ଷରେ ଖଣି ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ନୂଆ ପ୍ରକଳ୍ପଗୁଡ଼ିକର ତାଲିକା ପ୍ରସ୍ତୁତ କରିବା ପାଇଁ କୁହାଯାଇଛି। ଏପରିକି ବର୍ତ୍ତମାନର ପ୍ରକଳ୍ପଗୁଡ଼ିକରେ ଡିଏମ୍ଏଫ୍ ପାଣ୍ଠିର ଉପଯୋଗକୁ ତ୍ୱରାନ୍ୱିତ କରିବା ଲାଗି ପ୍ରୟାସ ଆରମ୍ଭ କରାଯାଇଥିବାବେଳେ ପାଣ୍ଠି ଆବଣ୍ଟନକୁ ବଢାଇବା ଲାଗି ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ଡିଏମ୍ଏଫ୍ ଅଧୀନରେ ମୋଟ ଆବଣ୍ଟନ ଏବଂ ସଂଗ୍ରହ ପରିମାଣ ୯୭% ରହିଛି।

# ଶେୟାର ବଜାରରେ ଉତ୍ସାହ

ଭୁବନେଶ୍ୱର,୩୧।୭

ଗତ କିଛି ସପ୍ତାହ ହେବ ଶେୟାର ବଜାର କାରବାରରେ ପରିବର୍ତ୍ତନ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସ(ଷ୍ଟକ୍ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ଫଳରେ ଶେୟାର ବଜାର ନିବେଶକଙ୍କ ମନରେ ଉତ୍ସାହ ପରିଲକ୍ଷିତ ହୋଇଛି। ସୋମବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୩୬୭ (୩୬୭.୪୭) ପଏଣ୍ଟ ବଢ଼ି ୬୬,୫୨୮ (୬୬,୫୨୭.୬୭) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ରେ ମଧ୍ୟ ୧୦୮ (୧୦୭.୭୫) ପଏଣ୍ଟ ବୃଦ୍ଧି ଘଟି ୧୯,୭୫୪ (୧୯,୭୫୩.୮୦) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଗତ ୨ ଦିନ ହେଲା ଭାରତୀୟ ଶେୟାର ବଜାରର କାରବାର ହ୍ରାସ ଘଟିଥିଲା ।

# ଓପୋ ରେନୋ ସିରିଜ୍ ଉନ୍ମୋଚିତ

ଭୁବନେଶ୍ୱର,୩୧।୭




ଦେଶର ପ୍ରମୁଖ ସ୍ମାର୍ଟଫୋନ ବ୍ରାଣ୍ଡ ତଥା ଓପୋର ବହୁ ପ୍ରତୀକ୍ଷିତ 'ଓପୋ ରେନୋ ସିରିଜ୍'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଓପୋ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓପୋ ରେନୋ ସିରିଜକୁ ଓଡ଼ିଶା ବଜାରରେ ପ୍ରବେଶ ସହ ଉନ୍ମୋଚନ ମଧ୍ୟ କରାଯାଇଛି। ବିଶେଷ କରି ଓପୋ ରେନୋ ୧୦ର ସେଲ୍ ମଧ୍ୟ ନିକଟରେ ଆରମ୍ଭ ହୋଇଯାଇଛି। ଏହି ହ୍ୟାଣ୍ଡ ସେଟ୍ ଓପୋ ଇ-ଷ୍ଟୋର୍, ଫ୍ଲିପ୍କାର୍ଟ ଓ ମେନ୍ଲାଇନ୍ ରିଟେଲ୍ ଆଉଟ୍ଲେଟଗୁଡ଼ିକରେ ଉପଲବ୍ଧ। ସେହିଭଳି ରେନୋ ୧୦ ୫ଜିରେ ଏକ ଅଲ୍ଟ୍ରା-ସ୍ଲିମ୍ ବଡି ରହିଛି। ବିଶେଷ କରି ଏହା ଏକ ୩ଡି କର୍ଭଡ୍ ଡିଜାଇନ୍ ସହ ଆଇସ୍ ବ୍ଲୁ ଓ ସିଲ୍ଭରି ଗ୍ରେ କଲରରେ ଉପଲବ୍ଧ। ଏଥିରେ ୧୨୦ ଏଚ୍ଜେଡ୍ ୬.୭ ଇଞ୍ଚ ଆମୋଲେଡ୍ ଡିସ୍ପ୍ଲେ ଓ ଏକ ୯୩% ସ୍କ୍ରିନ୍-ଟୁ-ବଡି ରେସିଓ ରହିଛି। ଏହା ଏକ ଡ୍ରାଗନ୍ଟ୍ରେଲ୍ ଷ୍ଟାର୍ ୨ ଡିସ୍ପ୍ଲେ ଓ ଏକ ମଜଭୁତ ପଲିକାର୍ବୋନେଟ୍ ବ୍ୟାକ୍ ସହିତ ଆସୁଛି। ଏହି ସ୍ମାର୍ଟଫୋନରେ ୬୪ଏମ୍ପି ଓଭି୬୪ବି ଅଲ୍ଟ୍ରା-କ୍ଲିୟର ମେନ୍ କ୍ୟାମେରା, ଏକ ୩୨ଏମ୍ପି ଆଇଏମ୍ଏକ୍ସ୭୦୯ ଟେଲିଫଟୋ ପୋର୍ଟ୍ରେଟ୍ କ୍ୟାମେରା, ୮ଏମ୍ପି ଆଇଏମ୍ଏକ୍ସ ୩୫୫ ୧୧୨° ଅଲ୍ଟ୍ରା-ୱାଇଡ୍ କ୍ୟାମେରା ଓ ଏକ ୩୨ଏମ୍ପି ଓଭି୩୨ସି ଅଲ୍ଟ୍ରା-କ୍ଲିୟର ସେଲ୍ଫି କ୍ୟାମେରା ସାମିଲ ରହିଛି। ଏହାର ୫୦୦୦ ଏମ୍ଏଏଚ୍ ବ୍ୟାଟେରି ରେନୋ ସିରିଜ୍ରେ ସବୁଠାରୁ ବଡ ବ୍ୟାଟେରି ହୋଇଥିବା ବେଳେ ଏହାର ୬୭ୱାଟ୍ ସୁପର୍ଭିଓସି ଡିଭାଇସ୍କୁ କେବଳ ୪୭ମିନିଟ୍ରେ ୧୦୦% ଚାର୍ଜ କରିଥାଏ।

# ରେ-ବ୍ୟାନ'ର ନୂତନ କଲେକ୍ସନ

ଭୁବନେଶ୍ୱର,୩୧।୭

ଦେଶର ଜଣାଶୁଣା ଆଇ ଗ୍ଲାସ ବ୍ରାଣ୍ଡ ରେ-ବ୍ୟାନର ନୂତନ କଲେକ୍ସନ 'ରିଭର୍ସ ଆଇ ଉୟର'ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏପରିକି ବହୁ ପରୀକ୍ଷା ନିରୀକ୍ଷା ପରେ ଉକ୍ତ ଉତ୍ପାଦକୁ ବଜାର ପ୍ରବେଶ ସହ ଗ୍ରାହକଙ୍କ ନିକଟରେ ନୂଆ ଶୈଳୀର ଡିଜାଇନ ମଧ୍ୟ ଉପସ୍ଥାପିତ କରାଯାଇଛି। ସେହିଭଳି ସୁପର ମଡେଲ ଭିଟୋରିଆ ସେରେଟିଆସଙ୍କ ଆକର୍ଷଣୀୟ ଚେହେରା ହାଇଫ୍ୟାସନ ଭିଡିଓ ମାଧ୍ୟମରେ ରିଭର୍ସ ଆଇ ଉୟର ପିନ୍ଧିଥିବା ମଡେଲ ପ୍ରଦର୍ଶନ କରାଯାଇଛି। ବିଶେଷ କରି ଆଖି ଉପରେ ଧ୍ୟାନ ରଖିବାବେଳେ ରିଭର୍ସ ଧାରଣାକୁ ଜୀବନ୍ତ କରିବା ଲାଗି ଏଭଳି ଏକ ଡିଜାଇନକୁ ସୁନ୍ଦର ଭାବେ ଚିତ୍ରଣ କରାଯାଇଛି। ଏ ସମ୍ପର୍କରେ ଏସିଲର ଲକ୍ସୋଟିକାର ନିର୍ଦ୍ଦେଶକ (ଆରଏଣ୍ଡଡି ପ୍ରଡକ୍ଟ ଷ୍ଟାଇଲ ଲାଇସେନସିଂ) ଫେଡେରିକୋ ବୁଫା କହିଛନ୍ତି, ଆମେ ସବୁବେଳେ ନୂଆ ଡିଜାଇନର ବିଶ୍ଳେଷଣ କରିଥାଉ। ଏପରିକି ରେ ବ୍ୟାନ ରିଭର୍ସ କଲେକ୍ସନ ହେଉଛି, ଚକ୍ଷୁ ଶିଳ୍ପରେ ଏକ ବିପ୍ଳବ। ଏହା ଏକ ନୂଆ ଜ୍ଞାନ କୌଶଳରେ ନିର୍ମିତ ବୋଲି ବୁଫା ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି। ସେହିଭଳି ମୁଖ୍ୟ ମାର୍କେଟିଂ ଅଫିସର ଏସିଲୋର ଲକ୍ସୋଟିକା କହିଛନ୍ତି, ଆମର ଉତ୍ପାଦ କ୍ଲାସିକ ଷ୍ଟାଇଲରେ ଗଠିତ ଏହା ସବୁ ବର୍ଗର ଲୋକଙ୍କର ପସନ୍ଦ ହେବ। ଏକ ଏର୍ଗୋନୋମିକ ୟୁନିଭର୍ସାଲ ଫ୍ରେମ ସହ ରେ ବ୍ୟାନ ରିଭର୍ସ ଆଭିଏଟର, ୱେଫେରର, କାରଭାନ ଓ ବଏ ଫ୍ରେଣ୍ଡ ଆଦି ବିକଶିତ ହୋଇଛି। ବିଶେଷ କରି ଆମେ ସର୍ବଦା ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟି ଦେଇ ଉତ୍ପାଦ ପ୍ରସ୍ତୁତ କରିଥାଉ ବୋଲି ବ୍ରାଣ୍ଡ ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ରେ-ବ୍ୟାନ କଲେକ୍ସନର ମୂଲ୍ୟ ୧୦୯୦ ଟଙ୍କାରୁ ଆରମ୍ଭ ହୋଇଥିବାବେଳେ ଏହା ଦେଶର ସମସ୍ତ ଅଗ୍ରଣୀ ଷ୍ଟୋର, ସନଗ୍ଲାସ ହଟସ ଓ ଅନଲାଇନ ପ୍ଲାଟଫର୍ମ ଆଦିରେ ମଧ୍ୟ ଉପଲବ୍ଧ।




ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ (ଏଚ୍ସିଆଇଏଲ୍) ର ମିଡ-ସାଇଜ ଏସୟୁଭି 'ହୋଣ୍ଡା ଏଲିଭେଟ୍' ଏଚ୍ସିଆଇଏଲ୍ର ରାଜସ୍ଥାନସ୍ଥିତ ତପୁକାର ଅତ୍ୟାଧୁନିକ କାରଖାନାରେ ଉତ୍ପାଦନ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ 'ହୋଣ୍ଡା ଏଲିଭେଟ୍'ର ପ୍ରଥମ ୟୁନିଟକୁ ଏଚ୍ସିଆଇଏଲ ପ୍ରେସିଡେଣ୍ଟ ଏବଂ ସିଇଓ ତାକୁୟା ସୁମୁରା କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଉନ୍ମୋଚନ କରୁଛନ୍ତି। ଉଲ୍ଲେଖଯୋଗ୍ୟ, ଅଲ ନ୍ୟୁ ହୋଣ୍ଡା ଏଲିଭେଟର ବଜାର ପ୍ରବେଶ ୨୦୨୩ ସେପ୍ଟେମ୍ବରକୁ ଧାର୍ଯ୍ୟ କରାଯାଇଥିବାବେଳେ ହୋଣ୍ଡା ଏଲିଭେଟର ଯୋଗାଣ ମଧ୍ୟ ଆରମ୍ଭ ହେବ। କମ୍ପାନୀ ଇତିମଧ୍ୟରେ ଏଲିଭେଟର ପ୍ରାକ ବଜାର ପ୍ରବେଶ ସହ ବୁକିଂ ଆରମ୍ଭ କରିସାରିଛି।

# ଜିଓ ବୁକ୍ ଉନ୍ମୋଚିତ

ଭୁବନେଶ୍ୱର,୩୧।୭




ରିଲାଏନ୍ସ ରିଟେଲ୍ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ ନ୍ୟୁ ଜିଓ ବୁକ୍ ସୋମବାର ଆନୁଷ୍ଠାନିକ ଭାବେ ଉନ୍ମୋଚିତ ହୋଇଯାଇଛି। ଏପରିକି ଏହା ସମସ୍ତ ବୟସ ବର୍ଗର ଆବଶ୍ୟକତାକୁ ପୂରଣ କରିବା ଲାଗି ପ୍ରସ୍ତୁତ କରାଯାଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ବିଶେଷ କରି ଏହି ଷ୍ଟାଇଲିସ୍ ଲର୍ନିଂ ବୁକ୍ ଉନ୍ନତ ଜିଓ ଓଏସ୍ ଅପରେଟିଂ ସିଷ୍ଟମ୍ ସହିତ ସଦାସର୍ବଦା ସଂଯୁକ୍ତ ରହିଛି, ପ୍ରତ୍ୟେକଙ୍କ ଶିକ୍ଷଣୀୟ ଅନୁଭୂତିକୁ ବଦଳାଇବାରେ ଜିଓ ବୁକ ପ୍ରତିଶ୍ରୁତି ଦେଉଛି। ସେହିଭଳି ଅନଲାଇନ୍ ପାଠପଢ଼ାରେ ଭାଗ ନେବାଠାରୁ ଆରମ୍ଭ କରି କୋଡ୍ ଶିକ୍ଷା ଗ୍ରହଣ କରିବା କିମ୍ବା ଏକ ଯୋଗ ଷ୍ଟୁଡିଓର ଶୁଭାରମ୍ଭ କରିବା ଭଳି ନୂତନ ସଂସ୍ଥା ଆରମ୍ଭ କରିବାର ଅନ୍ୱେଷଣ କିମ୍ବା ଅନଲାଇନ ଟ୍ରେଡିଂ କ୍ଷେତ୍ରରେ ପ୍ରବେଶ କରିବା ଆଦି ପର୍ଯ୍ୟନ୍ତ ଜିଓବୁକ୍ ସମସ୍ତ ଶିକ୍ଷଣୀୟ ଉଦ୍ୟମ ପାଇଁ ଉଲ୍ଲେଖନୀୟ ପ୍ଲାଟଫର୍ମ ପ୍ରଦାନ କରିବ। ଏ ସମ୍ପର୍କରେ ରିଲାଏନ୍ସ ରିଟେଲର ପ୍ରବକ୍ତା କହିଛନ୍ତି, ଏଭଳି ଏକ ଅଭିନବ ଉତ୍ପାଦର ଶୁଭାରମ୍ଭ କରିବାକୁ ଆମେ ସମର୍ପିତ, ଯାହା ଶିକ୍ଷଣୀୟ ଯାତ୍ରାରେ ଲୋକମାନଙ୍କୁ ସଶକ୍ତ କରିବ। ୨୦୨୩ ଅଗଷ୍ଟ ୫ରୁ ଜିଓ ବୁକ୍ ବଜାରରେ ଉପଲବ୍ଧ ହେବ। ଗ୍ରାହକମାନେ ରିଲାଏନ୍ସ ଡିଜିଟାଲ୍ର ଅନଲାଇନ୍ ଓ ଅଫ୍ଲାଇନ୍ ଷ୍ଟୋର୍ କିମ୍ବା ଆମାଜନ୍ ଡଟ୍ ଇନ୍ରୁ ଜିଓବୁକ୍କୁ ମାତ୍ର ୧୬,୪୯୯ ଟଙ୍କାରେ କିଣିପାରିବେ।

## ଫୁର୍ସତ୍




# ସୋନୁଙ୍କୁ ବିଶାଳ ପପ୍ ଆର୍ଟ ଉପହାର

ମୁମ୍ବାଇ

ଅଭିନେତା ସୋନୁ ସୁଦ୍ଙ୍କୁ ଫିଲ୍ମ ବ୍ୟତୀତ ସାମାଜିକ କାମ ପାଇଁ ଲୋକେ ବେଶ୍ ପସନ୍ଦ କରନ୍ତି। ଅନେକ ସମୟରେ ସେ ଲୋକଙ୍କୁ ସାହାଯ୍ୟ କରି ତାଙ୍କ ହୃଦୟ ଜିତିବାରେ ସକ୍ଷମ ହୋଇଛନ୍ତି। ତେବେ ଶନିବାର ତାଙ୍କ ଜନ୍ମଦିନ ନିଜ ଗାଁ ବ୍ୟତୀତ ବହୁ ସ୍ଥାନରେ ପାଳନ କରାଯାଇଛି। ଲୋକେ ବହୁ ଉତ୍ସୁକତାର ସହ ନିଜ ନିଜ ହିସାବରେ ତାଙ୍କ ଜନ୍ମଦିନ ପାଳନ କରିଥିବା ଦେଖିବାକୁ ମିଳିଛି। ଏହି ଅବସରରେ ସୋନୁଙ୍କ ଗାଁରେ ତାଙ୍କର ଏକ ବିଶାଳକାୟ ଫଟୋ ପ୍ରଶଂସକମାନେ ଉପହାର ସ୍ୱରୂପ ଦେଇଛନ୍ତି। ପଞ୍ଜାବ ମୋଗାସ୍ଥିତ ଅଜିତବାଲରେ ତାଙ୍କର ୧ ଲକ୍ଷ ୧୭ ହଜାର ବର୍ଗ ଫୁଟ୍ ଅଞ୍ଚଳରେ ବିଶ୍ୱର ସବୁଠୁ ବଡ଼ ପପ୍ ଆର୍ଟ କରିଛନ୍ତି। ଏଥିପାଇଁ ୭ ରାଜ୍ୟର ୨୫ କଳାକାର ନିୟୋଜିତ ହୋଇଥିଲେ। ଏହି ପପ୍ ଆର୍ଟକୁ କଳାକାରମାନେ ଗୋଟେ ଦିନରେ ଶେଷ କରିଥିଲେ। ତେବେ ଏହି ପପ୍ ଆର୍ଟର ଆକାର ଏତେ ବିଶାଳ ଯେ, ତାକୁ ଗୁଗଲ ସାଟେଲାଇଟ୍ ମ୍ୟାପରେ ମଧ୍ୟ ଦେଖିହେବ। ଏହି କଳାକୃତି କରିଥିବା କଳାକାରଙ୍କୁ ଭେଟିବାକୁ ସୋନୁ ସେଠାରେ ପହଞ୍ଚିଥିଲେ। ହେଲେ କିଛି କାରଣବଶତଃ ସୋନୁ ସେମାନଙ୍କୁ ଦେଖା ହୋଇପାରି ନ ଥିଲେ। କିନ୍ତୁ ସୋନୁ ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ତେବେ ସୋନୁ ୧୯୯୯ରେ ତାଙ୍କ ଫିଲ୍ମ କ୍ୟାରିୟର ଆରମ୍ଭ କରିଥିଲେ। ଶେଷଥର ପାଇଁ ତାଙ୍କୁ ହିନ୍ଦୀରେ 'ସମ୍ରାଟ ପୃଥ୍ୱୀରାଜ' ଏବଂ ତାମିଲରେ 'ଥମିଲାରାସନ'ରେ ଦେଖିବାକୁ ମିଳିଥିଲା। ନିକଟରେ ତାଙ୍କର ଆଉ ଏକ ମୁଭି ଆସିବାକୁ ଯାଉଛି।

# ଏଆଇ ସହାୟତାରେ ସୁସ୍ଥ ହେଲେ ପକ୍ଷାଘାତ ରୋଗୀ

ୱାଶିଂଟନ



ଜଣେ ପକ୍ଷାଘାତ ବ୍ୟକ୍ତି ଏବେ ପୂର୍ବଭଳି ଜୀବନ ବଞ୍ଚୁଛନ୍ତି, ଯାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ସହାୟତାରେ ସଫଳ ହୋଇଛି। ଡାକ୍ତରମାନେ ଏଆଇ ମାଧ୍ୟମରେ ହୋଇଥିବା ଏହି ସର୍ଜରିକୁ ଆଧୁନିକ ମେଡିକାଲ ଦୁନିଆର ଅଲୌକିକ ବୋଲି କହିଛନ୍ତି। ନ୍ୟୁୟର୍କର ଜଣେ ଲୋକଙ୍କୁ ଡାଇଭିଂ ସମୟରେ ବାତ ମାରିଥିଲା। ମେଶିନ ଲର୍ନିଂ ଆଧାରିତ ସର୍ଜରି ପରେ ତାଙ୍କ ଶରୀରରେ ଗତିବିଧି ଏବଂ ଭାବନା ଫେରିଆସିଛି। ମାଇକ୍ରୋଇଲେକ୍ଟ୍ରୋଡ୍ ଖଞ୍ଜି ତା' ସାହାଯ୍ୟରେ ତାଙ୍କ ମୁଣ୍ଡକୁ ଏକ କମ୍ପ୍ୟୁଟର ସହ ସଂଯୋଗ କରାଯାଇଥିଲା। ମନହାସେଟ୍ର ଫେନ୍ଷ୍ଟେନ୍ ଇନ୍ଷ୍ଟିଚ୍ୟୁଟ୍ ଫର୍ ମେଡିକାଲ ରିସର୍ଚ୍ଚର ଜଣେ ବିଶେଷଜ୍ଞଙ୍କ କହିବା ଅନୁସାରେ, ୪୫ ବର୍ଷୀୟ କିଥ୍ ଥୋମାସଙ୍କ କ୍ଷେତ୍ରରେ ଏଆଇର ଚିକିତ୍ସା ଫଳପ୍ରଦ ରହିଲା। ଅନ୍ଧପଣ, ସେରେବ୍ରାଲ୍ ପଲ୍ସି, ବଧିରତା ଏବଂ ପାର୍କିନ୍ସନ୍ ଭଳି ରୋଗର ଚିକିତ୍ସା ପାଇଁ ଏଆଇର ସାହାଯ୍ୟ ନିଆଯାଇପାରିବ ବୋଲି ସେ କହିଛନ୍ତି। ଫେନ୍ଷ୍ଟେନ୍ ଇନ୍ଷ୍ଟିଚ୍ୟୁଟ୍ର ବାୟୋଇଲେକ୍ଟ୍ରୋନିକ୍ ମେଡିସିନ୍ ବିଶେଷଜ୍ଞ ଚାଡ୍ ବାଉଟନ୍ ନ୍ୟୁୟର୍କ ପୋଷ୍ଟକୁ କହିବା ମୁତାବକ, ଏହା ପ୍ରଥମ ଘଟଣା ଯେଉଁଥିରେ କି ଏଆଇ ସାହାଯ୍ୟରେ ଜଣେ ପକ୍ଷାଘାତ ରୋଗୀଙ୍କ ଶରୀରରେ ଗତିବିଧି ଏବଂ ଭାବନା ଫେରିଆସି ପାରିଛି। ସେମାନେ ଦୁନିଆରେ ଆହୁରି ଲୋକଙ୍କୁ ସାହାଯ୍ୟ କରିବେ ବୋଲି ବିଶେଷଜ୍ଞ ଚାଡ୍ କହିଛନ୍ତି। ୨୦୨୦ରେ ଥୋମାସ ସମ୍ପୂର୍ଣ୍ଣ ଠିକ୍ ଥିଲେ। ସେ ଦିନେ ସାଙ୍ଗଙ୍କ ସୁଇମିଂ ପୁଲ୍ରେ ଡାଇଭିଂ କରୁଥିବାବେଳେ ଏପରି ଘଟଣା ଘଟିଥିଲା। ବେକର ହାଡ଼ ଭାଙ୍ଗିଗଲା ଏବଂ ମେରୁଦଣ୍ଡ ଉପରେ ମଧ୍ୟ ପ୍ରଭାବ ପଡ଼ିଲା। ପରେ ଡାକ୍ତରଙ୍କ ସହ ପରାମର୍ଶ କରିବା ପରେ ସର୍ଜରି ପାଇଁ କଥା ହେଲେ। ସେ ଗୋ ଫଣ୍ଡରେ ଏକ ଡୋନେଶନ ପେଜ୍ କଲେ। ସେଠାରୁ ସେ ୩୬୦ ହଜାର ଡଲାର ଅର୍ଥାତ୍ ୨ କୋଟି ୯୬ ଲକ୍ଷ ଟଙ୍କା ସଂଗ୍ରହ କଲେ। ଏହା ତାଙ୍କର ପ୍ରଥମ ସର୍ଜରି ଥିଲା। ଫଳରେ ସେ ଠିକ୍ ହୋଇପାରିଛନ୍ତି। ଏହି ସର୍ଜରି ୧୫ ଘଣ୍ଟା ଧରି ଚାଲିଥିଲା। ଏବେ ସେ ସାଧାରଣ ଲୋକଙ୍କ ଭଳି ଜୀବନ ବଞ୍ଚୁଛନ୍ତି।

# ଟଙ୍କା ବଞ୍ଚାଇବାକୁ ଡଷ୍ଟବିନ୍ରୁ ଖାଆନ୍ତି ଖାଦ୍ୟ

**ସାକ୍ରାମେଣ୍ଟୋ:** ଦୁନିଆରେ ବହୁ ଲୋକ ବାସ କରୁଥିବାବେଳେ ସେମାନଙ୍କ ମଧ୍ୟରୁ କେତେକ ବହୁତ ଖର୍ଚ୍ଚି ହୋଇଥିବାବେଳେ ଆଉ କିଛି କଞ୍ଜୁସ ହୋଇଥାନ୍ତି। ହେଲେ ଏମିତି ଜଣେ ବ୍ୟକ୍ତି ଅଛନ୍ତି, ଯିଏ କଞ୍ଜୁସିର ସମସ୍ତ ସୀମା ପାର କରିଛନ୍ତି। ରିପୋର୍ଟ ମୁତାବକ, ଦକ୍ଷିଣ କାଲିଫର୍ନିଆର ବାସିନ୍ଦା ରୋନ ମେସ୍ତ୍ରିଙ୍କ ଅନୁସାରେ, ଭୋଜନ ଛଡ଼ା ଅନ୍ୟ କୌଣସି ଖର୍ଚ୍ଚ ଫାଲ୍ତୁ ଅଟେ। ଯଦି ସେତକ ଟଙ୍କା ବଞ୍ଚିଯାଏ, ତେବେ ଭଲ କଥା। ରୋନ ଟଙ୍କା ସଞ୍ଚୟ କରି ଏକ ଘର କିଣିବା ପରେ ଅନେକ ଫାଲ୍ତୁ ଖର୍ଚ୍ଚରୁ ବଞ୍ଚିବା ପାଇଁ ଘରେ କୌଣସି ଆସବାବପତ୍ର ରଖିନାହାନ୍ତି। ଜଣେ ୟୁଟ୍ୟୁବରଙ୍କ ଭିଡିଓରେ କୁକ୍ୱେର କମ୍ପାନୀର ପୂର୍ବତନ କର୍ମଚାରୀ ରୋନ କହିଛନ୍ତି, ଲୋକେ ଶସ୍ତାରେ ଖାଇପିଇ ଭଲ ଜୀବନ ଅତିବାହିତ କରିପାରିବେ। ଭିଡିଓରେ ରୋନ ବଳିଥିବା ମଦକୁ ସମୁଦ୍ରକୂଳରୁ ଗୋଟାଉଥିବା ଦେଖିବାକୁ ମିଳିଛି। ତାଙ୍କ କହିବା କଥା, ଯଦି କେହି ବାହାରକୁ ଯାଇ ମଦ ପିଇବାକୁ ଚାହେଁ ସେଥିପାଇଁ ତାଙ୍କୁ ପାଖାପାଖି ୧୦ ଡଲାର ଭାରତୀୟ ମୁଦ୍ରାରେ ୮୨୨ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ। ଯଦି ଆମେ ମଦ ଖୋଜିବା, ତେବେ ସେଥିପାଇଁ କିଛି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବନି। ଏହାଛଡ଼ା ରୋନ ଜଙ୍ଗଲୀ ଜଡିବୁଟି ଖୋଜିବାକୁ ରାସ୍ତା କଡ଼କୁ ଯାଆନ୍ତି। ଭିଡିଓରେ ରାସ୍ତା କଡ଼ରେ ତାଙ୍କୁ ଏକ ଗଛ ମିଳିଥିବା ଦେଖିବାକୁ ମିଳିଛି, ଯାହା ପାଳକର ଏକ ପ୍ରଜାତି, ଏହା ସମ୍ପୂର୍ଣ୍ଣ ଖାଇବାଯୋଗ୍ୟ ବୋଲି କହିଛନ୍ତି। ଏପରି କିଛି ଗଛକୁ ସେ ବୁଲି ବୁଲି ଏକାଠି କରନ୍ତି। ସେ ଏପରି କରି ମାସକୁ ପ୍ରାୟ ୪୦ ଡଲାର ଅର୍ଥାତ୍ ୩୩୦୦ ଟଙ୍କା ବଞ୍ଚେଇ ଦିଅନ୍ତି ବୋଲି କହିଛନ୍ତି। ଏଥିସହ ସେ ଡଷ୍ଟବିନ୍ରୁ ଖାଦ୍ୟ ଖୋଜିକରି ନେଉଥିବା ମଧ୍ୟ ଦେଖିବାକୁ ମିଳିଛି।



# ପୂରା ଜୀବନ ମାଗଣାରେ ଖାଇପାରିବେ ବର୍ଗର

ୱାଶିଂଟନ



ସମସ୍ତଙ୍କ ଖାଦ୍ୟର ପସନ୍ଦ ଅଲଗା ଅଲଗା ହୋଇଥାଏ। କେହି ଘର ଖାଦ୍ୟକୁ ପସନ୍ଦ କରୁଥିବାବେଳେ ଆଉ କିଛି ବାହାର ଖାଦ୍ୟ ପସନ୍ଦ କରନ୍ତି। ତେବେ କୋଲ୍ଡ ଡ୍ରିଙ୍କ୍ ଏବଂ ବର୍ଗର ଭଳି ଖାଦ୍ୟକୁ ପସନ୍ଦ କରୁଥିବା ଲୋକେ ଏବେ ତାହା ପୂରା ଜୀବନ ଖାଇ ପାରିବେ। ସେଥିପାଇଁ କୌଣସି ଟଙ୍କା ମଧ୍ୟ ସେମାନଙ୍କୁ ଦେବାକୁ ପଡ଼ିବନି। ଆମେରିକାର 'ସବ୍ୱେ' କମ୍ପାନୀ ତା' ଗ୍ରାହକଙ୍କ ପାଇଁ ଏପରି ଏକ ଅଫର ଆଣିଛି। ଏଥିପାଇଁ କମ୍ପାନୀର କିଛି ସର୍ତ୍ତ ପୂରଣ କରିବାକୁ ହେବ। ଫଳରେ ଗ୍ରାହକଙ୍କୁ ପୂରା ଜୀବନ କୋଲ୍ଡ ଡ୍ରିଙ୍କ୍ ଏବଂ ବର୍ଗର ମାଗଣାରେ ଖାଇବାର ସୁଯୋଗ ମିଳିବ। ଏହି ଅଫର ଅଗଷ୍ଟ ୧ରୁ ୪ ତାରିଖ ରାତି ପର୍ଯ୍ୟନ୍ତ ରହିବ। କମ୍ପାନୀ ଏକ ପ୍ରତିଯୋଗିତା ରଖିଛି; ଯେଉଁଥିରେ ଗ୍ରାହକଙ୍କୁ ତାଙ୍କ ନାମ ବଦଳାଇ 'ସବ୍ୱେ' ରଖିବାକୁ ପଡ଼ିବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ପ୍ରତିଯୋଗୀଙ୍କୁ SubwayNameChange.comରେ ଅଗଷ୍ଟ ୧ ସକାଳ ୯ଟାରୁ ୪ ତାରିଖ ରାତି ୧୨ଟା ପୂର୍ବରୁ ସାଇନ ଇନ୍ କରିବାକୁ ହେବ। ୱେବ୍ସାଇଟ୍ ମୁତାବକ, ୭ ଅଗଷ୍ଟରେ ଏକ ସମ୍ଭାବିତ ବିଜେତା ଚୟନ କରାଯିବ। ବିଜେତାଙ୍କୁ ୫୦ ହଜାର ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାରେ ୪୧ ଲକ୍ଷ ୧୩ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଗିଫ୍ଟ କାର୍ଡରେ ଦିଆଯିବ; ଯାହାର ଜୀବନଯାକ ଭ୍ୟାଲିଡିଟି ରହିବ। ଏହି ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ପ୍ରତିଯୋଗୀଙ୍କ ବୟସ ୧୮ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ। ନାମ ବଦଳାଇଥିବା ବିଜେତାଙ୍କୁ କମ୍ପାନୀ ବୈଧ ଟଙ୍କା ହିସାବରେ ୬୧ ହଜାର ଟଙ୍କା ଦେବ। ନିଜ ନାମ ବଦଳାଇବାକୁ ଥିବା ପ୍ରତିଯୋଗୀଙ୍କୁ ୪ ମାସ ମଧ୍ୟରେ ତାଙ୍କ ନାମ ସାର୍ଟିଫିକେଟ୍ କମ୍ପାନୀକୁ ଦେଖାଇବାକୁ ପଡ଼ିବ।

# ନକ୍‌ଆଉଟରେ ଜାପାନ, ଅଷ୍ଟ୍ରେଲିଆ, ନାଇଜେରିଆ

**ହାମିଲଟନ୍, ୩୧।୭ (ପି.ଟି.)**

ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ମହିଳା ଫୁଟବଲ ବିଶ୍ୱକପର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି ଅଷ୍ଟ୍ରେଲିଆ,ଜାପାନ ଓ ନାଇଜେରିଆ। ସୋମବାର ଜାପାନ, ଜାମ୍ବିଆ ଓ ଅଷ୍ଟ୍ରେଲିଆ ବିଜୟୀ ହୋଇଥିବା ବେଳେ ନାଇଜେରିଆ ଓ ଆୟର୍ଲାଣ୍ଡ ପଏଣ୍ଟ ବାଣ୍ଟିଛନ୍ତି। ଜାମ୍ବିଆ ଏହାର ବିଶ୍ୱକପ୍ ଇତିହାସରେ ପ୍ରଥମ ବିଜୟ ମଧ୍ୟ ରେକର୍ଡ କରିଛି।

**ଜାମ୍ବିଆର ପ୍ରଥମ ବିଜୟ:** ଟୁର୍ନାମେଣ୍ଟରୁ ଆଗୁଆ ବିଦାୟ ନେଇ ସାରିଥିବା ଜାମ୍ବିଆ ଏହାର ପ୍ରଥମ ବିଜୟ ରେକର୍ଡ କରିଛି। ଅନ୍ତିମ ଲିଗ୍ ମ୍ୟାଚରେ କୋଷ୍ଟାରିକାକୁ ୩-୧ରେ ପରାସ୍ତ କରିଛି ଜାମ୍ବିଆ। ମ୍ୟାଚ୍‌ର ତୃତୀୟ ମିନିଟରେ ଲୁଶୋମୋ ଏମ୍‌ୱିଆ ଟୁର୍ନାମେଣ୍ଟର ଦ୍ରୁତତମ ଗୋଲ ସ୍କୋର କରିଥିଲେ। ୩୧ ତମ ମିନିଟରେ ମିଳିଥିବା ପେନାଲ୍ଟି କର୍ନରରୁ ବାର୍ବରା ବନ୍ଦା ଗୋଲ ସ୍କୋର କରିବା ସହିତ ଦଳକୁ ୨-୦ରେ ଆଗୁଆ କରିଥିଲେ। ଦ୍ୱିତୀୟାର୍ଦ୍ଧର ୪୭ତମ ମିନିଟରେ କୋଷ୍ଟାରିକା ପକ୍ଷରୁ ଡାଫନେ ମେଲିସା ଗୋଟିଏ ଗୋଲ ପରିଶୋଧ କରିଥିଲେ। ୯୦+୩ ମିନିଟରେ ରାଫେଲ କୁଣ୍ଡାନାଜ୍ଞି ଏକ ଗୋଲ ଦେବା ସହିତ ଦଳକୁ ୩-୧ରେ ବିଜୟୀ କରିଥିଲେ।

**ଅପରାଜେୟ ଜାପାନ:** ସୋମବାର ସ୍ପେନ୍‌କୁ ୪-୦ ଗୋଲରେ ପରାସ୍ତ କରିବା ସହିତ ଗ୍ରୁପ୍ ସିର ଟପ୍ପର ଭାବରେ ନକ୍‌ଆଉଟରେ ପ୍ରବେଶ କରିଛି। ୩ ଟି ଯାକ ମ୍ୟାଚରେ ଅପରାଜେୟ ରହିବା ସହିତ ୯ ପଏଣ୍ଟ ଅର୍ଜନ କରିଛି ଜାପାନ। ସ୍ପେନ୍ ରକ୍ଷଣାତ୍ମକ ଢଙ୍ଗରେ ଖେଳିବା ସହିତ ମ୍ୟାଚ୍‌ର ୭୮% ସମୟ ବଲ୍‌କୁ ନିୟନ୍ତ୍ରଣରେ ରଖିଥିଲା। ତେବେ ଜାପାନ ଚମତ୍କାର କାଉଣ୍ଟର ଆଟାକ୍ କରିଥିଲା। ଜାପାନ ପକ୍ଷରୁ ହିଣ୍ଟା ମାୟିଜାୱା (୧୨ ଓ ୪୦ମିନିଟ) ଡବଲ ଗୋଲ ସ୍କୋର କରିଥିବା ବେଳେ ରିକୋ ୟୁଏକି(୨୯) ଓ ମିନା ଟନାକା (୮୨) ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧରେ ଜାପାନ ୩ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧର ୮୨ ତମ ମିନିଟରେ ଟନାକା ବଦଳ ଖେଳାଳି ଭାବରେ ଆସି ସ୍କୋର କରିଥିଲେ। ପରାଜିତ ହୋଇଥିଲେ ମଧ୍ୟ ସ୍ପେନ୍ ଗ୍ରୁପ୍ ସିରୁ ଦ୍ୱିତୀୟ ଦଳ ଭାବରେ ନକ୍ ଆଉଟରେ ସ୍ଥାନ ସୁରକ୍ଷିତ କରି ନେଇଛି।

**ମହିଳା ଫିଫା ବିଶ୍ୱକପ**

**ନକ୍‌ଆଉଟରେ ଅଷ୍ଟ୍ରେଲିଆ:** ଆୟୋଜକ ଦେଶ ଅଷ୍ଟ୍ରେଲିଆ ଏହାର ଅନ୍ତିମ ଲିଗ୍ ମ୍ୟାଚରେ କାନାଡାକୁ ୪-୦ରେ ପରାସ୍ତ କରି ନକ୍‌ଆଉଟରେ ପ୍ରବେଶ କରିଛି। ହେଲି ରାସୋ ଡବଲ୍ ଗୋଲ ସ୍କୋର କରି ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆହତ ସମସ୍ୟାରେ ଥିବା ଅଷ୍ଟ୍ରେଲିଆ ପକ୍ଷରୁ ୯ମ ମିନିଟରେ ରାସୋ ପ୍ରଥମ ଗୋଲ କରିଥିଲେ। ୩୯ତମ ମିନିଟରେ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରିବା ସହିତ ଦଳର ଅଗ୍ରଣୀକୁ ୨-୦ରେ ପହଞ୍ଚାଇଥିଲେ। ୫୮ ତମ ମିନିଟରେ ମେରୀ ଫାଓଲର ଅଷ୍ଟ୍ରେଲିଆ ପକ୍ଷରୁ ତୃତୀୟ ଗୋଲ ସ୍କୋର କରିଥିଲେ। ଇଞ୍ଜୁରୀ ଟାଇମରେ ମିଳିଥିବା ପେନାଲ୍ଟିରୁ ଗୋଲ କରିବା ସହିତ ଦଳକୁ ୪-୦ରେ ଜିତାଇଥିଲେ ଷ୍ଟିଫାନି କାଟଲି। ପରାଜୟ ସହିତ କାନାଡା ନକ୍‌ଆଉଟ ଦୌଡରୁ ବାଦ ପଡିଛି।

**ପଏଣ୍ଟ ବାଣ୍ଟିଲା ନାଇଜେରିଆ:** ଆୟର୍ଲାଣ୍ଡ ସହିତ ମ୍ୟାଚ୍‌କୁ ୦-୦ରେ ଡ୍ର ରଖିବା ସହିତ ନକ୍ ଆଉଟରେ ପ୍ରବେଶ କରିଛି ନାଇଜେରିଆ। ୩ ମ୍ୟାଚରୁ ଦଳ ଗୋଟିଏ ବିଜୟ ଓ ୨ ଡ୍ର ସହିତ ୫ ପଏଣ୍ଟ ହାସଲ କରିଛି। ଆୟର୍ଲାଣ୍ଡ ଦଳ ମ୍ୟାଚ୍‌ରୁ ୬୦ ପ୍ରତିଶତ ସମୟ ବଲ୍ ନିୟନ୍ତ୍ରଣରେ ରଖିଥିଲେ ମଧ୍ୟ ସ୍କୋର କରିବାରେ ବିଫଳ ହୋଇଥିଲା।



ବାର୍ବରା ବନ୍ଦା

## ଟୁର୍ନାମେଣ୍ଟର ୧୦୦୦ତମ ଗୋଲ୍

ମହିଳା ବିଶ୍ୱକପ୍ ଇତିହାସରେ ୧୦୦୦ ତମ ଗୋଲ ସ୍କୋର କରିଥିଲେ ଜାମ୍ବିଆର ବାର୍ବରା ବନ୍ଦା। ଜାମ୍ବିଆ ଦଳ ଏହାର ପ୍ରଥମ ବିଶ୍ୱକପ ଖେଳୁଥିବା ବେଳେ ୨୩ ବର୍ଷୀୟା ବାର୍ବରା ମଧ୍ୟ ନିଜ ପ୍ରଥମ ବିଶ୍ୱକପ ଖେଳୁଛନ୍ତି। ପ୍ରଥମ ବିଶ୍ୱକପର ତୃତୀୟ ମ୍ୟାଚରେ ଫରୱାର୍ଡ ଖେଳାଳି ବିଶ୍ୱକପ ଇତିହାସର ୧୦୦୦ ତମ ଗୋଲ ସ୍କୋର କରିଥିଲେ। ଆମେରିକା ଦଳଗତ ଭାବରେ ସର୍ବାଧିକ ୧୪୨ ଗୋଲ ସ୍କୋର କରିଥିବା ବେଳେ ବ୍ରାଜିଲର ମାର୍ଟା ସର୍ବାଧିକ ୧୭ ବ୍ୟକ୍ତିଗତ ଗୋଲ ସ୍କୋର କରିଛନ୍ତି।



ମହିଳା ଫିଫା ବିଶ୍ୱକପ ନକ୍‌ଆଉଟ ପ୍ରବେଶ ଖୁସିରେ ଉଲ୍ଲସିତ ଅଷ୍ଟ୍ରେଲିଆ ଦଳ।



ଭୁବନେଶ୍ୱରସ୍ଥିତ ପେସାଦାର ଚେସ୍ ଟ୍ରେନିଂ ଏକାଡେମୀ (ପ୍ରୋ-ଚେସ୍-ଟିଏ ବା ପ୍ରଚେଷ୍ଟା) ପରିସରରେ ସୋମବାର କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ ଜାତୀୟ ସିନିୟର ଚେସ୍ ପ୍ରସ୍ତୁତି ଶିବିରକୁ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ପକ୍ଷରୁ ସମ୍ପାଦକ ଦେବବ୍ରତ ଭଞ୍ଜ କ୍ରୀଡ଼ା ନିର୍ଦ୍ଦେଶକଙ୍କୁ ଉପହାର ସ୍ୱରୂପ ଏକ ସ୍ମାରକୀ ପ୍ରଦାନ କରିଛନ୍ତି। କ୍ରୀଡ଼ା ବିଭାଗର ଯୁଗ୍ମ ସଚିବ ଶୁଭ୍ରାଂଶୁ ମିଶ୍ର, ଫିଡେ ଟ୍ରେନର ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବୁମ୍‌ରା ଅଧିନାୟକ

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

ଡବ୍‌ଲିନଠାରେ ଆୟର୍ଲାଣ୍ଡ ବିପକ୍ଷରେ ଖେଳାଯିବାକୁଥିବା ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜ ପାଇଁ ଷ୍ଟାର ପେସ୍ ବୋଲର ଯଶପ୍ରୀତ ବୁମ୍‌ରା ଭାରତୀୟ ଦଳର ନେତୃତ୍ୱ ନେବେ। ବହୁ ଦିନ ଧରି ଆଘାତଜନିତ ସମସ୍ୟାରେ ରହିବା ପରେ ସେ ଜାତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୩ ମ୍ୟାଚ ବିଶିଷ୍ଟ ସିରିଜ ଅଗଷ୍ଟ ୧୮ରୁ ୨୩ ପର୍ଯ୍ୟନ୍ତ ଖେଳାଯିବ। ନ୍ୟୁଜିଲାଣ୍ଡରେ ପିଠିରେ ଅସ୍ତ୍ରୋପଚାର କରିବା ପରେ ସେ ନ୍ୟାଶନାଲ କ୍ରିକେଟ ଏକାଡେମୀରେ କିଛି ଦିନ ରିହାବିଲିଟେଶନରେ ଥିଲେ। ଏହି ଅଗ୍ରଣୀ ପେସ୍ ବୋଲର ନିକଟରେ ଅଲୁର ଗ୍ରାଉଣ୍ଡରେ ଭ୍ରମଣକାରୀ ମୁମ୍ବାଇ ବିପକ୍ଷରେ ୧୦ ଓଭର ପୁରା କୋଟା ବୋଲିଂ କରିଥିଲେ। ଚୟନକର୍ତ୍ତାମାନେ ଦଳରେ କର୍ନାଟକ ପେସ୍ ବୋଲର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ମଧ୍ୟ ସାମିଲ କରିଛନ୍ତି। ଷ୍ଟ୍ରେସ୍ ଫ୍ରାକ୍‌ଚର ପାଇଁ ଅସ୍ତ୍ରୋପଚାର ପୂର୍ବରୁ ଏହି ଡାହାଣହାତୀ ପେସ୍ ବୋଲର ଭାରତ ପାଇଁ ଶେଷ ଧର ଗତବର୍ଷ ଅଗଷ୍ଟରେ ଜିମ୍ବାୱେ ବିପକ୍ଷରେ ଏକ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିଲେ। ଋତୁରାଜ ଗାଏକ୍ୱାଡଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି।

**ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜ ପାଇଁ ଭାରତୀୟ ଦଳ:** ଯଶପ୍ରୀତ ବୁମ୍‌ରା (ଅଧିନାୟକ), ଋତୁରାଜ ଗାଏକ୍ୱାଡ (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ତିଳକ ବର୍ମା, ରିଙ୍କୁ ସିଂ, ସଞ୍ଜୁ ସାମ୍‌ସନ (ଉଇକେଟ କିପର), ଶିବମ ଦୁବେ, ୱାଶିଂଟନ ସୁନ୍ଦର, ଶାହାବାଜ ଅହମଦ, ରବି ବିଶ୍ନୋଇ, ପ୍ରସିଦ୍ଧ କ୍ରିଷ୍ଣା, ଅର୍ଶଦୀପ ସିଂ, ମୁକେଶ କୁମାର ଓ ଆଭେଶ ଖାଁ।

**ଆୟର୍ଲାଣ୍ଡ ବିପକ୍ଷ ଟି୨୦ ସିରିଜ**



ଯଶପ୍ରୀତ ବୁମ୍‌ରା

# ଆଶେସ୍: ସ୍ମିଥ୍, ହେଡ୍‌ଙ୍କ ଲଢୁଆ ବ୍ୟାଟିଂ

**ଲଣ୍ଡନ, ୩୧।୭**

କେନିଙ୍ଗଟନ୍ ଓଭାଲରେ ଅନୁଷ୍ଠିତ ପଞ୍ଚମ ଆଶେସ ଟେଷ୍ଟର ଅନ୍ତିମ ଦିବସରେ ଷ୍ଟିଭେନ୍ ସ୍ମିଥ୍ ଓ ଟ୍ରାଭିସ୍ ହେଡଙ୍କ ଲଢୁଆ ବ୍ୟାଟିଂ। ବର୍ଷା ବାଧାପ୍ରାପ୍ତ ଅନ୍ତିମ ଦିନର ଖେଳରେ ଚା ପାନ ବିରତି ସୁଦ୍ଧା ଅଷ୍ଟ୍ରେଲିଆ ୩ ଉଇକେଟ ହରାଇ ୨୩୮ ରନ୍ ସ୍କୋର କରିଛି। ହାତରେ ଆଉ ୭ ଉଇକେଟ ବାକି ରହିଥିବା ବେଳେ ବିଜୟ ପାଇଁ ଆବଶ୍ୟକ ରହିଛି ୧୪୬ ରନ୍। ସ୍ମିଥ୍ ୪୦ ଓ ହେଡ୍ ୩୧ ରନ୍ କରି ବ୍ୟାଟିଂ କରୁଛନ୍ତି।

ଚତୁର୍ଥ ଦିନର ଅସମାପ୍ତ ସ୍କୋର ୧୩୫/୦ରୁ ଖେଳ ଆରମ୍ଭ କରିଥିଲା ଅଷ୍ଟ୍ରେଲିଆ। ଅନ୍ତିମ ଦିନର ପ୍ରଥମ ସ୍ପେଲରେ କ୍ରିସ୍ ଓକ୍ସ ଦୁଇ ଓଭର ମଧ୍ୟରେ ଦୁଇ ଓପନରଙ୍କୁ ଆଉଟ କରିଥିଲେ। ଡେଭିଡ୍ ୱାର୍ନର ପୂର୍ବ ଦିନର ସ୍କୋରରେ ୨ ରନ୍ ଯୋଡି ଓକ୍ସଙ୍କ ପ୍ରଥମ ଶିକାର ହୋଇଥିଲେ। ଏହାର ୧ ରନ୍ ପରେ ଉସ୍‌ମାନ ଖ୍ୱାଜାଙ୍କୁ ନିଜର ଦ୍ୱିତୀୟ ଶିକାର ବନାଇଥିଲେ ଓକ୍ସ। ଦଳୀୟ ସ୍କୋର ୧୬୯ରେ ବ୍ୟକ୍ତିଗତ ୧୩ ରନ୍ କରି ମାର୍ନସ ଲାବୁଶେନ୍ ଆଉଟ ହୋଇଥିଲେ। ଲାବୁଶେନ୍‌ଙ୍କୁ ଆଉଟ କରି ମାର୍କ ଉଡ୍ ଇଂଲଣ୍ଡ ଶିବିରରେ ଆଶା ସଞ୍ଚାର କରିଥିଲେ। ତେବେ ଚତୁର୍ଥ ଉଇକେଟରେ ଅବିଭାଜିତ ୬୯ ରନ୍ ଯୋଡିଥିଲେ ଷ୍ଟିଭେନ୍ ସ୍ମିଥ୍(୪୦) ଓ ଟ୍ରାଭିସ୍ ହେଡ୍(୩୧)। ଉଭୟ ୧୮ ଓଭର ଧରି ବ୍ୟାଟିଂ କରି ଇଂଲଣ୍ଡ ବୋଲରଙ୍କ ମୁକାବିଲା କରିଥିଲେ। ଚା ପାନ ବିରତି ପୂର୍ବରୁ ବର୍ଷା ହେବା କାରଣରୁ ଖେଳ ବନ୍ଦ ରହିଥିଲା। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ ଦୁଇଟି ଓ ମାର୍କ ଉଡ୍ ଗୋଟିଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୨୮୩। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୨୯୫। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୯୫। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ (ଅସମାପ୍ତ): ୬୭ ଓଭରରେ ୨୩୫/୩ (ଡେଭିଡ ୱାର୍ନର-୬୦, ଉସମାନ ଖ୍ୱାଜା-୭୨, କ୍ରିସ୍ ଓକ୍ସ-୨/୨୪, ମାର୍କ ଉଡ୍-୧/୩୪)।

# ମୋ ପରିବାରର କେହି ପ୍ରତିଦ୍ୱନ୍ଦ୍ୱିତା କରୁନାହାନ୍ତି: ବ୍ରିଜ ଭୂଷଣ

**ନୂଆଦିଲ୍ଲୀ, ୩୧।୭ (ପି.ଟି.)**

ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ)ର ସଭାପତି ବ୍ରିଜଭୂଷଣ ଶରଣ ସିଂ ଆଗାମୀ ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନରେ ତାଙ୍କ ପରିବାରର କେହି ପ୍ରତିଦ୍ୱନ୍ଦ୍ୱିତା କରୁ ନାହାନ୍ତି, କିନ୍ତୁ ତାଙ୍କ ଗ୍ରୁପ୍‌କୁ ୨୫ ରାଜ୍ୟ ଆସୋସିଏଶନରୁ ୨୨ଙ୍କ ସମର୍ଥନ ରହିଛି। ମହାସଂଘର ବିଭିନ୍ନ ପଦବୀ ପାଇଁ ନିର୍ବାଚନ ଅଗଷ୍ଟ ୧୨ରେ ହେବ। ସୋମବାର ଡବ୍ଲ୍ୟୁଏଫ୍‌ଆଇ ନିର୍ବାଚନ ପ୍ରାର୍ଥିପତ୍ର ଦାଖଲର ଅନ୍ତିମ ଦିବସରେ ବ୍ରିଜ ଭୂଷଣ ଭାରତୀୟ ଅଲିମ୍ପିକ ଆସୋସିଏଶନ (ଆଇଓଏ) କାର୍ଯ୍ୟାଳୟ ପରିଦର୍ଶନରେ ଯାଇଥିଲେ। ପ୍ରଥମେ ନିର୍ବାଚନ ହେଉ ଏବଂ ତା'ପରେ ଯିଏ ଜିତିବ ସେ ନିଜ କାମ କରିବ ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି। ସୂଚନାଯୋଗ୍ୟ, ଅଲିମ୍ପିକ ପଦକ ବିଜେତା ବଜରଙ୍ଗ ପୁନିଆ, ସାକ୍ଷୀ ମଲିକ ଓ ଏସିଆନ ଗେମ୍ସ ସ୍ୱର୍ଣ୍ଣପଦକ ବିଜେତା ଭିନେଶ ଫୋଗଟଙ୍କ ସମେତ ଦେଶର ୬ ଆଗଧାଡ଼ିର କୁସ୍ତିଯୋଦ୍ଧା ବ୍ରିଜ ଭୂଷଣଙ୍କ ବିରୋଧରେ ଯୌନ ଶୋଷଣ ଅଭିଯୋଗ ଆଣି ଯନ୍ତରମନ୍ତରରେ ଧାରଣାରେ ବସିଥିଲେ।

**ଭାରତୀୟ କୁସ୍ତି ମହାସଂଘ ନିର୍ବାଚନ**

# ଏମ୍‌ଆଇ ନ୍ୟୁୟର୍କ ଚାମ୍ପିୟନ

**ନୂଆଦିଲ୍ଲୀ, ୩୧।୭(ପି.ଟି.)**

ମେଜର ଲିଗ୍ କ୍ରିକେଟ୍‌ର ପ୍ରଥମ ସଂସ୍କରଣରେ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ଏମ୍‌ଆଇ ନ୍ୟୁୟର୍କ। ସୋମବାର ଅନୁଷ୍ଠିତ ଫାଇନାଲରେ ସିଆଟେଲ ଓର୍କାସକୁ ଦଳ ୭ ଉଇକେଟରେ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ସିଆଟେଲ ୯ ଉଇକେଟ ହରାଇ ୧୮୩ ରନ୍ ସ୍କୋର କରିଥିଲା। ଜବାବରେ ମୁମ୍ବାଇ ଇଣ୍ଡିଆନ୍ସର ଫ୍ରାଞ୍ଚାଇଜି ରହିଥିବା ଏମ୍‌ଆଇ ନ୍ୟୁୟର୍କ ୧୬ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା।

ଏମ୍‌ଆଇ ଟସ୍ ଜିତି ପ୍ରଥମେ ବୋଲିଂ ନେଇଥିଲା। କ୍ୱିଣ୍ଟନ୍ ଡି କକ୍ ୮୭ ରନ୍ ସ୍କୋର କରିବାରୁ ସିଆଟେଲ ୨୦ ଓଭରରେ ୯ ଉଇକେଟରେ ୧୮୩ ରନ୍ କରିଥିଲା। ୫୨ ବଲ୍‌ର ଏହି ଇନିଂସରେ ୯ ଚୌକା ଓ ୪ ଛକା ସାମିଲ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶୁଭମ ରଞ୍ଜାନେ ୨୯ ଓ ଡ୍ୱେନ୍ ପ୍ରିଟୋରିଅସ୍ ୨୧ ରନ୍ ସ୍କୋର କରିଥିଲେ। ଏମ୍‌ଆଇ ପକ୍ଷରୁ ରଶିଦ୍ ଖାନ୍ ଓ ଟ୍ରେଣ୍ଟ ବୋଲ୍ଟ ୩ଟି ଲେଖାଏ ଉଇକେଟ ନେଇଥିଲେ। ଡି କକ୍ ଗୋଟିଏ ପାର୍ଶ୍ୱରୁ ଦ୍ରୁତ ରନ୍ ସଂଗ୍ରହ କରୁଥିବା ବେଳେ ଅନ୍ୟ ଖେଳାଳି ମାନେ ବିଫଳ ହୋଇଥିଲେ। ରଶିଦ୍ ଖାନ୍ ୪ଓଭରରେ ମାତ୍ର ୯ ରନ୍ ବ୍ୟୟ କରି ନୌମାନ ଅନୱର, ହେନରିଚ୍ କ୍ଲାସେନ୍ ଓ ଇମାଦ ୱାସିମ୍‌ଙ୍କୁ ଆଉଟ କରି ବିପର୍ଯ୍ୟୟ ଘଟାଇଥିଲେ।

ଜବାବରେ ନିକୋଲାସ୍ ପୁରନଙ୍କ ଅପରାଜିତ ଶତକ ବଳରେ ୧୬ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରି ନେଇଥିଲା ଏମ୍‌ଆଇ ନ୍ୟୁୟର୍କ। ପ୍ରଥମ ଓଭରରେ ଖାତା ଖୋଲିବା ପୂର୍ବରୁ ଓପନର ଷ୍ଟିଭେନ୍ ଟେଲର ଆଉଟ ହୋଇଥିଲେ। ତେବେ ଅଧିନାୟକ ନିକୋଲାସ୍ ପୁରନ୍ ୫୫ ବଲ୍‌ରୁ ଅପରାଜିତ ୧୩୭ ରନ୍ ସ୍କୋର କରିବା ସହ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ପୁରନଙ୍କ ଇନିଂସରେ ୧୦ ଚୌକା ଓ ୧୩ ଛକା ସାମିଲ ଥିଲା। ଅନ୍ୟ ଖେଳାଳିଙ୍କ ମଧ୍ୟରେ ଡେୱାଲ୍ଡ ବ୍ରେଭିସ୍ ୨୦ ରନ୍ ସ୍କୋର କରିଥିଲେ। ନିକୋଲାସ୍ ପୁରନଙ୍କୁ ପ୍ଲେୟର୍ ଅଫ୍ ଦ ମ୍ୟାଚ୍ ଓ କାମେରନ ଗ୍ରୀନଙ୍କୁ ପ୍ଲେୟର ଅଫ୍ ଦ ସିରିଜ ଘୋଷଣା କରାଯାଇଥିଲା।

**ମେଜର୍ ଲିଗ୍ କ୍ରିକେଟ୍**

**ସଂକ୍ଷିପ୍ତ ସ୍କୋର**

ସିଆଟେଲ ଓର୍କାସ ୨୦ ଓଭରରେ ୧୮୩/୯(କ୍ୱିଣ୍ଟନ୍ ଡି କକ୍-୮୭, ଶୁଭମ ରଞ୍ଜାନେ-୨୯, ଡ୍ୱେନ୍ ପ୍ରିଟୋରିଅସ-୨୧, ରଶିଦ୍ ଖାନ୍-୩/୯, ଟ୍ରେଣ୍ଟ ବୋଲ୍ଟ-୩/୩୪, ଷ୍ଟିଭେନ୍ ଟେଲର-୧/୨୫)।

ଏମ୍‌ଆଇ ନ୍ୟୁୟର୍କ ୧୬ ଓଭରରେ ୧୮୪/୪ (ନିକୋଲାସ୍ ପୁରନ୍-୧୩୭*, ଡେୱାଲ୍ଡ ବ୍ରେଭିସ୍-୨୦, ଟିମ୍ ଡେଭିଡ୍-୧୦*, ଇମାଦ ୱାସିମ୍-୧/୧୪)।



ମେଜର କ୍ରିକେଟ ଲିଗ୍ ଚାମ୍ପିୟନ ଏମ୍‌ଆଇ ନ୍ୟୁୟର୍କ ଦଳ।

# ସିରିଜ ନିର୍ଣ୍ଣାୟକ ଦିନିକିଆ ଆଜି

**ଟରୌବା, ୩୧।୭**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚ ମଙ୍ଗଳବାର ସ୍ଥାନୀୟ ବ୍ରାଏନ ଲାରା ଷ୍ଟାଡିୟମରେ ଅନୁଷ୍ଠିତ ହେବ। ୱେଷ୍ଟଇଣ୍ଡିଜ ମାଟିରେ ପ୍ରଥମ ୨ଟି ଦିନିକିଆରେ ଭାରତର ପରୀକ୍ଷା ନିରୀକ୍ଷା କାମ ଦେଇନାହିଁ। ଦ୍ୱିତୀୟ ଦିନିକିଆରେ ହାରି ଭାରତ ସିରିଜ ପରାଜୟ ଆଶଙ୍କାରେ ପଡ଼ିଛି। ୨୦୦୬ ପରଠାରୁ ୱେଷ୍ଟଇଣ୍ଡିଜ ପରିବେଶରେ କେବେ ସିରିଜ ହାରିନାହିଁ। ତେଣୁ ଏଥର ଯଦି ପରାଜିତ ହୁଏ ତେବେ ତାହା ଲଜ୍ଜାଜନକ ହେବ। ଭାରତ ବୃହତ୍ତର ଦୃଷ୍ଟିକୋଣରୁ ପରୀକ୍ଷା ନିରୀକ୍ଷା ଜାରି ରଖିଛି ବୋଲି ଦ୍ୱିତୀୟ ଦିନିକିଆରେ ପରାଜୟ ପରେ କୋଚ୍ ରାହୁଲ ଦ୍ରାବିଡ ପ୍ରକାଶ କରିଥିଲେ। ତେଣୁ ଭାରତ ସେହି ପ୍ରକ୍ରିୟା ଆଗାମୀ ମ୍ୟାଚରେ ମଧ୍ୟ ଜାରି ରଖିବ ବୋଲି ଅନୁମାନ କରାଯାଉଛି। ଏପରିସ୍ଥିତିରେ ପରୀକ୍ଷା ନିରୀକ୍ଷା କାମକରୁ ଏବଂ ସଞ୍ଜୁ ସାମସନ୍ ଓ ସୂର୍ଯ୍ୟକୁମାର ଯାଦବ ମିଡିଲ ଅର୍ଡରରେ କ୍ଲିକ୍ କରନ୍ତୁ ବୋଲି ଟିମ୍ ମ୍ୟାନେଜମେଣ୍ଟ ନିଶ୍ଚିତ ଆଶା ରଖିବ।



ଦ୍ୱିତୀୟ ଦିନିକିଆରେ ପରାଜୟ ପରେ ଭାରତୀୟ ଦଳ।

## ସୂର୍ଯ୍ୟ, ସାମ୍‌ସନ୍‌ଙ୍କ ଉପରେ ନଜର

ବିରାଟ କୋହଲି ଓ ଅଧିନାୟକ ରୋହିତ ଶର୍ମାଙ୍କୁ ଯଦି ବିଶ୍ରାମ ଦେବା ଧାରା ଜାରି ରୁହେ ତେବେ ଭଲ ଫଳାଫଳ ପାଇଁ ସୂର୍ଯ୍ୟକୁମାରଙ୍କୁ ବଡ଼ ଇନିଂସ ଖେଳିବାକୁ ପଡ଼ିବ। ଟି୨୦ରେ ତାଙ୍କର ଅଲ୍-ରାଉଣ୍ଡ ଗେମ୍‌କୁ ସେ ୫୦ ଓଭର ଫର୍ମାଟରେ ଦେଖାଇବାକୁ ସଂଘର୍ଷ କରୁଛନ୍ତି। ସଞ୍ଜୁ ସାମ୍‌ସନଙ୍କ ପରି ଖେଳାଳି ସୁଯୋଗର ସଦ୍‌ବ୍ୟବହାର କରିପାରି ନାହାନ୍ତି। ସିରିଜ ନିର୍ଣ୍ଣାୟକ ମ୍ୟାଚ ତାଙ୍କ ପାଇଁ ସମ୍ପୂର୍ଣ୍ଣ ସୁଯୋଗ ସଦୃଶ ହେବ। ଦ୍ୱିତୀୟ ଦିନିକିଆ ପରି ସେ ଆଗାମୀ ମ୍ୟାଚରେ ମଧ୍ୟ ତୃତୀୟ ସ୍ଥାନରେ ବ୍ୟାଟିଂ କରିପାରନ୍ତି। ଟେଷ୍ଟ ସିରିଜ ଆରମ୍ଭରୁ ଏପର୍ଯ୍ୟନ୍ତ ଇଶାନ କିଶନ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ମାତ୍ର ଶୁବମନ ଗିଲ୍‌ଙ୍କ ବ୍ୟାଟ୍‌ରୁ ଏପର୍ଯ୍ୟନ୍ତ ବଡ଼ ସ୍କୋର ମିଳିନାହିଁ। ପ୍ରଥମ ୨ଟି ଗେମ୍‌ରେ ବୋଲିଂ ଓପନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ବ୍ୟାଟିଂରେ କିନ୍ତୁ ନିଜ ଶ୍ରେଷ୍ଠ ପ୍ରଦର୍ଶନଠାରୁ ବହୁ ଦୂରରେ ରହିଛନ୍ତି। ଆଗକୁ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ହେବ। ତେଣୁ ତା' ପୂର୍ବରୁ ଶେଷ ଦିନିକିଆରେ ସେ ଭଲ ରନ୍ କରିବା ଆବଶ୍ୟକ ହେଉଛି। ବୋଲିଂ ବିଭାଗ କଥା ଆଲୋଚନା କଲେ ଫାଷ୍ଟ ବୋଲର ଉମ୍ରାନ ଖାଁ ନିଜକୁ ପ୍ରମାଣିତ କରିବା ସମୟ ଆସିଛି। ଏପର୍ଯ୍ୟନ୍ତ ସେ ଉଇକେଟ ଶୂନ୍ୟ ରହିଛନ୍ତି। ତାଙ୍କ ପେସ୍ ଭାରତୀୟ ଦଳ ପାଇଁ ଉପଯୋଗୀ ହୋଇଥିଲେ ହେଁ ବୋଲିଂକୁ ଅଧିକ ଶାଣିତ କରିବାକୁ ପଡ଼ିବ। ଚାଇନାମ୍ୟାନ ବୋଲର କୁଲଦୀପ ଯାଦବ ଏପର୍ଯ୍ୟନ୍ତ ଭାରତର ପ୍ରଭାବୀ ବୋଲର ରହି ଆସିଛନ୍ତି। ଫଳରେ ତାଙ୍କ ଉତ୍ତମ ବନ୍ଧୁ ଯୁଜବେନ୍ଦ୍ର ଚହଲ ଦଳରେ ସ୍ଥାନ ପାଇବା ସମ୍ଭବ ହୋଇନାହିଁ। ସମ୍ଭବତଃ ଯୁଜବେନ୍ଦ୍ର ଟି୨୦ ସିରିଜ ବେଳକୁ ପଡ଼ିଆକୁ ଓହ୍ଲାଇବେ।

**ଭାରତ ବନାମ ୱେଷ୍ଟଇଣ୍ଡିଜ**

## ଆଶାରେ ହୋପ୍

ଅନ୍ୟପକ୍ଷରେ ଦିନିକିଆ ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଥିବା ୱେଷ୍ଟଇଣ୍ଡିଜ ଏଠାରେ ଭାରତ ବିପକ୍ଷରେ ସିରିଜ ବିଜୟୀ ହେବାକୁ ନିଶ୍ଚିତ ଚାହିଁବ। ଯଦି ଏହା ହୁଏ ତେବେ ଦଳ ପାଇଁ ବଡ଼ ଶାନ୍ତ୍ୱନା ହେବ। ଏହାର ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଭାରତୀୟ ବ୍ୟାଟରଙ୍କ ପରୀକ୍ଷା ନେଇଛନ୍ତି। ବାମହାତୀ ଗୁଡାକେଶ ମୋତି ବଲ୍‌କୁ ଭଲଭାବେ ଟର୍ନ କରାଇ ପାରୁଥିବାବେଳେ ରୋମାରିଓ ଶେଫର୍ଡ ଶର୍ଟବଲ୍‌ରେ ଉପଯୋଗୀ ହୋଇଛନ୍ତି। ତେବେ ସିରିଜ ଜିତିବାକୁ ହେଲେ ଖେଳାଳିଙ୍କୁ କଠିନ ପରିଶ୍ରମ କରିବାକୁ ପଡ଼ିବ।

**ମ୍ୟାଚ୍ ସ୍ଥାନ: ଟରୌବା, ତ୍ରିନିଦାଦ**
**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଡିଡି ସ୍ପୋର୍ଟ୍ସ**

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ...............................



ଟିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।





ମଣିପୁର ହିଂସା ଘଟଣାରେ ପ୍ରଧାନ ମନ୍ତ୍ରୀଙ୍କୁ ବିରୋଧ କରି ସୋମବାର ରାଞ୍ଚିଠାରେ ବିରୋଧୀ ମେଣ୍ଟ 'ଇଣ୍ଡିଆ'ର ବିଧାୟକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ଓଡ଼ିଶାର ଭୌଗୋଳିକ ସ୍ଥିତି ପାଇଁ ଇଣ୍ଟରନେଟ ସେବା ପ୍ରଭାବିତ ହେଉଛି:କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୩୧। ୭ (ଅନିଲ ଦାସ)

### ରାଜ୍ୟରେ ୪୫, ୯୮୯ ଗାଁରେ ଭଏସ କଭରେଜ, ୪୪,୩୮୪ ଗ୍ରାମରେ ୪ଜି ସେବା ଉପଲବ୍ଧ

ଓଡ଼ିଶାର ଭୌଗୋଳିକ ସ୍ଥିତି ପାଇଁ ଇଣ୍ଟରନେଟ ସେବା ପ୍ରଭାବିତ ହୋଇଛି । ରାଜ୍ୟ ସଭାରେ ବିଜେଡି ଏମ୍ପି ମାନସ ମଙ୍ଗରାଜଙ୍କ ଏକ ଲିଖିତ ପ୍ରଶ୍ନର ଉତ୍ତରରେ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ମନ୍ତ୍ରୀ ଆର. ଚନ୍ଦ୍ରଶେଖର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୪୫ ହଜାର ୯୮୯ ଗାଁରେ ଭଏସ କଭରେଜ ଓ ୪୪,୩୮୪ ଗାଁରେ ୪ଜି ସେବା ଉପଲବ୍ଧ ଅଛି । ଆର୍ଥିକ ଅନଗ୍ରସର ଲୋକ କିଭଳି ଇଣ୍ଟରନେଟର ସୁବିଧା ନେଇପାରିବେ ସେ ନେଇ କେନ୍ଦ୍ର ସରକାର ଅନେକ ପଦକ୍ଷେପ ନେଉଛନ୍ତି। ମୁଖ୍ୟତଃ ଏଲ୍‌ଡବ୍ଲ୍ୟୁଇ-୨ ଯୋଜନାରେ ୧୬୨ ଟାୱାର ସ୍ଥାପନ କରାଯାଇଥିବା ବେଳେ ଆକାଂକ୍ଷା ଜିଲା କଭରେଜ ପରିଯୋଜନାରେ ୧୪୯ ଟାୱାର ସ୍ଥାପନା କରାଯାଇଛି। ସେହିଭଳି ବିଏସ୍‌ଏନ୍‌ଏଲ୍ ଦ୍ୱାରା ୨-ଜି ନେଟ୍‌ୱର୍କକୁ ୪-ଜିରେ ପରିବର୍ତ୍ତନ କରାଯିବା ସହ ଏଲ୍‌ଡବ୍ଲ୍ୟୁଇ-୧ ପରିଯୋଜନାରେ ମଧ୍ୟ ସମାନ କାମ ହାତକୁ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ପୂର୍ବରୁ ବିଭିନ୍ନ ସମୟରେ ରାଜ୍ୟରେ ନେଟ୍‌ୱର୍କ ସାନ୍ଦ୍ରତା ବଢ଼ାଇବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ଦାବି କରିଆସିଛନ୍ତି।

# ପୌର ଉପାଧ୍ୟକ୍ଷଙ୍କ ସମେତ ୬ ବିଜେଡି ଛାଡ଼ିଲେ

ବରଗଡ଼,୩୧।୭(ପ୍ରେମାନନ୍ଦ ଖମାରୀ)

### ବରଗଡ଼ରେ ଜବରଦଖଲ ଉଚ୍ଛେଦ ପ୍ରସଙ୍ଗ

ବରଗଡ଼ ସହରର ଲେଙ୍ଗୁ ମିଶ୍ର ଛକରୁ ନୂଆ ଜିରା ବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦକୁ ନେଇ ଘଡ଼ିକେ ଘୋଡ଼ା ଛୁଟୁଛି । ସୋମବାର ସ୍ଥାନୀୟ ପ୍ରଶାସନ ଏହି ରାସ୍ତାରୁ ଜବରଦଖଲ ଉଚ୍ଛେଦ ଆରମ୍ଭ କରିଛି । ତେବେ ଏହି ଉଚ୍ଛେଦକୁ କେନ୍ଦ୍ର କରି ବରଗଡ଼ ପୌର ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, କାଉନସିଲର ଜନକ ଅଗ୍ରୱାଲ, ଦଳୀୟ ନେତା ରମେଶ କୁମାର ଅଗ୍ରୱାଲ, ଦିଲୀପ ସାୱାଡ଼ିଆ, ନରେଶ ମିତ୍ତଲ ଏବଂ ସନ୍ଦୀପ ସାୱଡ଼ିଆ ବିଜେଡି ଛାଡ଼ିଛନ୍ତି। ଏ ନେଇ ସେମାନେ ନିଜ ନିଜ ଇସ୍ତଫାପତ୍ର ଦଳର ଜିଲା ସଭାପତି ପ୍ରଭାସ କୁମାର ସିଂଙ୍କ ପାଖକୁ ପଠାଇ ଦେଇଥିବା ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ବିଜେଡି ଜିଲା ସଭାପତି ସିଂଙ୍କୁ ତାଙ୍କ ମୋବାଇଲ ନଂ- ୯୪୩୭୧୪୧୯୬୩ରେ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ ।

ସେମାନେ ଇସ୍ତଫାପତ୍ରରେ ଉଲ୍ଲେଖ କରିଛନ୍ତି, ବରଗଡ଼ ସହରର ଶହେ ବର୍ଷର ପୁରୁଣା ବସ୍ତିରେ ଦୀର୍ଘଦିନରୁ ବସବାସ ସହିତ ବ୍ୟବସାୟ କରିଆସୁଥିବା ଜନସାଧାରଣଙ୍କ ଦୋକାନ ଗୃହ, ବାସଗୃହକୁ ଜିଲା ପ୍ରଶାସନ ହଠାତ୍ ଭାଙ୍ଗି ଧୂଳିସାତ୍ କରିଦେଇଛି। ସେମାନେ ଏହାର ଦୃଢ଼ ପ୍ରତିବାଦ କରୁଛନ୍ତି ବୋଲି ଇସ୍ତଫାପତ୍ରରେ ଦର୍ଶାଇଛନ୍ତି। ପୁରୁଣାବସ୍ତିର ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସେମାନେ ବିଜେଡିର ପ୍ରାଥମିକ ସଦସ୍ୟତା ସମେତ ବିଭିନ୍ନ ପଦପଦବୀରୁ ଇସ୍ତଫା ଦେଇଥିବା ସୂଚନା ଦେଇଥିବାବେଳେ ଇସ୍ତଫାପତ୍ର ଗ୍ରହଣ କରିବା ପାଇଁ ଦଳର ଜିଲା ସଭାପତିଙ୍କୁ ଜଣାଇଛନ୍ତି। ସୂଚନାଯୋଗ୍ୟ, ଦଳରୁ ଇସ୍ତଫା ଦେଇଥିବା ପୌର ଉପାଧ୍ୟକ୍ଷ ଅଗ୍ରୱାଲ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ ନଂ-୫ ଏବଂ କାଉନସିଲର ଅଗ୍ରୱାଲ ୱାର୍ଡ ନଂ-୬ରେ ବିଜେଡିରୁ ପ୍ରତିଦ୍ୱନ୍ଦିତା କରି ନିର୍ବାଚିତ ହୋଇଥିଲେ।

### ଜୟଦେବ, ଶରତଙ୍କୁ ଚିରଞ୍ଜୀବ ଭେଟିବା ନେଇ

# ଜୋର ଧରିଲା ରାଜନୀତି

ଭୁବନେଶ୍ୱର, ୩୧।୭(ସୁନିତ୍ ମିଶ୍ର)

- ଏଆଇସିସି ସଭାପତି, ଶୃଙ୍ଖଳା କମିଟିକୁ ଭେଟିବା ନେଇ ଆଲୋଚନା
- ଅନ୍ୟମାନେ ଯିଏ ବୈଠକରେ ଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ କେବେ: ଶରତ

ଦଳରୁ ନିଲମ୍ବିତ କଂଗ୍ରେସର ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ସୋମବାର ବରିଷ୍ଠ ନେତା ଶରତ ରାଉତ ଏବଂ ଜୟଦେବ ଜେନାଙ୍କୁ ଭେଟିଛନ୍ତି। ଜୟଦେବ ଜେନାଙ୍କ ଘରେ ବସିଥିବା ଏହି ବୈଠକକୁ ନେଇ ରାଜନୈତିକ ମହଲରେ କଂଗ୍ରେସ ରାଜନୀତି ଚର୍ଚ୍ଚାକୁ ବଢ଼ାଇଛି। ଦଳରୁ ନିଲମ୍ବିତ ହୋଇଥିବା ବରିଷ୍ଠ ନେତା ଚିରଞ୍ଜୀବ କାହିଁକି ଜୟଦେବ ଓ ଶରତଙ୍କୁ ସାକ୍ଷାତ କଲେ ଏହା ପଛରେ କ'ଣ କାରଣ ରହିଛି ତାକୁ ନେଇ ନାନା ପ୍ରକାର ଚର୍ଚ୍ଚା ଚାଲିଛି। ବରିଷ୍ଠ ନେତାମାନଙ୍କୁ ଭେଟି ଚିରଞ୍ଜୀବ ତାଙ୍କ ନିଲମ୍ବନ ଆଦେଶ ଉଠାଇବା ସପକ୍ଷରେ ମତ ରଖିବା ପାଇଁ ଜୟଦେବ ଏବଂ ଶରତଙ୍କ ସହ ଆଲୋଚନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ତେବେ ଏହି ବୈଠକରେ ଶରତ ଏବଂ ଜୟଦେବ ମଧ୍ୟ ତାଙ୍କୁ କିପରି ପୁଣିଥରେ ଦଳକୁ ଫେରାଇ ହେବ ସେନେଇ ବାଟ ଦେଖାଇଥିବା ଜଣାପଡ଼ିଛି। ଯଥାଶୀଘ୍ର ଯାଇ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି) ସଭାପତି ମଲ୍ଲିକାର୍ଜୁନ ଖାର୍ଗେ, ଏଆଇସିସି ଶୃଙ୍ଖଳା କମିଟି ସେକ୍ରେଟାରି ମେମ୍ବର ଏବଂ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରି ନିଜ ସପକ୍ଷ ରଖିବା ପାଇଁ ଦୁଇ ବରିଷ୍ଠ ନେତା ଚିରଞ୍ଜୀବଙ୍କୁ ପ୍ରସ୍ତାବ ଦେଇଥିବା ବେଳେ ସେ ମଧ୍ୟ ଏହି କଥାରେ ରାଜି ହୋଇଛନ୍ତି। ଅନ୍ୟପଟେ ଉକ୍ତ ବୈଠକରେ ଅନ୍ୟ କେଉଁମାନେ ଯୋଗ ଦେଇଥିଲେ ସେମାନେ ସେଠାରେ କ'ଣ ଭାଷଣ ରଖିଥିଲେ ତା'ର ଭିଡିଓ କପି ନେଇ ରାହୁଲ ଏବଂ ଶୃଙ୍ଖଳା କମିଟି ପାଖରେ ପହଞ୍ଚାଇବାକୁ ଆଲୋଚନା ହୋଇଛି। ତେବେ ମିଳିଥିବା ସୂଚନା ମୁତାବକ ଗତ ୨୪ ତାରିଖରେ ଶରତ ରାଉତ ଦିଲ୍ଲୀ ଗସ୍ତରେ ଥିବା ବେଳେ ଏ ସମ୍ପର୍କରେ ଏଆଇସିସି ସଭାପତି ଏବଂ ଶୃଙ୍ଖଳା କମିଟିର ସେକ୍ରେଟାରି ମେମ୍ବରଙ୍କ ସହ ଆଲୋଚନା କରିଛନ୍ତି। ଏହି ଘଟଣାକୁ ଭଲ ଭାବେ ଅନୁଧ୍ୟାନ କରିବାକୁ ସେ କହିଥିବା ଜଣାପଡିଛି। ଏହାସହ ଯେଉଁ ବୈଠକ ଲାଗି ଏତେସବୁ ହୋଇଛି ସେଥିରେ ରାଜ୍ୟ କଂଗ୍ରେସର ଅନ୍ୟ କେତେଜଣ ନେତା ମଧ୍ୟ ଯୋଗ ଦେଇଥିଲେ। ସେମାନଙ୍କ ବିରୋଧରେ ସମାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏଆଇସିସି ନିଟକରେ ଶରତ ଦାବି କରିଥିବା ନେଇ ମଧ୍ୟ ଜଣାପଡିଛି। ସେପଟେ ଏହି ୩ ନେତାଙ୍କ ଭେଟଘାଟକୁ ନେଇ ଶରତ କହିଛନ୍ତି, ଦଳ ପାଇଁ ଯାହା ଭଲ ହେବ ସେକଥା କହିବାକୁ ପଛଘୁଞ୍ଚା ଦେବୁନି। ଚିରଞ୍ଜୀବ କହୁଛନ୍ତି ସେ ଦଳ ଛାଡିବେନି। ଅନ୍ୟ କୌଣସି ଦଳକୁ ମଧ୍ୟ ତାଙ୍କର ଯିବାର ନାହିଁ। ତେଣୁ ସେ ତାଙ୍କ ମତ ଯାଇ ଶୃଙ୍ଖଳା କମିଟି ପାଖରେ ରଖିବା ସହ ଦଳର ଶୀର୍ଷ ନେତୃତ୍ୱଙ୍କୁ ଭେଟିବାକୁ ଆମେ କହିଛୁ। ବହୁ ଲୋକ ଦଳରେ ଏଘର ମାଉସୀ ସେଘର ପିଉସୀ ହେଉଛନ୍ତି। ସେମାନେ ଦଳକୁ ଦୀର୍ଘବର୍ଷ ହେଲା କ୍ରମାଗତ ଭାବେ କ୍ଷତି କରି ଚାଲିଛନ୍ତି। ଚିରଞ୍ଜୀବ ଯୋଗ ଦେଇଥିବା ମିଟିଂରେ ଅନ୍ୟ ନେତାମାନେ ମଧ୍ୟ ଯୋଗ ଦେଇଥିଲେ। ସେଠାରେ ହୋଇଥିବା ଆଲୋଚନାରେ ଭାଗ ନେଇଥିଲେ। ସେମାନଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନିଆଯିବା ଦରକାର। ସୂଚନାଯୋଗ୍ୟ ଶରତ ଏବେ ଏଆଇସିସି ସମ୍ପାଦକ ଥିବା ସହିତ ପଶ୍ଚିମବଙ୍ଗର ସହପ୍ରଭାରୀ ଅଛନ୍ତି। ସେଠାରେ ଚେଲ୍ଲା କୁମାର ପ୍ରଭାରୀ ଦାୟିତ୍ୱରେ ଅଛନ୍ତି। ତେଣୁ ପ୍ରଭାରୀଙ୍କୁ ଶରତ ବୁଝାଇବା ସହିତ ଦିଲ୍ଲୀରେ ଚିରଞ୍ଜୀବଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ଲାଗି ଆଲୋଚନା କରିଥିବା ଜଣାପଡିଛି।

### ବିଧାନସଭା ନିର୍ବାଚନ: ୫ ରାଜ୍ୟ ପାଇଁ ପର୍ଯ୍ୟବେକ୍ଷକ ନିଯୁକ୍ତ କଲା କଂଗ୍ରେସ

**ଜୟପୁର,୩୧।୭:** ଆଗାମୀ ଦିନରେ ରାଜସ୍ଥାନ ସମେତ ଆଉ କେତେକ ରାଜ୍ୟରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଲାଗି କଂଗ୍ରେସ ସୋମବାର ପର୍ଯ୍ୟବେକ୍ଷକ ନିଯୁକ୍ତ କରିଛି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ନିଷ୍ପତ୍ତି କ୍ରମେ ଏହି ଦାୟିତ୍ୱ ଦିଆଯାଇଛି। ରାଜସ୍ଥାନର ବରିଷ୍ଠ ପର୍ଯ୍ୟବେକ୍ଷକ ଭାବେ ମଧୁସୂଦନ ମିସ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିବା ବେଳେ ଶକ୍ତିକାନ୍ତ ସେଣ୍ଟିଲଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଛି। ସେହିପରି ମଧ୍ୟପ୍ରଦେଶରେ ରଣଦୀପ ସୁର୍ଜେୱାଲାଙ୍କୁ ବରିଷ୍ଠ ପର୍ଯ୍ୟବେକ୍ଷକ ଦାୟିତ୍ୱ, ଚନ୍ଦ୍ରକାନ୍ତ ହାଣ୍ଡୋରଙ୍କୁ ପର୍ଯ୍ୟବେକ୍ଷକ ଏବଂ ଛତିଶଗଡ଼ ଲାଗି ପ୍ରୀତମ ସିଂଙ୍କୁ ବରିଷ୍ଠ ପର୍ଯ୍ୟବେକ୍ଷକ, ମିନାକ୍ଷୀ ନଟରାଜନଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିଛି। ଅନ୍ୟପଟେ, ତେଲଙ୍ଗାନାରେ ଦୀପା ଦାସମୁନ୍‌ସିଙ୍କୁ ବରିଷ୍ଠ ପର୍ଯ୍ୟବେକ୍ଷକ ଓ ଡ. ସିରିଭେଲା ପ୍ରସାଦଙ୍କୁ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ସେହିପରି ମିଜୋରାମରେ ସଚିନ ରାଓଙ୍କୁ ପର୍ଯ୍ୟବେକ୍ଷକ ମିଳିଛି।

# ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ

ଭୁବନେଶ୍ୱର,୩୧।୭(ଅନିଲ ଦାସ)

କଟକ ଜିଲା ମାହାଙ୍ଗା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପୋଡ଼ାମରାଇ ଗ୍ରାମପଞ୍ଚାୟତର ସରପଞ୍ଚ ନାରାୟଣ ସେଠୀ, ପଞ୍ଚାୟତ ସମିତିସଭ୍ୟା ସୋନାଲି ପ୍ରିୟଦର୍ଶିନୀ ରାଉତ, ନାଏବ ସରପଞ୍ଚ ଆରତୀ ଜେନାଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି । ସୋମବାର ଶଙ୍ଖ ଭବନଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗା ବିଧାୟକ ପ୍ରତାପ ଜେନା ଉପସ୍ଥିତ ରହି ସମସ୍ତ ଭାଜପା କର୍ମୀଙ୍କୁ ଦଳକୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ନେତୃତ୍ୱ ଓ ବିକାଶମୂଳକ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ୍ ହେଉଛନ୍ତି ବୋଲି ଯୋଗଦେଇଥିବା ଭାଜପା କର୍ମୀମାନେ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟକୁ ଆଗେଇ ନେବା ତଥା ଦଳୀୟ ସଙ୍ଗଠନକୁ ମଜଭୁତ କରିବା ପାଇଁ ଜେନା ଆହ୍ୱାନ ଦେଇଥିଲେ। ବିଜୁ ଜନତା ଦଳରେ ଭାଜପା କର୍ମୀଙ୍କ ଯୋଗଦାନ ଫଳରେ ମାହାଙ୍ଗା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଙ୍ଗଠନ ଆହୁରି ମଜଭୁତ ହେବ ବୋଲି ପ୍ରତାପ କହିଛନ୍ତି। ଏହି ମିଶ୍ରଣ ପର୍ବରେ ପୋଡ଼ାମରାଇ ଗ୍ରାମପଞ୍ଚାୟତର ଆଲୋକ ଜେନା, ବାଇଧର ରାଉତ, ପ୍ରତାପ ବେହେରା, ମହେନ୍ଦ୍ର ସେଠୀ, ମନୋଜ ଜେନା, ଗୋବିନ୍ଦ ଚନ୍ଦ୍ର ଜେନା, ଅର୍ଦ୍ଧେନ୍ଦୁ ଶେଖର ଜେନା, ଗଣେଶ ପ୍ରଧାନ, ଝୁନୁ ମହାନ୍ତି, ରାଜେଶ ବେଦାନ୍ତ, ଗୋବିନ୍ଦ ଜେନା, ବାସନ୍ତୀ ଜେନା, ସୁଶାନ୍ତି ଜେନା, ବଳରାମ ଜେନାଙ୍କ ସହ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ୍ ହୋଇଛନ୍ତି ।

# ବିଡିଓ କହୁଛନ୍ତି ଅଧ୍ୟକ୍ଷଙ୍କୁ ଜୋତାରେ ପିଟିବେ: ପ୍ରଦୀପ୍ତ

**ଭୁବନେଶ୍ୱର, ୩୧।୭(ସୁନିତ୍ ମିଶ୍ର)** କଳାହାଣ୍ଡିର ଭବାନୀପାଟଣା ବିଡିଓ କହୁଛନ୍ତି ସେ ବ୍ଲକ ଅଧ୍ୟକ୍ଷଙ୍କୁ ଜୋତାରେ ପିଟିବେ। ଆହୁରି କହୁଛନ୍ତି ସେମାନଙ୍କୁ କୁଆଡେ 'ରାଜନୈତିକ ମ୍ୟାନେଜମେଣ୍ଟ' କରିବାକୁ ପଡେ। ଏହାର ଅର୍ଥ ରାଜ୍ୟ ସରକାର ସରକାରୀ ବାବୁମାନଙ୍କୁ ବିଜେଡିକୁ ନିର୍ବାଚନରେ ଜିତାଇବା ଓ ଶାସକ ଦଳର ନେତାଙ୍କୁ ଠିକା କାମ ଦେବା, ପ୍ରତିପକ୍ଷର ନିର୍ବାଚିତ ଜନ ପ୍ରତିନିଧିମାନଙ୍କୁ ଜୋତାରେ ପିଟିବା ଦାୟିତ୍ୱ ଦେଇଛନ୍ତି। ଏଥିରୁ ଆହୁରି ଜଣାପଡୁଛି ଯେ, ଓଡ଼ିଶାରେ ପ୍ରଶାସନିକ ଅରାଜକତା ବଢ଼ିଛି। ଯଦି ଜଣେ ବିଡିଓ ଏଭଳି ବୟାନବାଜି କରନ୍ତି ତାହାଲେ ଜିଲାପାଳ, ସଚିବସ୍ତରର ଅଧିକାରୀ ଓଡ଼ିଶାର ଜନପ୍ରତିନିଧିଙ୍କୁ କିଭଳି ହତାଦର କରୁଥିବେ ଏଥିରୁ ସ୍ପଷ୍ଟ ବୋଲି ପୂର୍ବତନ ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଦୀପ୍ତ କହିଛନ୍ତି ଯେ, ଭବାନୀପାଟଣା ବିଡିଓଙ୍କୁ ତୁରନ୍ତ ନିଲମ୍ବନ କରାଯିବା ସହ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉ। ରାଜ୍ୟରେ ଏବେ 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପ୍ରତି ପଞ୍ଚାୟତରେ ୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସରକାର ଘୋଷଣା କରିଛନ୍ତି। କିନ୍ତୁ ସେଥିରେ ନିର୍ବାଚିତ ଜନପ୍ରତିନିଧିଙ୍କ କିଛି ଭୂମିକା ରହିବ ନାହିଁ ବୋଲି ସରକାର ଗାଇଡଲାଇନରେ ଉଲ୍ଲେଖ କରିଛନ୍ତି। ଜିଲାପାଳଙ୍କ ହାତରେ ସବୁ କ୍ଷମତା, ସିଏ ଯାହା ଚାହିଁବେ ତାହା କରିବେ। ବିଡିଓମାନେ ନିଜକୁ ମାଲିକ ଭାବିଲେଣି। ଏହା କ'ଣ ନବୀନ ଓଡ଼ିଶା କି ବୋଲି ପ୍ରଦୀପ୍ତ ପ୍ରଶ୍ନ କରିଛନ୍ତି। ବିଜେଡି ନେତା, ମନ୍ତ୍ରୀ, ବିଧାୟକମାନେ ସଚିବମାନଙ୍କ ପାଇଁ ଟେଣ୍ଟ, ଜଳଖିଆ ବ୍ୟବସ୍ଥା କରୁଛନ୍ତି। ବିଡିଓ କହୁଛନ୍ତି ସେ ଚେୟାରମ୍ୟାନଙ୍କୁ ପିଟିବେ। ବିଡିଓ, ଜିଲାପାଳ, ସଚିବମାନେ ଏବେ ବିଧାୟକ ଓ ଏମ୍‌ପିଙ୍କ କୌଣସି କଥା ଶୁଣୁନାହାନ୍ତି। ବିଜେଡି ବିଧାୟକମାନେ ସଚିବଙ୍କ ଆଗରେ ମୂଷା ଭଳି ହେଉଛନ୍ତି। ରାଜ୍ୟରେ ପ୍ରଶାସନିକ ଅରାଜକତା ବଢ଼ିଛି। ପୂର୍ବରୁ 'ଆମ ଗାଁ ଆମ ବିକାଶ' ଯୋଜନାରେ ମଧ୍ୟ ସମାନ ଭାବେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟରୁ ପ୍ରକଳ୍ପ ଅନୁମୋଦନ ଦିଆଯିବ କହି ନିର୍ବାଚିତ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଇଥିଲା। ଶାସକ ଦଳ କର୍ମୀମାନେ ଦୁର୍ନୀତି କଲେ ରାଜ୍ୟ ସରକାର ଘଣ୍ଟ ଘୋଡ଼ାଉଛନ୍ତି ଯାହା ଆଶ୍ଚର୍ଯ୍ୟଚକିତ କରୁଛି ବୋଲି ପ୍ରଦୀପ୍ତ କହିଛନ୍ତି।


## Classified Everyday
0674-2580101, 2549949



REAL ESTATE

SALE

ଭୁବନେଶ୍ୱର ପଟିଆ, KIIT ଜଗନ୍ନାଥମନ୍ଦିର ନିକଟ ODM Global School ପାଖରେ Boundary, Road, Electricity ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି plot ମିଳୁଛି-8249976746.
D-74897

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ ମୌଜା: ମାଗୁରଗାଡ଼ିଆ, କେନ୍ଦୁଝର ଟାଉନ୍ ସରକାରୀ ରାସ୍ତାକୁ ଲାଗି (ବ୍ରାହ୍ମଣ ଲୋକଙ୍କ ଜାଗା) AC 0.66 Dec. ବିକ୍ରିହେବ। ଯୋଗାଯୋଗ: 9437303790.
D-0861

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723.
D-74882

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.-3, 60,000/-, ଛତାବର 1200sqft.-3,00,000/-, ନଖରା-300/-. 7978663279.
D-74895

PURCHASE

Lethe Workshop ପାଇଁ 2nd hand with good working condition ଥିବା Lethe Machine, Power Press, Hydraulic Press, Plate sharing Machine ଏବଂ Lethe ସମ୍ବନ୍ଧୀୟ ଅନ୍ୟାନ୍ୟ Machinery ଆବଶ୍ୟକ। ଇଚ୍ଛୁକ ବିକ୍ରେତା ଯୋଗାଯୋଗ କରନ୍ତୁ। Mob- 9937199625, 8144662274.
D-0946




Asribadada Panchakarma herbal SPA Kesharimall, Bhubaneswar. Contact: 8926173473.
D-75013

**Relax, Refresh your body, mind at Saikrupa Spa with best therapies. 8984068077.**
D-0921

Newly opened (One8 Spa)/(Salon Service) with expert therapist, 9938843929.
D-75136

Newly Healthcare benefited SPA experience therapist in Bhubaneswar. Please visit this SPA. 7749034655.
D-75132

All types of professional body massage by professional therapy. Contact 7077933109/ 9556924059/ 8658803018.
D-0932

Spa Kerala Body Massage only best Therapist @699/- Bhubaneswar. 9337672475.
D-0857

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

AFFIDAVIT

On the basis of affidavit No. 1103 Dated 06.04.2023, before the Executive Magistrate, Simulia, one Basanta Kumar Panda, S/o Daitari Panda, Village/P.O. Chandrapada, Simulia, Balasore declared that his nick names was Babu Panda and actual name is Basanta Kumar Panda, both names belongs to him as same and single Person. It is notified for Public clearance and confirmation.
D-0950

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE

ADMISSION OPEN
DISTANCE EDUCATION
For Govt. & Private Job holder's
(UGC and DEB Recognized Universities)
MBA, MCA, LLB, DIPLOMA, B.Sc, M.Sc, B.Com, BA, MA, MSW and more than 100 UG and PG Courses
12th Science, Arts, Commerce.
LOW FEES STRUCTURE
Institute of Technology and Management Science (ITMS)
Satya Vihar, Bhubaneswar, near Puri Bypass
8917610670, 9438486526

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ଅନ୍ୟ ଖବର

# କୋଇଲା ଉତ୍ପାଦନରେ ରେକର୍ଡ

### ୨୦୨୨-୨୩ରେ ୮୯୩.୧୯ ନିୟୁତ ଟନ୍‌କୁ ବୃଦ୍ଧି

**ଭୁବନେଶ୍ୱର,୩୧। ୭ (ଅନିଲ ଦାସ):** ଗତ ଆର୍ଥିକ ବର୍ଷରେ କୋଇଲା ଉତ୍ପାଦନ ରେକର୍ଡ ଭାଙ୍ଗିଛି । ୨୦୨୨-୨୩ ଆର୍ଥିକ ବର୍ଷରେ ଦେଶରେ ସର୍ବାଧିକ ୮୯୩.୧୯ ନିୟୁତ ଟନ୍ କୋଇଲା ଉତ୍ପାଦନ ହୋଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୭୭୮.୨୧ ନିୟୁତ ଟନ କୋଇଲା ଉତ୍ପାଦନ ହୋଇଥିଲା। ୮ଟି ରାଜ୍ୟ ଆସାମ, ଛତିଶଗଡ, ଝାଡଖଣ୍ଡ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ଓଡ଼ିଶା, ତେଲଙ୍ଗାନା, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ ରାଜ୍ୟରୁ ଏ ସବୁ କୋଇଲା ଉତ୍ପାଦନ କରାଯାଇଛି। ତେବେ ଜମ୍ମୁକଶ୍ମୀରରୁ କୋଇଲା ଉତ୍ପାଦନ ହ୍ରାସ ପାଇଛି। ସୋମବାର ରାଜ୍ୟ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତରରେ କେନ୍ଦ୍ର କୋଇଲା, ଖଣି ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ କହିଛନ୍ତି ଯେ, ଦେଶରେ ଘରୋଇ ଉତ୍ପାଦନ ଓ ଯୋଗାଣ ପାଇଁ ଏହି ଉତ୍ପାଦନ କରାଯାଇଛି। କେନ୍ଦ୍ର ସରକାର ବାହାରୁ ଅନାବଶ୍ୟକ ଆମଦାନୀକୁ ବନ୍ଦ କରି ଘରୋଇ ଉତ୍ପାଦନ ବୃଦ୍ଧି ଉପରେ ଗୁରୁତ୍ୱ ଦେଉଛନ୍ତି । ଘରୋଇ ଉତ୍ପାଦନ ବୃଦ୍ଧି ଫଳରେ ଅନାବଶ୍ୟକ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସପାଇବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

# ଶିଶୁ ପାଇଁ ବରଦାନ

ମା' କ୍ଷୀର ଶିଶୁ ପାଇଁ ସର୍ବୋତ୍କୃଷ୍ଟ ଖାଦ୍ୟ। ସ୍ତନ୍ୟପାନ ଏକ ମାତ୍ର ଉପାୟ, ଯାହା ମାଧ୍ୟମରେ ପ୍ରତିବର୍ଷ ୮ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କର ଜୀବନରକ୍ଷା ହୋଇପାରୁଛି ଏବଂ ଶିଶୁ ମୃତ୍ୟୁହାର କମିଯାଇପାରୁଛି । ତେଣୁ ଶିଶୁଙ୍କୁ ସୁସ୍ଥ ସବଳ ଓ ନୀରୋଗ ରଖିବା ପାଇଁ ମା'ମାନଙ୍କୁ ସ୍ତନ୍ୟପାନ ସମ୍ପର୍କରେ ପ୍ରଶିକ୍ଷଣ ଦେବା ତଥା ଶିଶୁ ପାଇଁ ସ୍ତନ୍ୟପାନର ଉପାଦେୟତା ବିଷୟରେ ସଚେତନ କରାଇବା ଲାଗି ୧୯୯୧ ଫେବୃୟାରୀ ୧୪ରେ ୱାର୍ଲ୍ଡ ଆଲିଆନ୍ସ ଫର୍ ବ୍ରେଷ୍ଟ ଫିଡିଂ ଆକ୍ସନ ପ୍ରତିଷ୍ଠା କରାଯାଇଥିଲା। ୧୯୯୨ ରୁ ଅଗଷ୍ଟ ପ୍ରଥମ ସପ୍ତାହକୁ ପ୍ରଥମ ଥର ପାଇଁ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଇଥିଲା। ଜାତିସଂଘର ୟୁନିସେଫ୍, ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଏହାକୁ ଅଗ୍ରାଧିକାର ଦିଆଯାଇଥିଲା। ସେବେଠୁ ପ୍ରତିବର୍ଷ ଏହି ସପ୍ତାହ ପାଳନ କରାଯାଉଛି ଏବଂ ସ୍ଲୋଗାନ ଘୋଷଣା କରାଯାଉଛି। ଚଳିତ ବର୍ଷ ଏହାର ସ୍ଲୋଗାନ ହେଉଛି– 'ଏନାବ୍ଲିଂ ବ୍ରେଷ୍ଟଫିଡିଂ: ମେକିଂ ଏ ଡିଫରେନ୍ସ ଫର୍ ୱର୍କିଂ ପ୍ୟାରେଣ୍ଟ୍ସ'।

**ମା' କ୍ଷୀର ହେଉଛି ପ୍ରକୃତିର ଏକ ବିସ୍ମୟକର ବ୍ୟବସ୍ଥା। ଶିଶୁଟିଏ ଜନ୍ମହେବା ମାତ୍ରେ ତା'ର ଅଭିବୃଦ୍ଧି ନିମନ୍ତେ ମା' ସ୍ତନରୁ ଝରିଆସେ ଏହି ଅମୃତର ଉତ୍ସ; ଯେଉଁଥିରେ ଶିଶୁର ଶାରୀରିକ ତଥା ମାନସିକ ବିକାଶ ଲାଗି ଭରିରହିଥାଏ ସମସ୍ତ ଆବଶ୍ୟକ ପୋଷକତତ୍ତ୍ୱ। ତେଣୁ ଜନ୍ମହେବାର ୬ମାସ ପର୍ଯ୍ୟନ୍ତ ପ୍ରତି ଶିଶୁକୁ ମା' କ୍ଷୀର ଖୁଆଇବା ନିହାତି ଆବଶ୍ୟକ...**





## ମା' କର୍ମଜୀବୀ ହୋଇଥିଲେ...

ସାଧାରଣତଃ ଶିଶୁକୁ ଅତି କମ୍‌ରେ ୬ ମାସ ପର୍ଯ୍ୟନ୍ତ କେବଳ ମା'କ୍ଷୀର ଖାଇବାକୁ ପରାମର୍ଶ ଦିଆଯାଏ। ହେଲେ ମା' କର୍ମଜୀବୀ ହୋଇଥିଲେ ତାଙ୍କୁ ପ୍ରସବର କିଛି ମାସ ମଧ୍ୟରେ କର୍ମକ୍ଷେତ୍ରରେ ଯୋଗଦେବାକୁ ପଡ଼ିଥାଏ। ସେଥିପାଇଁ ଶିଶୁକୁ ନିୟମିତ ସ୍ତନ୍ୟପାନ କରାଇବାରେ ଅବହେଳା ହୋଇଥାଏ। ଏଭଳି କ୍ଷେତ୍ରରେ ମା' ଡବାକ୍ଷୀର ଉପରେ ନିର୍ଭର କରିଥାନ୍ତି। କିନ୍ତୁ ମା' କ୍ଷୀରରେ ଥିବା ପୋଷକ ତତ୍ତ୍ୱ ଶିଶୁର ମସ୍ତିଷ୍କ ବୃଦ୍ଧି ଓ ବିକାଶରେ ସାହାଯ୍ୟ କରିଥାଏ। ତେଣୁ କର୍ମଜୀବୀ ମହିଳା ଚାହିଁଲେ ଡବାକ୍ଷୀର ପରିବର୍ତ୍ତେ ନିଜ କ୍ଷୀର କାଢ଼ି(ଏକ୍ସପ୍ରେସ୍‌ଡ ମଦର୍ସ ମିଲ୍କ ବା ଇଏମ୍‌ଏମ୍) ଶିଶୁ ପାଇଁ ସଞ୍ଚୟକରି ଫ୍ରିଜ୍‌ରେ ରଖି ଶିଶୁକୁ ମଝିରେ ମଝିରେ ଖୁଆଇପାରିବେ। ସକାଳେ ଶିଶୁକୁ ଖୁଆଇସାରିବା ପରେ ହାତରେ ବା ହସ୍ତଚାଳିତ ବ୍ରେଷ୍ଟ ପମ୍ପ, ଇଲେକ୍ଟ୍ରିକ ବା ବ୍ୟାଟେରିଚାଳିତ ବ୍ରେଷ୍ଟ ପମ୍ପ ସାହାଯ୍ୟରେ କ୍ଷୀର କାଢ଼ି ରଖିପାରିବେ। ଏହାକୁ ଫ୍ରିଜ୍‌ରେ ୭–୮ ଦିନ ପର୍ଯ୍ୟନ୍ତ ରଖି ମଧ୍ୟ ଶିଶୁକୁ ଖୁଆଇପାରିବେ।



ଏପରିକି ଡିପ୍ ଫ୍ରିଜ୍‌ରେ ୧ମାସ ପର୍ଯ୍ୟନ୍ତ ଷ୍ଟୋର କରିପାରିବେ। ତେବେ ଏଥିପାଇଁ ସଂକ୍ରମଣର ଆଶଙ୍କା ଥିବାରୁ ପ୍ରତିଦିନ ନିଜର ତଟକା କ୍ଷୀର କାଢ଼ି ଶିଶୁକୁ ଖୁଆଇବା ଭଲ। ଦିନକୁ ୭ ରୁ ୮ ଥର କ୍ଷୀର କାଢ଼ିବା ଦ୍ୱାରା ସ୍ତନରେ କ୍ଷୀର କମିବା କିମ୍ବା ସ୍ତନ ଦରଜ ହେବା ଭଳି ସମସ୍ୟା ଦେଖାଦେଇ ନ ଥାଏ। ପ୍ରତିଥର କ୍ଷୀର କାଢ଼ିଲା ବେଳେ ତା' ପାଇଁ ସଫା କିମ୍ବା ଅଲଗା ପାତ୍ର ବ୍ୟବହାର କରିବା ନିରାପଦ। କ୍ଷୀର କଢ଼ାହେବାର ୧ ଘଣ୍ଟା ମଧ୍ୟରେ ଫ୍ରିଜ୍‌ରେ ରଖି ଶିଶୁକୁ ଖୁଆଇପାରିବେ। ଯଦି ଶିଶୁ ୨୪ ରୁ ୪୮ ଘଣ୍ଟା ମଧ୍ୟରେ ଖାଇବ, ତେବେ ସଙ୍ଗେ ସଙ୍ଗେ ମା କ୍ଷୀର ଫ୍ରିଜ୍‌ରେ ରଖିବେ କିମ୍ବା ଥଣ୍ଡା ପାଣି ପାତ୍ରରେ ରଖି ଘୋଡ଼ାଇ ଦେବେ। ଫ୍ରିଜ୍‌ରୁ କାଢ଼ିବା ପରେ କ୍ଷୀର ରୁମ୍ ଟେମ୍ପରେଚରକୁ ଆସିବା ପରେ ଶିଶୁକୁ ଖୁଆନ୍ତୁ ଏବଂ ସଂକ୍ରମଣ ନ ହେବା ଲାଗି ବଳକା କ୍ଷୀରକୁ ଫିଙ୍ଗି ଦିଅନ୍ତୁ।

## ସ୍ତନ୍ୟଦାତ୍ରୀଙ୍କ ଖାଦ୍ୟ...

ମା' କ୍ଷୀରରେ ଶିଶୁର ଶାରୀରିକ ବିକାଶ ଲାଗି ଆବଶ୍ୟକ କାର୍ବୋହାଇଡ୍ରେଟ୍, କ୍ୟାଲ୍‌ସିଅମ୍, ପ୍ରୋଟିନ୍, ମିନେରାଲ୍ସ, ଭିଟାମିନ୍ସ ଭଳି ସମସ୍ତ ଆବଶ୍ୟକ ପୋଷକ ତତ୍ତ୍ୱ ଭରିରହିଛି। ତେଣୁ ପିଲା କ୍ଷୀର ଖାଇବା ଦ୍ୱାରା ଏସବୁ ମା' ଶରୀରରୁ ହ୍ରାସ ପାଉଛି, ଯାହାକୁ ଭରଣା କରିବା ଆବଶ୍ୟକ। ନଚେତ୍ ମା'କୁ ଏସବୁ ଅଭାବଜନିତ ରୋଗ ହେବ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବ। ତେବେ ଅନେକଙ୍କ ମନରେ ଏକ ଧାରଣା ଥାଏ ଯେ, କେତେକ ନିର୍ଦ୍ଦିଷ୍ଟ ଖାଦ୍ୟ କିମ୍ବା ଭିଟାମିନ୍ ଔଷଧ, ପ୍ରୋଟିନ୍ ପାଉଡର, ଆଡିଶନାଲ ଫୁଡ୍ ସପ୍ଲିମେଣ୍ଟ ଇତ୍ୟାଦି ଖାଇଲେ ମା' ଶାରୀରିକ ଆବଶ୍ୟକତା ଭରଣା କରିହେବା ସହ କ୍ଷୀର ଅଧିକ ହେବ। ସେହିପରି କେହି କେହି ସ୍ତନ୍ୟଦାତ୍ରୀ ମା'ଙ୍କୁ ଏହା ଖାଇବା ଠିକ୍ ନୁହେଁ, ଏହା ଖାଇଲେ ଶିଶୁର ଝାଡ଼ା ହେବ, ଦେହ ଖରାପ ହେବ ଇତ୍ୟାଦି କହିଥାନ୍ତି। ହେଲେ ବାସ୍ତବରେ ଏସବୁ ଏକ ଭ୍ରାନ୍ତ ଧାରଣା। ତେଣୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଠିକ୍ ପରିମାଣରେ କ୍ଷୀର ହେବା ସହ ମା' ଶରୀର ସୁସ୍ଥ ରହିବା ଲାଗି ମା' ଯାହାବି ପୂର୍ବରୁ ଖାଉଥିଲେ ତା'ଠାରୁ ଅଧିକ ପରିମାଣରେ ଖାଦ୍ୟ ଆବଶ୍ୟକ। ଅର୍ଥାତ୍ ଦୈନିକ ଭାତ ୬୦ ଗ୍ରାମ୍, ଡାଲି ୩୦ଗ୍ରାମ, କ୍ଷୀର ୧୦୦ଗ୍ରାମ୍, ତେଲ, ଘିଅ ୧୦ ଗ୍ରାମ୍ ଏବଂ ଚିନି, ଗୁଡ଼ ୧୦ ଗ୍ରାମ୍ ଅଧିକ ଖାଇବା ଆବଶ୍ୟକ। ଏହା ବ୍ୟତୀତ ରୁଟି, ଦୁଧ, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ଫଳରସଠୁ ଆରମ୍ଭକରି ଅନ୍ୟ ସବୁ ପ୍ରକାର ଖାଦ୍ୟ ଖାଇପାରିବେ। ହେଲେ ଖାଦ୍ୟ ସୁଷମ, ସୁସ୍ୱାଦୁ ଏବଂ ସୁପାଚ୍ୟ ହେବା ଜରୁରୀ। ଏ ସମୟରେ ପ୍ରଚୁର ପାଣି ପିଇବା ଦରକାର। ତେବେ ସାଧାରଣତଃ ସ୍ୱାସ୍ଥ୍ୟ ପ୍ରତି ନକାରାତ୍ମକ ପ୍ରଭାବ ପକାଉଥିବା ଅଧିକ ଥଣ୍ଡା, ତେଲ ମସଲା ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ନ ଖାଇବା ଭଲ। ଏହାବ୍ୟତୀତ କେବଳ କେତୋଟି ଔଷଧ ଏ ସମୟରେ ଖାଇବା ଶିଶୁ ପାଇଁ ଠିକ୍ ନୁହେଁ।



## ସ୍ତନ୍ୟପାନ ବଢ଼ାଏ ମା'ର ସୌନ୍ଦର୍ଯ୍ୟ

–ଡା. ସରୋଜିନୀ ଷଡ଼ଙ୍ଗୀ

ଶିଶୁକୁ ସ୍ତନ୍ୟପାନ କରାଇବା କେବଳ ଶିଶୁ ପାଇଁ ଉପକାରୀ ନୁହେଁ ବରଂ ଏହାଦ୍ୱାରା ମା' ମଧ୍ୟ ସୁସ୍ଥ ରହିବା ସହ ପାଲଟିଯାଏ ସୌନ୍ଦର୍ଯ୍ୟମୟୀ। ମାତୃତ୍ୱ ଲାଭ କରିବା ମାତ୍ରେ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି ପଛରେ ରହିଛି ମା' ଦେହରେ ଝରୁଥିବା ହର୍‌ମୋନ ଇଷ୍ଟ୍ରୋଜେନ୍ ଓ ପ୍ରୋଜେଷ୍ଟେରନ୍‌ର କରାମତି। ତେବେ ଦୁଃଖର ବିଷୟ ଏବେ ବି ଅନେକ ଆଧୁନିକ ମା' ଏବଂ କର୍ମଜୀବୀ ମହିଳାମାନେ ସୌନ୍ଦର୍ଯ୍ୟହାନି ଭୟରେ ଶିଶୁକୁ ସ୍ତନ୍ୟପାନ କରାଇବାକୁ ପଛଘୁଞ୍ଚା ଦେଉଛନ୍ତି। ସେମାନଙ୍କର ଧାରଣା ଶିଶୁକୁ ସ୍ତନ୍ୟପାନ କରାଇଲେ ଶାରୀରିକ ଗଠନ ଖରାପ ହୋଇଯିବା ସହ ସ୍ତନ ଢିଲା ହୋଇ ଓହଳିପଡ଼ିବ ଏବଂ ବକ୍ଷର ଚର୍ମ ମଧ୍ୟ କୁଞ୍ଚିତ ହୋଇଯିବ। ସ୍ତନ୍ୟପାନ ସମୟରେ ବେଶି କ୍ୟାଲୋରିର ଖାଦ୍ୟ ଖାଇବା ଦ୍ୱାରା ମୋଟା ହୋଇଯିବା ଆଶଙ୍କା ମଧ୍ୟ ଅନେକଙ୍କୁ ଶିଶୁକୁ ସ୍ତନ୍ୟପାନ କରାଇବାରୁ ବଞ୍ଚିତ କରିଥାଏ। କିନ୍ତୁ ଏହି ଧାରଣା ଠିକ୍ ନୁହେଁ। ସ୍ତନ୍ୟପାନ କରାଇବା ଦ୍ୱାରା ମା'ଦେହରେ ଥିବା ସମସ୍ତ ଗଚ୍ଛିତ ଚର୍ବି ଅଂଶ, ପୁଷ୍ଟିସାର ଓ ଶ୍ୱେତସାର ଅଂଶ କମିଯାଏ। ଏହା ମା'ଦେହରୁ ଅଯଥା ଚର୍ବି ଅଂଶ ଓ ମୋଟାପଣିଆ (ଓବେସିଟି)କୁ କମାଇଦେଇଥାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ୍ ହର୍‌ମୋନର କ୍ଷରଣ ହେବା ଦ୍ୱାରା ଜରାୟୁ ସଙ୍କୁଚିତ ହୋଇଥାଏ। ଏଥିରେ ସମ୍ପ୍ରସାରିତ ପାକସ୍ଥଳୀ ଓ ଅନ୍ତନଳୀ ମଧ୍ୟ ସଙ୍କୁଚିତ ହୋଇ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରିଆସିଥାଏ, ଫଳରେ ପେଟ ବାହାରିବା କମିଯାଏ। ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମାସିକ ଋତୁସ୍ରାବ ବିଳମ୍ବରେ ହୋଇଥାଏ (ଲାକ୍ଟେସନାଲ ଆମିନୋରିଆ) ଏବଂ ଗର୍ଭଧାରଣରେ ଡେରି ହୋଇଥାଏ (ଟେମ୍ପୋରାରି କଣ୍ଟ୍ରାସେପ୍‌ସନ୍)।

ସ୍ତନ୍ୟପାନ ମଧ୍ୟ ମା'କୁ ଅନେକ ରୋଗରୁ ରକ୍ଷା କରିଥାଏ ଯଥା– ଶିଶୁକୁ ୬ ମାସ ପର୍ଯ୍ୟନ୍ତ କେବଳ ମା'କ୍ଷୀର ଖାଇବାକୁ ଦିଆଯାଇଥାଏ। ଏହାଛଡ଼ା ଶିଶୁକୁ ୨ବର୍ଷ ଯାଏଁ ସ୍ତନ୍ୟପାନ କରାଇଥିଲେ, ମାସିକ ଋତୁସ୍ରାବର ବିରତି ପୂର୍ବରୁ ଶତକଡ଼ା ୪୦ ଭାଗ ସ୍ତନକର୍କଟ ରୋଗ ହେବା ଆଶଙ୍କା କମିଯାଇଥାଏ। ୬ ବର୍ଷ ଶିଶୁକୁ ସ୍ତନ୍ୟପାନ କରାଇଥିବା ମା'ର ମେନୋପଜ୍ ଆଗରୁ ସ୍ତନକର୍କଟ ରୋଗ ହେବା ଆଶଙ୍କା ଶତକଡ଼ା ୬୬ ଭାଗ କମିଯାଇଥିବା ବେଳେ ୭ ବର୍ଷ ପର୍ଯ୍ୟନ୍ତ ସ୍ତନ୍ୟପାନ କରାଇଲେ ମା'ର ସ୍ତନକର୍କଟ ରୋଗ ହେବା ଆଶଙ୍କା ପ୍ରାୟ ରୁହେନାହିଁ। ଏହାବ୍ୟତୀତ ଶିଶୁକୁ କ୍ଷୀର ଖୁଆଇଲେ ମା'ଠାରେ ଡିମ୍ବକୋଷର କର୍କଟ ରୋଗ (ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସର), ଜରାୟୁଗ୍ରୀବା କର୍କଟରୋଗ (ସର୍ଭାଇକାଲ କ୍ୟାନ୍‌ସର), ରିଉମାଟଏଡ୍ ଆର୍ଥ୍ରାଇଟିସ୍, ହାଡ଼ ପୋରିଆରୋଗ (ଓଷ୍ଟିଓପୋରୋସିସ୍) ଆଦି କମ୍ ଆଶଙ୍କା ଥାଏ। ଏହାଛଡ଼ା ସ୍ତନ୍ୟପାନ କରାଉଥିବା ମା'ର ରକ୍ତରେ କୋଲେଷ୍ଟରାଲ୍ ଓ ଟ୍ରାଇଗ୍ଲିସରାଇଡ୍ (ରକ୍ତରେ ଚର୍ବି ଅଂଶ) କମ୍ ପରିମାଣରେ ଥାଏ। ତେଣୁ ମା'କୁ ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତ ହେବା ଆଶଙ୍କା ମଧ୍ୟ କମ୍ ଥାଏ।

ସ୍ତନ୍ୟପାନ କରାଇବା ଦ୍ୱାରା ମା' ଓ ଶିଶୁ ଭିତରେ ଏକ ସ୍ନେହର ବନ୍ଧନ ଗଢ଼ିଉଠେ। ଏହାଦ୍ୱାରା ଶିଶୁ ନିଜକୁ ସୁରକ୍ଷିତ ମନେକରିଥାଏ, ତା'ର ଶାରୀରିକ ଓ ମାନସିକ ବିକାଶ ଭଲ ହେବା ସହ ମା'କୁ ମଧ୍ୟ ଭାବନାତ୍ମକ ସନ୍ତୋଷ ମିଳିଥାଏ ଏବଂ ମା'ର ସୌନ୍ଦର୍ଯ୍ୟ ବୃଦ୍ଧି କରେ।

*–ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ, କଟକ*
*ମୋ–୯୪୩୭୦୫୫୦୦୭*

**ଶିଶୁ କ୍ଷୀର ଖାଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ୍ ହର୍‌ମୋନର କ୍ଷରଣ ହେବା ଦ୍ୱାରା ସମ୍ପ୍ରସାରିତ ପାକସ୍ଥଳୀ ଓ ଅନ୍ତନଳୀ ମଧ୍ୟ ସଙ୍କୁଚିତ ହୋଇ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରିଆସିଥାଏ, ଫଳରେ ପେଟ ବାହାରିବା କମିଯାଏ ଏବଂ ମା'ର ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ...**



## ସ୍ତନ୍ୟପାନ ସର୍ବୋତ୍ତମ: ଶିଶୁ ପାଇଁ ଅମୃତସମ

–ଡା. ଅନନ୍ତ ଆଚାର୍ଯ୍ୟ

ଦେଶର ସୁସ୍ଥତା ବିଷୟ ବିଚାରକୁ ନେଲେ ମାତୃ ମୃତ୍ୟୁହାର ଓ ଶିଶୁ ମୃତ୍ୟୁହାର କଥା ମନ ମଧ୍ୟକୁ ଆସିଯାଏ। ଯେଉଁ ଦେଶର ଶିଶୁ ମୃତ୍ୟୁହାର ଓ ମାତୃ ମୃତ୍ୟୁହାର କମ୍ ସେହି ଦେଶ ଉନ୍ନତ ଓ ସୁସ୍ଥ ଦେଶ। ମାତୃ ମୃତ୍ୟୁହାର ଅପେକ୍ଷା ଆମ ଦେଶରେ ଶିଶୁ ମୃତ୍ୟୁହାର ଅଧିକ। ମାତୃ ମୃତ୍ୟୁହାର ଆମ ଦେଶରେ ୧ ଲକ୍ଷରେ ୧୧୯ ଥିଲାବେଳେ ଶିଶୁ ମୃତ୍ୟୁହାର ୧ ହଜାରରେ ଏହା ୩୬ ଜଣ। ତେଣୁ ଶିଶୁ ମୃତ୍ୟୁହାର କମାଇବାକୁ ହେଲେ ଶିଶୁକୁ ସମସ୍ତ ରୋଗର ପ୍ରତିଷେଧକ ଟିକା Colostrum vaccine (OCV) ବା Oral Breast Feeding Vaccine ( OBV) ସ୍ତନ୍ୟପାନର ୨୪ ଘଣ୍ଟା ମଧ୍ୟରେ ଦେବା ଦରକାର। ଆମେ ଶିଶୁ ଜନ୍ମର ୨୪ ଘଣ୍ଟା ମଧ୍ୟରେ ଶିଶୁଠାରେ ପୋଲିଓ ରୋଗର ପ୍ରତିରୋଧ କ୍ଷମତା ବଢ଼ାଇବା ପାଇଁ OPV (Oral Polio Vaccine) ଦେଇଥାଉ ଓ ଯକ୍ଷ୍ମାରୋଗର ପ୍ରତିରୋଧକ୍ଷମତ୍ୱ ବଢ଼ାଇବା ପାଇଁ ବିସିଜି ଟିକା ଦେଉଥାଉ। ଏଗୁଡ଼ିକ ସିନା ଗୋଟିଏ ଗୋଟିଏ ରୋଗର ପ୍ରତିରୋଧକ୍ଷମତ୍ୱ ବଢ଼ାଏ ମାତ୍ର ସ୍ତନ୍ୟପାନ ସମସ୍ତ ରୋଗର ପ୍ରତିରୋଧକ୍ଷମତ୍ୱ ଶିଶୁଠାରେ ଉତ୍ପନ୍ନ କରାଇ ଶିଶୁକୁ ମୃତ୍ୟୁମୁଖରୁ ରକ୍ଷାକରେ। ସେଥିପାଇଁ ତ ମାଆକ୍ଷୀରର ଅନ୍ୟନାମ ଅମୃତ। ଆଜକୁ ୩ ହଜାର ବର୍ଷ ପୂର୍ବେ ମହର୍ଷି ଚରକ କହିଥିଲେ–

**ଜୀବନଂ ବୃହଣଂ ସାତ୍ମ୍ୟଂ ସ୍ନେହନଂ ମାନୁଷଂପୟଃ**
**ନାବନଂ ରକ୍ତପିତ୍ତସ୍ୟ ତର୍ପଣଂ ଚାକ୍ଷିରୋଗିଣାମ୍।**

ଅର୍ଥାତ୍ ଏହା ପ୍ରାଣ ରକ୍ଷାକାରୀ, ସମସ୍ତ ଧାତୁର ପୋଷକ, ପ୍ରତିକ୍ରିୟା ବିହୀନ ଓ ସୌମ୍ୟ ଗୁଣବର୍ଦ୍ଧକ। ମା' କ୍ଷୀର ରକ୍ତପିତ୍ତ(Bleeding Disor-der) ରୋଗୀଠାରେ ନସ୍ୟକର୍ମରେ ଓ ଚକ୍ଷୁରୋଗୀମାନଙ୍କଠାରେ ତର୍ପଣ କ୍ରିୟାରେ ବ୍ୟବହାର୍ଯ୍ୟ।

**''ଅଧଘଣ୍ଟା ମଧ୍ୟରେ କଷକ୍ଷୀର: ପ୍ରତିଷେଧକ ଶିଶୁ ରୋଗର''**

ମା' କ୍ଷୀର ଶିଶୁ ପାଇଁ ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ବରଦାନ ତଥା ସର୍ବୋତ୍କୃଷ୍ଟ ଖାଦ୍ୟ। ମା' କ୍ଷୀର ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଏବଂ ସୁଷମ ଖାଦ୍ୟ। ସ୍ତନ୍ୟପାନ ଉଭୟ ମା' ଓ ଶିଶୁ ପାଇଁ ଅତ୍ୟନ୍ତ ହିତକାରୀ। ଶିଶୁକୁ ମା' କ୍ଷୀର ବ୍ୟତୀତ ଅନ୍ୟ କୌଣସି କ୍ଷୀର ଯେପରି ଗାଈ, ମଇଁଷି ବା ଡବା କ୍ଷୀର କିମ୍ବା ମହୁ, ଗୁଡ଼, ଗ୍ଲୁକୋଜ୍ ପାଣି ଆଦି ଅନ୍ୟ କୌଣସି ତରଳ ପଦାର୍ଥ ଦେବା ଅନୁଚିତ। ଶିଶୁ ଜନ୍ମ ହେବାର ଅଧ ଘଣ୍ଟାଏ (୩୦ ମିନିଟ୍) ମଧ୍ୟରେ ମା' କ୍ଷୀର ଖୁଆଇବା ଅତ୍ୟନ୍ତ ଆବଶ୍ୟକ। ଏହି କ୍ଷୀରରେ କୋଲଷ୍ଟ୍ରମ୍ ଥାଏ, ଯାହା ଶିଶୁକୁ ରୋଗ ସଂକ୍ରମଣରୁ ରକ୍ଷା କରିବା ସହ ରୋଗ ପ୍ରତିରୋଧକ ଶକ୍ତି ମଧ୍ୟ ବୃଦ୍ଧି କରିବାରେ ସହାୟକ ହୋଇଥାଏ।

ମା' କ୍ଷୀରରେ ଶକ୍ତି ପ୍ରଦାନକାରୀ କୋଲଷ୍ଟ୍ରମ୍ ପ୍ରଚୁର ପରିମାଣରେ ରହିଥାଏ : ଯାହା ଶିଶୁକୁ ତରଳ ଝାଡ଼ା, ନିମୋନିଆ ଆଦି କେତେକ ମାରାତ୍ମକ ରୋଗ ସଂକ୍ରମଣରୁ ରକ୍ଷା କରିଥାଏ ଏବଂ ଶିଶୁ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ମଧ୍ୟ ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଶିଶୁ ଜନ୍ମହେବାର ଅଧଘଣ୍ଟାଏ ମଧ୍ୟରେ ସ୍ତନ୍ୟପାନ ନିହାତି ଅପରିହାର୍ଯ୍ୟ। ଅନେକ ଅଞ୍ଚଳରେ ଏହି କଷକ୍ଷୀରକୁ ଅପରିଷ୍କାର କ୍ଷୀର କହି ପିଙ୍ଗିଦିଆଯାଏ; ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ୍ ଧାରଣା। ଏହି କୋଲଷ୍ଟ୍ରମ ବା କଷକ୍ଷୀର ଶିଶୁକୁ ଆବଶ୍ୟକ ଥିବା ପୁଷ୍ଟିସାର, ସୂକ୍ଷ୍ମପୋଷଣ, ରୋଗ ପ୍ରତିରୋଧକ ଶକ୍ତି ଆଦି ପ୍ରଦାନ କରିଥାଏ। ଶିଶୁ ଜନ୍ମହେବା ପରେ ପରେ ସ୍ତନ୍ୟପାନ କରାଇବା ଦ୍ୱାର ମା'ର ଗର୍ଭାଶୟ ମଧ୍ୟ ସଙ୍କୁଚିତ ହୋଇଥାଏ; ଫଳରେ ପ୍ରସବଜନିତ ରକ୍ତ ହାନି ହ୍ରାସ ହୁଏ। ଅସ୍ତ୍ରୋପଚାର ଦ୍ୱାରା ପ୍ରସବ କରାଯାଇଥିବା ଶିଶୁକୁ ମା'ର ଅବସ୍ଥା ସ୍ଥିର ହେବା ମାତ୍ରେ ୪ ରୁ ୬ ଘଣ୍ଟା ମଧ୍ୟରେ ସ୍ତନ୍ୟପାନ କରାଯିବା ଆବଶ୍ୟକ

**''୬'ମାସ ଖାଲି ସ୍ତନ୍ୟପାନ : ଉଭୟଙ୍କୁ ଦିଏ ସୁସ୍ଥ ଜୀବନ''**

ଶିଶୁର ଅଭିବୃଦ୍ଧି ପାଇଁ ମା' କ୍ଷୀରରେ ସମସ୍ତ ପ୍ରକାର ପୁଷ୍ଟିସାର, ପୋଷକତତ୍ତ୍ୱ ଆଦି ଭରପୂର ରହିଥାଏ ଏବଂ ଶିଶୁ ଏହାକୁ ଠିକ୍ ଭାବରେ ହଜମ କରିବାରେ ସମର୍ଥ ହୋଇଥାଏ। ମା' କ୍ଷୀର ଶିଶୁକୁ ସୁହାଇବା ଭଳି ଉଷ୍ମତା ବଜାୟ ରଖେ ଏବଂ ଶିଶୁକୁ ବୁଦ୍ଧିମାନ ହେବାରେ ସାହାଯ୍ୟ କରିଥାଏ। ଏହି କ୍ଷୀର ଶିଶୁକୁ ମଧୁମେହ, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ ଓ ମେଦ ବହୁଳତା ଭଳି ରୋଗରୁ ସୁରକ୍ଷା ପ୍ରଦାନ କରିଥାଏ। ମା' କ୍ଷୀରରେ ଥିବା ଆମିନୋଏସିଡ୍ ଶିଶୁ ଆଖିରେ ରେଟିନାର ବିକାଶ କରେ। ଫଳରେ ଶିଶୁ ଭଲ ଦେଖିପାରେ। ସ୍ତନ୍ୟପାନ ଯୋଗୁ ଶିଶୁକୁ ବାହ୍ୟ ସଂକ୍ରମଣ ଆଶଙ୍କା ମଧ୍ୟ ଯଥେଷ୍ଟ କମ୍ ଥାଏ। ସର୍ବୋପରି ସ୍ତନ୍ୟପାନ ଦ୍ୱାରା ମା' ଓ ଶିଶୁ ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହୋଇଥାଏ। ନିୟମିତ ସ୍ତନ୍ୟପାନ ମା' ପାଇଁ ମଧ୍ୟ ଅତ୍ୟନ୍ତ ଉପଯୋଗୀ। ଏହାଦ୍ୱାରା ମା' ଦେହରୁ ଚର୍ବି କମିବା ସହ ସ୍ତନ କର୍କଟ, ଗର୍ଭାଶୟ ଓ ଡିମ୍ବାଶୟ କର୍କଟ ଆଶଙ୍କା ମଧ୍ୟ କମ୍ ରହିଥାଏ। ଶିଶୁକୁ ୬ ମାସ ବୟସ ହେବା ପର୍ଯ୍ୟନ୍ତ ଗାଈ, ମଇଁଷି ଓ ଡବାକ୍ଷୀର କିମ୍ବା ମହୁ, ଗ୍ଲୁକୋଜ୍ ପାଣି ଆଦି ଦେବା ଅନୁଚିତ। ଏହାଦ୍ୱାରା ଶିଶୁର ମା' କ୍ଷୀର ପିଇବାର ପରିମାଣ କମିଯାଏ ଏବଂ ଏଗୁଡ଼ିକ ରୋଗ ସଂକ୍ରମଣର ମାଧ୍ୟମ ହୋଇପାରେ। ଶିଶୁକୁ ୬ ମାସ ହେବା ପରେ ସ୍ତନ୍ୟପାନ ସହ ଅର୍ଦ୍ଧ ତରଳ ସିଝା ଖାଦ୍ୟ ଦେବା ଆରମ୍ଭ କରିବା ଉଚିତ। ଯେତେ ମାସ ପର୍ଯ୍ୟନ୍ତ ସମ୍ଭବ ଶିଶୁକୁ ସ୍ତନ୍ୟପାନ କରାଇବା ଆବଶ୍ୟକ।

**''ସ୍ତନ୍ୟପାନ ପାଇଁ ସ୍ୱତନ୍ତ୍ର ଧ୍ୟାନ: ସୁରକ୍ଷିତ କରେ ଶିଶୁ ଜୀବନ''**

ପ୍ରସବ ପରେ ତୁରନ୍ତ ଶିଶୁକୁ ମା' ଦେହରେ ଲଗାଇ ଶୁଆଇବା ଦରକାର। ପ୍ରଥମେ ସ୍ତନକୁ ଭଲ ଭାବେ ପରିଷ୍କାର କରି ଶିଶୁକୁ ପିଆଇବା ଦରକାର। ଦୈନିକ ଅନ୍ତତଃ ପକ୍ଷେ ମା' ନିଜ ଶିଶୁକୁ ୮–୧୦ ଥର ୧୦–୧୫ମିନିଟ୍ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱ ସ୍ତନ୍ୟପାନ କରାଇବା ଦରକାର। ତେବେ ସ୍ତନ୍ୟପାନ ସମୟରେ କେତେକ ଦିଗ ପ୍ରତି ଯତ୍ନଶୀଳ ହେବା ଆବଶ୍ୟକ। ଯଥା ;



– ମା' ଆରାମରେ ବସି ଶିଶୁକୁ କୋଳରେ ଧରି କ୍ଷୀର ଖୁଆଇବା ଭଲ। ଶିଶୁକୁ ଶୁଆଇ କ୍ଷୀର ଖୁଆଇବା ଅନୁଚିତ।

– ସ୍ତନ୍ୟପାନ ପୂର୍ବରୁ ହାତ ସାବୁନରେ ଧୋଇବା ସହ ଫୁଟାପାଣିରେ ଧୁଆ ହୋଇଥିବା ସଫା କପଡ଼ାରେ ସ୍ତନକୁ ପୋଛିବା ଦରକାର।

– ମା' ପ୍ରତିଦିନ ପେଟ ପୂରା ଖାଇବା ସହ ସ୍ତନ୍ୟପାନ କରାଇବା ପୂର୍ବରୁ ଜୁସ୍, ସୁପ୍ କିମ୍ବା ପାଣି ନିହାତି ପିଇବା ଆବଶ୍ୟକ।

– ଶିଶୁକୁ କ୍ଷୀର ଦେବା ବେଳେ ମା' ମନରେ ଭୟ, ଗ୍ଲାନି, ଉଦ୍‌ବେଗ, ଆଶଙ୍କା, ଅଶାନ୍ତି ଭଳି ଭାବନା ନ ରହିବା ଦରକାର। ମା' ଖୁସି ମନରେ ଶିଶୁ ଖୁଆଇଲେ ଏହା ଉଭୟଙ୍କ ପାଇଁ ଭଲ।

– ଖୁଆଇବା ପରେ ଶିଶୁକୁ କାନ୍ଧରେ ପକାଇ ପିଠିକୁ ଥାପୁଡ଼ାଇବା ଦରକାର। ଏହାଦ୍ୱାରା ଶିଶୁର ଗ୍ୟାସ୍ ହେବା ଏବଂ ପେଟ ଯନ୍ତ୍ରଣାରେ ଶିଶୁ କାନ୍ଦିବା ସମସ୍ୟା ଦୂର ହୋଇଥାଏ।

*– ଜିଲା ଆୟୁର୍ବେଦ ଚିକିତ୍ସାଳୟ, ଢେଙ୍କାନାଳ*
*ମୋ:୯୪୩୭୨୨୧୭୧୬*

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୧/୨୦୨୩ Bhubaneswar, Tuesday, August 1/ 2023


# ଭାରତର ସର୍ବଶ୍ରେଷ୍ଠ ପ୍ରଦର୍ଶନ



ପଦକ ସହ ଭାରତୀୟ ତୀରନ୍ଦାଜ ଦଳ।

## ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ

**ଚେଙ୍ଗଡୁ (ଚାଇନା), ୩୧।୭ (ପି.ଟି.)**

ଚଳିତ ୩୧ତମ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ଚତୁର୍ଥ ଦିବସରେ ଭାରତୀୟ ୟୁନିଭର୍ସିଟି ଦଳର ପ୍ରତିଯୋଗୀମାନେ ତୀରନ୍ଦାଜୀ ଓ ଶୁଟିଂରେ ୨ଟି ଲେଖାଏ ସ୍ୱର୍ଣ୍ଣ ପଦକ ଲାଭ କରିଥିବା ବେଳେ ଶୁଟିଂରେ ଗୋଟିଏ ରୌପ୍ୟ ଏବଂ ତୀରନ୍ଦାଜୀରେ ଗୋଟିଏ ରୌପ୍ୟ ପଦକ ପାଇଛି। ସଙ୍ଗମପ୍ରୀତ ସିଂ ଓ ଅଭନିତ କୌର କମ୍ପାଉଣ୍ଡ ତୀରନ୍ଦାଜୀରେ ଚାମ୍ପିୟନ ହୋଇଥିବା ବେଳେ ଭାରତ ଏହି କ୍ରୀଡ଼ାରେ ୩ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ତିନୋଟି ବ୍ରୋଞ୍ଜ ହାସଲ କରିଛି। ଓଭର ଅଲ୍ ଭାରତ ୯ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୫ ବ୍ରୋଞ୍ଜ ସହ ପଦକ ତାଲିକାରେ ଚତୁର୍ଥ ସ୍ଥାନରେ ରହିଛି। ଚାଇନା (୧୭-୫-୪) ଟେବୁଲରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଏହା ପଛକୁ ପଛ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ କୋରିଆ (୧୦-୧୦-୪) ଓ ଜାପାନ (୧୦-୬-୭) ରହିଛନ୍ତି। ପୂର୍ବରୁ ଭାରତୀୟ ଦଳ ଏହାର ଶ୍ରେଷ୍ଠ ପ୍ରଦର୍ଶନ ୨୦୧୫ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ କରିଥିଲା। ସେଥିରେ ୧ ସ୍ୱର୍ଣ୍ଣ, ୧ ରୌପ୍ୟ ଏବଂ ୩ ବ୍ରୋଞ୍ଜ ପାଇଥିଲା। ମାତ୍ର ଚଳିତ ସଂସ୍କରଣରେ ଭାରତ ଏହି ସଂଖ୍ୟାକୁ ଅତିକ୍ରମ କରିଯାଇଛି। ସମସ୍ତ ୩ ସ୍ୱର୍ଣ୍ଣ କମ୍ପାଉଣ୍ଡ ବିଭାଗରୁ ଆସିଛି। ବ୍ୟକ୍ତିଗତ ପୁରୁଷ ବିଭାଗରେ ବିସ୍‌ଲା, ମହିଳାରେ ଅଭିନୀତ ଏବଂ ମିକ୍ସଡ ଟିମ୍‌ରେ ସାଇନି ଓ ପ୍ରଗତି ସମସ୍ତ ୩ ସ୍ୱର୍ଣ୍ଣ ଜିତିଛନ୍ତି। କମ୍ପାଉଣ୍ଡ ତୀରନ୍ଦାଜମାନେ ଆହୁରି ମଧ୍ୟ ଦୁଇଟି ବ୍ରୋଞ୍ଜ ପଦକ ପୁରୁଷ ଟିମ୍ (ରିଷଭ ଯାଦବ, ସାଇନି ଓ ବିସ୍‌ଲା) ଏବଂ ପୁରୁଷ ବ୍ୟକ୍ତିଗତ ବିଭାଗରେ ହାସଲ କରିଛି। ରିକର୍ଭ ତୀରନ୍ଦାଜମାନଙ୍କ ପ୍ରଦର୍ଶନ ନୈରାଶ୍ୟଜନକ ରହିଥିଲା। ତେବେ ସଙ୍ଗୀତା, ତନିଶା ବର୍ମା ଓ ରୀତା ସାୱାନ୍‌ଙ୍କୁ ନେଇ ମହିଳା ଦଳ ଏକ ବ୍ରୋଞ୍ଜ ଜିତିଛି।

### ଶୁଟିଂରେ ଐଶ୍ୱରିଙ୍କୁ ହ୍ୟାଟ୍ରିକ ସ୍ୱର୍ଣ୍ଣ

ସୋମବାର ଭାରତୀୟ ଶୁଟରମାନେ ୨ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଜିତିଛନ୍ତି। ଐଶ୍ୱରୀ ପ୍ରତାପ ସିଂ, ଦିବ୍ୟାଂଶ ସିଂ ପନୱାର, ଅର୍ଜୁନ ବବୁତାଙ୍କୁ ନେଇ ଭାରତୀୟ ପୁରୁଷ ଦଳ ୧୦ମିଟର ଏୟାର ରାଇଫଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଏଥି ସହିତ ଦଳ ବିଶ୍ୱରେକର୍ଡ ଭଙ୍ଗ କରିଛି। ଭାରତୀୟ ୟୁନିଭର୍ସିଟି ଟିମ୍ ୧୮୯୪.୭ ପଏଣ୍ଟ ସ୍କୋର କରି ଟାଇଟଲ ଜିତିଛି। ୨୦୧୮ରେ ଚାଇନା ଏହାଠାରୁ ୭.୩ ପଏଣ୍ଟ କମ୍ ସ୍କୋର କରି ବିଶ୍ୱ ରେକର୍ଡର ଅଧିକାରୀ ଥିଲା। ଏଠାରେ ଚାଇନା (୧୮୮୧.୯) ରୌପ୍ୟ ଏବଂ କାଜାଖସ୍ତାନ (୧୮୭୮.୨) ବ୍ରୋଞ୍ଜ ପାଇଛି। ଅନ୍ୟପକ୍ଷରେ ପୁରୁଷ ୧୦ ମିଟର ରାଇଫଲରେ ଭାରତର ଐଶ୍ୱରି ପ୍ରତାପ ସିଂ ତୋମାର (୨୫୨.୬) ସ୍ୱର୍ଣ୍ଣ ଜିତିଥିବା ବେଳେ ରୌପ୍ୟପଦକ ଭାରତର ଦିବ୍ୟାଂଶ ସିଂ ପନୱାର (୨୫୧.୦) ରୌପ୍ୟ ଏବଂ ଚାଇନାର ସଙ୍ଗ ଉହାନ (୨୨୯) ବ୍ରୋଞ୍ଜ ପାଇଥିଲେ। ଭାରତୀୟ ଶୁଟିଂ ଟିମ୍ ସଦସ୍ୟ ଐଶ୍ୱରି ପ୍ରତାପ ସିଂ ତୋମାର ଚଳିତ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ୩ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ଜିତି ଚହଳ ସୃଷ୍ଟି କରିଛନ୍ତି। ସେ ପୁରୁଷ ୧୦ ମିଟର ଏୟାର ରାଇଫଲ, ପୁରୁଷ ୫୦ ମିଟର ରାଇଫଲ ୩ ପୋଜିଶନ, ପୁରୁଷ ୧୦ମିଟର ଏୟାର ରାଇଫଲ ଟିମ୍ ଇଭେଣ୍ଟରେ ହାସଲ କରିଥିବା ବେଳେ ୫୦ମିଟର ରାଇଫଲ ୩ ପୋଜିଶନ ଟିମ୍ ଇଭେଣ୍ଟରେ ବ୍ରୋଞ୍ଜ ପାଇଛନ୍ତି।

# ଭାରତୀୟ ଡେଭିସ୍ କପ୍ ଟିମ୍‌ରେ ଦିଗ୍‌ବିଜୟ ପ୍ରତାପ

**ନୂଆଦିଲ୍ଲୀ, ୩୧।୭ (ପି.ଟି.):** ଲକ୍ଷ୍ନୌଠାରେ ମରକ୍କୋ ବିପକ୍ଷରେ ଖେଳାଯିବାକୁଥିବା ଡେଭିସ କପ୍ ୱାର୍ଲ୍ଡ ଗ୍ରୁପ୍-୨ ମୁକାବିଲା ପାଇଁ ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ) ସୋମବାର ୬ ଜଣିଆ ଦଳ ଘୋଷଣା କରିଛି। ଏଥିରେ ନୂତନ ଖେଳାଳି ଭାବେ ଦିଗ୍‌ବିଜୟ ପ୍ରତାପ ସିଂ ସ୍ଥାନ ପାଇଛନ୍ତି। ସେପ୍ଟେମ୍ବର ୧୬ରୁ ୧୭ ପର୍ଯ୍ୟନ୍ତ ହେବାକୁଥିବା ଏହି ମୁକାବିଲା ଲାଗି ସୁମିତ ନାଗାଲ, ଶଶି କୁମାର ମୁକୁନ୍ଦ, ୟୁକି ଭାମ୍ବ୍ରି, ରାମକୁମାର ରମାନାଥନ ଏବଂ ରୋହନ ବୋପାନ୍ନାଙ୍କୁ ମଧ୍ୟ ମନୋନୀତ କରାଯାଇଥିଲା। ବୋପାନ୍ନାଙ୍କର ଏହା ହେଉଛି ଫେୟାରୱେଲ ମୁକାବିଲା। ଦେଶର ଟପ୍ ଡବଲ୍ସ ଖେଳାଳି ଗତ ମାସରେ କହିଥିଲେ ସେ ଡେଭିସ୍ କପ୍ କ୍ୟାରିୟରର ଅନ୍ତଃ ଘଟାଇବେ। ରୋହିତ ରାଜପାଲ ପୂର୍ବଭଳି ଅଣ ଖେଳାଳି ଅଧିନାୟକ ରହିବେ। ଏଆଇଟିଏ କହିଛି ଖେଳାଳି ଚୟନ ବେଳେ ବିଭିନ୍ନ ଦିଗରୁ ବିଚାର କରାଯାଇଛି। ତନ୍ମଧ୍ୟରେ ଖେଳାଳିଙ୍କ ର୍ୟାଙ୍କିଙ୍ଗ, ଉପଲବ୍ଧି, ପ୍ରଦର୍ଶନ ଏବଂ ବର୍ତ୍ତମାନର ଫର୍ମ ରହିଛି। ମୁଖ୍ୟ ଦଳ ସହିତ ସାକେତ ମାଇନେନି ମନଦ ଦେହାମ୍‌ନେ, ମନିଶ ସୁରେଶ କୁମାର, କରଣ ସିଂ ଓ ୟୁବାନ ନାଣ୍ଡାଲ ପ୍ରମୁଖ ଟ୍ରେନିଂ ନେଉଛନ୍ତି। ସୂଚନାଯୋଗ୍ୟ, ଚଳିତବର୍ଷ ପ୍ରାରମ୍ଭରେ ୱାର୍ଲ୍ଡ ଗ୍ରୁପ୍ ପ୍ଲେଅପ୍‌ରେ ଡେନମାର୍କଠାରୁ ୨-୩ରେ ହାରିଯିବା ପରେ ଭାରତୀୟ ଦଳ ୱାର୍ଲ୍ଡ ଗ୍ରୁପ୍-୨କୁ ଖସିଆସିଛି।

# ଓଡ଼ିଶାକୁ ୧ ସ୍ୱର୍ଣ୍ଣ, ୨ ବ୍ରୋଞ୍ଜ



ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍’ ଅନ୍ତର୍ଜାତୀୟ କରାଟେରେ ଅଂଶଗ୍ରହଣ କରିଥିବା ଓଡ଼ିଶା କରାଟେକା।

## ‘ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍’ ଅନ୍ତର୍ଜାତୀୟ କରାଟେ

**ଭୁବନେଶ୍ୱର, ୩୧।୭**
**(ତପନ ସ୍ୱାଇଁ)**

ଚଳିତ ମାସ ୨୯ ଓ ୩୦ ତାରିଖ ଦୁଇଦିନଧରି କୋଲକାତାର ନେତାଜୀ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ୭ମ ‘ଇଣ୍ଡିଆନ୍ସ ଚ୍ୟାଲେଞ୍ଜ୍ କପ୍’ ଅନ୍ତର୍ଜାତୀୟ କରାଟେ ପ୍ରତିଯୋଗିତାରେ ଓଡ଼ିଶାକୁ ୧ ସ୍ୱର୍ଣ୍ଣ ଓ ୨ ବ୍ରୋଞ୍ଜ ପଦକ ମିଳିଛି। ଏଥିରେ ଓଡ଼ିଶାର ୫ କରାଟେକା ଓ ୨ ଅଫିସିଆଲ୍ ଅଂଶଗ୍ରହଣ କରିଥିଲେ। ସେମାନେ ହେଲେ କୃଷ୍ଣଚନ୍ଦ୍ର ନାୟକ, ରାଜେଶ ମହାପାତ୍ର, ଡି. ଭଗବାନ ରେଡ୍ଡୀ, ରିତେଶ ରାୟ, ସୁମନ ଶେଖର ଦାସ, ରିତେଶ ମହାନ୍ତି ଓ ସାହିଲ କୁମାର। କରାଟେକାଙ୍କ ମଧ୍ୟରୁ କୃଷ୍ଣ ଚନ୍ଦ୍ର ନାୟକ ଗୋଟିଏ ଲେଖାଏ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ପାଇ ଡବଲ ସଫଳତା ପାଇଛନ୍ତି। କୃଷ୍ଣ ୬୦ କେଜି ବ୍ୟକ୍ତିଗତ ଫାଇଟ୍‌ରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ସେହିପରି କୃଷ୍ଣଙ୍କ ସମେତ ଡି. ଭଗବାନ ରେଡ୍ଡୀ, ରୀତେଶ ରାୟ, ସୁମନ ଶେଖର ଦାସ ଓ ରାଜେଶ ମହାପାତ୍ରଙ୍କୁ ନେଇ ଗଠିତ ଦଳ ଟିମ୍ ଫାଇନାଲରେ ବ୍ରୋଞ୍ଜ ପଦକ ହାସଲ କରିଛି। ଅନ୍ୟମାନଙ୍କ ମଧ୍ୟରେ ସୁମନ ଶେଖର ଦାସ ୮୪ କେଜି ବ୍ୟକ୍ତିଗତ ଫାଇଟ୍‌ରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଫଳରେ ସେ ମଧ୍ୟ ୨ଟି ପଦକ ହାସଲ କରିଛନ୍ତି। ପ୍ରତିଯୋଗିତାରେ ୬ଟି ଦେଶରୁ ମୋଟ ୫୨୯୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଟିମ୍ ଫାଇଟିଂରେ ୩୬ଟି ଦଳ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ପ୍ରତିଯୋଗୀମାନେ ବିହାର, ଉତ୍ତର ପ୍ରଦେଶ ଓ ମାଲେସିଆ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ବ୍ରୋଞ୍ଜ ପାଇଥିଲେ। ଓଡ଼ିଶା ଦଳକୁ ରାଜ୍ୟ କରାଟେ ସଂଘ ଓ ଉତ୍କଳ କରାଟେ ସ୍କୁଲ୍‌ର କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।

# ଡୁରାଣ୍ଡ କପ୍: ଓଡ଼ିଶା ଏଫ୍‌ସି ଦଳ ଘୋଷିତ

**ଭୁବନେଶ୍ୱର, ୩୧।୭**
**(ସରୋଜ ଜେନା)**

ଏସିଆର ସର୍ବ ପୁରାତନ ଫୁଟବଲ ଟୁର୍ନାମେଣ୍ଟ ଡୁରାଣ୍ଡ କପ୍ ଅଗଷ୍ଟ ୩ ତାରିଖରୁ ଆରମ୍ଭ ହେବ। ଟୁର୍ନାମେଣ୍ଟ ପାଇଁ ସୋମବାର ଓଡ଼ିଶା ଫୁଟବଲ୍ କ୍ଲବ (ଓଏଫ୍‌ସି) ପକ୍ଷରୁ ଏହାର ରିଜର୍ଭ ଟିମ୍‌କୁ ଘୋଷଣା କରାଯାଇଛି। ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଯୁବ ଓଡ଼ିଆ ଖେଳାଳିଙ୍କୁ ଟୁର୍ନାମେଣ୍ଟରେ ସୁଯୋଗ ମିଳିବ। କୋଲକାତା ଓ ଆସାମରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଆସାମର କୋକ୍ରାଝରରେ ଓଏଫ୍‌ସି ଏହାର ସମସ୍ତ ଲିଗ୍ ମ୍ୟାଚ୍ ଖେଳିବ। ଗ୍ରୁପ୍ ଏଫ୍‌ରେ ଦଳ ଇଣ୍ଡିଆନ୍ ଆର୍ମି, ବୋଡୋଲାଣ୍ଡ ଓ ରାଜସ୍ଥାନ ୟୁନାଇଟେଡ ସହିତ ସ୍ଥାନ ପାଇଛି। ଓଏଫ୍‌ସି ୭ତାରିଖରେ ଇଣ୍ଡିଆନ୍ ଆର୍ମି ବିପକ୍ଷରେ ଏହାର ଅଭିଯାନ ଆରମ୍ଭ କରିବ।





E-BOOK* TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI ARENA DEALERSHIP

**LEGEND CARS:** JEYPORE: 7894406481, RAYGADA: 9692883042, BHAWANIPATNA: 7894442907.

**APARNAA MOTORS:** SAMBALPUR (PARDHIAPALI): 9237395001

**SKY AUTOMOBILES:** BERHAMPUR: 9778202019, BHANJANAGAR: 9778202019, PARALAKHEMUNDI: 9778202019, PHULBANI: 9778202019.

**ODYSSEY MOTORS:** SAMBALPUR (AINTHAPALI):7381433909, BOLANGIR: 9438068327, BARGARH: 9556352943, NUAPADA: 7381017851, SONEPUR: 9438068327, JHARSUGUDA: 9439892153, BOUDH: 8594908009, PADAMPUR: 7381661837.

**ORBIT MOTORS:** ROURKELA: 9437041155, 9040404444, SUNDARGARH: 9437049161, 9437131074, DEOGARH: 9437061223, 7064400290.

*Terms and conditions apply. Creative Visualization. Black Glass on the vehicle is due to lighting effect. Features and accessories shown may not be part of standard fitment. Images used are for illustration purposes only **Ex – Showroom Price Delhi.



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ